# ପ୍ରଶ୍ନୋତ୍ତର

…ମୋତେ ଅନେକ ଗୁଡିଏ ନେବାକୁ ଅଛି, ମାତ୍ର ମୋ ପାଖରେ…ମୁଁ ମୋର କଙ୍କୋର୍ଡାନ୍ସକୁ ପାଖରେ ରଖିଛି। ମୁଁ ହୁଏତ ଏଠାରେ ତାହା ଲିଓଙ୍କୁ ହସ୍ତାନ୍ତର କରିପାରେ, କିମ୍ବା ପାଖରେ ବସିଥିବା କାହାରି ଜଣକାକୁ ଯିଏକି ମୋତେ ସାହାଯ୍ୟ କରିପାରନ୍ତି ଯଦି ଆପଣ ଇଚ୍ଛା କରନ୍ତି, ଯଦି ଆମେ ତାହା ପାଖକୁ ପହଞ୍ଚିବା।

2 ବର୍ତ୍ତମାନ, ଯଦି ଏହି ମହିଳା ଜଣକ ଯିଏକି ସେଠାରେ ଉପରେ ଅଛନ୍ତି, ଯଦି ସେଠାରେ…ଯଦି ସେ…କେଉଁଠାରେ…ତାଙ୍କ ସ୍ୱାମୀ କିଏ? ହଁ। ତେବେ, ଯଦି ଆପଣ ଚାହାଁନ୍ତି ଯେ ଆପଣଙ୍କର ସ୍ତ୍ରୀ ଆସି ଆପଣଙ୍କ ପାଖରେ ବସୁ, ସେମାନେ—ସେମାନେ କରିପାରନ୍ତି, ଭାଇମାନଙ୍କ ମଧ୍ୟରେ ଏପରି କିଛି କୁହାଯାଇ ନାହିଁ ଯାହାକି ଭଉଣୀମାନଙ୍କୁ ମଧ୍ୟ, କୁହାଯାଇ ନ ପାରେ। ଆମେ କେବଳ…ଆପଣ ଜାଣିଛନ୍ତି। କଅଣ ତାହା—କଅଣ ତାହା ସବୁ ଠିକ୍ ଅଛି? ବର୍ତ୍ତମାନ, ଆପଣ ତାଙ୍କୁ ରଖିବା ପାଇଁ ଅଧିକ ସ୍ୱାଗତଯୋଗ୍ୟ। କଅଣ—କଅଣ ସେ ସେଠାରେ ଉଷ୍ମ ଅନୁଭବ କରୁଛନ୍ତି, ଡକ? ତେବେ, ତାହା ଠିକ୍ ଅଛି, କିନ୍ତୁ ଏହା ତାଙ୍କ ପାଇଁ ଟିକିଏ ଏକୁଟିଆ ହୋଇଯିବ।

3 ଏବଂ ସେଠାରେ କିଛି ନାହିଁ—କିଛି ନାହିଁ ଏଠାରେ…ବେଳେବେଳେ ସେହି କାରଣ ଯେଉଁଥି ଯୋଗୁଁ ମୁଁ "ପୁରୁଷ" ଉଲ୍ଲେଖ କରିଥାଏ, 'କାରଣ ବେଳେବେଳେ ସେଠାରେ ପୁରୁଷମାନଙ୍କ ମଧ୍ୟରେ ପୁରୁଷ ଏକ ପ୍ରଶ୍ନ ପଚାରିପାରନ୍ତି ଯାହାରକି ଉତ୍ତର ସେହିଠାରେ ଦିଆଯାଇପାରେ ନାହିଁ ଯେଉଁଠାରେକି ସ୍ତ୍ରୀଲୋକମାନେ ଥାଆନ୍ତି। କିନ୍ତୁ ସେଠାରେ ଏପରି କିଛି ବିଷୟ ନାହିଁ ଯାହାକି ମାତ୍ର ନିୟମିତ ମଣ୍ଡଳୀରେ ସ୍ଥାନୀୟ ଭାବରେ ଉତ୍ତର ଦିଆଯାଇପାରେ, କାରଣ ଏହା ପ୍ରାୟତଃ ସେବକମାନଙ୍କ ସହିତ ସମ୍ବନ୍ଧିତ ଅଟେ, ଏବଂ ଅନ୍ୟାନ୍ୟ ସବୁ ସହିତ, ଏବଂ ସେମାନଙ୍କର—ସେମାନଙ୍କର କାର୍ଯ୍ୟଭାର କଅଣ ଅଟେ ଏବଂ ସେମାନଙ୍କୁ କଅଣ କରିବାକୁ ଅଛି।

4 ବର୍ତ୍ତମାନ, ମୁଁ ବିଶ୍ୱାସ କରେ ଯେ ଏହା ଏକ ଟେପ୍ ରେକର୍ଡିଂରେ ଯାଏ। ଯଦି…ମୁଁ ସୁନିଶ୍ଚିତ ନୁହେଁ। ଭାଇ ଗୋଆଡ, ତାହା କେଉଁଠାରେ ଅଛି, କଅଣ ତାହା ବର୍ତ୍ତମାନ ଟେପ୍ ରେକର୍ଡିଂରେ ଅଛି କି? ଠିକ୍ ଅଛି। ସେହି କାରଣ ଯେଉଁଥିପାଇଁ ଅମେ ଏହା କରୁ, ଭାଇମାନେ, ତାହା ହେଉଛି ଏହା ଜାଣିବା ପାଇଁ ଯେ ମୂଖ୍ୟ ବିଷୟଟି କଅଣ ଅଟେ, ସେହି—ସେହି ଆଂଶିକ ବିଷୟଟି କଅଣ ଅଟେ, ସେହି…ପୁରୁଷର ମନରେ କଅଣ ଅଛି, ଆମ ବିଷୟଗୁଡିକ କଅଣ—କଅଣ ଅଟେ।

5 ଆମେ—ଆମେ ସମସ୍ତେ ସମାନ କଥା କହିବା ଉଚିତ୍। ତେବେ, ଉଦାହରଣ ସ୍ୱରୂପ, କେହି ଜଣେ ଭିତରକୁ ଆସନ୍ତି ଏବଂ, ଧରନ୍ତୁ, ହୋଇପାରେ ଯେ ସେମାନେ ଏଠାରେ

ଭାଇଙ୍କର ମଣ୍ଡଳୀକୁ ଯାଆନ୍ତି, (ଆପଣଙ୍କର ପ୍ରଥମ ନାମ କଅଣ ଅଟେ, ଭାଇ? ୱିଲାର୍ଡ। ଭାଇ...ତେବେ, ଏଠାରେ ଦୁଇଟି ୱିଲାର୍ଡ ଅଛନ୍ତି, ମୋତେ ଆପଣଙ୍କୁ ଆଉ କିଛି ନାମ ଦେବାକୁ ପଡିବ। ଯଦି ମୁଁ...ବର୍ତ୍ତମାନ, ଆପଣଙ୍କର ଶେଷ ନାମ କଅଣ ଅଟେ? କ୍ରେସ୍) ଭାଇ କ୍ରେସ୍‌ଙ୍କ ମଣ୍ଡଳୀ, ଏବଂ ଭାଇ କ୍ରେସ୍ କିଛି ଏକ ନିର୍ଦ୍ଦିଷ୍ଟ କଥା କୁହନ୍ତି। ତାହାପରେ ସେମାନେ ସେଲର୍ସବର୍ଗରୁ ଭାଇ ରୁଡେଲ୍‌ଙ୍କ ନିକଟକୁ ଆସନ୍ତି, ଭାଇ ରୁଡେଲ୍‌ଙ୍କ ତାଙ୍କଠାରୁ ଭିନ୍ନ ହେବ। ସେମାନେ ଭାଇ ଜୁନିଙ୍କ ନିକଟକୁ ଯାଆନ୍ତି, ସମ୍ପୂର୍ଣ୍ଣଭାବେ, ଭିନ୍ନ ହୁଏ। ଏଠାରେ ଆରାଧନାଳୟକୁ ଆସନ୍ତି, ଏବଂ ତଥାପି ଭିନ୍ନ ଥାଏ। ବୁଝିଲେ? ଏହା ଲୋକମାନଙ୍କୁ ଦ୍ୱନ୍ଦରେ ପକାଇଥାଏ।

6 ବର୍ତ୍ତମାନ, ଯେପରିକି କେହି କୁହନ୍ତି, "ଓଃ, ମୁଁ ବିଶ୍ୱାସ କରେ ନାହିଁ ଯେ ଆପଣ... ଆପଣଙ୍କୁ ତ ପ୍ରକୃତରେ ପବିତ୍ରଆତ୍ମାଙ୍କୁ ଗ୍ରହଣ କରିବାକୁ ହେବ। ମୁଁ ଭାବୁ ନାହିଁ ଯେ ଏହା ଜରୁରୀ ଅଟେ।" ଧରନ୍ତୁ, ଉଦାହରଣ ସ୍ୱରୂପେ, ଭାଇ କ୍ରେସ୍ ତାହା କୁହନ୍ତି। ଏବଂ ତାହାପରେ ଆପଣ ଭାଇ ରୁଡେଲ୍‌ଙ୍କ—ଙ୍କ ପାଖକୁ ଆସନ୍ତି, ଏବଂ ସେ କହିବେ, "ହଁ, ଏହା ଜରୁରୀ ଅଟେ।" ଏବଂ ତାହାପରେ ଜୁନିଙ୍କ ନିକଟକୁ ଯିବେ, ଏବଂ କହିବେ, "ତେବେ, ଏହା ଅଧିକ ଫରକ୍ ପକାଏ ନାହିଁ।" ବୁଝିଲେ? ଯଦି ଆମେମାନେ ଏପରିକି ସମାନ ହୋଇପାରିବା... ମୁଁ ଇଚ୍ଛା କରେ ଯେ ଆମେ ଜେଫର୍ସନ୍‌ୱିଲେର ସମସ୍ତ ସେବକଗଣଙ୍କୁ ପାଇପାରିବା (ଏହି ଗୋଷ୍ଠୀରେ) ଏକାଠି ପାଇପାରିବା ଯେପରିକି ଆମେ ସମାନ କଥା କହିବା।

7 ଏବଂ ସେଇଥିପାଇଁ, ଅନେକ ଥର, ଦୀକନ୍ ଏବଂ ଟ୍ରଷ୍ଟିମାନଙ୍କୁ, ସେମାନଙ୍କୁ ଏହା ଖୋଜି ପାଇବାର ଥାଏ ଯେ ସେମାନଙ୍କର କର୍ତ୍ତବ୍ୟ କଅଣ। ଏବଂ ମୁଁ ଦେଖୁଛି ଯେ ଆଜି ରାତି ଆମେ ଏଠାରେ ମଣ୍ଡଳୀର କୋଷାଧ୍ୟକ୍ଷ ଏବଂ ଚୌକିଦାରଙ୍କୁ ପାଇଅଛୁ, ତେଣୁ ଆମେ ଖୋଜି ବାହାର କରିବାକୁ ଯାଉଅଛୁ ଯେ ସେମାନଙ୍କର କର୍ତ୍ତବ୍ୟ କଅଣ। ମାତ୍ର ଏହି ସବୁ ବିଷୟରେ ଏହା ମୁଖ୍ୟତଃ (ଏଠାରେ) କେବଳ ପ୍ରଶ୍ନଗୁଡିକ ଅଟେ ଯାହାକି ଯେକୌଣସି ସ୍ଥାନରେ ପଚରାଯାଏ ଏବଂ ଯେକୌଣସି ସ୍ଥାନରେ ଉତ୍ତର ଦିଆଯାଇପାରେ। ଏହା କେବଳ ସରଳ ପ୍ରଶ୍ନଗୁଡିକ ଅଟେ, ଏବଂ ଯେପରିକି ଟ୍ରଷ୍ଟିମାନଙ୍କର କର୍ତ୍ତବ୍ୟଗୁଡିକ କଅଣ, ସେହି କର୍ତ୍ତବ୍ୟମାନ...ବର୍ତ୍ତମାନ, ଯଦି ଏହା କେବଳ ପ୍ରକୃତ କର୍ତ୍ତବ୍ୟଗୁଡିକ ଅଟେ, ତେବେ ମୁଁ ଭାବୁଛି ଯେ ତାହା ଠିକ ବର୍ତ୍ତମାନ ଏଠାରେ ବୋର୍ଡରେ ଉପସ୍ଥାପିତ କରାଯାଇଛି, ଟ୍ରଷ୍ଟିର କର୍ତ୍ତବ୍ୟଗୁଡିକ ବିଷୟରେ ଏବଂ ସେମାନେ କଅଣ କରିବା ଉଚିତ୍ ତାହା ସମ୍ବନ୍ଧରେ। ମାତ୍ର ମୁଁ ଭାବୁଛି ଯେ ବୋଧହୁଏ...

8 ଏବଂ ଜଣେ ସେଠାକୁ ଆସିଥିଲେ, ଏବଂ ମୁଁ ଭାବୁଛି ଯେ ଏହା ଭଲ ଅଟେ, ମୁଁ ଏହାକୁ କିଛି ସମୟ ପରେ ଉତ୍ତର ଦେବି, ଯଦି ପ୍ରଭୁଙ୍କର ଇଚ୍ଛା ହୁଏ ଯେ ଆମେ ଏହାକୁ ପାଉ, ତେବେ:

**ଏକ ନିର୍ଦ୍ଦିଷ୍ଟ ସଙ୍କଟରେ, ଜଣେ ଦୀକନ୍ କଅଣ କରିବା ଉଚିତ୍? ସେ କଅଣ... ଯେତେବେଳେ ଏକ ନିର୍ଦ୍ଦିଷ୍ଟ ସଙ୍କଟ ଆସେ ସେତେବେଳେ ତାଙ୍କର କରିବା ପାଇଁ କି**

**କର୍ତ୍ତବ୍ୟ ଅଟେ? ସେ କିପରି ଆଚରଣ କରିବା କଥା? ଦେଖନ୍ତୁ? କିଅବା ଜଣେ ଟ୍ରଷ୍ଟିଙ୍କୁ କଅଣ କରିବାକୁ କଥା, ଜଣେ ପାଳକଙ୍କୁ କଅଣ କରିବା କଥା, ସେହିପରି କିଛି ଗୋଟାଏ, ଯେତେବେଳେକି ଏକ ସଙ୍କଟ ଆସେ? ଆମେ ନିୟମିତ ନିତ୍ୟକାର୍ଯ୍ୟକୁ ଜାଣୁ, ମାତ୍ର ସେତେବେଳେ କଅଣ ହୁଏ ଯଦି କିଛି ଗୋଟାଏ ବିଷୟ ନିତ୍ୟକାର୍ଯ୍ୟରୁ ବାହାରେ ଘଟେ, ଦେଖନ୍ତୁ, ତେବେ ସେମାନଙ୍କୁ କଅଣ କରିବା ଉଚିତ୍?**

9 ଏବଂ ଆମେ କେବଳ ଏହା ଜାଣୁ ଯେ ଠିକ କେଉଁଠାରେ ଛିଡା ହେବାକୁ ଅଛି, ଏହା ଠିକ ଏକ ସୈନ୍ୟବାହିନୀକୁ ପ୍ରଶିକ୍ଷଣ ଦେବା ପରି ଅଟେ, ଏବଂ ଆମେ ପ୍ରତ୍ୟେକେ ନିଜ ନିଜର ସ୍ଥାନକୁ ଜାଣୁ। ବର୍ତ୍ତମାନ, ଏହିପରି ଏକ ଗୋଷ୍ଠୀ ଭାବରେ, ଆମେ ଏଠାରେ ଅଧା ରାତି ରହିପାରିବା, ଆମେ ତାହା ଜାଣୁ, ମାତ୍ର ଏହା...ମୁଁ ଭାବୁ ନାହିଁ ଯେ ଏହା ଆବଶ୍ୟକ ଅଟେ। ଆମେ ଏହାର ଉତ୍ତର ଦେବା। ତେବେ ମୁଁ ଚାହେଁ ଯେ ପ୍ରତ୍ୟେକ ଜଣ...

10 ତେବେ, କୌଣସି ନାମ ନାହିଁ, ସେମାନଙ୍କ ମଧ୍ୟରୁ କେତେକ ନାମ ଲେଖିଛନ୍ତି, ମାତ୍ର ମୁଁ—ମୁଁ ଲୋକମାନଙ୍କ ନାମ ନିଏ ନାହିଁ। କାରଣ ଠିକ—ଠିକ ଯାହାକିଛି ବି ପ୍ରଶ୍ନ ଅଟେ, ମୁଁ କେବଳ ପ୍ରଶ୍ନକୁ ପାଠ କରିବି। ସେଠାରେ ସେଗୁଡିକ ମଧ୍ୟରୁ କେବଳ ଦୁଇଟି ଅଛି ଯାହାଙ୍କ ଉପରେ ନାମ ଲେଖା ହୋଇଛି। ଏବଂ, ଅପେକ୍ଷା କରନ୍ତୁ, ମୁଁ ବୋଧହୁଏ ଆଉ ଗୋଟିଏ ପାଇଛି। ମୁଁ ଜାଣେ, ଏହା ପୁରୁଣା ଡାକ୍ତର ଇଙ୍ଗଲ୍‌ମାନ ଅଟନ୍ତି, ମୋତେ ତାଙ୍କୁ ସେହି—ସେହି ଦକ୍ଷିଣ ପାର୍ଶ୍ୱରେ, 4—426 ର ଦକ୍ଷିଣ ପାର୍ଶ୍ୱରେ ଫୋନ୍ ଯୋଗେ ଡାକିବାର ଥିଲା। ତାହା ସେତେବେଳେ ଥିଲା ଯେତେବେଳେକି ଏଠାରେ ସେହି ପୁରୁଣା ଡାକ୍ତର ଯେଉଁଠାରେକି ଆମେମାନେ ଆଜି ରହିଥିଲୁ, ତଳେ ଜର୍ଜଟାଉନ୍‌ଠାରେ, ସୁସ୍ଥ ହୋଇଥିଲେ, କିଅବା ବହୁତ ଦିନ ଚେତାଶୂନ୍ୟ ରହିବା ପରେ ଚେତନାକୁ ଫେରି ଆସିଥିଲେ, ଏବଂ—ଏବଂ ପ୍ରଭୃତି ସବୁ। ବର୍ତ୍ତମାନ, ମୁଁ ଭାବୁଛି ଯେ ଏହା ସେମାନଙ୍କ ନିକଟରେ ପହଞ୍ଚି ଅଛି, ତେବେ ଆମେ ଆମର ପ୍ରଥମ ପ୍ରଶ୍ନଗୁଡ଼ିକୁ ନେବା ଯାହା ମୁଁ ପ୍ରଥମେ ଅଧ୍ୟୟନ କରିଅଛି।

ବର୍ତ୍ତମାନ ଆସନ୍ତୁ, ଦୟାକରି କେବଳ ଗୋଟିଏ ମିନିଟ୍ ପାଇଁ ଛିଡା ହୋଇଯିବା।

11 ଆମର ସ୍ୱର୍ଗସ୍ଥ ପିତା, ଆମେ ଏଠାରେ ଲୋକମାନଙ୍କର, ଖ୍ରୀଷ୍ଟିଆନ ଲୋକମାନଙ୍କର ଏକ ସମଷ୍ଟି ଭାବରେ ଏକତ୍ରିତ ହୋଇଅଛୁ ଯେଉଁମାନେକି ତୁମକୁ ପ୍ରେମ କରନ୍ତି, ଯେଉଁମାନେ ତୁମଠାରେ ବିଶ୍ୱାସ କରନ୍ତି, ଏବଂ ଯେଉଁମାନେକି ଆମର ଜୀବନଗୁଡିକୁ ଏବଂ ସେବାଗୁଡିକୁ ତୁମର ସେବା ପାଇଁ ଉତ୍ସର୍ଗ କରିଅଛନ୍ତି। ଏଠାରେ ସେବକଗଣ ଅଛନ୍ତି, ଯୁବା ଲୋକ, ମଧ୍ୟ-ବୟସ୍କ ଲୋକମାନେ, ସେମାନଙ୍କର ମଣ୍ଡଳୀଗୁଡିକ ଅଛି, ସେମାନେ ପରମେଶ୍ୱରଙ୍କ ସମ୍ମୁଖରେ ଉତ୍ତରଦାୟୀ ଅଟନ୍ତି। ଏଠାରେ ଦୀକନ୍‌ମାନେ ଅଛନ୍ତି ଯେଉଁମାନେକି ଏହି ଭିନ୍ନ ଭିନ୍ନ ମଣ୍ଡଳୀଗୁଡିକରେ ସେମାନଙ୍କର କାର୍ଯ୍ୟାଳୟରେ ଉତ୍ତରଦାୟୀ ଅଟନ୍ତି। ସେଠାରେ ଟ୍ରଷ୍ଟିମାନେ ଅଛନ୍ତି, ସେମାନଙ୍କର ଉତ୍ତରଦାୟୀତ୍ୱଗୁଡିକ ରହିଛି। ପାଳକ, ସୁସମାଚାର ପ୍ରଚାରକ, ଯାହାକିଛି ବି ହେଉନ୍ତୁ, ପ୍ରଭୁ, ଆମେମାନେ ତୁମ ପାଇଁ ଉତ୍ତରଦାୟୀ ଅଟୁ। ଏବଂ

ସେଇଥିପାଇଁ ଆମେମାନେ ଏକାଠି ଆସିଅଛୁ, ଯେପରିକି ଆମେ ସମସ୍ତେ ସେହି ସମାନ କଥା କହିପାରୁ ଯେପରିକି ଆମକୁ ଶାସ୍ତ୍ରରେ କୁହାଯାଇଅଛି ଯେ ଆମେ କରିବା ଉଚିତ୍। ଆମେ ସମସ୍ତେ ସମାନ କଥା କହିବା ଉଚିତ୍।

12 ଏବଂ ପିତା, ଆମେମାନେ ଭାବୁଛୁ, ଏହି ପ୍ରକାର ଏକ ଗୋଷ୍ଠୀରେ, ଯେ ଆମେମାନେ ବୋଧହୁଏ ଆମର କେତେକ ଭାଇମାନଙ୍କୁ କିମ୍ବା ଆମମାନଙ୍କ ମଧ୍ୟରୁ କେତେକଙ୍କୁ ପାଇପାରୁ ଯେଉଁମାନଙ୍କରକି କିଛି ବିଷୟ ଉପରେ ଅଳ୍ପ ଟିକିଏ ମତଭେଦ ଥାଇପାରେ, ଏବଂ କେତେକେ ତ ଏହା ବିଷୟରେ ସତ୍ୟ କଅଣ ଅଟେ ବୋଲି ଜାଣିବା ପାଇଁ ପ୍ରକୃତରେ ଇଚ୍ଛା କରୁଥାଇପାରନ୍ତି। ଏବଂ ଆମେମାନେ ଜାଣୁ ଯେ ଆମେ ଅଯୋଗ୍ୟ ଅଟୁ, ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ। ଯଦି ମୁଁ ଏହି ଭାଇମାନଙ୍କ ମଧ୍ୟରୁ କାହାରିକୁ ଏହି ପ୍ରଶ୍ନର ଉତ୍ତର ଦେବା ପାଇଁ ଆସିବାକୁ କୁହେ, ବୋଧହୁଏ ସେମାନେ ମଧ୍ୟ ସେତିକି କିମ୍ବା ଅପେକ୍ଷାକୃତ ତାହାଠାରୁ ଅଧିକ ଯୋଗ୍ୟ ଥାଆନ୍ତି ଯେତିକି ମୁଁ ସେଗୁଡିକୁ ଉତ୍ତର ଦେବା ପାଇଁ ଅଟେ। କିନ୍ତୁ ଏକତ୍ର ଆମେମାନେ ତୁମର ପ୍ରକାଶନ ଉପରେ ନିର୍ଭର କରୁଅଛୁ, ଯେପରିକି ତୁମେ ଆମମାନଙ୍କୁ ବାକ୍ୟ ମାଧ୍ୟମରେ ପ୍ରକାଶ କରିପାର ଏବଂ ସେହି ମାଧ୍ୟମରେ...ତୁମର ଆତ୍ମା ଦ୍ୱାରା ପ୍ରକାଶ କରିପାର, ଯେ ଏହା...ଯେ ଆମ ପାଖରେ ପ୍ରତ୍ୟେକ ପ୍ରଶ୍ନ ପାଇଁ ଏକ ଉତ୍ତର ଥାଇପାରେ। ଯେପରିକି ଆମର ହୃଦୟଗୁଡିକ...ଆମେ ଉତ୍ତରଗୁଡ଼ିକରେ ପରିପୂର୍ଣ୍ଣ ହୋଇପାରୁ ଏବଂ ଆମେ ଏହା ଅନୁଭବ କରି ଯାଇପାରିବା ଯେ ଆମେମାନେ ତୁମର ସେବା ପାଇଁ ଏବଂ ଆମର କାର୍ଯ୍ୟାଳୟକୁ ସେବା କରିବା ପାଇଁ ଅଧିକ ସୁସଜ୍ଜିତ ହୋଇପାରୁ ଯେତିକି—ଯେତିକି ଆମେମାନେ ବର୍ତ୍ତମାନ ଅଛୁ। ପିତା, ତାହାହିଁ ଏଠାରେ ଆମର ରହିବାର ଉଦ୍ଦେଶ୍ୟ ଅଟେ। ବର୍ତ୍ତମାନ ଏହାକୁ ପ୍ରଦାନ କରନ୍ତୁ।

13 ଏବଂ ହେ ପିତା, ଆମ ପ୍ରଶ୍ନଗୁଡିକର ଉତ୍ତର ଦିଅ, ଯେତେବେଳେକି ଆମେ ତୁମଠାରେ ଅପେକ୍ଷା କରୁଅଛୁ। ଆମ ମଧ୍ୟରୁ କାହାରି ମନରେ କୌଣସି ବି ଦ୍ୱନ୍ଦ ନ ରହୁ, ମାତ୍ର ଏହା ହେଉ ଯେ ଏହାର ସମ୍ପୂର୍ଣ୍ଣ ଉତ୍ତର ନ ଦିଆଯିବା ପର୍ଯ୍ୟନ୍ତ ଆମେ ସେହି ପ୍ରଶ୍ନ ସହିତ ରହୁ ଏବଂ ଆମେ ତାହାଙ୍କ ଉପସ୍ଥିତି ହେତୁ ସର୍ବସମ୍ମତ ଭାବରେ, ଆତ୍ମାଙ୍କ ଦ୍ୱାରା ସନ୍ତୁଷ୍ଟ ହେଉ। ଆମେ ଏହାକୁ ଯୀଶୁଙ୍କ ନାମରେ ମାଗୁଅଛୁ। ଆମେନ୍।

14 ଆରମ୍ଭ କରିବା ପାଇଁ, ମୁଁ ଏକ ଶାସ୍ତ୍ରାଂଶକୁ ଉଦ୍ଧୃତ କରିବାକୁ ଚାହେଁ। ଯେପରିକି ଯିଶାଇୟ କହିଲେ, ସେହି ଭବିଷ୍ୟଦ୍‌ବକ୍ତା କହିଥିଲେ:

> ହେ *ଆସ...ଆସୁ, ଆମେମାନେ ଏକାଠି ବାଦାନୁବାଦ କରିବା, ସଦାପ୍ରଭୁ କୁହନ୍ତି:...*

15 ଏବଂ ମୁଁ ଭାବୁଛି ଯେ ସେଇଥିପାଇଁ ଆମେମାନେ ଆଜି ରାତି ଏଠାରେ ଅଛୁ, ଯେ ବାଦାନୁବାଦ କରିବାକୁ ଚେଷ୍ଟା କରିବା, ଜିନିଷଗୁଡିକ ବାଦାନୁବାଦ ଦ୍ୱାରା ସଳଖ କରିବା। ଏବଂ ବର୍ତ୍ତମାନ ମୁଁ ଆରମ୍ଭ କରିବି...ଆଉ କ୍ରମ ଅନୁସାରେ ଏଠାରେ କେତେକ ବିଷୟଗୁଡ଼ିକୁ

ଲେଖି ରଖିଛି ଓ ପ୍ରଭୃତି, ଯାହାକି ମୋ ପାଖରେ ଏହା ରହିଥିଲା, ଭାଇ ଉଡ୍ ତାହା ପାଇଥିଲେ; ମୁଁ ସେଗୁଡ଼ିକର ଉତ୍ତର ଥିବା ସହ ଏହି ଲିଫାଫାଟି ପାଇଲି । ଏବଂ ମୋର ପ୍ରିୟ ଭାଇମାନେ, ମୁଁ ବର୍ତ୍ତମାନ ଚାହେଁ ଯେ ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକେ, ଏହା ଜାଣନ୍ତୁ ଯେ—ଯେ ଏହି ଉତ୍ତରଗୁଡ଼ିକ ମୋର ସର୍ବୋତ୍ତମ ଜ୍ଞାନରେ ଦିଆ ଯାଇଅଛି—ଯାଇଅଛି, ସର୍ବୋତ୍ତମ ଭାବରେ ଯାହାକି ମୁଁ ଜାଣେ ଯେ ତାହା କିପରି ବୁଝିବାକୁ ଅଛି ।

16 ଏବଂ ଏହି ଉତ୍ତରଗୁଡିକ ଅକାଟ୍ୟ ନୁହେଁ, ଦେଖନ୍ତୁ, କାରଣ ଶାସ୍ତ୍ରଗୁଡ଼ିକ ଅକାଟ୍ୟ ଅଟେ, ଏବଂ ଯେତେ ଦୂର ମୁଁ ଜାଣେ ସେଗୁଡିକ ଶାସ୍ତ୍ରାଂଶ ସହିତ ଏକମତ ଅଟନ୍ତି । ମୁଁ ଆଶା କରେ ଏହା ତାକୁ ସରଳ କରେ । ଏବଂ ଏହି ଟେପ୍‌କୁ ବର୍ତ୍ତମାନ ରଖାଯିବ ଏବଂ ଯେକେହି ଏହାକୁ ଚାହିଁବେ, ତେବେ, ସେମାନେ ତାହା ପାଇପାରିବେ । ମାତ୍ର ବର୍ତ୍ତମାନ, ମୁଁ ଜାଣେ ଯେ ଶାସ୍ତ୍ରଗୁଡ଼ିକ ଅକାଟ୍ୟ ଅଟେ କିନ୍ତୁ ମୋର ଉତ୍ତରଗୁଡିକ ଅକାଟ୍ୟ ନୁହେଁ । ତେଣୁ ମୁଁ ସୁନିଶ୍ଚିତ ଅଟେ ଯେ ସମସ୍ତେ ଯେପରି ତାହା ବୁଝନ୍ତି । ଏବଂ ଯଦି ଏହା—ଯଦି ଏହା ଅକାଟ୍ୟ ନୁହେଁ, ତେବେ ଯେକୌଣସି ସମୟରେ ଆପଣମାନଙ୍କର ମୋତେ ପଚାରିବାର ଏକ ଅଧିକାର ଅଛି ।

17 ଯଦି ଅନ୍ୟ କାହାରିର ପ୍ରଶ୍ନ ଥାଏ, ଏହା ଆପଣଙ୍କର ପ୍ରଶ୍ନ ହେବା ଆବଶ୍ୟକ ନୁହେଁ, ମାତ୍ର ଯଦି ଏହା ଅନ୍ୟ କାହାରିର ପ୍ରଶ୍ନ ଥାଏ, ତେବେ ହୋଇପାରେ ଯେ ଆପଣ ଏହା ବିଷୟରେ କେବେ ଚିନ୍ତା କରି ନ ଥିବେ, କିନ୍ତୁ ଏହା ଏପରି କିଛି ଅଟେ ଯାହାର ସାହାଯ୍ୟ କରିବା ନିମନ୍ତେ ଆମେ ଏଠାରେ ଅଛୁ । ଆମେ ଏକାଠି ଆସିବା ହେବା ପାଇଁ—ପାଇଁ ଏଠାରେ ଅଛୁ କାରଣ ଆମେ ଶେଷ ଦିନମାନଙ୍କରେ ଅଛୁ, ଏବଂ ଦିନଗୁଡ଼ିକ ମନ୍ଦ ଅଟେ, ଏବଂ—ଏବଂ ଆମେ ତାଲିମପ୍ରାପ୍ତ, ଶିକ୍ଷା କରାଯିବା ପାଇଁ ଅଛୁ ।

18 ଭାଇ ଷ୍ଟ୍ରିକର, ଜଣେ ସୈନିକ; ଭାଇ ଗୋଆଡ ସେଠାରେ, ଜଣେ ସୈନିକ ଅଟନ୍ତି; ଏବଂ ବୋଧହୁଏ ଭାଇ ରୁଡେଲ୍ ଏଠାରେ, ସେ ଜଣେ ସୈନିକ ଥିଲେ; ଭାଇ ବିଲର୍; ଏବଂ ସେହି ଭିନ୍ନ ଭିନ୍ନ ଲୋକମାନେ ଯେଉଁମାନେକି—ଯେଉଁମାନେକି ସାମରିକ ଜୀବନରେ ରହିଅଛନ୍ତି; ଆପଣମାନେ ଏକାଠି ବସନ୍ତି, ଆପଣମାନେ—ଆପଣମାନେ ପରାମର୍ଶ କରନ୍ତି, ଆପଣମାନେ—ଆପଣମାନେ ଯୁଦ୍ଧକୁ ଯିବା ପୂର୍ବରୁ ତାହା ବିଷୟରେ ଜାଣନ୍ତି, ଏବଂ ଆପଣମାନେ ଶତ୍ରୁର ଯଥାସମ୍ଭବ ସମସ୍ତ କୌଶଳ ବିଷୟ ଜାଣନ୍ତି, ଯେପରିକି ଆପଣ ତାକୁ ତାର ଭୂମିରେ ଭେଟି ପାରନ୍ତି ।

19 ଯେତେବେଳେ ମୁଁ ବକ୍ସିଙ୍ଗ କରୁଥିଲି, ସେତେବେଳେ ସେମାନେ ମୋର ପ୍ରତିଦ୍ୱନ୍ଦୀ ବିଷୟରେ ଖୋଜ ଖବର କରନ୍ତି, ଯେ ସେ କଅଣ ହେବାକୁ ଯାଉଛନ୍ତି, ସେ କେଉଁ ପ୍ରକାରର ଏକ ମୁଷ୍ଟି ବ୍ୟବହାର କରନ୍ତି, ତାହା ଏକ ଉପର କଟ ହେବ କିମ୍ୱା ବାମ ଜାବ୍ ହେବ ନା ତାଙ୍କ ଡାହାଣ ହାତରେ ଚପ୍ ହେବ, ଏବଂ ସେ ଡାହାଣ- କିମ୍ୱା ବାମ-ହାତିଆ ହେବେ, ଏବଂ ସେ କେତେ ଶକ୍ତିଶାଳୀ ଅଟନ୍ତି, ଏବଂ ସେ ତାଙ୍କ ପାଦଗତି ବଦଳାନ୍ତି କି ନାହିଁ, ଏବଂ ସେ କିପରି ନିଜର ଦୃଷ୍ଟିକୁ ବ୍ୟବହାର କରନ୍ତି, ଏବଂ ସେ କେଉଁ କୋଣରୁ ଆସନ୍ତି, ଏବଂ ବିଭିନ୍ନ ପ୍ରକାରର କୌଶଳ ଯାହା ଆମେମାନେ କରିପାରୁ । ଏବଂ ସେମାନେ ଖୋଜି ବାହାର କରନ୍ତି ଯେ

କଅଣ...ସେହି—ସେହି ପ୍ରଶିକ୍ଷକମାନେ ସେହି ବ୍ୟକ୍ତିଙ୍କୁ ଆଗରୁ ଲଢିଥିବାର ଦେଖିଛନ୍ତି । ତେଣୁକରି ତାହାପରେ ସେମାନେ ମୋତେ ପ୍ରଶିକ୍ଷଣ ଦେବା ପାଇଁ ମୋ ସହିତ ଜଣେ ବ୍ୟକ୍ତିଙ୍କୁ ସେଠାରେ ରଖନ୍ତି ଯିଏକି ଠିକ ସେହି ବ୍ୟକ୍ତି ପରି ଲଢିଥାଆନ୍ତି, ଏହା ଜାଣିବା ନିମନ୍ତେ—ନିମନ୍ତେ ଯେ ସେ କଅଣ କରିବାକୁ ଯାଉଛନ୍ତି ।

20 ଆଉ ତାହାହିଁ ଅଟେ ଯେଉଁଥି ପାଇଁ କି ଆଜି ରାତି ଆମେମାନେ ଏଠାରେ ଅଛୁ । ଆମେ ଶତ୍ରୁର ଆକ୍ରମଣକୁ ଜାଣୁ । ଆମେ ଜାଣୁ ଯେ ତାର କୌଶଳ କଅଣ ଅଟେ । ଏବଂ ଆମେମାନେ ଆଜି ରାତି ଏଠାରେ ଶାସ୍ତ୍ର ସହିତ ତାକୁ ଘେରିବା ପାଇଁ ଅଛୁ ଯେପରିକି ସେ ଘୁଞ୍ଚିପାରେ ନାହିଁ, କାରଣ ଶତ୍ରୁ ପ୍ରତ୍ୟେକ ଦିଗରେ ଅଛି ।

21 ଭାଇ ରୋବର୍ସନ୍, ମୁଁ ସେଠାରେ ତାଙ୍କୁ ପଛରେ, ଦେଖି ଚିନ୍ତା କରୁଥିଲି, ଯେ ସେ ନିଶ୍ଚିତ ଭାବରେ ଜାଣିଥିବେ ଯେ ଜଣେ ସୈନିକ କଅଣ ଅଟେ । ତାଙ୍କର ନିଶ୍ଚିତ ଭାବରେ ଏହାର ଏକ ଅନୁଭୂତି ରହିଥିଲା! ଏଠାରେ କେତେ ଜଣ ସୈନିକ ଅଛନ୍ତି, ଆସନ୍ତୁ ଦେଖିବା, ଯେଉଁମାନେକି ସେନାବାହିନୀରେ ସୈନିକ ରହିଛନ୍ତି? କେବଳ ଏଠାରେ ଅନାନ୍ତୁ, ଦେଖନ୍ତୁ, ଆପଣମାନେ ସୈନିକମାନଙ୍କର ଏକ ସମଷ୍ଟି ଅଟନ୍ତି । ଠିକ୍ ଅଛି, ତେବେ, ଆପଣମାନେ ଜାଣନ୍ତି ଯେ ଏହା କଅଣ ଅଟେ । ଏବଂ ତାହାହି ଅଟେ ଯାହାକି ଆପଣମାନେ ଅଧ୍ୟୟନ କରନ୍ତି, କଅଣ ଏହା ନୁହେଁ କି, ଭାଇ ରୟ, ଭାଇ ବିଲର୍, ଏବଂ ଆପଣ ଅନୁଭବୀମାନେ ଓ ପ୍ରଭୃତି ସବୁ? ତେବେ, ଶତ୍ରୁକୁ ଅଧ୍ୟୟନ କରନ୍ତୁ, "ସେ କଅଣ କରିବାକୁ ଯାଉଅଛି? ତାର ପଦକ୍ଷେପ କଅଣ?" ଏବଂ ତାହାପରେ ଜାଣନ୍ତୁ ଯେ ତାକୁ କିପରି ସମ୍ମୁଖିନ କରିବାକୁ ଅଛି ।

22 ଏବଂ ତାହାହିଁ ଅଟେ ଯେଉଁଥି ପାଇଁକି ଆମେମାନେ ଏଠାରେ ଅଛୁ, ଯେ ଶତ୍ରୁର ଗତିବିଧିକୁ ଅଧ୍ୟୟନ କରିବା ଏବଂ—ଏବଂ ଜାଣିବା ଯେ ତାକୁ କିପରି ଭେଟିବାକୁ ଅଛି, ସେହି ବିଷୟ ଜାଣିବା ଯାହାକି ତାକୁ ପରାସ୍ତ କରିବ ।

23 ଏବଂ ମନେରଖନ୍ତୁ, ଭାଇମାନେ, ମୋତେ ଏହା କହିବାକୁ ଦିଅନ୍ତୁ, ସେହି ଛୋଟ ମଣ୍ଡଳୀଟି ଏଠାରେ ବରଦାନଗୁଡିକ ଉପରେ ଆରମ୍ଭ ହୋଇଛି, ଦେଖନ୍ତୁ, ବରଦାନଗୁଡିକ ମଣ୍ଡଳୀକୁ ଆସୁଅଛି । ମାତ୍ର ସେଠାରେ ବରଦାନଗୁଡିକ ଅଛି କି ନାହିଁ, ଯଦି ସେଠାରେ କୌଣସି ଏକ ବରଦାନ ହିଁ ନ ଥାଏ, ମୁଁ ଆପଣଙ୍କୁ କହିବି, ସେହି ବରଦାନ ସବୁବେଳେ ଶତ୍ରୁକୁ ପରାସ୍ତ କରିବ ନାହିଁ, ମାତ୍ର ବାକ୍ୟ କରିବ । ବାକ୍ୟ ତାକୁ ଯେକୌଣସି ସ୍ଥାନରେ ବି ଭେଟିବ ।

24 ଏବଂ ଯୀଶୁ, ଯେତେବେଳେ ସେ ପୃଥିବୀ ପୃଷ୍ଠରେ ଥିଲେ, ତାହା ପ୍ରମାଣ କରିଥିଲେ । ତାହାଙ୍କର...ସେ ମାଂସମୟ ଶରୀରରେ ପ୍ରକଟିତ ପରମେଶ୍ୱର ଥିଲେ । ମାତ୍ର ସେ ଶତ୍ରୁକୁ ପରାସ୍ତ କରିବା ପାଇଁ ତାହାଙ୍କର ଉତ୍ତମ ଦାନଗୁଡିକରୁ କୌଣସି ଟି ବ୍ୟବହାର କରି ନ ଥିଲେ । ଆମେ ମାଥିଉରେ ପାଉ ଯେ...ମୁଁ ବିଶ୍ୱାସ କରେ ଏହା ମାଥିଉର 2ୟ କିମ୍ବା ୩ୟ ପର୍ବ ଅଟେ, ସେ କହିଥିଲେ...ନା, ମାଥିଉର 2ୟ ପର୍ବ, ଯେତେବେଳେ ସେ ଶତ୍ରୁକୁ ସାକ୍ଷାତ କଲେ, ସେ ବାକ୍ୟର ଆଧାରରେ ତାକୁ ଭେଟିଲେ, "ଏହା ଲେଖା ଅଛି ।"

ଏବଂ ଶତ୍ରୁ ଫେରି ଆସିଥିଲା, "ଏହା ଲେଖା ଅଛି।"

25 ଏବଂ ସେ କହିଲେ, "ଏହା ମଧ୍ୟ ଲେଖା ହୋଇଛି," ସେହିପରି ଭାବରେ, ଯେପର୍ଯ୍ୟନ୍ତ କି ସେ ଶତ୍ରୁକୁ ପରାସ୍ତ ନ କରି ଦେଲେ। ଏବଂ ତାହାହିଁ ଅଟେ ଯେଉଁଥିପାଇଁକି ଆମେମାନେ ଏଠାରେ ଅଛୁ, ଯେ ଆମେ ଶତ୍ରୁକୁ ସେହି ସାମଗ୍ରୀ ସହିତ ଭେଟୁ ଯାହାକି ପରମେଶ୍ୱର ଆମକୁ ତାହା ସହିତ—ସହିତ ଭେଟିବା ପାଇଁ ଦେଇଅଛନ୍ତି।

26 ବର୍ତ୍ତମାନ ମୋର ଏଠାରେ ଚାରୋଟି ପ୍ରଶ୍ନ ଅଛି ଯାହାକି ତାହା ଉପରେ ଅଛି…ଏହା ଗୋଟିଏ—ଏହା ଗୋଟିଏ କାଗଜ ଖଣ୍ଡରେ ଅଛି, ଏବଂ ମୁଁ ସେଗୁଡିକୁ ଗଣନା କଲି: ଏକ, ଦୁଇ, ତିନି, ଚାରି, ପାଞ୍ଚ, ଛଅ…ଆଠ, ଦଶ, ଏବଂ ତଳକୁ ସେହିପରି ଭାବରେ। ଏବଂ ଯେତେ ଶୀଘ୍ର ମୁଁ ଏହା ଦେଇଯାଏ, ତାହାପରେ ମୁଁ ସେଠାରେ ଥିବା ସେଗୁଡିକ ପାଖକୁ ଯିବି। କୁହେ:

**107. ଭାଇ ବ୍ରାନହାମ୍, ଯଦି ଏହି ପ୍ରଶ୍ନଗୁଡିକ ପରିପେକ୍ଷୀରୁ ବାହାରେ ଅଟେ ତେବେ ସେଗୁଡିକୁ କେବଳ ଅନ୍ୟତ୍ର କରି ଦେବେ, ଆଉ ମୁଁ ଏହା ବିଷୟରେ ଖରାପ ଅନୁଭବ କରିବି ନାହିଁ କାରଣ ମୁଁ ଜାଣିଯିବି ଯେ ତାହା ପ୍ରଭୁଙ୍କର ହସ୍ତ ନ ଥିଲା।** ପ୍ରଶ୍ନ ସଂଖ୍ୟା ଏକ: **ଭାଇ ବ୍ରାନହାମ୍, ମୁଁ ଆପଣଙ୍କୁ ଶୁଣିଅଛି…ଯେ ତାହା ସେଠାରେ ପଛରେ ରହିବା ଉଚିତ୍—ଉଚିତ୍… ମୁଁ—ମୁଁ—ମୁଁ ଆପଣଙ୍କୁ ଏହା କହୁଥିବାର ଶୁଣିଅଛି ଯେ ମୋତେ ସେବାକାର୍ଯ୍ୟରେ ଫେରି ଆସିବା ଉଚିତ୍, ଏବଂ ମୁଁ ନିଜେ ମଧ୍ୟ ଏହା ଉପରେ ଚିନ୍ତା କରିଛି, ମାତ୍ର ଏହା ବିଷୟରେ ତାହାଙ୍କଠାରୁ କିଛି ସୁନିଶ୍ଚିତ ବାକ୍ୟ ପାଇବା ନିମନ୍ତେ ଅପେକ୍ଷାରେ ରହିଛି। ଅଦ୍ୟାବଧି ତାହା ଏଯାଏଁ ଆସିନାହିଁ। ବର୍ତ୍ତମାନ, ଯେହେତୁ ମୁଁ ଜାଣେ ଯେ ଶେଷ ସମୟ ଅତି ନିକଟବର୍ତ୍ତୀ ଅଟେ, ତଥାପି ସୁଦ୍ଧା କଅଣ ମୋତେ ପ୍ରଭୁ ଯୀଶୁଙ୍କୁ ମୋ ସହିତ କଥା ହେବା ପାଇଁ—ପାଇଁ ଅପେକ୍ଷା କରିବା ଉଚିତ୍ କି? କିଅବା, କଅଣ ସେ ଆପଣଙ୍କୁ ତାହା ଜଣାଇବା ହେତୁ ପ୍ରସନ୍ନ ହେବେ କି ଯେ ମୋତେ କଅଣ କୁହା ଯିବାକୁ ଅଛି, ଯେହେତୁ ମୁଁ ଜାଣେ ଯେ ଆପଣ ଏହି ଦିନ ପାଇଁ ତାହାଙ୍କର ମୁଖପାତ୍ର ଅଟନ୍ତି?**

27 ତେବେ, ବର୍ତ୍ତମାନ, ଭାଇ, ମୁଁ…ମୁଁ ଏଠାରେ ଏହାର ମୋର ଉତ୍ତରକୁ ଲେଖି ରଖିଛି। ପରମେଶ୍ୱର ଏହି ଭାଇକୁ ଡାକୁଛନ୍ତି, ଜୀବନରେ ଏକ ଆହ୍ୱାନକୁ ଦେଉଛନ୍ତି, ତେବେ, ଗୋଟିଏ ମହାନ ବିଷୟ ଅଛି ଯାହାକି ଆମେ ତାହା କେବଳ ଏକ ପାଠ ଭାବରେ ଗ୍ରହଣ କରିପାରିବା ଏବଂ ଏହା ଉପରେ ରାତିସାରା ପ୍ରଚାର କରିପାରିବା, ଦେଖନ୍ତୁ, ସେହି ଗୋଟିଏ ବିଷୟ ହେଉଛି, "ଏକ ଆହ୍ୱାନ।" "ନିଜର ଆହ୍ୱାନ ଏବଂ ନିର୍ବାଚନକୁ ସୁନିଶ୍ଚିତ କର," ଦେଖନ୍ତୁ। ଆମେମାନେ ତାହା ବିଷୟରେ କେବଳ ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ଚାହୁଁନାହୁଁ ଯେ ଆମେମାନେ ଡକା ଯାଇଅଛୁ କି ନାହିଁ। ଆପଣଙ୍କୁ ନିଶ୍ଚିତ ଭାବରେ ଡକାଯିବାକୁ ଅଛି ନତୁବା ଆପଣ ପରାସ୍ତ ହୋଇଯିବେ, ଆମେମାନେ ଏକ ଯୁଦ୍ଧ କରୁଅଛୁ। ଦେଖନ୍ତୁ? ଏବଂ ଯଦି ଆପଣ ନିଶ୍ଚିତ ଭାବରେ ସକାରାତ୍ମକ ଅଟନ୍ତି, ଭାଇ, ଯେ ଆପଣଙ୍କର ଆହ୍ୱାନଟି ପରମେଶ୍ୱରଙ୍କର ଅଟେ, ଏବଂ ଆପଣ ଏକ କାର୍ଯ୍ୟ କରାଯିବା ନିମନ୍ତେ ପରମେଶ୍ୱରଙ୍କର ଆହୂତ ଅଟନ୍ତି…

28 ତେବେ, ସେଠାରେ ଏକ ବହୁତ ବଡ଼ କୌଶଳ ଅଛି ଯାହାକି ଶତ୍ରୁ ଆପଣଙ୍କ ଉପରେ ବ୍ୟବହାର କରିପାରେ। ସେ ଆପଣଙ୍କୁ ଏହା ଭାବିବା ନିମନ୍ତେ ପ୍ରବର୍ତ୍ତାଇପାରେ ଯେ ଆପଣ ଆହୂତ ନୁହଁନ୍ତି ଯେତେବେଳେକି ଆପଣ ଆହ୍ୱାନପ୍ରାପ୍ତ ଥାଆନ୍ତି, ତାହାପରେ ସେ ଠିକ ଘୁରି ଯାଇ ଆପଣଙ୍କୁ ଏହା ଭାବିବାକୁ ବାଧ୍ୟ କରାଏ ଯେ ଆପଣ ଆହ୍ୱାନପ୍ରାପ୍ତ ନୁହଁନ୍ତି; କିଅବା ଆପଣଙ୍କୁ ସେତେବେଳେ ଏହା ଭାବିବାକୁ ବାଧ୍ୟ କରାଏ ଯେ ଆପଣ—ଆପଣ ଆହ୍ୱାନପ୍ରାପ୍ତ ଅଟନ୍ତି ଯେତେବେଳେକି ଆପଣ ଆହ୍ୱାନପ୍ରାପ୍ତ ନ ଥାଆନ୍ତି; ବିପରୀତ ଭାବରେ, ଉଭୟ ଯେକୌଣସି ଟା ବି। ଏବଂ ଆପଣଙ୍କୁ ତାହା ପ୍ରତି ଧ୍ୟାନ ଦେବାକୁ ଅଛି।

29 ତେବେ, ତାହା କରିବା ପାଇଁ ଏଠାରେ ଉପାୟ ଅଟେ। ପ୍ରଥମେ ଖୋଜି ବାହାର କର...ତେବେ, ବର୍ତ୍ତମାନ, ଏହା ପରାମର୍ଶ ଅଟେ, ଏକମାତ୍ର ବିଷୟ ଯାହା ମୁଁ ଏହା ଉପରେ ଦେଇପାରେ ତାହା ହେଉଛି ପରାମର୍ଶ। ଦେଖନ୍ତୁ? ମାତ୍ର ସୁନିଶ୍ଚିତ କରନ୍ତୁ ଯେ ଆପଣଙ୍କର ଆହ୍ୱାନଟି ପରମେଶ୍ୱରଙ୍କଠାରୁ ଆସିଅଛି, ଏବଂ ତାହାପରେ ନିଜର ପ୍ରୟୋଜନଗୁଡିକ ଓ ଉଦ୍ଦେଶ୍ୟମାନ ଯାଞ୍ଚ କରନ୍ତୁ। ବୁଝିଲେ? ତେବେ, ଆପଣ ଜାଣନ୍ତି ଯେ ମୋର ଏହା କହିବା ଦ୍ୱାରା କଅଣ ଅଭିପ୍ରାୟ ଅଟେ। ପ୍ରଚାର ପାଇଁ ଆପଣଙ୍କର ଉଦ୍ଦେଶ୍ୟ କଅଣ ଅଟେ? କଅଣ ଏହା କେବଳ ଏପରି ଥିଲା କି...କଅଣ ଆପଣ ଏହା ଭାବୁଛନ୍ତି ଯେ ଆପଣଙ୍କର ରହିଥିବା କାର୍ଯ୍ୟଠାରୁ ଏହା ଏକ ସହଜ କାମ ଅଟେ? ତାହାହେଲେ ଉତ୍ତମ ହେବ ଯେ ଆପଣ ଏହାକୁ ଭୁଲିଯାଆନ୍ତୁ, ଏହା ଏକ ଆହ୍ୱାନ ନ ଥିଲା।

30 ପରମେଶ୍ୱରଙ୍କ ଏକ ଆହ୍ୱାନ ଆପଣଙ୍କ ହୃଦୟ ଭିତରେ ଏପରି ଭାବରେ ଦଗ୍ଧ ହୁଏ ଯେ ଆପଣ ଏହା ହେତୁରୁ ଦିନରାତି ବିଶ୍ରାମ କରିପାରନ୍ତି ନାହିଁ। ଆପଣ ଏଥିରୁ ଦୂରେଇ ହିଁ ଯାଇପାରନ୍ତି ନାହିଁ, ଏହା ତ କେବଳ ଆପଣଙ୍କ ଉପରେ ନିରନ୍ତର ଭାବରେ ଚାପ ପକାଉଥାଏ।

31 ଏବଂ—ଏବଂ ଯଦି ଆପଣଙ୍କୁ ପ୍ରଚାର କରିବାକୁ ପଡିଥାଏ...ଆପଣ କୁହନ୍ତି, ତେବେ, ବର୍ତ୍ତମାନ, ଅନ୍ୟ ଏକ ଉଦ୍ଦେଶ୍ୟ, "ମୁଁ ବିଶ୍ୱାସ କରେ, ଯେ ସେହି ବୃତ୍ତିରେ ଯାହା ମୁଁ ପାଇଥାଏ, ଯଦି ମୁଁ ଜଣେ ସଫଳ ପ୍ରଚାରକ କିମ୍ଵା ପାଳକ ହୋଇପାରେ, ଏକ ଭଲ ସୁବ୍ୟବସ୍ଥିତ ଦରମା ପାଇଥାଏ, ଏକ ଘର ରହିଥାଏ ଯେଉଁଠାକୁକି ମୁଁ ଯାଇ ଆସିପାରେ, ଏବଂ ରହିପାରେ, ତାହାହେଲେ ମୁଁ—ମୁଁ ବିଶ୍ୱାସ କରେ ଯେ ଏହା ଏକ ଉତ୍ତମ ବିଷୟ ହେବ, ମୁଁ ବର୍ତ୍ତମାନ ଯାହା କରୁଅଛି ତାହାଠାରୁ ବହୁତ ଅଧିକ ସହଜ ହେବ। ଏବଂ ପ୍ରକୃତରେ ମୁଁ ଭାବେ ଯେ ଏହା ହେବ..." ତେବେ, ଦେଖନ୍ତୁ, ଆପଣଙ୍କର ଉଦ୍ଦେଶ୍ୟ ଆରମ୍ଭରୁ ହିଁ ଭୁଲ୍ ଅଟେ। ଦେଖନ୍ତୁ, ଏହା ଠିକ୍ ନୁହେଁ। ବୁଝିଲେ? ଆପଣ—ଆପଣ ତାହା ବିଷୟରେ ସେଠାରେ ଭୁଲ୍ ଅଟନ୍ତି।

32 ତାହାପରେ ଆପଣ କହିବେ, "ତେବେ, ହୋଇପାରେ ଯେହେତୁ ମୁଁ ଜଣେ...ଭାବୁଛି ଯେ ବୋଧହୁଏ ମୁଁ ଲୋକମାନଙ୍କ ମଧ୍ୟରେ ଅଧିକ ଲୋକପ୍ରିୟ ହେବି।" ଦେଖନ୍ତୁ, ଆପଣ ଜାଣି ପାଇବେ ଯେ ଆପଣ ଏକ ବଡ ବିଫଳତା ପାଇଁ ଠିକ ପ୍ରସ୍ତୁତ ହେଉଛନ୍ତି। ପ୍ରକୃତରେ, ଦେଖନ୍ତୁ!

33 କିନ୍ତୁ, ବର୍ତ୍ତମାନ, ଯଦି ଆପଣଙ୍କର ଉଦ୍ଦେଶ୍ୟ ତାହା ଅଟେ "ମୋର କିଛି ଫରକ୍ ପଡେ ନାହିଁ ଯେ ମୋତେ ସୋଡା ବିସ୍କୁଟ ଖାଇବାକୁ ପଡେ ଏବଂ ଝରଣା ପାଣି ପିଇବାକୁ ପଡେ, ମୁଁ ତ ଯେକୌଣସି ପ୍ରକାରେ ବି ସୁସମାଚାର ପ୍ରଚାର କରିବି।" କିଛି ଗୋଟାଏ ବିଷୟ ଆପଣଙ୍କୁ କେବଳ ଭେଦି ଦେଉଥିବ, "ମୁଁ ସୁସମାଚାର ପ୍ରଚାର କରିବି ନତୁବା ମରିଯିବି!" ବୁଝିଲେ? ତାହାପରେ ଆପଣ—ଆପଣ କୌଣସି ସ୍ଥାନକୁ ଯିବେ, କାରଣ ଏହା ତ ପରମେଶ୍ୱର ଆପଣଙ୍କ ସହିତ ବ୍ୟବହାର କରୁଥାନ୍ତି। ପରମେଶ୍ୱର ନିଜକୁ ଆପଣଙ୍କଠାରେ ପରିଚିତ କରାଉଥାନ୍ତି, କାରଣ ଏହା ତ ପରମେଶ୍ୱର ଅଟନ୍ତି ଯିଏକି ଆପଣଙ୍କୁ ବିଶ୍ରାମ କରିବାକୁ ଦେବେ ନାହିଁ। ଏବଂ, ସାଧାରଣତଃ, ଜଣେ ପରମେଶ୍ୱର-ଆହୂତ ବ୍ୟକ୍ତି ଏହାକୁ କଦାପି କରିବାକୁ ଚାହିଁବେ ନାହିଁ। କଅଣ ଆପଣ ଏହା ବିଷୟରେ କେବେ ଭାବିଛନ୍ତି କି? ଯେକୌଣସି ବ୍ୟକ୍ତି...

34 ସମ୍ପ୍ରତି ଏହା ମୋତେ କେତେକ ଅତି ମୂଲ୍ୟବାନ ଭାଇମାନେ ପଚାରିଥିଲେ, ଯେଉଁମାନେକି କହିଥିଲେ, "ବର୍ତ୍ତମାନ ଯେହେତୁ ଆମେ ମାର୍ଗରେ ଆସିଅଛୁ, ଭାଇ ବ୍ରାନହାମ୍, ବର୍ତ୍ତମାନ ଯେହେତୁ ଆମେମାନେ ପ୍ରଭୁଙ୍କୁ ପାଇଅଛୁ ଏବଂ ପବିତ୍ରଆତ୍ମାଙ୍କୁ ପାଇଅଛୁ, ତେବେ କଅଣ ଆମେମାନେ ଆମର କରିବାକୁ ଯାଉଥିବା ଆମର ସେବା ନିମନ୍ତେ ଦାନଗୁଡିକୁ ଅନ୍ୱେଷଣ କରିବା।"

35 ମୁଁ କହିଲି, "ଏହା କେବେ ବି କରନ୍ତୁ ନାହିଁ।" ଦେଖନ୍ତୁ? କେବେବି ଲୋକମାନଙ୍କୁ ସେହିପରି କିଛି କରିବା ପାଇଁ ପରାମର୍ଶ ଦିଅନ୍ତୁ ନାହିଁ, 'କାରଣ ସାଧାରଣତଃ ଜଣେ ବ୍ୟକ୍ତି ଯିଏକି ଏହା କରିବାକୁ ଚାହାଁନ୍ତି ସେ ସେହି ବ୍ୟକ୍ତି ହୋଇଥାନ୍ତି ଯିଏକି—ଯିଏକି ତାହା କରିପାରନ୍ତି ନାହିଁ।

36 ଏହା ତ ସେହି ବ୍ୟକ୍ତି ଅଟନ୍ତି ଯିଏକି ସେଥିରୁ ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥାଆନ୍ତି ସେହୁ ଜଣଙ୍କୁ ହିଁ ପରମେଶ୍ୱର ବ୍ୟବହାର କରନ୍ତି। ଦେଖନ୍ତୁ? ଯଦି ସେ ଏଥିରୁ ଦୂରେଇ ଯିବାକୁ ଚେଷ୍ଟା କରୁଥାନ୍ତି, "ଓଃ, ଭାଇ, ମୁଁ ଆପଣଙ୍କୁ କୁହେ, ମୁଁ...ସେହି ଆହ୍ୱାନଟି ମୋ ଭିତରେ ଅଛି କିନ୍ତୁ ମୁଁ...ହୁଁ! ଲୋକେ, ମୁଁ ତାହା ଚେଷ୍ଟା କରିବାକୁ ମଧ୍ୟ ଘୃଣା କରେ।" ତେବେ, ଆପଣ ସେହିଠାରେ ଅଛନ୍ତି, ଆପଣ ଦେଖନ୍ତୁ। ତାହା—ତାହା ଦୌଡି ପଳାଇବାକୁ ଚେଷ୍ଟା କରୁଥିବା ଅଟେ।

37 ଯଦି ସେ—ଯଦି ସେ ଏହାକୁ କରିବା ପାଇଁ ଅତିଶୟ ବ୍ୟଗ୍ର ଥାଆନ୍ତି, ତାହହେଲେ ପ୍ରଥମ ବିଷୟ ଆପଣ ଜାଣନ୍ତି ସେ ନିଜ ପାଇଁ ଏକ "ଟାଣୁଆ କାମିଜ" ଖୋଜି ପାଆନ୍ତି। ଯେପରିକି ଆପଣ କୁହନ୍ତି, "ପରମେଶ୍ୱର, ତୁମେ ମୋତେ ପର୍ବତ ଘୁଞ୍ଚାଇବା ପାଇଁ ଶକ୍ତି ଦିଅ, ମୁଁ ତୁମକୁ କୁହେ, ଯଦି ତୁମେ ମୋତେ ପର୍ବତ ଘୁଞ୍ଚାଇବାକୁ ଦିଅ, ତାହାହେଲେ ମୁଁ ତୁମ ପାଇଁ କିଛି କରିବି।" ନା, ସେ କରି ପାରିବେ ନାହିଁ, ସେ ତ ଏପରିକି ନିଜକୁ ସଠିକ୍ ମନୋଭାବରେ ସୁଦ୍ଧା ରଖିପାରନ୍ତି ନାହିଁ, ଦେଖନ୍ତୁ, ତେଣୁକରି ସେ କେବେ ବି ପରମେଶ୍ୱରଙ୍କ ପାଇଁ ପର୍ବତ ଘୁଞ୍ଚାଇପାରିବେ ନାହିଁ।

38 ଧରି ନିଅନ୍ତୁ, ଉଦାହରଣ ସ୍ୱରୂପେ, ଯେପରିକି ପାଉଲ। କଅଣ ଆପଣ ଭାବୁଛନ୍ତି ଯେ ପାଉଲ କେବେ ନିଜର ଆହ୍ୱାନଠାରୁ ଦୂରେଇ ଯାଇ ପାରିଥାନ୍ତେ? ଓଃ, ଭାଇ! ସେ ଏହା କରିପାରିବେ ନାହିଁ। ଏହା ତ କେବଳ ତାଙ୍କ ଉପରେ ଦିନରାତି ଚାପ ପକାଉଥିଲା ଯେପର୍ଯ୍ୟନ୍ତକି ସେ ନିଜର ମଣ୍ଡଳୀକୁ ଛାଡି ନ ଦେଲେ, ସେ ସବୁକିଛିକୁ ଛାଡି ନ ଦେଲେ ଏବଂ—ଏବଂ ତାହା ଭିତରକୁ ଗଲେ ନାହିଁ...ମୁଁ ବିଶ୍ୱାସ କରେ ତାହା ଆସିଆ ଥିଲା, କଅଣ ନୁହେଁ କି? ଏବଂ ସେଠାରେ ତିନି ବର୍ଷ କାଳ ରହିଲେ, ଶାସ୍ତ୍ରଗୁଡିକୁ ଅଧ୍ୟୟନ କଲେ, ଏହା ଜାଣିବା ପାଇଁ ଯେ ତାହା ଠିକ୍ କି ନୁହେଁ, ଦେଖନ୍ତୁ, ଏହା ଜାଣିବା ହେତୁ ଯେ ପରମେଶ୍ୱର ତାଙ୍କୁ ପ୍ରକୃତରେ ଡାକିଛନ୍ତି କି ନାହିଁ।

39 ତେଣୁ ଯଦି ପରମେଶ୍ୱର ଆପଣଙ୍କୁ ଡାକୁଛନ୍ତି, ଭାଇ, ଏବଂ ଏହା ଆପଣଙ୍କ ହୃଦୟରେ ନିରନ୍ତର ଆଘାତ କରୁଅଛି, ତାହାହେଲେ ମୁଁ କହିବି "ପ୍ରତ୍ୟେକ ସହଜରେ ବେଷ୍ଟନକାରୀ ଭାର, ଏବଂ ପାପକୁ ପୃଥକ୍ କରନ୍ତୁ।" କଅଣ ଆପଣ ବୁଝୁଛନ୍ତି? ଯଦି...କିନ୍ତୁ ଯଦି ଏହା ଆପଣଙ୍କୁ ଆଘାତ କରୁ ନାହିଁ, ଏବଂ ତାହାହେଲେ ମୁଁ—ମୁଁ—ମୁଁ ଏହା ବିଷୟରେ ତେବେ ଆଉ ଅଧିକ ଚିନ୍ତା କରିବି ନାହିଁ। ଏହାକୁ ନିଜ ସ୍ଥାନକୁ ଆସିବାକୁ ଦିଅନ୍ତୁ।

ତେବେ, ସେ କହିଲେ, ଏହି ଭାଇ ଏଠାରେ କହିଲେ:

> **ଭାଇ ବ୍ରାନହାମ୍, କଅଣ...କଅଣ ଆପଣ ଭାବୁଛନ୍ତି ଯେ ପରମେଶ୍ୱର କହିବେ...** (ତାଙ୍କୁ କହିବା ପାଇଁ ମୋତେ କହିବେ।)

40 ମୁଁ ବିଶ୍ୱାସ କରେ ଯେ ପରମେଶ୍ୱର ତାଙ୍କ ସହ ସିଧାସଳଖ କଥା ହେବେ। କାରଣ, ଆପଣ ଜାଣନ୍ତି, ପରମେଶ୍ୱର...ଆମେମାନେ ବହୁତ ଅଧିକ ବଡ ନୋହୁଁ ଯେ ମାତ୍ର ସେ ଆମ ସହିତ କଥା କହିପାରନ୍ତି। ଏବଂ ସେ—ସେ—ସେ ଆମକୁ କଥା କହିବେ, ଠିକ୍ ଅଛି। ଦେଖନ୍ତୁ, ସେ ଠିକ୍...ସେ ଆମ ସହିତ କଥା ହେବେ।

41 ଏବଂ ମୁଁ ଆପଣଙ୍କୁ କହୁଛି, ଯଦି ସେ ମୋତେ କହନ୍ତି, ତାହାହେଲେ ସେହି ଭାଇ କହିପାରନ୍ତି, "ତେବେ, ସେ ଭାଇ ବ୍ରାନହାମ୍‌ଙ୍କୁ ସେହିପରି କହିଲେ, ପରମେଶ୍ୱରଙ୍କର ପ୍ରଶଂସା ହେଉ!"

42 ମାତ୍ର, ଆପଣ ଦେଖନ୍ତୁ, ଏହା ଭାଇ ବ୍ରାନହାମ୍ ନୁହଁନ୍ତି ଯିଏକି ଆପଣଙ୍କୁ ଡାକରା ଦେଉଛନ୍ତି, ଏହା ତ ପ୍ରଭୁ ଯୀଶୁ ଅଟନ୍ତି ଯିଏକି ଆପଣଙ୍କୁ ଡାକରା ଦେଉଛନ୍ତି। ବୁଝିଲେ? ଏବଂ ଯଦି ଏହା ପ୍ରଭୁ ଯୀଶୁ ଆପଣଙ୍କୁ ଡାକରା ଦେଉଛନ୍ତି, ତାହାହେଲେ ସେ କଥାବାର୍ତ୍ତା କରିବେ। ବୁଝିଲେ? ମୁଁ ଆପଣଙ୍କୁ ଆପଣଙ୍କର କାନରେ କହିପାରେ, ମାତ୍ର ଯେତେବେଳେ ଖ୍ରୀଷ୍ଟ ଆପଣଙ୍କୁ ସେବାକାର୍ଯ୍ୟ ନିମନ୍ତେ ଡାକନ୍ତି ସେତେବେଳେ ଏହା ଆପଣଙ୍କର ହୃଦୟରେ ଅଟେ। ବୁଝିଲେ? ସେହିଠାରେ ହିଁ ଅଟେ ଯେଉଁଠାରେକି ସେହି ବିଷୟକୁ ଲଙ୍ଗର ପକାଇବାକୁ ଅଛି ଏବଂ ଆପଣ ଏଥିରୁ ଦୂରେଇ ଯାଇପାରନ୍ତି ନାହିଁ।

ବର୍ତ୍ତମାନ, ମୁଁ ବିଶ୍ୱାସ କରେ ଯେ ଦ୍ୱିତୀୟ ପ୍ରଶ୍ନ ଉପରେ...

43 ବର୍ତ୍ତମାନ ଯଦି ତାହା ଉପରେ କୌଣସି ପ୍ରଶ୍ନ ଅଛି, ଏଥି ସହ ସମ୍ବନ୍ଧିତ କୌଣସି ବି ପ୍ରଶ୍ନ, ତାହାହେଲେ ଦେଖନ୍ତୁ, ଯେ ଜଣେ ବ୍ୟକ୍ତିଙ୍କର ଆହ୍ୱାନ ତାଙ୍କ ହୃଦୟରେ ରହିବାକୁ ଅଛି, ପରମେଶ୍ୱରଙ୍କଠାରୁ ଆସୁଥିବାକୁ ଅଛି । ଏବଂ—ଏବଂ ଆଉ ଜଣେ ଭାଇ...ଓଃ, ମୁଁ ଜାଣେ ଯେ ଏହା କିଏ ଯିଏକି ଏହାକୁ ଲେଖିଛନ୍ତି । ଦେଖନ୍ତୁ, ମୁଁ ଜାଣେ ଯେ କିଏ ଏହାକୁ ଲେଖିଛନ୍ତି, ଜଣେ ମୂଲ୍ୟବାନ, ପ୍ରିୟ, ଦୟାଳୁ ଭାଇ ଯାହାଙ୍କୁ ମୁଁ ପ୍ରକୃତରେ ବିଶ୍ୱାସ କରେ ଯେ ସେ ପରମେଶ୍ୱରଙ୍କ ଡାକରା ପାଇଛନ୍ତି । ମାତ୍ର ମୁଁ କେବଳ...ମୁଁ ଚାହିଁବି ନାହିଁ ଯେ ସେ ମୋ ଉପରେ ଏହାକୁ କରନ୍ତୁ (ସେହି କାରଣରୁ ମୁଁ ଏହାକୁ ସେହିପରି ଭାବରେ ଉତ୍ତର ଦେଲି ଯେପରିକି ମୁଁ ତାହା ଦେଲି), ଦେଖନ୍ତୁ, ମୋର ତାହା କହିବା ଉପରେ; "ତେବେ, ହଁ, ଭାଇ *ଅମୁକ-ଓ-ଅମୁକ* ସେବାକାର୍ଯ୍ୟକୁ ଯିବା ଉଚିତ୍ ।" ବୁଝିଲେ?

44 ତେବେ ଆପଣ କୁହନ୍ତି, "ଭାଇ ବ୍ରାନହାମ୍ ମୋତେ କହିଲେ ଯେ ମୁଁ ତାହା କରିବା ଉଚିତ୍ ।" ଦେଖନ୍ତୁ, ଏବଂ ହୋଇପାରେ ଯଦି ଭାଇ ବ୍ରାନହାମ୍‌ଙ୍କ ସହିତ କିଛି ଗୋଟାଏ ଘଟିଯାଏ, ମୋର ହତ୍ୟା ହୋଇଯାଏ, କିମ୍ବା ମରିଯାଏ, କିମ୍ବା—କିମ୍ବା ସ୍ଖଳିତ ହୋଇଯାଏ? ତେବେ, ଦେଖନ୍ତୁ, ଆପଣଙ୍କର ଆହ୍ୱାନ ସେତେବେଳେ ଶେଷ ହୋଇଯାଏ । ମାତ୍ର ଯଦି ଯୀଶୁ ଆପଣଙ୍କୁ ଡାକିଛନ୍ତି, ଭାଇ, ଯେପର୍ଯ୍ୟନ୍ତକି ଏକ ଅନନ୍ତତା ଅଛି ସେହି ସମୟ ପର୍ଯ୍ୟନ୍ତ ତଥାପି ଏହା ଶବ୍ଦ ବାଜୁଥିବ । ଦେଖନ୍ତୁ? ଏବଂ ତାହାପରେ ଆପଣ ଜାଣି ଯିବେ ଯେ ଆପଣ କେଉଁଠାରେ ଛିଡା ହୋଇଛନ୍ତି ।

ତେବେ ଦ୍ୱିତୀୟରେ...

45 କିମ୍ବା ଏହିପରି କିଛି ଗୋଟାଏ, "ଏହା ଜାଣି ଯେ ଏହା ଶେଷ ଦିନ ଅଟେ ।" ମୁଁ ନିଶ୍ଚିତରେ ତାହା ପାଇଁ ସେହି ଭାଇଙ୍କୁ ପ୍ରଶଂସା କରେ । ମୁଁ ନିଶ୍ଚିତ ଭାବରେ ସେହି ଭାଇଙ୍କର ପ୍ରଶଂସା କରେ ଯେ ସେ ଅନୁଭବ କଲେ ଯେ ଆମେ ଶେଷ ଦିନରେ ଅଛୁ, ଏବଂ ତାଙ୍କର ହୃଦୟର ନିଷ୍ଠାପରତାର ସହ, ଖ୍ରୀଷ୍ଟଙ୍କ ପାଇଁ କିଛି କରିବାକୁ ଇଚ୍ଛା କରିଥିଲେ ।

ପରବର୍ତ୍ତୀଟି ହେଉଛି:

**108. ବର୍ତ୍ତମାନ, ଯଦି ଆମର ବହୁମୂଲ୍ୟ ପ୍ରଭୁ ମୋତେ ତାହାଙ୍କର ପାଇଁ ଅଳ୍ପ ଟିକେ କାମ କରିବାକୁ ଦିଅନ୍ତୁ, କଅଣ ମୋତେ ସେହି ସମ୍ପ୍ରଦାୟକୁ ଫେରିଯିବା ଉଚିତ କି ଯେଉଁଠାରେ ମୁଁ ଆଂଶିକ ସେବା କରିଥିଲି...ତ୍ରୁଟିରେ (ଯେଉଁଥି ଯୋଗୁଁ ମୁଁ ଦୁଃଖିତ)...** ସେ ତାହାକୁ ବନ୍ଧନୀରେ ଲେଖିଛନ୍ତି...**ଏବଂ ସେମାନଙ୍କୁ ସତ କହିବାକୁ ଚେଷ୍ଟା କରିବା ଉଚିତ୍ କି? ସେମାନେ ବହୁତ ଅଧିକ—ସେମାନେ ବହୁତ ଅଧିକ ମୋର ହୃଦୟରେ ରହି ଆସିଛନ୍ତି ।**

46 ନା, ଭାଇ, ମୁଁ ଭାବୁ ନାହିଁ ଯେ ଏହା ଆପଣଙ୍କ ପାଇଁ ସେହି ସମାନ ସମ୍ପ୍ରଦାୟକୁ ଫେରିଯିବାଟା ଆବଶ୍ୟକ ଅଟେ । ଏବଂ ମୁଁ ବିଶ୍ୱାସ କରେ ଯେ, ହେ ଭାଇ ପ୍ରିୟ, ଯେତେବେଳେ ପ୍ରଭୁ ଆପଣଙ୍କୁ ଡାକନ୍ତି ହୋଇପାରେ ଯେ ସେ ଆପଣଙ୍କୁ କଦାପି ଫେରିଯିବାକୁ ନ ଦିଅନ୍ତି

ଯେହେତୁ ଆପଣ ଥରେ ସେହି ସମ୍ପ୍ରଦାୟରେ ଥିଲେ, ଏବଂ ଆପଣ ବୋଧହୁଏ ବିଷୟଗୁଡିକୁ ଶିକ୍ଷା ଦେଇଥିବେ କିମ୍ଵା ଏପରି ବିଷୟଗୁଡିକୁ କହିଥିବେ ଯାହାକି ନ ଥିଲା…ଯାହାକୁ ଆପଣ ବାସ୍ତବରେ ବର୍ତ୍ତମାନଠାରୁ ଭିନ୍ନ ରୂପେ ଦେଖୁଛନ୍ତି, ଦେଖନ୍ତୁ, ଯେପରିକି ଆପଣ ତାହାଠାରୁ ଭିନ୍ନ ଦେଖିପାରନ୍ତି ଯାହା ଆପଣ ସେତେବେଳେ କରିଥିଲେ। ବର୍ତ୍ତମାନ, ଏବଂ ପ୍ରଭୁ, ଯେତେବେଳେ ସେ ଆପଣଙ୍କୁ ଡାକିଥିଲେ, ସେ ହୋଇପାରନ୍ତି…ଯଦି ସେ ଆପଣଙ୍କ ନିକଟରେ ଏହାକୁ ବାସ୍ତବିକ କରିଅଛନ୍ତି, ତେବେ ସେ ଆପଣଙ୍କୁ ଯେକୌଣସି ସ୍ଥାନକୁ ବି ପଠାଇ ପାରନ୍ତି। ଦେଖନ୍ତୁ? ଆପଣଙ୍କୁ କୌଣସି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ କିମ୍ଵା କୌଣସି ବିଷୟ ନିକଟକୁ ଯିବାକୁ ପଡ଼େ ନାହିଁ।

47 ଯେତେବେଳେ ଆପଣ ସେଠାରେ ଥିଲେ ଆପଣ ନିଷ୍ଠାବାନ ଥିଲେ। ମୁଁ ସେହି ଭାଇଙ୍କୁ ଜାଣେ, ଯେପରି ମୁଁ କହିଲି, ଯିଏକି ଏହି ପ୍ରଶ୍ନଗୁଡିକୁ ଲେଖିଛନ୍ତି। ଗଭୀର ନିଷ୍ଠାପରତାର ସହ ଏବଂ ଜଣେ ପ୍ରକୃତ ଖାଣ୍ଟି ଖ୍ରୀଷ୍ଟିଆନ ହୋଇଥିବା ସହ, ଆପଣ ତାହା ସହିତ ନିଜର ସର୍ବୋତ୍ତମ କଲେ ଯାହା ଆପଣ କରି ପାରିଥାନ୍ତେ ଏବଂ ଯାହାକିଛି ଆପଣ ଜାଣିଥିଲେ ଯେ ତାହା କିପରି କରିବାକୁ ଅଛି, ଆଉ ତାହା ହିଁ ସବୁକିଛି ଯାହାକି ପରମେଶ୍ଵର ଚାହାଁନ୍ତି। ବୁଝିଲେ? ବର୍ତ୍ତମାନ, ଯଦି ପରମେଶ୍ଵର ଆପଣଙ୍କୁ ସେହି ସମ୍ପ୍ରଦାୟକୁ ପୁଣି ଥରେ ଡାକୁଛନ୍ତି, ତାହାହେଲେ ମୁଁ ପୁନର୍ବାର ସେଠାକୁ ଯିବି। ମାତ୍ର ଯଦି ସେ ତାହା ନ କରନ୍ତି, ତେବେ ମୁଁ—ମୁଁ ବିଶ୍ଵାସ କରେ ଯେ ମୁଁ ଠିକ ସେହି ସ୍ଥାନକୁ ଯିବି ଯେଉଁଠାକୁ ସେ ମୋତେ ପଠାନ୍ତି। କଅଣ ସେଠାରେ ଏକ ପ୍ରଶ୍ନ ଅଛି କି?

ସଂଖ୍ୟା ତିନି:

### 109. ଖ୍ରୀଷ୍ଟଙ୍କ ଶରୀରରେ ଜଣେ ନିଜର ଉପଯୁକ୍ତ ପ୍ରବସ୍ଥା କିପରି ଜାଣେ?

48 ତାହା ଏକ ଭଲ, ବହୁତ ଭଲ ଅଟେ, "କିପରି ଜଣେ…" ଆଜି ରାତି ଆମମାନଙ୍କ ମଧ୍ୟରୁ ଅନେକଙ୍କ ଭିତରେ ତାହା ଏକ ପ୍ରକାରର ପ୍ରଶ୍ନ ହେବ, "ଆପଣ କିପରି ଉପଯୁକ୍ତ ଭାବରେ ଜାଣିବେ?" ବର୍ତ୍ତମାନ, ମୁଁ ଅନୁମାନ କରୁଛି ଯେ ଏହି ଭାଇ ଜାଣିବାକୁ ଚାହାଁନ୍ତି "କେଉଁ ସ୍ଥିତି, ଖ୍ରୀଷ୍ଟଙ୍କଠାରେ *କଅଣ*, ମୁଁ ଖ୍ରୀଷ୍ଟଙ୍କର କେଉଁ ଅଂଶ ଗ୍ରହଣ କରିବି?"

49 ବର୍ତ୍ତମାନ, ଉଦାହରଣ ସ୍ଵରୁପ, ମୁଁ ଏହି ପ୍ରକାରେ କହିବି, ଭାଇ, ଯେପରିକି ମୁଁ ଜାଣିବାରେ ଆପଣଙ୍କୁ ସର୍ବୋତ୍ତମ ଉତ୍ତର ଦିଏ। ଆପଣଙ୍କର ସ୍ଥିତି…ଖ୍ରୀଷ୍ଟଙ୍କଠାରେ ପବିତ୍ରଆତ୍ମାଙ୍କ ଦ୍ଵାରା ଆପଣଙ୍କ ନିକଟରେ ପ୍ରକଟିତ ହୁଏ। ଏବଂ ତାହାପରେ ଯଦି ଆପଣ ଜାଣିବାକୁ ଚାହାଁନ୍ତି ଯେ ଏହା ପବିତ୍ରଆତ୍ମା ଅଟନ୍ତି କି ନୁହେଁ, ତାହାହେଲେ ଏହା ଖୋଜନ୍ତୁ ଯେ ଆପଣ ଯାହା କରୁଛନ୍ତି ସେଥିରେ ସେ ଆଶୀର୍ବାଦ କରନ୍ତି, କି ନାହିଁ। ଏବଂ ଯଦି ସେ ଏହାକୁ ଆଶୀର୍ବାଦ କରନ୍ତି, ତେବେ ଏହା ସେ ଅଟନ୍ତି। ଯଦି ସେ ଆଶୀର୍ବାଦ କରନ୍ତି ନାହିଁ…

50 ଯେପରିକି କେହି ମୋତେ କିଛି ସମୟ ପୂର୍ବରୁ କହିଥିଲେ, କହିଲେ, "ପ୍ରଭୁ ମୋତେ ପ୍ରଚାର କରିବା ପାଇଁ ଡାକିଛନ୍ତି।"

ମୁଁ କହିଲି, "ଠିକ୍ ଅଛି, ତେବେ ପ୍ରଚାର କରନ୍ତୁ।" ଦେଖନ୍ତୁ? ଏବଂ ତେଣୁକରି ସେ—ସେ…

51 ମୁଁ ପ୍ରକୃତରେ ଏହା ଭାବେ ଯେ ଏହା ସେହିପରି ଅଟେ…ଶୟତାନ, ଯଦି ସେ କେବଳ କାହାରିକୁ ସେହିପରି ଭାବରେ କାର୍ଯ୍ୟ କରିବାକୁ—କୁ ପାଇପାରେ ଏବଂ ତାହାପରେ ସେମାନଙ୍କୁ ପ୍ରତାରିତ କରିପାରେ, ତାହାହିଁ କେବଳ ଅଟେ ଯାହା ସେ କରିବାକୁ ଚାହେଁ। ତାହାପରେ ସମଗ୍ର ବିଶ୍ୱ ସେମାନଙ୍କର ଆଙ୍ଗୁଳିକୁ ଠିକ ସେଠାରେ ଦେଖାଇଥାନ୍ତି। କେହି ଜଣେ ଭାବନ୍ତି ଯେ ସେମାନଙ୍କର ପାଖରେ ପରଭାଷାରେ କଥା କହିବାକୁ ଏବଂ ବ୍ୟାଖ୍ୟ କରିବାକୁ ଏକ ଦାନ ଅଛି; କେତେକଙ୍କର ଈଶ୍ୱରୀୟ ଆରୋଗ୍ୟତାର ଦାନ ଅଛି; କେତେକଙ୍କର ଏହିପରି ବିଷୟ ଅଛି ଯଥା…ବେଳେବେଳେ ସେମାନେ ସେହି ଜିନିଷଗୁଡ଼ିକରେ ଭୁଲ୍ ଥାଆନ୍ତି, ଦେଖନ୍ତୁ। ଏବଂ ବେଳେବେଳେ ସେମାନେ ଭାବନ୍ତି ଯେ ସେମାନେ ତାହା ପାଇ ନାହାଁନ୍ତି ଯେତେବେଳେକି ସେମାନେ ତାହା ପାଇଥାଆନ୍ତି। ତେଣୁକରି ଏହା ବହୁତ ଚତୁରତାପୂର୍ଣ୍ଣ ଅଟେ।

52 ତେଣୁକରି ଭାଇମାନେ, ସର୍ବଦା ଏହା କରନ୍ତୁ, ଯେତେବେଳେ ବି ଆପଣ ଅନୁଭବ କରନ୍ତି ଯେ ଆପଣଙ୍କୁ ଏକ କାର୍ଯ୍ୟ କରିବାକୁ ଅଛି, ପ୍ରଥମେ ଏହା ଖୋଜି ବାହାର କରନ୍ତୁ ଯେ ଆପଣଙ୍କ ପାଇଁ ତାହା କରିବା ଶାସ୍ତ୍ରସଙ୍ଗତ ଅଟେ କି ନୁହେଁ (ଯଦି ଏହା ଶାସ୍ତ୍ରରେ ଅଛି)। କେବଳ ଗୋଟିଏ ସ୍ଥାନରେ ଲେଖା ହୋଇଥିବା ନୁହେଁ, କିନ୍ତୁ ମୋର କହିବାର ଅର୍ଥ ହେଉଛି ସମଗ୍ର ବାଇବଲରେ ଆପଣଙ୍କ ପାଇଁ ତାହା କରିବା ଶାସ୍ତ୍ରସଙ୍ଗତ ଅଟେ କି ନୁହେଁ, ଆପଣଙ୍କର ସ୍ଥିତି, ଧରି ନିଅନ୍ତୁ ଯଦି ଆପଣ ଜଣେ ସୁସମାଚାର ପ୍ରଚାରକ, ପାଳକ, ଶିକ୍ଷକ, ଭବିଷ୍ୟଦ୍‌ବକ୍ତା ଅଟନ୍ତି, ଯାହାକିଛି ବି ପରମେଶ୍ୱର ଆପଣଙ୍କୁ ହେବା ପାଇଁ ଡାକିଛନ୍ତି। ଆପଣ ଦେଖୁଛନ୍ତି କି? କିମ୍ବା ଯଦି ଆପଣଙ୍କ ପାଖରେ ପରଭାଷାର ଦାନ, ବ୍ୟାଖ୍ୟା କରିବାର ଦାନ ଥାଏ, ମଣ୍ଡଳୀରେ ଥିବା ନଅଟି ଆତ୍ମିକ ଦାନଗୁଡିକରୁ କୌଣସି—କୌଣସି ପ୍ରକାରର ଦାନ ଥାଏ, ଏବଂ ମଣ୍ଡଳୀର ଚାରୋଟି ଆତ୍ମିକ କାର୍ଯ୍ୟାଳୟଗୁଡିକରୁ କୌଣସି କାର୍ଯ୍ୟାଳୟ, ଯେକୌଣସି ପଦ ଥାଏ, ପ୍ରଥମେ ଦେଖନ୍ତୁ ଯେ ପରମେଶ୍ୱର ଡାକିଛନ୍ତି କି ନାହିଁ।

53 ତାହାପରେ, ସାଧାରଣତଃ, ମୁଁ ଯେପରି ଭାବରେ ଏହାକୁ ନିଜ ପାଇଁ ଦେଖେ, କେବଳ… ଏହା ମୁଁ ଅଟେ, ମୁଁ ସେହି ବ୍ୟକ୍ତିର ସ୍ୱଭାବକୁ ଦେଖେ ଏବଂ ଦେଖେ ଯେ ସେମାନେ କେଉଁ ପ୍ରକାରର ଏକ ଦାନ ବୋଲି କହୁଛନ୍ତି। ଦେଖନ୍ତୁ, ପରମେଶ୍ୱର ତାହାଙ୍କର ସୃଷ୍ଟି ସହିତ ଠିକ ସେହିପରି କାର୍ଯ୍ୟ କରିବେ ଯେପରି ଭାବରେ ସେ ତାକୁ ସୃଷ୍ଟି କରିଛନ୍ତି। ଦେଖନ୍ତୁ? ସେ ଏକ ପ୍ରାଣୀ ସୃଷ୍ଟି କରିବେ…

54 ଯଦି ଆପଣ ତାଙ୍କୁ ପ୍ରକୃତରେ ଚଞ୍ଚଳ ଏବଂ ଅସ୍ଥିର ଥିବାର ଦେଖନ୍ତି, ତେବେ ଆପଣ… ଏବଂ ସେ କୁହନ୍ତି, "ପ୍ରଭୁ ମୋତେ *ଅମୁକ-ଓ-ଅମୁକ* ହେବା ପାଇଁ, ଜଣେ ପାଳକ ହେବା ପାଇଁ

ଡାକିଛନ୍ତି ।” ତେବେ, ଜଣେ ପାଳକ ଚଞ୍ଚଳ ବ୍ୟକ୍ତି ହୋଇପାରନ୍ତି ନାହିଁ । ଜଣେ ପାଳକ ତ ଦୃଢ଼, ସୁସ୍ଥିର ଅଟନ୍ତି । ବୁଝିଲେ?

55 “ପରମେଶ୍ୱର ମୋତେ ଜଣେ ଶିକ୍ଷକ ହେବା ପାଇଁ ଡାକିଛନ୍ତି ।” ଏବଂ ଦେଖନ୍ତୁ ଯେ ସେ କିପରି ଭାବରେ ବାକ୍ୟର ବ୍ୟାଖ୍ୟା କରନ୍ତି । ବୁଝିଲେ? ସେ ଏହାକୁ ସବୁ ମିଶ୍ରିତ ଏବଂ ସବୁକିଛି କରିପକାନ୍ତି, ତାହାହେଲେ ଆପଣ କହିପାରନ୍ତି । ବୁଝିଲେ?

56 କିନ୍ତୁ, ତାହାପରେ, କରିବାର ବିଷୟ ହେଉଛି, ଆପଣଙ୍କର ସ୍ଥିତି ସାଧାରଣତଃ ସେତେବେଳେ ଜଣାଯାଏ ଯେ ଆପଣ ଏହା କରିପାରିବେ କି ନାହିଁ ।

57 ବର୍ତ୍ତମାନ, ଯେତେବେଳେ ପରମେଶ୍ୱର ମୋତେ ଜଣେ ସୁସମାଚାର ପ୍ରଚାରକ ହେବା ପାଇଁ ଡାକିଲେ, ମୁଁ ଜଣେ ପାଳକ ହେବାକୁ ଚାହୁଁଥିଲି । ଏବଂ ମୁଁ ଭାବୁଥିଲି ଯେ ଏଠାରେ ଘରେ ରହିବାଟା ଉତ୍ତମ ହେବ । ଏବଂ ପ୍ରଭୁ ମୋତେ ଡାକିଲେ । ଏବଂ ଶେଷରେ ସମସ୍ତ ଲୋକ ଏକତ୍ରିତ ହେଲେ...ଆଜି ରାତିରେ ସେମାନଙ୍କ ମଧ୍ୟରୁ ଜଣେ ହେଲେ କେହି ଏଠାରେ ବାକି ନାହାଁନ୍ତି, ଯେ ସେଠାରେ ସେମାନେ କାନ୍ଦି କାନ୍ଦି 1717 ସ୍ପ୍ରିଙ୍ଗ ଷ୍ଟ୍ରିଟକୁ ଯାଇଥିଲେ । ଏବଂ ଏଠାରେ ଥିବା ସେହି ମହିଳା, ଶ୍ରୀମତୀ ହକିନ୍ସ, ମୋତେ ଭେଟି କହିଥିଲେ (କାନ୍ଦୁଥିଲେ, ଅବସାଦ ସମୟରେ, ଯେତେବେଳେକି ପଡୋଶୀର ଜଣେ ବିନ୍‌ସ ଛୁଇଁ ରାନ୍ଧୁଥିଲେ ଓ ଆମେମାନେ ସମସ୍ତେ ଭିତରକୁ ଆସି ସେଥିରୁ ଭୋଜନ କରୁଥିଲୁ), ଏବଂ ସେ କହିଲେ, “ମୁଁ ମୋର ପିଲାମାନଙ୍କୁ ମେଜରେ ଭଡ଼ା ଦେବି ଯଦି ଆପଣ କେବଳ ଏକ ଆରାଧନାଳୟ ନିର୍ମାଣ କରିବେ ।” ବୁଝିଲେ?

58 ଏବଂ ମୋର ଆହ୍ୱାନ ଜଣେ ପ୍ରଚାରକର ଥିଲା । ସେହି ସକାଳେ...ଠିକ୍ ଏଠାରେ ଏହି କୋଣର ପଥର ସ୍ଥାପିତ କରିବା ସମୟରେ, ଯଦି ଆମେ ଆଜି ରାତି ସେଠାରେ ତାହାକୁ ଖୋଦିତ କରିପାରିବା, ସେଥିରେ ଆପଣ ଦେଖିବେ ଯେ ମୋର ବାଇବଲରୁ ଏକ ଫର୍ଦ୍ଦ ଥିବ ଯେଉଁଠାରେକି ସେ ମୋତେ ଜଣେ ପ୍ରଚାରକ ହେବା ପାଇଁ କହିଥିଲେ । ବୁଝିଲେ? ଏବଂ ମୁଁ ଜଣେ ସଫଳ ପାଳକ ନ ଥିଲି, କଦାପି ହେବି ନାହିଁ, କାରଣ ମୋର ସେତିକି ଧୈର୍ଯ୍ୟ ନାହିଁ ଏବଂ ପାଳକ ହେବା ପାଇଁ ଯାହା ଆବଶ୍ୟକ ଅଟେ ତାହା ନାହିଁ । ବୁଝିଲେ? ତେଣୁକରି ଯଦି ମୁଁ ପାଳକ ହେବାକୁ ଚେଷ୍ଟା କରିବି, ତେବେ ମୁଁ ସେହି ବିଷୟଠାରୁ ସେତିକି ଦୂର ହେବି ଯେତିକି ଦୂର ଜଣେ ପାଳକ ଜଣେ ସୁସମାଚାର ପ୍ରଚାରକ ହେବାକୁ ଚେଷ୍ଟା କରୁଥିବେ ।

59 ଦେଖନ୍ତୁ ଯେ ମୋର କହିବାର ଅର୍ଥ କଅଣ? ଆପଣ ତାହା ଦେଖିପାରନ୍ତି ଯେ ପ୍ରଭୁ ଆପଣଙ୍କୁ କିପରି ଡାକନ୍ତି, ଶରୀରରେ ଆପଣଙ୍କର ସ୍ଥିତି କଅଣ ଅଟେ । କଅଣ ଏକ ପ୍ରଶ୍ନ ଅଛି  କି?

## 110. କଅଣ ସମସ୍ତ ପବିତ୍ର-ଆତ୍ମା-ପରିପୂର୍ଣ୍ଣ ଲୋକମାନେ ଅନତି ଶୀଘ୍ର କିମ୍ବା ବିଳମ୍ବରେ ପରଭାଷାରେ କଥାବାର୍ତ୍ତା କରନ୍ତି କି?

60 ତାହା ହେଉଛି ପ୍ରଥମ ପ୍ରଶ୍ନ, "କଅଣ ସମସ୍ତ ପବିତ୍ରଆତ୍ମା..." ତେବେ, ଏହାସବୁ ଗୋଟିଏ ପ୍ରଶ୍ନରେ ଅଟେ, ମୁଁ ଏଠାରେ ଏହାକୁ ପ୍ରଶ୍ନ ସଂଖ୍ୟା ଚାରି ପାଇଁ ଲେଖି ରଖିଛି । ମାତ୍ର ମୁଁ—ମୁଁ ପ୍ରଥମେ ଏହାକୁ କହିବି, ଆପଣ ଦେଖନ୍ତୁ:

> **କଅଣ ସମସ୍ତ ପବିତ୍ରଆତ୍ମା ପରିପୂର୍ଣ୍ଣ ଲୋକମାନେ ଅନତି ଶୀଘ୍ର କିମ୍ବା ବିଳମ୍ବରେ ପରଭାଷାରେ କଥାବାର୍ତ୍ତା କରନ୍ତି କି? ମୁଁ ପାଇଲି ଯେଉଁଠାରେକି ପାଉଲ କହିଥିଲେ ଯେ ସେ "ସମସ୍ତଙ୍କ ଅପେକ୍ଷା ଅଧିକ ପରଭାଷାରେ କଥା କହିଥଲେ ।"**
>
> ଠିକ୍ ଅଛି, ପ୍ରଶ୍ନ ସଂଖ୍ୟା ଚାରି: **ଗ୍ରହଣ କରିବା ସମୟରେ କଅଣ ସମସ୍ତେ ପରଭାଷାରେ କଥା ହୁଅନ୍ତି...**କିଅବା, ନା, ଏହା ନୁହେଁ: **କଅଣ ସମସ୍ତେ ପରଭାଷାରେ କଥା କୁହନ୍ତି...**ନା: **କଅଣ ସମସ୍ତ ପବିତ୍ର-ଆତ୍ମା-ପରିପୂର୍ଣ୍ଣ ଲୋକମାନେ ଅନତି ଶୀଘ୍ର କିମ୍ବା ବିଳମ୍ବରେ ପରଭାଷାରେ କଥାବାର୍ତ୍ତା କରନ୍ତି କି?**

61 ତେବେ, ଭାଇ, ମୁଁ...ଏହା ଏକ ଗଭୀର ପ୍ରଶ୍ନ ଅଟେ । ବର୍ତ୍ତମାନ, ସେଠାରେ, ଆପଣ ସମ୍ଭବତଃ...ମୋ ପାଖରେ ସମ୍ଭବତଃ ଏହା ଉପରେ କିଛି ଉତ୍ତର ରହିଥିବ ।

62 ସେହି ପବିତ୍ରଆତ୍ମା, ପବିତ୍ରଆତ୍ମାଙ୍କର ଏକ ଅଂଶ ହେଉଛି ଧାର୍ମିକ ଗଣିତ ହେବା । ତାହା ସେତେବେଳେ ହୁଏ ଯେତେବେଳେକି ଆପଣ ପ୍ରଥମେ...ପରମେଶ୍ୱରଙ୍କୁ ଆପଣଙ୍କୁ ଡାକିବାକୁ ଅଛି ନୋହିଲେ ଆପଣ କଦାପି ଡକାଯିବେ ନାହିଁ । ଦେଖନ୍ତୁ, ସେଠାରେ ଏପରି କିଛି ନାହିଁ ଯାହାକି ଆପଣ ନିଜଠାରେ କିଛି କରିପାରନ୍ତି । "କୌଣସି ବ୍ୟକ୍ତି ମୋ ପାଖକୁ ଆସିପାରନ୍ତି ନାହିଁ ଯେପର୍ଯ୍ୟନ୍ତକି ମୋ ପିତା ପ୍ରଥମେ ତାଙ୍କୁ ଆକର୍ଷିତ ନ କରନ୍ତି ।" କଅଣ ଏହା ଠିକ୍ ଅଟେ? ତେଣୁ ଧାର୍ମିକ ଗଣିତ ହେବାର ଏକ ଅଂଶ ହେଉଛି ପବିତ୍ରଆତ୍ମା ।

63 କଅଣ ଆପଣ ମୋତେ ସେହି ସମୟରେ ସେହି ଲୁଥରାନ୍ ଡିନ୍‌ଙ୍କୁ ଶସ୍ୟ କ୍ଷେତ୍ର ବିଷୟରେ ବୁଝାଉଥିବାର ଶୁଣିଛନ୍ତି କି? ଦେଖନ୍ତୁ, "ସେହି ଶସ୍ୟ, ଜଣେ ଲୋକ ବାହାରକୁ ଗଲେ ଓ ଦୁଇଟି ରୋପଣ କଲେ...ତାଙ୍କର ଶସ୍ୟ କ୍ଷେତ୍ର ରୋପଣ କଲେ । ପରଦିନ ସକାଳେ ସେ ବାହାରକୁ ଗଲେ ଆଉ 'କିଛି ନ ଥିଲା ।' କିଛି ସମୟ ପରେ ସେ ଦୁଇଟି ଛୋଟ ପତ୍ରକୁ ଆସୁଥିବାର ପାଇଲେ, ସେ କହିଲେ, 'ମୋର ଶସ୍ୟ କ୍ଷେତ୍ର ପାଇଁ ପରମେଶ୍ୱରଙ୍କର ପ୍ରଶଂସା ହେଉ!'" ଏବଂ ମୁଁ କହିଲି, "କଅଣ ତାଙ୍କର ଏକ ଶସ୍ୟ କ୍ଷେତ୍ର ହୋଇଥିଲା କି?"

ଏବଂ ସେହି ଲୁଥରାନ୍ ଡିନ୍ କହିଲେ, "ସମ୍ଭାବ୍ୟ ଭାବରେ ।"

64 ମୁଁ କହିଲି, "ତାହା ଠିକ୍ ଅଟେ, ସମ୍ଭାବ୍ୟ ଭାବରେ ତାଙ୍କର ଥିଲା ।" ମାତ୍ର ମୁଁ କହିଲି, "ତାହା ଦ୍ୱାରା..." ମୁଁ କହିଲି, "ତାହା ଆପଣ ଲୁଥରାନ୍‌ମାନେ ଥିଲେ ।"

65 "ପରେ ଏବଂ ପରେ ଅଙ୍କୁରଗୁଡ଼ିକ ବଢିଲା ଏବଂ ଏହା ଝୁମ୍ପାକୁ ଆସିଲା । ତାହା ମେଥୋଡିଷ୍ଟ ଥିଲା । ସେହି ଶସ୍ୟର ଦ୍ୱିତୀୟ ପ୍ରବସ୍ଥା, ଏହା ଏକ ଝୁମ୍ପା ଅଟେ ।" (ମୁଁ ଭାବୁଛି ତାହା ଠିକ୍ ଅଟେ, ଆପଣ କୃଷି କ୍ଷେତ୍ରରୁ ଆସିଥିବା ଭାଇମାନେ ।) "ଏବଂ ତାହାପରେ ସେହି ଝୁମ୍ପା ପତ୍ରକୁ ଚାହିଁଲା ଓ କହିଲା, 'ହୁଃ! ମୁଁ ଏକ ଝୁମ୍ପା ଅଟେ, ତୁମେ ତ କେବଳ ଏକ ପତ୍ର ଅଟ!

ଦେଖ, ମୋତେ ଆଉ ତୁମର ଦରକାର ନାହିଁ।' ଏବଂ ତାହାପରେ ସେହି ଝୁମ୍ପା…ସେହି ଝୁମ୍ପାରୁ ପରାଗ ରେଣୁ ଖସିଯାଏ, ପୁନର୍ବାର ପତ୍ରକୁ ଚାଲିଆସେ; ପତ୍ର ରହିବା ଆବଶ୍ୟକ ଅଟେ।"

66 "ଏବଂ ତାହାପରେ ସେଥିରୁ କେଣ୍ଡା ବାହାରି ଥାଏ। ତାହା ପେଣ୍ଟିକଷ୍ଟ ଥିଲା, ବରଦାନଗୁଡ଼ିକର ପୁନଃସ୍ଥାପନ ହେବା ଯେପରିକି ସେହି ମୂଳ ସ୍ଥାନକୁ, ପ୍ରଥମ ସ୍ଥାନକୁ ଫେରିଗଲା। ତାହାପରେ ଯେତେବେଳେ କେଣ୍ଡା ବାହାରି ଆସିଲା, କହିଲା, 'ଝୁମ୍ପା, ମୋତେ ତୁମର ଆବଶ୍ୟକତା ନାହିଁ। କିମ୍ବା ହେ ପତ୍ର, ମୋତେ ତୁମର ଆବଶ୍ୟକତା ନାହିଁ।'"

67 କିନ୍ତୁ, ସର୍ବଶେଷରେ, ସେହି ସମାନ ଜୀବନ ଯାହାକି ଶସ୍ୟର ସେହି—ସେହି ପତ୍ରରେ ଥିଲା ସେହି ଝୁମ୍ପାକୁ ତିଆରି କରିଥିଲା। ଏବଂ ଯାହାକିଛି ସେହି ପତ୍ରରେ ଓ ଝୁମ୍ପାରେ ଥିଲା ସେହି ଶସ୍ୟକୁ ତିଆରି କରିଥିଲା। ତେବେ ପବିତ୍ରଆତ୍ମାଙ୍କର ପରଭାଷାରେ କଥା କହିବା ବିଷୟ କଅଣ ଅଟେ? ଏକ ଉନ୍ନତ ଧାର୍ମିକ ଗଣିତ ହେବା ଅଟେ। ବୁଝିଲେ? ପେଣ୍ଟିକଷ୍ଟାଲ୍ ମଣ୍ଡଳୀ କଅଣ ଅଟେ? ସେହି ଉନ୍ନତ ଲୁଥରାନ୍। ବୁଝିଲେ?

68 ମାତ୍ର ତେବେ ଯେତେବେଳେ ସେହି ଉନ୍ନତ ବିଷୟଟି ଆସିଅଛି, ପ୍ରଶ୍ନଟି ଏହା ହେବ, "ତାହାହେଲେ କଅଣ ମୁଁ କେବଳ ସେହିପରି ରହିବି କି?" ନା! ନା, ସେହି ଶସ୍ୟଟି ପରିପକ୍ୱ ଅଟେ। ବୁଝିଲେ? ଆପଣ ଶସ୍ୟ ସହିତ ଆରମ୍ଭ କରନ୍ତୁ। ସେହି—ସେହି ବାକ୍ୟ ସହିତ, ସେହି ଶସ୍ୟ ସହିତ ଆରମ୍ଭ କରନ୍ତୁ, ଏହା ଧାର୍ମିକ ଗଣିତ ହେବାକୁ ଉତ୍ପନ୍ନ କରିବ। ଏବଂ ଧାର୍ମିକ ଗଣିତ ହେବାରେ ରହି ଥାଆନ୍ତୁ ଯେପର୍ଯ୍ୟନ୍ତକି ତାହା ପବିତ୍ରୀକରଣକୁ ଉତ୍ପନ୍ନ ନ କରିଦିଏ। ପବିତ୍ରୀକରଣରେ ରହିଥାଆନ୍ତୁ ଯେପର୍ଯ୍ୟନ୍ତକି ଆପଣ ପବିତ୍ରଆତ୍ମା ଗ୍ରହଣ ନ କରି ନିଅନ୍ତି।

69 ବର୍ତ୍ତମାନ ଯେତେବେଳେ ଆପଣ ପବିତ୍ରଆତ୍ମା ଗ୍ରହଣ କରନ୍ତି, ଏହା କଅଣ କରିବ? ଏହା କଅଣ…ତଥାପି ଏକ ପ୍ରଶ୍ନ ରହିଛି, କଅଣ ଆପଣଙ୍କର ନୁହେଁ କି? ଠିକ୍ ଅଛି:

### 111. "ପରଭାଷାରେ କଥା କହିବା" କଅଣ ଅଟେ?

70 ପରଭାଷାରେ କଥା କହିବା ଆଉ କିଛି ନୁହେଁ ବରଂ କେବଳ ପବିତ୍ରଆତ୍ମାଙ୍କର ବାପ୍ତିସ୍ମ ଅଟେ ଯାହାକି ଆପଣଙ୍କୁ ଧାର୍ମିକ ଗଣିତ କରିଥିଲା ଏବଂ ପବିତ୍ରୀକୃତ କରିଥିଲା। ଏହା ଏତେ ପରିପୂର୍ଣ୍ଣ ଅଟେ! ବର୍ତ୍ତମାନ, ମୁଁ ଚାହିଁଅଛି…ମୁଁ ଏହି ପ୍ରଶ୍ନ ଚାହିଁଥିଲି। ପରମେଶ୍ୱର ଜାଣନ୍ତି ଯେ ମୁଁ ଏହା କଦାପି ଜାଣି ନ ଥିଲି ଯେ ସେହି ବ୍ୟକ୍ତି ତାହା ପଚାରିବାକୁ, ଉତ୍ତର ଦେବାକୁ…କିମ୍ବା ପଚାରିବାକୁ ଯାଉଥିଲେ।

71 ତେବେ, କଅଣ ଏହା ଏତେ ଅଧିକ…ଯଦି ତାହା ଏଠାରେ ଅତ୍ୟଧିକ ଗରମ ହୁଏ, ଯଦି ଆପଣ ନିଦ୍ରିତ କିମ୍ବା ସେପରି କିଛି ଅନୁଭବ କରନ୍ତି ତାହାହେଲେ ସେହି କବାଟକୁ ଖୋଲି ଦିଅନ୍ତୁ। ମୁଁ ଚାହେଁ ଯେ ଆପଣ ଏହାକୁ ଭଲ ଭାବରେ ଏବଂ ଉତ୍ତମ ଭାବେ ବୁଝି ନିଅନ୍ତୁ। କାରଣ ଏହା—ଏହା ପ୍ରକୃତରେ ଟିକିଏ ଗରମ ଅଛି, ହୁଏତ ଆପଣଙ୍କୁ ନିଦ୍ରିତ ଅନୁଭବ କରାଇପାରେ।

72 ତେବେ ଧ୍ୟାନ ଦିଅନ୍ତୁ, ଏହାକୁ ଧ୍ୟାନ ଦିଅନ୍ତୁ: ଧାର୍ମିକ ଗଣିତ ହେବା, ପବିତ୍ରୀକୃତ ହେବା, ପବିତ୍ରଆତ୍ମାଙ୍କ ବାପ୍ତିସ୍ମ।

73 ତେବେ ଏଠାରେ ଦେଖନ୍ତୁ, ଏଠାରେ ତାହା ଅଛି। ମୋତେ ଏହାକୁ ବର୍ଣ୍ଣନା କରିବାକୁ ଦିଅନ୍ତୁ। ତେବେ, ମୁଁ ଏଠାରେ ତଳେ ଅଛି, ମୁଁ ଜଣେ ପାପୀ ଅଟେ, ମୁଁ *ଏହି* ପଥରେ ଚାଲୁଅଛି। ଥରେ, କିଛି ସମୟ ପରେ, କିଛି ଗୋଟାଏ ମୋ ସହିତ କଥା କୁହେ। ଏବଂ ମୋତେ ପରମେଶ୍ୱରଙ୍କ ବ୍ୟତୀତ ଆଉ କିଛି ବିଷୟ ବଦଳାଇପାରେ ନାହିଁ। କଅଣ ତାହା ଠିକ୍ ଅଟେ? ମୁଁ *ଏହି* ପଥରେ ବୁଲି ପଡ଼ିଛି। ତେବେ, ଯେତେବେଳେ ମୁଁ ବୁଲି ପଡିଲି, ତାହା ମୋର ଧାର୍ମିକ ଗଣନା ହେବା ଅଟେ। କଅଣ ତାହା ଠିକ୍ ଅଟେ? ତେବେ, ସେହି ଚିତ୍ରଟି ହେଉଛି ମୋର ଯିବାର ବସ୍ତୁ, ଦେଖନ୍ତୁ, ଖ୍ରୀଷ୍ଟଙ୍କ ଚିତ୍ର ଅଟେ।

74 ତେବେ ମୁଁ ଏପରି ଏକ ସ୍ଥାନକୁ ଚାହେଁ ଯେଉଁଠାରେକି ମୁଁ ତାହାଙ୍କ ଆଖପାଖରେ ଭଲ ଅନୁଭବ କରିପାରେ। ଦେଖନ୍ତୁ, ମୁଁ ଧାର୍ମିକ ଗଣା ଯାଇଅଛି। ବର୍ତ୍ତମାନ ମୁଁ *ଏଠାରେ* ଏହି ପ୍ରବସ୍ଥାକୁ ଆସେ ଯେଉଁଠାରେକି ମୁଁ ତାହାଙ୍କ ସହିତ କଥାବାର୍ତ୍ତା ହୋଇପାରେ, କାରଣ...ମୁଁ ଏବେ ମଧ୍ୟ ନିଜ ପାଇଁ ଲଜ୍ଜିତ ଅଟେ। ମୁଁ ଏବେ ମଧ୍ୟ ଧୂମପାନ କରେ, ମୁଁ ଏବେ ମଧ୍ୟ ମିଛ କୁହେ, ଲୁଚି ଛପି ଛୋଟ ଛୋଟ ବିଷୟସବୁ କରେ ଯାହା ମୋତେ କରିବା ଉଚିତ୍ ନୁହେଁ, ଏବଂ ସବୁ ସମୟରେ ମୋର *ଉତ୍ଥାନ* ଏବଂ *ପତନ*, *ଉତ୍ଥାନ* ଏବଂ *ପତନ* ରହିଥାଏ, କିନ୍ତୁ ମୁଁ ଚାହେଁ ଯେ ସେ ମୋତେ ସେହି ସମସ୍ତ ବିଷୟଠାରୁ ପରିଷ୍କାର କରନ୍ତୁ ଯେପରିକି ମୁଁ ପ୍ରକୃତରେ ତାହାଙ୍କ ନିକଟକୁ ଯାଇପାରେ ଓ ତାହାଙ୍କ ସହିତ କଥାବାର୍ତ୍ତା କରିପାରେ। ବୁଝିଲେ? ଠିକ ଅଛି, ଏଠାରେ ତାହା ଅଟେ, ଏହା ପବିତ୍ରୀ-...ପବିତ୍ରୀକରଣର ପ୍ରବସ୍ଥା ଅଟେ। ତେବେ, ଏହା କଅଣ କରିଥିଲା? ମୋତେ ସଳଖ କରିଥିଲା। ବୁଝିଲେ?

75 ବର୍ତ୍ତମାନ ମୁଁ ପବିତ୍ରଆତ୍ମାଙ୍କ ନିକଟକୁ ଯାଉଅଛି। ବୁଝିଲେ? ଏବଂ ଯେତେବେଳେ ମୁଁ *ଏଠାରେ* ଭିତରକୁ ଆସିଯାଏ ସେତେବେଳେ ମୁଁ ଏକ ବାପ୍ତିସ୍ମ ଦ୍ୱାରା ପବିତ୍ରଆତ୍ମାରେ ରହିଥାଏ। କଅଣ ତାହା ଠିକ୍ କି? ପବିତ୍ରଆତ୍ମା କଅଣ କରନ୍ତି? ଏହା ମୋତେ ଶକ୍ତି ପ୍ରଦାନ କରନ୍ତି। ଏକ ପ୍ରଚାରକ ହେବା ପାଇଁ ଶକ୍ତି, ଏକ ଗାୟକ ହେବା ପାଇଁ ଶକ୍ତି, ପରଭାଷାରେ କଥା କହିବା ପାଇଁ ଶକ୍ତି, ପରଭାଷାକୁ ବ୍ୟାଖ୍ୟା କରିବା ପାଇଁ ଶକ୍ତି ପ୍ରଦାନ କରନ୍ତି। ଏହା ଶକ୍ତିରେ ପରିପୂର୍ଣ୍ଣ ଅଟେ, କାରଣ ପବିତ୍ରଆତ୍ମା ପରମେଶ୍ୱରଙ୍କ ଶକ୍ତି ଅଟନ୍ତି। ଏବଂ ଏହା ପରମେଶ୍ୱରଙ୍କ ଶକ୍ତି ହିଁ ଥିଲା ଯାହାକି ମୋତେ ଘୁରାଇ ଦେଇଥିଲା। ଏହା ପରମେଶ୍ୱରଙ୍କ ଶକ୍ତି ହିଁ ଥିଲା ଯାହାକି ମୋତେ ପବିତ୍ରୀକୃତ କରିଥିଲା। ବର୍ତ୍ତମାନ ଏହା ପରମେଶ୍ୱରଙ୍କ ଶକ୍ତି ହିଁ ଅଟେ ଯାହାକି ମୋତେ ପରିପୂର୍ଣ୍ଣ କରିଅଛି।

76 ତେବେ, ଏକ ନିର୍ଦ୍ଦିଷ୍ଟ ଉପଲକ୍ଷରେ, ମୁଁ ଏଠାରେ ଛିଡା ହୋଇଅଛି ଏବଂ ମୁଁ କିଛି କହିବାକୁ ଚେଷ୍ଟା କରୁଅଛି ଏବଂ ପରମେଶ୍ୱରଙ୍କ ଶକ୍ତି ମୋ ଉପରେ ଏତେ ମହାନ ଭାବରେ ଓହ୍ଲାଇ ଆସନ୍ତି ଯେ ମୁଁ ଆଉ କିଛି କଥା କହିପାରେ ନାହିଁ। ବୁଝିଲେ? ଏବଂ ମୁଁ ଖନେଇ ଖନେଇ କଥା

କହିବାକୁ ଆରମ୍ଭ କରେ । ଯେପରିକି ମୁଁ କହିବାକୁ ଯାଉଥିଲି, "ଭାଇମାନେ," ଠିକ ଏହିପରି ଭାବରେ ଛିଡା ହୋଇ ।

77 ଏଠାରେ ତାହା ଅଟେ, ମୁଁ ଏହାକୁ ଏହି ଉପାୟରେ ବର୍ଣ୍ଣନା କରିବାକୁ ଯାଉଅଛି । ମୁଁ ଆପଣ ଭାଇମାନଙ୍କ ସହିତ କଥାବାର୍ତ୍ତା କରିବାକୁ ଯାଉଅଛି ଯେପରିକି ଆପଣମାନେ ଏହାକୁ ବୁଝିବାରେ ସୁନିଶ୍ଚିତ ହେବେ । "ଭାଇ, ଆପଣ କିପରି—କିପରି—କିପରି ଅଛନ୍ତି?" ଦେଖନ୍ତୁ, ମୁଁ ତଥାପି ଦୋଷୀ ଅଟେ । "ଉଃ, ମୁଁ—ମୁଁ ନିଶ୍ଚିତରେ ଆନନ୍ଦିତ ଅଟେ ଯେ ମୁଁ—ଯେ ମୁଁ ଏବେ ସୁଦ୍ଧା ଆପଣମାନଙ୍କ ମଧ୍ୟରୁ ଜଣେ ଅଟେ । ମୁଁ—ମୁଁ—ମୁଁ ବହୁତ ଆନନ୍ଦିତ ଅଟେ, ଆପଣ ଦେଖନ୍ତୁ ।" ଠିକ୍ ଅଛି । ତେବେ, କିଛି ସମୟ ପରେ, କଅଣ? ମୁଁ ଜାଣେ ଯେ ଆପଣ ଠିକ ମୋ ଆଡକୁ ଅନାଉ ଅଛନ୍ତି ଏବଂ ଜାଣନ୍ତି ଯେ ମୁଁ ତଥାପି ସେହି ବିଷୟଗୁଡିକ କରୁଅଛି, ଏବେ ମଧ୍ୟ ଏପରି କାର୍ଯ୍ୟଗୁଡିକ କରୁଅଛି ଯେଉଁଥିରେକି ଜଗତର ମନ୍ଦତା ରହିଅଛି ।

78 କିଛି ସମୟ ପରେ ମୁଁ ପରିଷ୍କାର ହୋଇଯାଏ । ତେବେ କିଛି ଗୋଟାଏ ଘଟିଲା, ମୁଁ ପବିତ୍ରୀକୃତ ହୋଇଅଛି । ମୁଁ ଠିକ ଆପଣଙ୍କ ମୁଖକୁ ଚାହିଁପାରେ, ମୁଁ ଆପଣମାନଙ୍କ ମଧ୍ୟରୁ ଜଣେ ଅଟେ । ବୁଝିଲେ? "ଠିକ ଅଛି, ଭାଇ । ପରମେଶ୍ୱରଙ୍କର ପ୍ରଶଂସା ହେଉ! ମୁଁ ଏହି ପବିତ୍ରଆତ୍ମା ଗୋଷ୍ଠୀରେ ରହିଥିବାରୁ ଖୁସି ଅଟେ । ମୁଁ ଆପଣ ପବିତ୍ର ଭାଇମାନଙ୍କ ମଧ୍ୟରେ ଥିବାରୁ ଆନନ୍ଦିତ ଅଟେ ।" କାହିଁକି? ମୋ ଉପରେ ଆପଣ ଆଙ୍ଗୁଠି ରଖିପାରନ୍ତି ନାହିଁ, ମୁଁ ପରିଷ୍କୃତ ହୋଇଅଛି । ମାତ୍ର ବର୍ତ୍ତମାନ ପରମେଶ୍ୱର ମୋତେ ସେବାରେ ରଖିବାକୁ ଯାଉଛନ୍ତି । ବର୍ତ୍ତମାନ, ହଁ, ଆଜ୍ଞା!

79 "ଭାଇ ବ୍ରାନହାମ୍, କଅଣ ଆପଣ ଧାର୍ମିକ ଗଣିତ ହୋଇଅଛନ୍ତି କି?"

80 "ହଁ! ମୋର ମନେ ଅଛି ଯେତେବେଳେ ମୁଁ ଆପଣଙ୍କୁ ବଡ଼ କଷ୍ଟରେ ସୁଦ୍ଧା ଚାହିଁ ପାରୁ ନ ଥିଲି । ଭାଇ, ବର୍ତ୍ତମାନ ମୁଁ ଆପଣଙ୍କୁ ମୁଖାମୁଖୀ ଦେଖିପାରେ ।"

81 ଦେଖନ୍ତୁ, ଆମେମାନେ ଏଠାରେ ଅଛୁ । ତେବେ, ଏହି ଅନ୍ୟଟି କଅଣ ଅଟେ? ବର୍ତ୍ତମାନ ମୁଁ ଯାଉଅଛି… *ଏହାକୁ* ପରିଷ୍କାର କରାଯାଇଅଛି ଏବଂ ସେବା *ପାଇଁ* ପୃଥକ ରଖା ଯାଇଅଛି, ଏବଂ *ଏହା* ସେବା *ଭିତରକୁ* ଅଣା ଯାଉଅଛି । ତେବେ ଆମେ ସମସ୍ତେ ଜାଣୁ ଯେସେହି *ପବିତ୍ରୀକରଣ* ଶବ୍ଦ ଏକ ଗ୍ରୀକ୍ ଶବ୍ଦ ଅଟେ, ଏକ ଯୁଗ୍ମ ଗ୍ରୀକ୍ ଶବ୍ଦ ଯାହାର ଅର୍ଥ "ପରିଷ୍କୃତ କରାଯାଇ, ସେବା ପାଇଁ ପୃଥକ ରଖା ଯାଇଅଛି ।" ପାତ୍ରଗୁଡିକ ସଫା କରାଯାଇଥିଲା ଏବଂ ବେଦୀ ପାର୍ଶ୍ୱରେ, ଏବଂ ଯଜ୍ଞବେଦୀ ଦ୍ୱାରା ପବିତ୍ରୀକୃତ କରାଯାଇ ସେବା *ନିମନ୍ତେ* ପୃଥକ ରଖା ଯାଇଥିଲା । କିନ୍ତୁ ସେବାରେ ରହିବା ହେଉଛି ପରିପୂର୍ଣ୍ଣ କରାଯିବା ଏବଂ ସେବା ଉପଯୋଗୀରେ ବ୍ୟବହାର କରାଯିବା ।

82 ତେବେ, ମୁଁ ଏଠାକୁ ଯାଏ ଏବଂ ବର୍ତ୍ତମାନ ମୁଁ ସେବା *କୁ* ଆସୁଅଛି । ତେବେ, ଏହା ପରମେଶ୍ୱର ହିଁ ଥିଲେ ଯିଏକି ମୋତେ ଘୁରାଇ ଥିଲେ, କହିଥିଲେ, "ମୋ କଥା ଶୁଣ । ମୋ କଥା ଶୁଣ! ମୋ କଥା ଶୁଣ!" ଏବଂ ସେ କହିଲେ…

83 କଅଣ ଆପଣ ତାହା ବୁଝୁଛନ୍ତି ଯାହା ମୋର କହିବାର ଅର୍ଥ ଅଟେ? ଦେଖନ୍ତୁ? ଏବଂ ଏଠାରେ, [ଭାଇ ବ୍ରାନହାମ୍ କାହାରିକୁ ପରଭାଷାରେ କଥା କହିବା ବିଷୟ ବୁଝାଉଛନ୍ତି—ସମ୍ପା।]…?…ଦେଖନ୍ତୁ, ଏଠାରେ, ଆପଣ ଏତେ ଅଧିକ ପରିପୂର୍ଣ୍ଣ ଅଟନ୍ତି ଯେ ଆପଣ… ଏହାହିଁ ତାହା ଅଟେ। ସେଠାରେ ଆପଣ ଅଛନ୍ତି, ତାହାହିଁ ପରଭାଷାରେ କଥା କହିବା ଅଟେ।

84 ଏବଂ ବର୍ତ୍ତମାନ ମୁଁ ଏହାକୁ ବିଶ୍ୱାସ କରେ: ମୁଁ ବିଶ୍ୱାସ କରେ ନାହିଁ ଯେ ପରଭାଷାରେ କଥା କହିବା ପବିତ୍ରଆତ୍ମାଙ୍କର କୌଣସି ପ୍ରମାଣ ଅଟେ। ଏହା ନୁହେଁ! କାରଣ ମୁଁ ଯାଦୁକରୀ, ଭୂତୁଡିଆ, ସାପୁ-ଆ, ଦୁଷ୍ଟାତ୍ମାଗୁଡିକୁ, ଅନ୍ୟ ସମସ୍ତକିଛି ବିଷୟକୁ ପରଭାଷାରେ କଥା କହୁଥିବାର ଦେଖିଅଛି, ଏବଂ ଏହା ପରମେଶ୍ୱରଙ୍କର କୌଣସି ଏକ ଅମୋଘ କାର୍ଯ୍ୟ ନୁହେଁ (ଯେତେବେଳେ ଆପଣ ପରଭାଷାରେ କଥାବାର୍ତ୍ତା କରନ୍ତି) ଯେ ଆପଣ ପବିତ୍ରଆତ୍ମା ପାଇଛନ୍ତି। କିନ୍ତୁ, ମନେରଖନ୍ତୁ, ପବିତ୍ରଆତ୍ମା ପରଭାଷାରେ କଥାବାର୍ତ୍ତା କରନ୍ତି ଏବଂ ଶୟତାନ ଏହାକୁ ନକଲ କରିପାରେ।

85 ସେହି—ସେହି ପ୍ରମାଣ ଯେ ଆପଣ ପବିତ୍ରଆତ୍ମା ପାଇଅଛନ୍ତି ତାହା ହେଲା ସେହି ଜୀବନ ଯାହା ଆପଣ ଅତିବାହିତ କରନ୍ତି, ଦେଖନ୍ତୁ, "ସେମାନଙ୍କର ଫଳ ଦ୍ୱାରା ତୁମେ ସେମାନଙ୍କୁ ଚିହ୍ନିବ।" ଏବଂ ଆତ୍ମାଙ୍କର ଫଳ (ଶାସ୍ତ୍ରର କୌଣସି ସ୍ଥାନରେ ମିଳେ ନାହିଁ) ପରଭାଷାରେ କଥା କହିବା ନୁହେଁ। ଆତ୍ମାର ଫଳ ହେଉଛି ପ୍ରେମ, ଆନନ୍ଦ, ବିଶ୍ୱାସ, ଦୀର୍ଘସହିଷ୍ଣୁତା, ଉତ୍ତମତା, ନମ୍ରତା, ଭଦ୍ରତା, ଧୈର୍ଯ୍ୟ। ଦେଖନ୍ତୁ, ତେବେ, ତାହା ହେଉଛି ଫଳ। ତାହାହିଁ ଅଟେ ଯାହାକି ଆପଣ ଗଛରେ ଦେଖନ୍ତି ଏହା କହିବାକୁ ଯେ ତାହା କେଉଁ ପ୍ରକାରର ଗଛ ଅଟେ। ବୁଝିଲେ?

86 ତାହାହିଁ ଅଟେ ଯାହାକି ଆପଣ ପ୍ରଚାରକମାନଙ୍କ ଆଡକୁ, ଏବଂ ଆପଣ ଦୀକନ୍‌ମାନଙ୍କ ଆଡକୁ, ଏବଂ ଆପଣ ଟ୍ରଷ୍ଟିମାନଙ୍କୁ, ଏବଂ ଆପଣ ସୁସମାଚାର ପ୍ରଚାରକଙ୍କୁ ପୁରୁଷମାନେ ଦେଖୁଛନ୍ତି। ଆପଣ ଦିନସାରା ଏଠାରେ ଏହି ରାସ୍ତାରେ ପରଭାଷାରେ କଥା କହିପାରନ୍ତି, ସେମାନେ ଆପଣଙ୍କୁ କଦାପି ବିଶ୍ୱାସ କରିବେ ନାହିଁ। ମାତ୍ର ଆପଣ ଯାହା ବିଷୟରେ କହୁଛନ୍ତି ଆପଣ ତାହା ଜୀବନ ଯାପନ କରନ୍ତୁ, ଆପଣ ମାଧୁର୍ଯ୍ୟତା ଦେଖାନ୍ତୁ, ଏବଂ ତିକ୍ତତାର ସମସ୍ତ ମୂଳ ଆପଣଙ୍କଠାରୁ ଦୂର କରି ଦିଅନ୍ତୁ, ତାହାପରେ ଯାଇ ମଣିଷ ଅନୁଭବ କରିବ ଯେ ସେଠାରେ କିଛି ଗୋଟାଏ ବିଷୟ ଅଛି।

87 "ପରଭାଷାରେ କଥା କହିବା।" ତେବେ, ମୁଁ ଏହା ବିଶ୍ୱାସ କରେ, ଯେ ଅନ୍ୟ କୌଣସି ସମୟରେ, ଯେ ଜଣେ ଆତ୍ମାରେ-ପରିପୂର୍ଣ୍ଣ ବ୍ୟକ୍ତି ଯିଏକି ପରାମେଶ୍ୱରଙ୍କ ବେଦୀ ତଳେ ରହିଥାନ୍ତି ସେ ପରଭାଷାରେ କଥା କହିବେ। କିନ୍ତୁ ମୁଁ ଅନେକ ଲୋକମାନଙ୍କୁ ପରଭାଷାରେ କଥା କହୁଥିବାର ଦେଖିଛି ଯେଉଁମାନେକି ପରମେଶ୍ୱରଙ୍କ ବିଷୟରେ କେବେବି କିଛି ଜାଣି ନାହାଁନ୍ତି। ବୁଝିଲେ? ସେମାନେ ତାହାଙ୍କ ବିଷୟରେ ଆଦୌ କିଛି ଜାଣି ନ ଥିଲେ, ଏବଂ

ସେମାନେ ତଥାପି ପରଭାଷାରେ କଥା କୁହନ୍ତି । ସେହି ବରଦାନଗୁଡ଼ିକ ମଧ୍ୟରୁ ଯେକୌଣସି ଟା ବି ନକଲ କରାଯାଇପାରେ । ବୁଝିଲେ?

88 ମାତ୍ର ଆତ୍ମାର ଫଳ ପ୍ରମାଣ କରେ ଯେ ଭିତରେ କେଉଁ ଆତ୍ମା ଅଛି, ଆପଣ ଯୀଶୁ ଖ୍ରୀଷ୍ଟଙ୍କ ଜୀବନର ସାକ୍ଷ୍ୟ ବହନ କରନ୍ତି । କାରଣ ଯଦି ସେଉ ଗଛ ଭିତରେ ପୀଚ୍ ଫଳ ଗଛର ରସ ଥାଏ, ତେବେ ଏହା ସୁନିଶ୍ଚିତ ଭାବରେ ପୀଚ୍ ଫଳ ହିଁ ଫଳିବ । ତାହା ଠିକ୍ ଅଟେ । ଦେଖନ୍ତୁ, କାରଣ ଏହା ହେଉଛି ସେହି ଜୀବନ ଯାହାକି ଭିତରେ ରହିଥାଏ ।

89 ତେବେ, ତାହା ସେହି ସମାନ ବିଷୟ ଏଠାରେ ଅଟେ । ମାତ୍ର ବର୍ତ୍ତମାନ, ଯେପରିକି ମୁଁ ଏହାକୁ ଆପଣ ସମସ୍ତଙ୍କ ନିକଟରେ ପହଞ୍ଚାଇ ପାରିବି, ଯାହା ଦ୍ୱାରା ଆମେ ସମସ୍ତେ ସେହି ସମାନ କଥାକୁ ଜାଣିପାରିବା । ମୁଁ ବିଶ୍ୱାସ କରେ ଯେ ଜଣେ ଆତ୍ମାରେ-ପରିପୂର୍ଣ୍ଣ ବ୍ୟକ୍ତି ଯିଏକି...ତେବେ ସେ ବାପ୍ତିସ୍ମ ଦ୍ୱାରା ଖ୍ରୀଷ୍ଟଙ୍କ ନିକଟକୁ ଆସନ୍ତି, ଏବଂ କେବଳ...ତାହା ନୁହେଁ...ପରଭାଷାରେ କଥା କହିବା ବାପ୍ତିସ୍ମର ଏକ ପ୍ରମାଣ ନୁହେଁ । ବୁଝିଲେ?

90 ଏକ ବାପ୍ତିସ୍ମ, ଆପଣ ଶୟତାନର ଶକ୍ତିରେ ବାପ୍ତିଜିତ ହୋଇପାରିବେ, ଆଉ ଶୟତାନର ପ୍ରତାରଣାମୂଳକ ଆତ୍ମାର ବାପ୍ତିସ୍ମରେ ପରଭାଷାରେ କଥା କହିପାରିବେ । କେତେ ଥର ଆମେମାନେ ତାହା ହୋଇଥିବାର ଦେଖିଅଛୁ? କେତେ ଥର ମୁଁ ତାହା ହୋଇଥିବାର ଦେଖିଅଛି?

91 ମୁଁ ତ ଏପରିକି ସେମାନଙ୍କୁ ମଣିଷର ଖପୁରୀରୁ ରକ୍ତ ପିଇବାର ଏବଂ ପରଭାଷାରେ କଥା ହେଉଥିବାର ଜାଣିଅଛି ।

92 ମୁଁ ତ ମରୁଭୂମିରେ ସେହି ସର୍ପ-ନର୍ତ୍ତକମାନଙ୍କୁ ଦେଖିଅଛି ଯେତେବେଳେ ସେମାନେ ଏହି ବଡ଼ ସାପକୁ ସେମାନଙ୍କ ଚାରିପାଖରେ ଗୁଡ଼ାଇଥାନ୍ତି ଏବଂ କଥା ହେବାକୁ ଯାଆନ୍ତି । ସେହି ଯାଦୁକର ସେହିପରି ଭାବରେ ବାହାରକୁ ଆସେ, ଏବଂ ସେମାନେ ପରଭାଷାରେ କଥା କୁହନ୍ତି ଏବଂ ତାହାର ବ୍ୟାଖ୍ୟା କରନ୍ତି ।

93 ମୁଁ ସେମାନଙ୍କ ଯାଦୁକରୀ ଶିବିରକୁ ଯାଇଅଛି ଯେଉଁଠାରେକି ସେମାନେ ସେହିପରି ଭାବରେ ଏକ ପେନ୍ସିଲ୍‌କୁ ରଖି ଦିଅନ୍ତି, ଏବଂ ଏହିପରି ଏକ ପୁସ୍ତକକୁ ତଳେ ରଖିଦିଅନ୍ତି, ଏବଂ ଗୋଟିଏ ପେନ୍ସିଲ୍ ସେହି ଷ୍ଟୋଭାଇପ୍‌ର ଉପରକୁ ଓ ତଳକୁ ଯାଏ, ଏବଂ ବାଜିଥାଏ, *"ଦାଢ଼ୀ କାଟିବା ଏବଂ କେଶ କାଟିବା, ଦୁଇଟି ବିଷୟ,"* ଏବଂ ପରଭାଷାରେ ଲେଖିଥାଏ, ଏବଂ ସେହି ଯାଦୁକର ଏହାକୁ ବ୍ୟାଖ୍ୟା କରେ ଏବଂ ଅବିକଳ ତାହା କୁହେ ଯାହା ଘଟିଥିଲା । ମୁଁ—ମୁଁ ତାହା ନିଜେ ଜାଣିଛି । ବୁଝିଲେ? ତେଣୁକରି ମୁଁ...ଦେଖନ୍ତୁ, ଆପଣ କରିପାରନ୍ତି ନାହିଁ...

94 ପାଉଲ କହିଲେ, "ଯେଉଁଠାରେ ପରଭାଷା ଅଛି, ସେମାନେ କ୍ଷାନ୍ତ ହୋଇଯିବେ । ଯେଉଁଠାରେ ଭବିଷ୍ୟଦ୍‌ବାଣୀ ଅଛି, ଏହା ବିଫଳ ହୋଇଯିବ । ଯେଉଁଠାରେ ଏହି ସମସ୍ତ ବରଦାନଗୁଡିକ ଅଛି, ସେଗୁଡିକ ଶୀଘ୍ର ସମାପ୍ତ ହୋଇଯିବ ।" (ଆମେ ଟିକିଏ ପରେ ସେହି ପ୍ରଶ୍ନ ପାଇଛୁ ।) "ମାତ୍ର ଯେତେବେଳେ ସେହି ସିଦ୍ଧ ବିଷୟ ଆସେ, ଯାହା ଆଂଶିକ ଅଟେ ତାହା

ଲୋପ ପାଇଯାଏ।" ବୁଝିଲେ? ତେଣୁ ଭାଇମାନେ, ଆମେମାନେ ସେହି ସିଦ୍ଧ ବିଷୟ ଚାହୁଁ। ଦେଖନ୍ତୁ? ଆମେମାନେ ବହୁତ ଅଧିକ ନକଲି ବିଷୟ ଦେଖିଅଛୁ ଏବଂ ଏହାକୁ ଭୁଲ୍ ବ୍ୟାଖ୍ୟା ଦେଇଅଛୁ।

95 ଏବଂ କେବେବି କୌଣସି ବ୍ୟକ୍ତିର ସମ୍ମୁଖୀନ ହୁଅନ୍ତୁ ନାହିଁ ଏବଂ—ଏବଂ ବିଶ୍ୱାସ କରନ୍ତୁ ନାହିଁ ଯେ ସେମାନେ ପବିତ୍ରଆତ୍ମା ପାଇଛନ୍ତି କାରଣ ସେମାନେ ପରଭାଷାରେ କଥା କହିଥିଲେ। ବୁଝିଲେ? ମାତ୍ର ସେମାନଙ୍କର ଫଳ ଧାରଣ କରିଥିବା ହେତୁ ଆପଣ ବିଶ୍ୱାସ କରନ୍ତି ଯେ ସେମାନେ ପବିତ୍ରଆତ୍ମା ପାଇଛନ୍ତି, କାରଣ ଯୀଶୁ କହିଥିଲେ, "ସେମାନଙ୍କର ଫଳ ଦ୍ୱାରା ତୁମେ ସେମାନଙ୍କୁ ଚିହ୍ନିବ।" ଦେଖନ୍ତୁ? ତାହା ଠିକ୍, "ସେମାନଙ୍କର ଫଳ ଦ୍ୱାରା।"

96 ତେବେ, ମାତ୍ର ବର୍ତ୍ତମାନ, ମୁଁ ବର୍ତ୍ତମାନ ସେହି ବିଷୟଠାରୁ ଦୂରେଇ ନ ଯାଏ, କାରଣ ପରମେଶ୍ୱର ଦେଇଥିବା ଏକ ମହାନ ବରଦାନକୁ ମୁଁ ଅନାଦର କରିବାକୁ ଚାହେଁ ନାହିଁ। ବୁଝିଲେ? ଏବଂ ମୁଁ ବିଶ୍ୱାସ କରେ ଯେ ଆତ୍ମାରେ-ପରିପୂର୍ଣ୍ଣ ଜଣେ ପୁରୁଷ କିମ୍ୱା ସ୍ତ୍ରୀ, କିମ୍ୱା ଏକ ଶିଶୁ, ଯିଏକି ପରମେଶ୍ୱରଙ୍କ ବେଦୀ ତଳେ ବାସ କରନ୍ତି, ସେପର୍ଯ୍ୟନ୍ତ ସେଠାରେ ଅଧିକ ସମୟ ବାସ କରିବେ ନାହିଁ ଯେପର୍ଯ୍ୟନ୍ତକି ସେମାନେ ପରଭାଷାରେ କଥା ନ କହିବେ। ବୁଝିଲେ? ମୁଁ ବିଶ୍ୱାସ କରେ ଯେ ସେହି ପୁରୁଷ ଏହା କରିବେ, କିମ୍ୱା ସେହି ସ୍ତ୍ରୀ।

97 ବର୍ତ୍ତମାନ, ଆପଣ ପବିତ୍ରଆତ୍ମା ଗ୍ରହଣ କରିପାରନ୍ତି ଏବଂ ହୋଇପାରେ ଯେ ଆପଣ ଯେତେବେଳେ ଏହା ପାଇଥିଲେ ସେତେବେଳେ ଆପଣ ପରଭାଷାରେ କଥା କହି ନ ଥିଲେ। ବୁଝିଲେ? ମାତ୍ର ଯଦି ଆପଣ ସବୁ ସମୟରେ ପରମେଶ୍ୱରଙ୍କ ସମ୍ମୁଖରେ ନିରନ୍ତର ରହିଥିବେ, ଏବଂ ବାପ୍ତିସ୍ମ ପରେ ବାପ୍ତିସ୍ମ ଆପଣଙ୍କୁ ଆଘାତ କରୁଥିବ, ତେବେ କିଛି ଗୋଟାଏ ଘଟିବାକୁ ଯାଉଅଛି। ବୁଝିଲେ? କୌଣସି ଦିନେ ଆପଣ ଏତେ ଅଧିକ ପରିପୂର୍ଣ୍ଣ ହୋଇଯିବେ ଯେ ଏପରିକି ଆପଣ ଆଉ କିଛି କଥା କହିପାରିବେ ନାହିଁ; ଦେଖନ୍ତୁ, ଆପଣ—ଆପଣ—ଆପଣ କିଛି କହିବାକୁ ଚେଷ୍ଟା କରିବେ, ଆପଣ ଏହାକୁ ଆଉ ଅଧିକ କହିପାରିବେ ନାହିଁ, ଏବଂ ଆପଣ ଏହା କହି ହିଁ ପାରିବେ ନାହିଁ। ଏବଂ ଅନେକ ଥର ଯଦି ଲୋକମାନେ ଏହା ଅନୁଭବ କରିବେ ଯେ ତାହା ପବିତ୍ରଆତ୍ମା ଥିଲେ ତେବେ ସେମାନେ ଆଗକୁ ବଢିବେ ଓ କେବଳ ନିଜର ହୃଦୟକୁ ଖୋଲି ଦେବେ ଓ ପରମେଶ୍ୱରଙ୍କୁ ସେମାନଙ୍କ ସହ କଥା ହେବା ପାଇଁ ଦେବେ।

98 ବାଇବଲ କୁହେ, "ବିଦେଶୀୟ ଓଷ୍ଠାଧରରେ ଏବଂ ଅନ୍ୟାନ୍ୟ ଭାଷାରେ ମୁଁ ଏହି ଲୋକମାନଙ୍କୁ କଥା କହିବି।" ଯିଶାଇୟ ୨୮, ଦେଖନ୍ତୁ, ୨୮:୧୧। ତେବେ, "ବିଦେଶୀୟ ଓଷ୍ଠାଧରରେ ଏବଂ ଅନ୍ୟାନ୍ୟ ଭାଷାରେ ମୁଁ କଥା କହିବି।"

99 ଏକ "ବିଦେଶୀୟ ଓଷ୍ଠାଧର" କଅଣ ଅଟେ? ଏପରି କେହି ଯିଏକି ସରଳ କଥା କହିପାରେ ନାହିଁ, କହିବାକୁ ଯାଏ, "ହୁଃ, ଉଃ, ଉଃ, ହୁଃ, ଉଃ, ହୁଃ, ଉଃ, ହୁଃ।" ଆପଣ କେବଳ... ଆପଣ ଖନେଇ ହୁଅନ୍ତି, କେବଳ ଚେଷ୍ଟା କରୁଥାନ୍ତି, "ହୁଃ, ଉଃ, ହୁଃ।" ଦେଖନ୍ତୁ, ଆତ୍ମାରେ କେବଳ ଏତେ ଅଧିକ ପରିପୂର୍ଣ୍ଣ ହୋଇଥାନ୍ତି! ସେ କହିବାକୁ ଚେଷ୍ଟା କରୁଥାନ୍ତି...ଯେପରିକି ମୁଁ

କହିବାକୁ ଯାଉଥିଲି, "ଭାଇ ଜା-ଜ୍ୟାକ୍-...ଜା-...ଭାଇଆ ଜ୍ୟାକ୍-...ଭାଇ ଜା-ଜା-ଜ୍ୟାକ୍-ଜ୍ୟାକ୍-ଜ୍ୟାକସନ୍।" ଦେଖନ୍ତୁ, ଏହା ସେହିପରି ଭାବରେ, ଆପଣ କହିବାକୁ ଚେଷ୍ଟା କରୁଥାନ୍ତି, ଆପଣ ଏହାକୁ କହିପାରନ୍ତି ନାହିଁ। ଦେଖନ୍ତୁ, ତାହା, ଆତ୍ମାରେ ଏତେ ପରିପୂର୍ଣ୍ଣ ହୋଇଥାନ୍ତି! ଏହା...

100 ମୁଁ ଆପଣ ଭାଇମାନଙ୍କୁ ପଚାରିବାକୁ ଚାହେଁ, କଅଣ ଆପଣ କେବେ ଅନୁଭବ କରିଛନ୍ତି ଯେ ପବିତ୍ରଆତ୍ମା ଆପଣଙ୍କୁ ଏତେ ଭୟଙ୍କର ଭାବେ ଦୋହଲାଇ ଦିଅନ୍ତି ଯେ ଆପଣ କିଛି କହିପାରନ୍ତି ନାହିଁ, କେବଳ କିଛି ସମୟ ଚୁପ୍ ହୋଇ ବସି ରହିଥାନ୍ତି, କେବଳ ସେଠାରେ ବସି କାନ୍ଦିଥାଆନ୍ତି? କଅଣ ଆପଣ ତାହା କରିଛନ୍ତି କି? ତେବେ, ତାହା ପବିତ୍ରଆତ୍ମା ଅଟନ୍ତି। ଯଦି ଆପଣ...ସେହି କାରଣ ଯେଉଁଥି ଯୋଗୁଁକି ଲୋକମାନେ ଅନେକ ଥର ପରଭାଷାରେ କଥା କୁହନ୍ତି ନାହିଁ, ସେମାନେ ଜାଣି ନ ଥାଆନ୍ତି ଯେ ନିଜକୁ ଆତ୍ମାରେ କିପରି ସମର୍ପଣ କରିବାକୁ ଅଛି ଏବଂ ସେମାନେ ଏହାକୁ ଅନତି ଦୂରରେ ଖୋଜନ୍ତି ଯେତେବେଳେକି ଏହା ଠିକ ସେମାନଙ୍କ ଉପରେ ହିଁ ରହିଥାଏ। ବୁଝିଲେ? ସେହି କାରଣରୁ ସେମାନେ ତାହା କରନ୍ତି ନାହିଁ...

101 ଏବଂ ତାହାପରେ କିଛି ଲୋକ କେବଳ ନିଜକୁ ଭାବପ୍ରବଣତାରେ କାର୍ଯ୍ୟକାରୀ କରନ୍ତି ଏବଂ ଏପରି ଏକ ମେଞ୍ଚେ ଶବ୍ଦ କୁହନ୍ତି ଯାହାର କୌଣସି ଅର୍ଥ ନ ଥାଏ, ଆଉ ତଥାପି ପବିତ୍ରଆତ୍ମା ପାଇ ନ ଥାଆନ୍ତି, ଏବଂ ଏହା ପାଇଛନ୍ତି ବୋଲି କହିବାକୁ ଚେଷ୍ଟା କରନ୍ତି ଯେହେତୁ ସେମାନେ ପରଭାଷାରେ କଥା କହିଥିଲେ। "ସେମାନଙ୍କର ଫଳ ଦ୍ୱାରା ତୁମେ ସେମାନଙ୍କୁ ଚିହ୍ନିବ," ଦେଖନ୍ତୁ।

102 ବର୍ତ୍ତମାନ, କଅଣ ଏକ ପ୍ରଶ୍ନ ଅଛି କି? [ଭାଇ ଜୁନିୟର ଜ୍ୟାକସନ୍ କୁହନ୍ତି, "ଭାଇ ବ୍ରାନହାମ୍?"—ସମ୍ପା।] ହଁ ଭାଇ। ["ମୁଁ ଖୁସି ଯେ ପ୍ରଶ୍ନ ପଚରାଗଲା, କାରଣ ନିସନ୍ଦେହତଃ କେହି କେହି ଭାବୁ ଥାଇପାରନ୍ତି ଯେ ବୋଧହୁଏ ମୁଁ ଦୀର୍ଘ ଦିନ ଧରି କଅଣ ବିଶ୍ୱାସ କରିଅଛି ଓ ଶିକ୍ଷା ଦିଆ ଯାଉଅଛି। ମାତ୍ର ମୁଁ ତ ଏହାକୁ ସେହିପରି ଭାବରେ ବିଶ୍ୱାସ କରେ ଯେପରି ଆପଣ ଏହାକୁ ଶିକ୍ଷା ଦେଇଥିଲେ।"] ଧନ୍ୟବାଦ, ଭାଇ ଜ୍ୟାକସନ୍। ["ଯାଏ ଆସେ ନାହିଁ ଯେ ମୁଁ କେତେଥର ପରଭାଷାରେ କଥା କହିପାରେ, କିମ୍ବା ଅନ୍ୟ କିଛି, ଯଦି ମୋ ଜୀବନ ତାହା ସହିତ ସହମତ ନୁହେଁ ଯାହାକି ବାଇବଲ କୁହେ ତେବେ ମୁଁ ରାସ୍ତାରେ ଚାଲି ଯାଉଥିବା ଏକ କ୍ରୋଧୀ କୁକୁରଠାରୁ ଅଧିକ ଉତ୍ତମ ନୁହେଁ।"] ତାହା ଠିକ୍ ଅଟେ। ["ଏବଂ ମୁଁ ମୋର ବାପ୍ତିସ୍ମ ଗ୍ରହଣ କରିବାର ଛଅ ମାସ ପର୍ଯ୍ୟନ୍ତ ମୁଁ କୌଣସି ପରଭାଷାରେ କେବେ କଥା କହି ନ ଥିଲି।"] ଭାଇ ଜ୍ୟାକସନ୍, ମୁଁ ମଧ୍ୟ, ତାହା ସେହିପରି ହିଁ କରିଥିଲି।

103 ମୁଁ ମୋର ଗୁହାଳ ଘରେ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଗ୍ରହଣ କରିଥିଲି, ଦେଖନ୍ତୁ। ଏବଂ ପ୍ରାୟଃ ଏକ ବର୍ଷ ପରେ, କିମ୍ବା ସେହିପରି କିଛି ପରେ, ମୁଁ ଥିଲି—ମୁଁ ଥିଲି...ପରଭାଷାରେ କଥା କହିଥିଲି।

104 ଏବଂ ପ୍ରାୟଃ ଏକ ବର୍ଷ କିମ୍ୱା ଦୁଇ ବର୍ଷ ପରେ, ମୁଁ ପୁନର୍ବାର ଗୋଟିଏ ମଣ୍ଡଳୀରେ ପ୍ରଚାର କରୁଥିଲି, ଏବଂ ମୁଁ—ମୁଁ ଏହିପରି ଭାବରେ ମଞ୍ଚ ଉପରେ ଛିଡା ହୋଇଥିଲି, ଏବଂ ମୁଁ... ଯେତେବେଳେ ମୁଁ ଯୁବା ଥିଲି ଏବଂ ମୁଁ ବର୍ତ୍ତମାନ ପରି ସେତିକି କଠିନ ଏବଂ ବୃଦ୍ଧ ନ ଥିଲି, ମୁଁ ଟିକିଏ ଭଲ ଭାବରେ ମିଳାମିଶା କରି ପାରୁଥିଲି ଏବଂ ପ୍ରଚାର କରିବା ବେଳେ ମୁଁ ବହୁତ ଭାବପ୍ରବଣ ହେଉଥିଲି । ମୁଁ ସେଠାରେ ଛିଡା ହୋଇ ପ୍ରଚାର କରୁଥିଲି ଏବଂ ମୁଁ ଏକ ମେଜ ଉପରେ ଡେଇଁ ପଡ଼ି ଚଢି ଗଲି । ଏହା ଏକ ବାପ୍‌ଟିଷ୍ଟ ଗୀର୍ଜା, ମିଲ୍‌ଟାଉନ୍ ବାପ୍‌ଟିଷ୍ଟ ଗୀର୍ଜାରେ ଥିଲା, ଏବଂ ମୁଁ ଠିକ୍ ସେହି ଗଳି ପଥକୁ ଗଲି, ଓ ଯେତିକି କଠୋର ଭାବରେ ପାରିଲି ସେତିକି କଠୋର ପ୍ରଚାର କଲି । ଏବଂ ଯେତେବେଳେ ମୁଁ ଠିକ ପ୍ରଚାର ବନ୍ଦ କରିଦେଲି, କିଛି ଗୋଟାଏ ବିଷୟ ମୋର ଧ୍ୟାନକୁ ଟାଣି ନେଇଗଲା ଓ କେତେକ ଶବ୍ଦ କହିଲା, ଅଜ୍ଞାତ ଭାଷାରେ ଚାରି କିମ୍ୱା ପାଞ୍ଚ, କିମ୍ୱା ଛଅଟି ଶବ୍ଦ କହିଲା । ଏବଂ ମୁଁ ଏହା ଜାଣିବା ପୂର୍ବେ ଯେ ମୁଁ କଅଣ କରୁଥିଲି, ମୁଁ ନିଜେ ତାହା ଡାକରା ଦେଉଥିବାର ଶୁଣିଲି "କ୍ଳାନ୍ତ ଭୂମିରେ ଏକ ପଥର, ଝଡ଼ ସମୟରେ ସେହି ଆଶ୍ରୟସ୍ଥଳ ।" ବୁଝିଲେ?

105 ଆଉ ତାହାପରେ ଦିନେ ଏକ ରେଳ ଟ୍ରାକରେ ଆସୁଥିବାବେଳେ, ମୁଁ ରେଳ ଟ୍ରାକରେ ଚାଲି କରି ଆସୁଥିଲି, ସ୍କଟ୍ସବର୍ଗର ଏହି ପାର୍ଶ୍ୱରେ, ରେଳବାଇ ଟ୍ରାକରେ ଆସୁଥିବାବେଳେ, ପାଟ୍ରୋଲିଂ କରୁଥିବା ସମୟରେ । ପବନ ପ୍ରବଳ ବେଗରେ ବହୁଥିଲା, ଓଃ, ମୋର ପ୍ରଭୁ, ଏବଂ ଟ୍ରାକରେ ସବୁ ବରଫ ପଡି ରହିଥିଲା, ଏବଂ ମୁଁ ଅତିକ୍ରମ କରି ଗଲି ଯେପରିକି ମୁଁ ମୋର ତେ-ତିରିଶ ହଜାରକୁ ଚାଲିପାରିବି; ଛଅ-ଷଠିଟି ଅନ୍ୟ ଆଡେ ଉପରକୁ ଚାଲିଗଲେ, ଏକ ପ୍ରକାରେ ଟ୍ରାକ୍ ସହିତ ସମାନ୍ତରାଳ ଭାବରେ ଚାଲିଗଲେ । ଆଉ ମୁଁ ଟ୍ରାକ ଦେଇ ତଳକୁ ଆସୁଥିଲି, ଏବଂ ହଠାତ୍...ମୁଁ ସେଠାରେ ଚାଲୁଥିଲି, ମୁଁ ଗୀତ ଗାଉଥିଲି । ମୁଁ ସବୁବେଳେ ଗୀତ ଗାଉଥାଏ । ମୋ ପାଖରେ ବିଭିନ୍ନ ସ୍ଥାନଗୁଡିକ ରହିଥିଲା ଯେଉଁଠାକୁ ମୁଁ ପ୍ରାର୍ଥନା କରିବାକୁ ଯାଏ । ଏବଂ ମୁଁ ସେଠାକୁ ଯାଉଥିଲି, ଗୀତ ଗାଉଥିଲି, ଏବଂ ମୁଁ ସଙ୍ଗେ ସଙ୍ଗେ ଜାଣିବାକୁ ପାଇଲି ଯେ ମୁଁ ପରଭାଷାରେ କଥା କହୁଅଛି, ଦେଖନ୍ତୁ, ଏହା ନ ଜାଣି ଯେ ମୁଁ କଅଣ କରୁଅଛି ।

106 ପରଭାଷାରେ କଥା କହିବା ଏତେ ଉତ୍ତପ୍ତ ଭାବେ ଆସିଥାଏ ଯେ ସେହି ବ୍ୟକ୍ତି କ୍ୱଚିତ୍ ହିଁ ଜାଣିଥାଏ ଯେ ସେମାନେ କଅଣ କରୁଛନ୍ତି, କିମ୍ୱା, ସେମାନେ ତାହା ଜାଣନ୍ତି ନାହିଁ ଯେ ସେମାନେ କଅଣ କହୁଛନ୍ତି । ଏବଂ ବ୍ୟାଖ୍ୟା ମଧ୍ୟ ସେହି ସମାନ ପ୍ରକାର ଅଟେ । ସେମାନେ ଜାଣି ନ ଥାଆନ୍ତି ଯେ ସେମାନେ କଅଣ କହିବାକୁ ଯାଉଛନ୍ତି । ସେମାନଙ୍କ ପାଖରେ ତାହା ବିଷୟରେ ଆଉ ଅଧିକ କୌଣସି ଧାରଣା ନ ଥାଏ ଯେ ସେମାନେ ତାହା କହିବାକୁ ଯାଉଅଛନ୍ତି, କାରଣ ଏହା ଅଲୌକିକ ଅଟେ । ଦେଖନ୍ତୁ, ଯେପର୍ଯ୍ୟନ୍ତକି ଆପଣ ଏଥିରେ ପ୍ରାକୃତିକ ବିଷୟ ଆଣନ୍ତି ସେପର୍ଯ୍ୟନ୍ତ ଆପଣ କରନ୍ତି ନାହିଁ...ଆପଣ—ଆପଣ—ଆପଣଙ୍କ ପାଖରେ ପ୍ରାକୃତିକ ବିଷୟ ଅଛି, ଆପଣ ଦେଖନ୍ତୁ । ମାତ୍ର ଯଦି କୌଣସି ବିଷୟ ଆପଣଙ୍କୁ ଧରି ନିଏ ଏବଂ ଆପଣଙ୍କୁ ଅଧିକାର କରି ନିଏ, ଆଉ ଆପଣ ତାହା କରୁଛନ୍ତି । ବୁଝିଲେ?

107 [ଭାଇ ନେଭିଲ୍ କୁହନ୍ତି, "ଭାଇ ବ୍ରାନହାମ୍, କଅଣ ମୁଁ ଏଠାରେ କିଛି କହିପାରେ କି?"—ସମ୍ପା।] ନିଶ୍ଚିତରେ, ଆପଣ କହିପାରନ୍ତି, ଭାଇ ନେଭିଲ୍। ["ବର୍ତ୍ତମାନ, ଆପଣଙ୍କର ସେହିପରି କହିବା ଉପାୟରେ, ଆପଣଙ୍କର କହିବାର ଉଦ୍ଦେଶ୍ୟ ନାହିଁ, ଯଦିଓ, ସେହି—ସେହି ପରଭାଷାକୁ ସେବାର କ୍ରମରେ ରହିବାକୁ ଅଛି ଯଦି ଜଣେ ବ୍ୟକ୍ତି ଏହାକୁ ନିୟନ୍ତ୍ରଣ ନ କରିପାରନ୍ତି? କାରଣ ସେ…ଜଣେ ବ୍ୟକ୍ତି ଯାହାଙ୍କର ପାଖରେ ଏକ ବରଦାନ ଅଛି ତାଙ୍କୁ ହିଁ ଏହାକୁ ନିୟନ୍ତ୍ରଣ କରିବା ଉଚିତ୍।"] ସେ ନିଜକୁ ନିୟନ୍ତ୍ରଣ କରିପାରନ୍ତି। ହଁ। ଠିକ୍ ଯେପରିକି… ["ଆପଣ ଏହା ଜାଣିବା ହେତୁ ଯଥେଷ୍ଟ ସଚେତନ ରହିବା ଉଚିତ୍ ଯେ ସେ ପରଭାଷାରେ କଥା କହିବା ଉପରେ ଅଛନ୍ତି।"] ହଁ, ତାହା ଠିକ୍ ଅଟେ ["ନୋହିଲେ ସେ ଆରମ୍ଭରୁ ହିଁ କ୍ରମରୁ ବାହାରେ ଅଛନ୍ତି।"] ତାହା ଠିକ ଅଟେ, ସେ ଏହା ଅନୁଭବ କରନ୍ତି। ଦେଖନ୍ତୁ? ବର୍ତ୍ତମାନ, ଯେପରିକି ବାଇବଲ କୁହେ, "ଯଦି—ଯଦି କେହି ଜଣେ ଅଛନ୍ତି ଯିଏକି ପରଭାଷାରେ କଥା କୁହନ୍ତି ଏବଂ ସେଠାରେ କୌଣସି ଅନୁବାଦକ ନାହାଁନ୍ତି, ତାହହେଲେ ସେ ନୀରବ ରୁହନ୍ତୁ।" ତେବେ, ଅବଶ୍ୟ।

108 ଧରନ୍ତୁ, ଉଦାହରଣ ସ୍ୱରୂପ, ମୁଁ ଏଠାରେ ଛିଡା ହୋଇଛି, ଯେକେହି ବି, ଯେତେବେଳେ ଆପଣ ପାଟି କରିବା ଉପରେ ଥାଆନ୍ତି, ସେହି ସମାନ ବିଷୟ ଅଟେ। କଅଣ ଆପଣ କେବେ ପରମେଶ୍ୱରଙ୍କ ଶକ୍ତିକୁ ନିଜ ଉପରେ ଆସୁଥିବାର ଅନୁଭବ କରିଛନ୍ତି କି, ଯେତେବେଳେ ଆପଣ ଚିତ୍କାର କରିବାକୁ ଆରମ୍ଭ କରନ୍ତି? କେତେ ଜଣ ତାହା କରିଛନ୍ତି? ତେବେ, ଆମେ ସମସ୍ତେ ତାହା କରିଅଛୁ। ଦେଖନ୍ତୁ? ଆପଣ କେବଳ ସେଠାରେ ବସିଥାନ୍ତି, ଆପଣ ତାକୁ ଆସୁଥିବାର ଅନୁଭବ କରନ୍ତି। ତେବେ, ଏପରି ଅନେକ୍ ଥର ହୋଇଥାଏ ଯେତେବେଳେ ଆପଣ ସେହି ତୃଷାକୁ ନିବାରଣ କରି ପାରନ୍ତି, ଦେଖନ୍ତୁ। ଆପଣ ଏହାକୁ ଧରିପାରନ୍ତି, ଦେଖନ୍ତୁ, ଏହା ଠିକ୍ ନୁହେଁ।

109 କଅଣ ହୁଏ ଯଦି ଆପଣ ଛିଡା ହୋଇ, ଯୁକ୍ତରାଷ୍ଟ୍ରର—ର ରାଷ୍ଟ୍ରପତିଙ୍କ ସହ କଥା ହେଉଥାଆନ୍ତି, କିମ୍ବା ଆପଣ ଏଠାରେ ଛିଡା ହୋଇ ନଗରାଧ୍ୟକ୍ଷଙ୍କ ସହ କଥା ହେଉଥାଆନ୍ତି, ଏବଂ ଆପଣ ଆଉ କିଛି ବିଷୟରେ କଥା ହେଉଥାଆନ୍ତି, ଠିକ୍ ଏଠାରେ ରାସ୍ତାରେ, ଲୋକମାନଙ୍କର ଏକ ସମୂହ ସହ କଥାବାର୍ତ୍ତା ହେଉଥାଆନ୍ତି, ଏବଂ ହଠାତ୍ ହିଁ ଆପଣ ଏହା ଅନୁଭବ କରନ୍ତି ଯେ ଆପଣ ଉପର ଓ ତଳକୁ ଡେଇଁ ପାରିବେ, ଏବଂ ଚିତ୍କାର ଓ ଉଚ୍ଚ ପାଟି କରିପାରିବେ "ମହିମା ହେଉ! ହାଲ୍ଲେଲୁୟା!" ଏବଂ ସବୁକିଛି ବିରୁଦ୍ଧରେ ଗୋଇଠା ମାରିପାରିବେ ଏବଂ ସେହିପରି ଭାବରେ ଉପର ତଳକୁ ରାସ୍ତାରେ ଦୌଡି ପାରିବେ। ସେମାନେ କହିବେ ଯେ ଆପଣ ପାଗଳ ଅଟନ୍ତି। ଦେଖନ୍ତୁ? ସେମାନେ କହିବେ, "ସେହି ଲୋକଟି ପାଗଳ ଅଟେ।" ବୁଝିଲେ?

110 ତେବେ, ଦେଖନ୍ତୁ, ତାହାହେଲେ ଆପଣ ତାହା କରିବା ଅପେକ୍ଷା ଅଧିକ ଉତ୍ତମ ଭାବେ ଜାଣନ୍ତି। ଆପଣ ଧରି ରହିଥାନ୍ତୁ, ଯଦିଓ ଏହା ଆପଣଙ୍କ ଭିତରେ ଆଘାତ କରୁଥାଏ ଏବଂ ଆପଣ ଏହାକୁ ବଡ଼ କଷ୍ଟରେ ସୁଦ୍ଧା ସମ୍ଭାଳି ପାରୁ ନ ଥାଆନ୍ତି। ଆପଣ କୁହନ୍ତି, "ହଁ, ଆଜ୍ଞା। ହଁ,

ଆଞ୍ଜା। ଉଃ-ହୁଃ। ଉଃ-ହୁଃ। ହଁ। ହଁ, ଆଞ୍ଜା। ଉଃ-ହୁଃ।" ପିଲାଏ, ସେ ତ ଠିକ ଆପଣଙ୍କୁ ଆଘାତ କରି ଖଣ୍ଡ ଖଣ୍ଡ କରୁଥାଏ କିନ୍ତୁ ଆପଣ ଜାଣିଛନ୍ତି ଯେ ସେତେବେଳେ ନିଜର ଶାନ୍ତିକୁ କିପରି ବଜାୟ ରଖିବାକୁ ଅଛି। ବୁଝିଲେ?

111 ଯେପରିକି ଅଧିକ ଦିନ ହୋଇନାହିଁ ଠିକ ଏଠାରେ ଏକ କୋର୍ଟ ପରିସରରେ, ସେମାନେ କେତେକ ପେଣ୍ଟିକଷ୍ଟାଲ୍‌ମାନଙ୍କୁ ଅନ୍ୟ କିଛି ଗୋଟାଏ ବିଷୟ କରିଥିବା ପାଇଁ—ପାଇଁ ଧରିଥିଲେ, ବହୁତ ଉଚ୍ଚ ପାଟିରେ ଚିତ୍କାର କରୁଥିବା ପାଇଁ କିମ୍ବା ସେପରି କିଛି କରିବା ପାଇଁ, ଯାହା ବିଷୟରେ ସେମାନେ—ସେମାନେ ସଂପୂର୍ଣ୍ଣ ଭାବେ ଆଇନଗତ ଯୁକ୍ତିଯୁକ୍ତ ଥିଲେ, ଆପଣ ଦେଖନ୍ତୁ, ଏହା ଠିକ୍ ଥିଲା। କିନ୍ତୁ ପ୍ରତ୍ୟେକ ଥର ସେହି ବିଚାରପତି ଯେତେବେଳେ ସେମାନଙ୍କୁ କହିବା ପାଇଁ କିମ୍ବା କିଛି କହିବାକୁ ଯାଉଥିଲେ, ସେମାନେ ପରଭାଷାରେ କଥା କହୁଥିଲେ। ବୁଝିଲେ? ସେହି ବିଚାରପତି କହିଲେ, "ସେହି ପାଗଳ ଲୋକମାନଙ୍କୁ ଏଠାରୁ ନେଇଯାଅ।" ବୁଝିଲେ?

112 ବର୍ତ୍ତମାନ, ଯଦି ସେହି ପରଭାଷାଗୁଡ଼ିକର ବ୍ୟାଖ୍ୟା ହୋଇଥାନ୍ତା ଏବଂ ସେହି ବିଚାରପତିଙ୍କୁ କୁହା ଯାଇଥାଆନ୍ତା "**ସଦାପ୍ରଭୁ ଏହି କଥା କୁହନ୍ତି**," *ଅମୁକ-ଅମୁକ* ବିଷୟ ଯାହାକି ସତ ହୋଇଥାନ୍ତା, "**ସଦାପ୍ରଭୁ ଏହି କଥା କୁହନ୍ତି**! ହେ ବିଚାରପତି, ତୁମେ ଏଠାରେ ରହି ମୋର କଅଣ ବିଚାର କରୁଅଛ ଯେତେବେଳେକି ତୁମେ ଗତ ରାତିରେ ଜଣେ ବେଶ୍ୟା ସହିତ ରହିଥିଲ? ତାର ନାମ ସେଲି ଜୋନ୍ସ, ସେ ତଳେ 44 *ଅମୁକ-ଅମୁକ-ଅମୁକ* ସ୍ଥାନରେ ବାସ କରେ, ସେହିପରି କିଛି। ତୁମେ ମୋତେ କାହିଁକି ବିଚାର କରୁଅଛ? ତାହା **ସଦାପ୍ରଭୁ ଏହି କଥା କୁହନ୍ତି** ଅଟେ! ତେବେ ଏହାକୁ ଅସ୍ୱୀକାର କର ଏବଂ ତୁମେ ଏହିଠାରେ ହିଁ ମରିଯିବ।" ତେବେ, ଓଃ, ଭାଇ! ସେଠାରେ କିଛି ଗୋଟାଏ ଅଲଗା ଅଟେ।

113 କିନ୍ତୁ ଯେତେବେଳେ ଆପଣ କେବଳ ଛିଡା ହୁଅନ୍ତି ଓ କୁହନ୍ତି, ଏବଂ ସେ କୁହନ୍ତି, "ତୁମେ ସେମାନଙ୍କ ପାଇଁ ଜଣେ ବର୍ବର ଅଟ।" କଅଣ ଆପଣ ଦେଖୁଛନ୍ତି? ବର୍ତ୍ତମାନ, ଆପଣ ଜାଣନ୍ତି ଯେ କେତେବେଳେ ନିଜର ନୀରବତତା ରକ୍ଷା କରିବାକୁ ଅଛି ଏବଂ କେତେବେଳେ କରିବାର ନାହିଁ। ବୁଝିଲେ? ତେବେ, ତାହା ତ...ଦେଖନ୍ତୁ। ମୁଁ...ଆପଣ ମୋତେ ବର୍ତ୍ତମାନ ସଳଖ ପାଇବେ, ଆପଣ ଜାଣିଛନ୍ତି ଯେ ମୋର କହିବାର ଅର୍ଥ କଅଣ। ବୁଝିଲେ? ତାହା ଅଟେ। ନିଶ୍ଚିତ ଭାବରେ...

114 ଆମେ ସେହି ପ୍ରଶ୍ନକୁ ଠିକ୍ ଏଠାରେ ପାଇଅଛୁ। ସେହି କାରଣ ଯେଉଁଥି ପାଇଁ ମୁଁ ଏହାକୁ ଏହିପରି ଭାବରେ ଧରି ରଖିଥିଲି, ଆମେ ସେହି ସମାନ ଜିନିଷକୁ ପାଇଅଛୁ, "କଅଣ ସେମାନେ ସେମାନଙ୍କର ନୀରବତାକୁ ବଜାୟ ରଖିବା ଉଚିତ୍ କି?" କଅଣ ଆପଣ ବୁଝୁଛନ୍ତି? ସେହି କାରଣରୁ ମୁଁ ଏହାର ଉତ୍ତର ତାହାଠାରୁ ଅଧିକ ଦେଉ ନ ଥିଲି ଯାହା ଆପଣ କହୁଥିଲେ। କିନ୍ତୁ ତାହା ସେହି ସମୟ ଅଟେ, ବର୍ତ୍ତମାନ ଏହାର ଉତ୍ତର ଦିଅନ୍ତୁ, ଦେଖନ୍ତୁ, ଠିକ ବର୍ତ୍ତମାନ।

ଏବଂ ଆମେ ଏହାକୁ ଏଠାରେ ତଳେ ଏହି ପ୍ରଶ୍ନରେ ମଧ୍ୟ ପାଇବା, ଏବଂ ମୁଁ ଏହାକୁ ପୁନର୍ବାର ଉଦ୍ଧୃତ କରିବି । କଅଣ ସମସ୍ତେ ସେହି ପ୍ରଶ୍ନକୁ ଠିକ୍ ଭାବେ ବୁଝିଲେ କି?

[ଭାଇ ଫ୍ରେଡ୍ ପଚାରନ୍ତି, **"ଭାଇ ବ୍ରାନହାମ୍?"**—ସମ୍ପା ।] ହଁ, ଭାଇ ଫ୍ରେଡ୍ । **["କଅଣ—କଅଣ ଜଣେ ବ୍ୟକ୍ତି ଆତ୍ମାରେ—ରେ କଥା କହିଲା ବେଳେ, ଉଚ୍ଚାରଣ କରନ୍ତି (ଧରନ୍ତୁ ସେ ଜଣେ ଇଂରାଜୀ ଲୋକ ଏବଂ ସେ ଇଂରାଜୀ କହିପାରନ୍ତି) ଏବଂ କଅଣ ଆତ୍ମା ଉଚ୍ଚାରଣ ଦିଅନ୍ତି କି?"]**

115 ନିଶ୍ଚିତ ଭାବରେ । ହଁ, ଆଜ୍ଞା । ଦେଖନ୍ତୁ, କାରଣ ପବିତ୍ରଆତ୍ମା ପ୍ରତ୍ୟେକ ଭାଷାରେ କଥା କୁହନ୍ତି । ଦେଖନ୍ତୁ? ପେଣ୍ଟିକଷ୍ଟ ଦିନରେ ଆକାଶ ତଳେ ଥିବା ପ୍ରତ୍ୟେକ ଭାଷା ଏକାଠି ହୋଇଥିଲେ, ଦେଖନ୍ତୁ । ଇଂରାଜୀରେ କୁହା ଯାଉଥିବା...ବର୍ତ୍ତମାନ, ମୁଁ ସବୁବେଳେ ଏହା ଜାଣେ, ଭାଇ ଫ୍ରେଡି, ମୁଁ ନିଜେ, ଯେ ମୁଁ...ଯଦି ମୁଁ କେବେ ଏପରି ଏକ ଉପଦେଶ ପ୍ରଚାର କରେ ଯେଉଁଥିରେକି କୌଣସି ଅଭିଷେକ ଥାଏ, ଏହା ତ ଆତ୍ମା ଅଟନ୍ତି ଯିଏକି ଉଚ୍ଚାରଣ ଦିଅନ୍ତି, ଆପଣ ଦେଖନ୍ତୁ । ଏହା ତ...ବୁଝିଲେ? ତେଣୁକରି ତାହା ଜଣେ ବ୍ୟକ୍ତି ପ୍ରତି ଏକ ଅଜ୍ଞାତ ଭାଷା ହେବ ଯିଏକି ଇଂରାଜୀ ବୁଝନ୍ତି ନାହିଁ । ମାତ୍ର ତଥାପି...

116 ଏବଂ ଯେପରିକି ଅଜ୍ଞାତ ଭାଷା ଏକ "ଅଜ୍ଞାତ" ଭାଷା ନୁହେଁ, ଏହା ତ...ସେଠାରେ କେହି ଜଣେ ଅଛନ୍ତି...ଯେପରିକି ପେଣ୍ଟିକଷ୍ଟ ଦିନରେ, ସେମାନେ କହିଲେ, ଏହି ସମସ୍ତ ପାପୀମାନେ, ସେମାନେ କହିଲେ, "ଆମେମାନେ ନିଜ ନିଜ ଭାଷାରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ କିପରି ଭାବରେ ଶୁଣୁଅଛୁ? ଆମେମାନେ ଏହି ଗାଲିଲୀୟମାନଙ୍କୁ ଆମର ନିଜ ଭାଷାରେ କଥାବାର୍ତ୍ତା କରୁଥିବାର କିପରି *ଶୁଣୁଅଛୁ*?" ତାହା ବିଷୟରେ ସେଠାରେ ଆଦୌ କୌଣସି "ଅଜ୍ଞାତ" ବିଷୟ ନ ଥିଲା । ସେଠାରେ ପେଣ୍ଟିକଷ୍ଟଠାରେ "ଅଜ୍ଞାତ" ଭାଷା ବୋଲି କିଛି ନ ଥିଲା । ତେବେ, ଦେଖନ୍ତୁ, ତାହା ଆଦୌ ଶାସ୍ତ୍ରସଙ୍ଗତ ନୁହେଁ । ବୁଝିଲେ? ସେଠାରେ କୌଣସି ଅଜ୍ଞାତ ନ ଥିଲା...ଏହା କୌଣସି ଅଜ୍ଞାତ ଭାଷା ନ ଥିଲା, ଏହା ଏକ ଭାଷା ଥିଲା । "ଆମେମାନେ ପ୍ରତ୍ୟେକ ଜଣ କିପରି ନିଜ ନିଜର ଭାଷାରେ ଶୁଣୁଅଛୁ ଯେଉଁଥିରେକି ଆମେ ଜନ୍ମ ହୋଇଅଛୁ?" ଏହା ବିଷୟରେ ଆଦୌ କୌଣସି କିଛି ଅଜ୍ଞାତ ନାହିଁ । ବୁଝିଲେ? ତାହା... ବର୍ତ୍ତମାନ ଏହା ଉପରେ କୌଣସି ପ୍ରଶ୍ନ, ଠିକ ବର୍ତ୍ତମାନ ଆମେ ଏହାକୁ ଛାଡିଯିବା ପୂର୍ବରୁ? "ଆମେମାନେ ପ୍ରତ୍ୟେକ ଜଣ କିପରି ନିଜ ନିଜର ଭାଷାରେ ଶୁଣୁଅଛୁ?" ବୁଝିଲେ?

117 [ଜଣେ ଭାଇ କୁହନ୍ତି, "ସେହିଠାରେ ହିଁ—ସେହିଠାରେ ହିଁ ଅଟେ ଯେଉଁଠାରେକି ମଣିଷର ଦୁର୍ବଳତା ହେତୁ ଅଳ୍ପ ଟିକିଏ ତ୍ରୁଟି ଅଛି, ଆଉ ଯେତେବେଳେ ଲୋକମାନେ କୌଣସି ବିଷୟକୁ ଗ୍ରହଣ କରିବାରେ ବିଫଳ ହେବେ—ହେବେ, କେବଳ କହିବେ, 'ମୁଁ ଏହାକୁ ଅନ୍ୟ କୌଣସି ପ୍ରକାରେ ବିଶ୍ୱାସ କରିବି ନାହିଁ, କେବଳ ପ୍ରେରିତ 2:4 ଅନୁଯାୟୀ ।'"—ସମ୍ପା ।] ତେବେ, ଯଦି ସେମାନେ ଏହାକୁ ପ୍ରେରିତ 2:4 ଅନୁଯାୟୀ କରିଥାନ୍ତେ ତାହାହେଲେ ସେମାନେ ନିଶ୍ଚିତ ଭାବରେ ଏକ ଅଜ୍ଞାତ ଭାଷାରେ କଥା କହି ନ ଥାଆନ୍ତେ । ["ନା, ଏକ

ଭାଷାରେ।"] ଉଃ-ହୁଃ। ସେମାନଙ୍କୁ ତ ସେହି ଭାଷାରେ—ସେହି ଭାଷାରେ କହିବାକୁ ପଡିଥାଆନ୍ତା ଯେଉଁ ଭାଷାରେ ଲୋକମାନେ ଆପଣଙ୍କୁ ଶୁଣିବେ, ଦେଖନ୍ତୁ, 'କାରଣ "ପ୍ରତ୍ୟେକ ଲୋକ ନିଜ ନିଜର ଭାଷାରେ ଶୁଣିଥିଲେ।"

118 ତେବେ, ଯଦି ମୁଁ ଠିକ ବର୍ତ୍ତମାନ ପବିତ୍ରଆତ୍ମାଙ୍କୁ ଗ୍ରହଣ କରେ, ତାହା ଅନୁସାରେ... ମୁଁ କୁହେ...ମୁଁ ବିଶ୍ୱାସ କରେ ଯେ ଏଠାରେ ଜଣେ ଭାଇ ଅଛନ୍ତି ଯିଏକି ପବିତ୍ରଆତ୍ମାଙ୍କୁ ଖୋଜୁଅଛନ୍ତି, ଯିଏକି ହେଉଛନ୍ତି—ହେଉଛନ୍ତି—ହେଉଛନ୍ତି ଭାଇ ଉଡ଼। କଅଣ ତାହା ଠିକ ଅଟେ, ଭାଇ ଉଡ଼? ମୋର ଅଭିପ୍ରାୟ ଆପଣଙ୍କୁ ଅନ୍ୟତ୍ର ଡାକିବା ନୁହେଁ, କିନ୍ତୁ ସମସ୍ତେ... ଆମେମାନେ ଏଠାରେ କେବଳ ଭାଇମାନେ ଅଟୁ ଏବଂ ଆମେ ଏହା କହିବାକୁ ଚାହୁଁଛୁ। ଏବଂ ସେ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଚାହୁଁ ଅଛନ୍ତି। ବର୍ତ୍ତମାନ, ଯଦି ଭାଇ ବ୍ୟାଙ୍କସ୍ ସେଠାରେ ପବିତ୍ରଆତ୍ମା ଗ୍ରହଣ କରିଥିଲେ, ସଠିକ୍ ଉପାୟରେ, ଯଦି ସେ ଏହାକୁ ବାଇବଲ ଅନୁଯାୟୀ ଗ୍ରହଣ କରିଥିଲେ, ତାହହେଲେ ସେ ସେଠାରେ ଉଠିବେ, ଏହାକୁ କହିବେ, ସେ ଏହାକୁ ଇଂରାଜୀରେ କହିବେ, ଏବଂ କହିବେ, "ପରମେଶ୍ୱରଙ୍କ ପୁତ୍ର ଯୀଶୁ ଖ୍ରୀଷ୍ଟ ପୁନରୁତ୍‌ଥିତ ହୋଇଛନ୍ତି," ସେ ଏହାକୁ ଜ୍ୱଳନ୍ତ ଭବିଷ୍ୟତ୍‌ବାଣୀରେ କହିବେ ଯାହାକି ଏହାକୁ ବ୍ୟକ୍ତ କରେ। "ମୁଁ ଜାଣେ ଯେ ସେ ଅଛନ୍ତି, କାରଣ ସେ ବର୍ତମାନ ହିଁ ମୋ ହୃଦୟ ଭିତରେ ପ୍ରବେଶ କରିଛନ୍ତି। ସେ ପରମେଶ୍ୱରଙ୍କ ପୁତ୍ର ଅଟନ୍ତି! ମୋର ପାପଗୁଡିକ ଦୂର ହୋଇଅଛି, ମୋ ସହିତ କିଛି ଗୋଟାଏ ଘଟିଅଛି।" ବୁଝିଲେ? ସେଠାରେ ଆପଣ ଅଛନ୍ତି। ତାହା ହେଉଛି କଥା କହିବା...

"ଆମେମାନେ କିପରି ପ୍ରତ୍ୟେକ ଜଣ ନିଜ ନିଜର ଭାଷାରେ ଶୁଣୁଅଛୁ?"

119 ଧରନ୍ତୁ, କଅଣ ହେବ ଯଦି ଆମେ ଇଣ୍ଡିୟାନାର ଲୋକମାନେ ସେହି କେଣ୍ଟକିର ଲୋକମାନଙ୍କଠାରୁ ଭିନ୍ନ ଭାଷାରେ କଥା କହୁ, ଏବଂ ଭାଇ ବ୍ୟାଙ୍କସ୍ ଜଣେ କେଣ୍ଟକି ନିବାସୀ ଅଟନ୍ତି? ଏବଂ ତେବେ ସେମାନେ ଏକ ଭିନ୍ନ ଭାଷା କୁହନ୍ତି, ଏବଂ ଏଠାରେ ଆମେ ଜାଣୁ ଯେ ସେ ଇଣ୍ଡିୟାନା ଭାଷା କହିପାରିବେ ନାହିଁ। ଆଉ ତାହାପରେ ସେ ସେଠାରେ ଇଣ୍ଡିୟାନା ଭାଷାରେ—ରେ କଥା କହି କହି ବୃଦ୍ଧି ପାଇଲେ, ଏବଂ ଜାଣିଲେ ଯେ ସେ ଏହା ଜାଣନ୍ତି ନାହିଁ। ବୁଝିଲେ? ଏବଂ ଆମେ ତାଙ୍କୁ ଇଣ୍ଡିୟାନା ଭାଷାରେ ଶୁଣୁଅଛୁ, ସେ ଭାବୁଛନ୍ତି ଯେ ସେ କେଣ୍ଟକି ଭାଷା କହୁଛନ୍ତି। ସେ ତ କେବଳ ସାକ୍ଷ୍ୟ ଦେଉଛନ୍ତି, "ପରମେଶ୍ୱରଙ୍କର ପ୍ରଶଂସା ହେଉ! ଯୀଶୁ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଛନ୍ତି। ହାଲ୍ଲେଲୁୟା!" ମାତ୍ର ଆମେ ତାଙ୍କୁ ଇଣ୍ଡିୟାନା ଭାଷାରେ ଶୁଣୁଅଛୁ।

120 ଠିକ ସେହିପରି ଭାବରେ ତାହା ପେଣ୍ଟିକଷ୍ଟ ଦିନରେ ହୋଇଥିଲା। ବୁଝିଲେ? "ଆମେମାନେ କିପରି ପ୍ରତ୍ୟେକ ବ୍ୟକ୍ତିଙ୍କୁ ଶୁଣୁଅଛୁ," ଦେଖନ୍ତୁ, "ଦେଖ, କଅଣ ଏହି ସମସ୍ତେ ଲୋକମାନେ ଯେଉଁମାନେକି କହୁଛନ୍ତି ଗାଲିଲୀୟ ନୁହଁନ୍ତି କି" ଦେଖନ୍ତୁ, କେଣ୍ଟକି ନିବାସୀ ନୁହଁନ୍ତି କି? "ଏବଂ କିପରି ଆମେମାନେ ଇଣ୍ଡିୟାନା, ଓହାୟୋ, ଏବଂ ଇଲିନୋଇସ୍, ଏବଂ ମେନ୍, ଏବଂ ମାସାଚୁସେଟ୍ସ, ଏବଂ କାଲିଫର୍ଣ୍ଣିଆ ନିବାସୀ, ତାଙ୍କୁ ଆମ ନିଜ ଭାଷାରେ ଶୁଣୁଅଛୁ ଯେଉଁଥିରେକି ଆମେମାନେ ଜନ୍ମ ହୋଇଅଛୁ?" ସେହି ଧାରଣାକୁ ବୁଝିପାଇଲେ କି? ଦେଖନ୍ତୁ,

ଏହା ପ୍ରେରଣା ଅଟେ। ଦେଖନ୍ତୁ, ଏହା ଶୁଣିବା ସେମାନଙ୍କ ପାଇଁ ପ୍ରେରଣା ଅଟେ, ଏହା ସେମାନଙ୍କ ପାଇଁ ପ୍ରେରଣା ଅଟେ।

121 ଦେଖନ୍ତୁ, ସେହି ବାର୍ତ୍ତା…ଏହାର ମୂଳ ବିଷୟ ହେଉଛି, ଯୀଶୁ ଖ୍ରୀଷ୍ଟଙ୍କ ପୁନରୁତ୍ଥାନର ଏକ ସାକ୍ଷ୍ୟ ଅଟେ। ଦେଖନ୍ତୁ, ତାହା ଠିକ୍ ଅଟେ। ବର୍ତ୍ତମାନ, ଯଦି ପରମେଶ୍ୱର ଆପଣଙ୍କ ଭିତରେ ସେହି ଜୀବନ ଯାପନ କରନ୍ତି ନାହିଁ, ତେବେ ଆପଣ ଯେତେ ସାକ୍ଷ୍ୟ ଦିଅନ୍ତୁ ନା କାହିଁକି, ଆପଣ ତଥାପି ଏହାକୁ ପାଇ ନାହାଁନ୍ତି। ବୁଝିଲେ? ତାହା ଠିକ୍। ଆପଣ କେତେ ଭଲ…

122 କଅଣ ବର୍ତ୍ତମାନ ଆଉ ଏକ ପ୍ରଶ୍ନ ଅଛି କି? [ଭାଇ ରୟ ରୋବର୍ସନ କୁହନ୍ତି, "ତେବେ, ଭାଇ ବ୍ରାନହାମ୍, ମୁଁ ଭାବୁଛି ଯେ ଆମେମାନେ ତାହା ପ୍ରାର୍ଥନା ଧାଡିରେ ଘଟିବାର ଦେଖିଥିଲୁ, ସେହି ସ୍ପାନିଶ୍ ଭାଷାବାଦୀ ଝିଅ।"—ସମ୍ପା।] ହଁ। ବହୁତ ଭଲ, ଭାଇ ରୟ। ଏହା ଠିକ ସେଠାରେ—ସେଠାରେ ହୋଇଥିଲା ଯେଉଁଠାକୁ ମୁଁ ବର୍ତ୍ତମାନ ଯାଉଅଛୁ, ବିଉମଣ୍ଟ—ବିଉମଣ୍ଟ ଠାରେ। କଅଣ ଏହା ବିଉମଣ୍ଟ ଥିଲା କି? ହଁ, ଆଜ୍ଞା।

123 ତେବେ, ପ୍ରାର୍ଥନା ଧାଡିକୁ ବନ୍ଦ କରି ଦିଆଗଲା। ସେଠାରେ ଏକ ସାନ ସ୍ପାନିଶ୍ ଭାଷାବାଦୀ ଝିଅ ମଞ୍ଚ ଉପରକୁ ଆସିଲା। ତେବେ, ଖୋଲାଖୋଲି ଭାବେ, ମୁଁ ଭାବୁଥିଲି ଯେ ମୁଁ ବାହାରକୁ ଯାଉଥିଲି, କଅଣ ନୁହେଁ କି? ହାୱାର୍ଡ ମୋତେ ବାହାରକୁ ନେଇ ଯାଉଥିଲେ, ଏବଂ—ଏବଂ ଏହା…ମୁଁ—ମୁଁ—ମୁଁ କାହାରିକୁ କାନ୍ଦୁଥିବାର ଶୁଣିଲି, ଏହା ସେଠାରେ ଜଣେ ସାନ ସ୍ପାନିଶ୍ ଝିଅ ଥିଲା, ଓଃ, ପ୍ରାୟଃ ପନ୍ଦର, ଷୋହଳ ବର୍ଷର, ଠିକ୍…କେବଳ ଏକ ସାନ ଝିଅ ପିଲା ଥିଲା। ଏବଂ—ଏବଂ ମୁଁ ଅନାଇଲି, ଆଉ ଯଦି ମୁଁ ଆଗକୁ ବଢିଥାଆନ୍ତି ତେବେ ସେ ପରବର୍ତ୍ତୀ ପ୍ରାର୍ଥନା କାର୍ଡଧାରକ ହୋଇଥାନ୍ତା। ମୋ ପାଖରେ ସେଠାରେ କେତେ ଗୁଡାଏ ଥିଲା, ସେ ପରବର୍ତ୍ତୀ ପ୍ରାର୍ଥନା କାର୍ଡ ଧାରକ ହୋଇଥାନ୍ତା। ମୁଁ କହିଲି, "ତାଙ୍କୁ ନେଇକରି ଆସ।" ତେବେ ସେମାନେ ତାକୁ ନେଇକରି ଆସିଲେ। ମୁଁ ଅନ୍ୟ ଏକ ସଭାକୁ ଯାଉଥିଲି, ଆଉ ମୁଁ କହିଲି, "ତାଙ୍କୁ ଉପରକୁ ଆଣ।"

124 ତେଣୁ, ମୁଁ ଜାଣିବାକୁ ପାଇଲି, ମୁଁ ତାଙ୍କୁ ଏହିପରି କିଛି ଗୋଟାଏ କହିଲି, "ତେବେ, କଅଣ ତୁମେ ବିଶ୍ୱାସ କରିବ କି? ଯଦି ଯୀଶୁ ମୋତେ ତୁମକୁ ଏହା କହିବା ପାଇଁ ସାହାଯ୍ୟ କରିବେ ଯେ ତୁମ ସହିତ କଅଣ ଭୁଲ୍ ଅଛି, କଅଣ ତୁମେ ଏହା ବିଶ୍ୱାସ କରିବ ଯେ—ଯେ ସେ ତୁମକୁ ସୁସ୍ଥ କରିବେ?" ଆଉ ସେ କେବଳ ତାର ମୁଣ୍ଡକୁ ତଳକୁ କରି ରଖିଥିଲା। ମୁଁ ଭାବୁଛି ଯେ ସେ ନିଶ୍ଚୟ ବଧିର ଏବଂ ମୂକ ଥିବ। ବୁଝିଲେ?

125 ତେଣୁକରି ଯେତେବେଳେ ମୁଁ ପୁଣିଥରେ ଦେଖିଲି, ମୁଁ କହିଲି, "ନା, ସେ ତ ଇଂରାଜୀ କହିପାରେ ନାହିଁ।" ତେଣୁକରି ସେମାନେ ସେଠାରେ ଜଣେ ଅନୁବାଦକକୁ ନେଇକରି ଆସିଲେ, ଏବଂ ମୁଁ କହିଲି, "କଅଣ ତୁମେ ବିଶ୍ୱାସ କରିବ କି?" ଏବଂ ସେ ପୁନର୍ବାର ଇଙ୍ଗିତ କଲା…ତାହାପରେ ସେ ଅନୁବାଦକଙ୍କ ମାଧ୍ୟମରେ ବୁଝି ପାରିଲା, ଅବଶ୍ୟ। ଦେଖନ୍ତୁ?

126 ତେବେ, ତାହାପରେ ମୁଁ କହିଲି...ଆଉ ମୁଁ ଅନାଇଲି ଓ ଏକ ଦର୍ଶନ ଦେଖିଲି । ମୁଁ କହିଲି, "ମୁଁ ଦେଖୁଛି ଯେ ତୁମେ ଏକ ପୁରୁଣା-କାଳିଆ ଅଗ୍ନିସ୍ଥାନ ପାଖରେ ବସିଛ ଓ ଏକ ବଡ କେଟଲି ଝୁଲୁଅଛି, ଯାହାକି ହଳଦିଆ ମକାର ଝୁମ୍ପାରେ ପରିପୂର୍ଣ୍ଣ ଥିଲା । ତୁମେ ଓ-..." କଅଣ ଆପଣଙ୍କୁ ତାହା ମନେ ଅଛି, ଭାଇ ରୟ? ମୁଁ କହିଲି, "ତୁମେ ସେହି ମକାକୁ ଅଧିକ ଖାଇ ଦେଇଥିଲ । ଏବଂ ଯେତେବେଳେ ତୁମେ ତାହା କଲ, ତୁମେ ଅତିଶୟ ଅସୁସ୍ଥ ହୋଇପଡିଲ ଏବଂ ତୁମର ମାଆ ତୁମକୁ ସେଜ ଉପରେ ଶୁଆଇ ଦେଲେ ଏବଂ ତୁମକୁ ମିର୍ଗୀର ଆକ୍ରମଣ ଆରମ୍ଭ ହେଲା ।" ଏବଂ ମୁଁ କହିଲି, "ତୁମର ତାହା ସେବେଠାରୁ ରହିଅଛି ।"

127 ଆଉ ତାହାପରେ ସେ ଅନୁବାଦକଙ୍କ ଆଡକୁ ବୁଲି ପଡିଲା ଓ ତାଙ୍କୁ ନିଜ ଭାଷାରେ କହିଲା, "ମୁଁ ଭାବୁଥିଲି ଯେ ସେ ଇଂରାଜୀ କହିପାରିବେ ନାହିଁ...କିମ୍ଵା ସ୍ପାନିଶ୍ କହିପାରିବେ ନାହିଁ!"

128 ଏବଂ ସେ ମୋ ଆଡ଼କୁ ବୁଲି ପଡି କହିଲା, "ଆପଣ ସ୍ପାନିଶ୍ କୁହନ୍ତି ନାହିଁ, କଅଣ ଆପଣ କୁହନ୍ତି କି?"

129 ମୁଁ କହିଲି, "ନା ।" ତେଣୁକରି ଆମେ ରେକର୍ଡରକୁ ଦେଖିଲୁ, ରେକର୍ଡରଗୁଡିକୁ ବନ୍ଦ କରି ଦେଲୁ, ଏହା ସମ୍ପୂର୍ଣ୍ଣ ଇଂରାଜୀ ଥିଲା ।

130 ମାତ୍ର ତେବେ ସେହି ଅନୁବାଦକ କହିଲେ, "ତାହାହେଲେ ସେ ଯାହା କହିଲେ ମୋତେ ତାହା କୁହ ।" ଦେଖନ୍ତୁ, ତାଙ୍କୁ ବ୍ୟାଖ୍ୟା ପାଇବାକୁ ଥିଲା । କହିଲେ, "ସେ ଯାହା କହିଲେ ତାହା ତୁମେ ମୋତେ କୁହ ।" ଏବଂ ସେହି ଝିଅଟି ସେହି ସମାନ ଶବ୍ଦଗୁଡିକୁ ତାଙ୍କୁ କହିଲା, ଏବଂ ସେ ପୁନର୍ବାର ତାହା କହିଲେ ।

131 ତେବେ, ସେହି ଝିଅ ମୋତେ ତାର ନିଜ ଭାଷାରେ ଶୁଣିଥିଲା ଯେଉଁଥିରେ ସେ ଜନ୍ମ ହୋଇଥିଲା, ଏବଂ ମୁଁ ଇଂରାଜୀ କହୁଥିଲି । ସେ ଏହାକୁ ସ୍ପାନିଶ୍ ଭାଷାରେ ଶୁଣିଥିଲା । "ଆମେମାନେ କିପରି ନିଜ ନିଜର ଭାଷାରେ ଶୁଣୁଅଛୁ ଯେଉଁଥିରେକି ଆମେମାନେ ଜନ୍ମ ହୋଇଅଛୁ?" ଏବଂ ସେହି ପିଲାଟି ସୁସ୍ଥ ହେଲା । ଦେଖନ୍ତୁ, ତାହାହିଁ ଏହା ଅଟେ, ଏହା ପରମେଶ୍ଵରଙ୍କ ଅଦ୍ଭୁତ କାର୍ଯ୍ୟମାନ ଅଟେ ।

> [ଜଣେ ଭାଇ ପଚାରନ୍ତି, **"ତାହାହେଲେ ସେହି ପାତ୍ର ଯାହାକି ପବିତ୍ରଆତ୍ମା ଧାରଣ କରୁଅଛି ତାହା କରିବ ନାହିଁ... କେବଳ ଏକ ପାତ୍ର ହେବ, ଏବଂ ଯିଏ ଏହାକୁ ପୂରଣ କରେ ସେ ଏହାକୁ ତାହା ସହିତ ପୂରଣ କରିପାରେ ଯାହାକି ସେ...?"**—ସମ୍ପା ।]

132 ଯାହାକିଛି ସେ ଚାହାଁନ୍ତି, ତାହା ଠିକ୍ ଅଟେ । ଅବିକଳ ଠିକ୍ । ଏବଂ ତାହାପରେ ଦେଖନ୍ତୁ ଯେ ତାହା କେଉଁଥିରେ ପରିପୂର୍ଣ୍ଣ ଅଟେ, ତାହାପରେ ଆପଣ ସେତେବେଳେ, ଜାଣିଯିବେ ଯେ ଆପଣ ପବିତ୍ରଆତ୍ମା ପାଇଛନ୍ତି କି ନାହିଁ । ବୁଝିଲେ? କେବଳ ତାହା ଦେଖନ୍ତୁ ଯେ ଏହା କେଉଁଥିରେ ପରିପୂର୍ଣ୍ଣ ଅଟେ । ଯଦି ସେହି—ଯଦି ସେହି ପାତ୍ରଟି ଅଶୁଦ୍ଧତାରେ ପରିପୂର୍ଣ୍ଣ ଅଟେ, ତେବେ ଏହା ପରମେଶ୍ଵରଙ୍କ ପାତ୍ର ନୁହେଁ । କିନ୍ତୁ ଯଦି ଏହା ଶୁଦ୍ଧତାରେ ପରିପୂର୍ଣ୍ଣ ଅଟେ,

ତେବେ ଏହା ପରମେଶ୍ୱରଙ୍କ ପାତ୍ର ଅଟେ । ଦେଖନ୍ତୁ ମୋର କହିବାର ଅର୍ଥ କଅଣ ଅଟେ? [ସେହି ଭାଇ କୁହନ୍ତି, "ଏବଂ ସେହି ପାତ୍ର, ଅନେକ ଥର ଏପରି ହୁଏ ଯେତେବେଳେକି ସେହି ପାତ୍ର ବ୍ୟବହାର ହେବ ଏବଂ ଜଣାଯିବ ନାହିଁ, ସେହି ସମୟରେ ଜଣାଯିବ ନାହିଁ ଯେ କଅଣ, ଯେ ତାହା ବ୍ୟବହୃତ ହୋଇଥିଲା କି ନାହିଁ?"—ସମ୍ପା ।] ଓଃ, ନିଶ୍ଚିତରେ । [ସେହି ଭାଇ ଏକ ସାକ୍ଷ୍ୟ ଦିଅନ୍ତି ।] ଉଃ-ହୁଃ । ଉଃ-ହୁଃ । ତାହା ଅବିକଳ ଠିକ୍ ଅଟେ, ନିଶ୍ଚିତରେ । ଓଃ, ଆମେ ସମସ୍ତେ, ଆମେ ତାହା ଦେଖୁ । ମୁଁ ଅନେକ ଥର ତାହା ଦେଖିଅଛି । ହଁ, ଆଜ୍ଞା । ହଁ, ଆଜ୍ଞା । ଆମେ ସବୁ…ଆମେ ଜାଣୁ ଯେ ଆମେ ସେହି ବିଷୟଗୁଡ଼ିକ ସହିତ ପରିଚିତ ଅଟୁ ।

> ମୁଁ ବିଶ୍ୱାସ କରେ ଯେ ତାହା ଚତୁର୍ଥ ସଂଖ୍ୟା ଥିଲା: **କଅଣ ସମସ୍ତ—କଅଣ ସମସ୍ତ ପବିତ୍ର-ଆତ୍ମା-ପରିପୂର୍ଣ୍ଣ ଲୋକମାନେ ଶୀଘ୍ର କିମ୍ବା ବିଳମ୍ବରେ ପରଭାଷାରେ କଥା କୁହନ୍ତି କି? ମୁଁ ପାଇଲି ଯେଉଁଠାରେକି ପାଉଲ କୁହନ୍ତି, "ମୁଁ ସେସମସ୍ତଙ୍କ ଅପେକ୍ଷା—ଅପେକ୍ଷା ଅଧିକ ପରଭାଷାରେ କଥା କହିଅଛି ।"**

ତେବେ, ବର୍ତ୍ତମାନ ଯାହା ମୁଁ ଭାବୁଛି, ଭାଇଙ୍କ ପ୍ରଶ୍ନ ଶେଷ କରିବା ପାଇଁ:

> **ପାଉଲ, ସେସମସ୍ତଙ୍କ ଅପେକ୍ଷା ଅଧିକ ପରଭାଷାରେ କଥା କହିଥିଲେ ।**

133 ପାଉଲ ଜଣେ ପ୍ରଖର ବ୍ୟକ୍ତି ଥିଲେ, ସେ ନିଜେ, ଅନେକ ଭାଷା ଜାଣିଥିଲେ । ଦେଖନ୍ତୁ, ସେ କଥା ହୋଇପାରିଥିଲେ…ସେ…ମନେରଖନ୍ତୁ ଯେତେବେଳେ ସେ ମୋକଦ୍ଦମାରେ ଉପସ୍ଥିତ ହୋଇଥିଲେ, ସେ ଏହି ପ୍ରକାର କିମ୍ବା ସେହି ପ୍ରକାର ଏକ ପରଭାଷାରେ କଥା କହିପାରିଥିଲେ, କିଅବା ଏହା ଯାହାକିଛି ବି ଥିଲା । ଏବଂ ତାହା ଲୋକମାନଙ୍କ ପାଇଁ ଅଜ୍ଞାତ ଭାଷା ଅଟେ, କିନ୍ତୁ ତାହା ପ୍ରେରଣାଯୁକ୍ତ ନ ଥିଲା । ତାହା କଥାବାର୍ତ୍ତାର ହେବାର ଭାଷାଗୁଡିକ ଥିଲା, ଆପଣ ଦେଖନ୍ତୁ । ମାତ୍ର…ଏବଂ…

134 କିନ୍ତୁ ମୁଁ ବିଶ୍ୱାସ କରେ ଯେ ଜଣେ ଆତ୍ମାରେ-ପରିପୂର୍ଣ୍ଣ ବ୍ୟକ୍ତି ଯିଏକି ପରମେଶ୍ୱରଙ୍କ ବେଦୀ ତଳେ ବାସ କରନ୍ତି, ଏଥିରେ କୌଣସି ସନ୍ଦେହ ନାହିଁ, ଯେ ଶୀଘ୍ର କିମ୍ବା ବିଳମ୍ବରେ, ତାଙ୍କର ପରଭାଷାରେ କଥା କହିବାର ଏକ ଅଭିଜ୍ଞତା ହେବ, 'କାରଣ ପାଉଲଙ୍କ ବିବରଣୀ ଅନୁଯାୟୀ ସେଠାରେ ଥିବା ବିଷୟଗୁଡିକ ମଧ୍ୟରୁ ତାହା ସବୁଠୁ ନିମ୍ନ ଏବଂ ଅତି ଛୋଟ ବିଷୟ ଅଟେ । ଯଦି ଆପଣ ସେଗୁଡିକୁ କ୍ରମରେ ରଖିବେ, ତେବେ ଦେଖନ୍ତୁ, ପରଭାଷାରେ କଥା କହିବା, ଏହା ବରଦାନଗୁଡିକର ଧାଡିରେ ଶେଷ କ୍ରମରେ ଅଟେ ।

135 ମାତ୍ର ବର୍ତ୍ତମାନ, ପ୍ରଥମେ, ଆପଣ ବାପ୍ତିଜିତ ହୋଇଅଛନ୍ତି…ଏଠାରେ, ଆପଣ ସମସ୍ତେ ପ୍ରତ୍ୟେକ ଜଣ ବରଦାନ ଅଟନ୍ତି । ମୁଁ ବାହାରେ ଅଛି । ତେବେ, "ଗୋଟିଏ ଦ୍ୱାର ଦ୍ୱାରା, ଗୋଟିଏ ଆତ୍ମା ଦ୍ୱାରା," ଗୋଟିଏ ଦ୍ୱାର *ଏହି* କୋଠରୀରେ ପ୍ରବେଶ କରେ । କଅଣ ତାହା ଠିକ୍ ଅଟେ? ତେବେ, ମୁଁ *ସେହି* ପଥରେ ଆସିପାରେ ନାହିଁ, *ଏହି* ପଥରେ ଆସିପାରେ ନାହିଁ ଏବଂ *ସେହି* ପଥରେ ଫେରି ଯାଇପାରେ ନାହିଁ । ବୁଝିଲେ? ମୁଁ *ଏଠା*ରେ କିପରି ପ୍ରବେଶ କରିବି? ଭାଇ ରୋବର୍ସନଙ୍କ ଦ୍ୱାରା? ନା, ଆଜ୍ଞା । ତେବେ, କୁହନ୍ତୁ, କାହା ଦ୍ୱାରା, ଭାଇ ଲିଓ? ଯେ ସେ

ପରଭାଷାରେ କଥା କହିବାର ଏକ ବରଦାନ ହେବେ, ଦେଖନ୍ତୁ, କଅଣ ମୁଁ ଲିଓଙ୍କ ଦ୍ଵାରା ଭିତରକୁ ପ୍ରବେଶ କରିବି କି? ନା, ଆଜ୍ଞା । ହୁଃ-ଉଃ । ତେବେ, ମୁଁ କିପରି ଭିତରକୁ ଯିବି? "ଗୋଟିଏ ଦ୍ଵାର ଦ୍ଵାରା, ଗୋଟିଏ ଆତ୍ମା ଦ୍ଵାରା ।" ସେହି ଆତ୍ମା କେବଳ ସମସ୍ତ ଭାଷା ନୁହେଁ । ନା । ବୁଝିଲେ? ଦେଖନ୍ତୁ, "ଗୋଟିଏ ଆତ୍ମା ଦ୍ଵାରା ମୁଁ ଏହି ଶରୀରରେ ବାପ୍ତିଜିତ ହୋଇଅଛି ।"

136 ବର୍ତ୍ତମାନ, *ଏହା* ଆତ୍ମା ଅଟେ, *ଆପଣମାନେ* ସମସ୍ତେ ବରଦାନଗୁଡିକ ଅଟନ୍ତି । ଆପଣ କୁହନ୍ତି, "ତେବେ, ପରମେଶ୍ଵର ଧନ୍ୟ ହେଉନ୍ତୁ!" ମୁଁ ଯିବି ଏବଂ, କହିବି, ସେଠାରେ—ସେଠାରେ ଭାଇ ଉଡ୍ ଅଛନ୍ତି, ସେ ଚମତ୍କାର ଅଟନ୍ତି । ଦେଖନ୍ତୁ? "ଓଃ, ମୁଁ ଏକ ଆଶ୍ଚର୍ଯ୍ୟକର୍ମ ସାଧନ କଲି । ମୁଁ ଜାଣେ ଯେ ମୁଁ ପବିତ୍ରଆତ୍ମା ପାଇଅଛି କାରଣ ମୁଁ ଏକ ଆଶ୍ଚର୍ଯ୍ୟକର୍ମ ସାଧନ କରିଥିଲି ।" ଗୋଟିଏ "ଆଶ୍ଚର୍ଯ୍ୟକର୍ମ" ଦ୍ଵାରା ଆମେ ସମସ୍ତେ ଶରୀରରେ ବାପ୍ତିଜିତ ହୋଇନାହୁଁ ।

137 ତେବେ ଭାଇ ଜୁନିଙ୍କ ନିକଟକୁ ଯାଆନ୍ତୁ, ସେ ଜ୍ଞାନ ଅଟନ୍ତି, "ତେବେ, ତେବେ, ମୋ ପାଖରେ ବାଇବଲର ଜ୍ଞାନ ଅଛି! ପିଲାଏ, ମୁଁ ତୁମମାନଙ୍କୁ କହୁଛି, ମୁଁ ଜାଣେ ଯେ ମୁଁ ସେଇଥି ଯୋଗୁଁ ପବିତ୍ରଆତ୍ମା ପାଇଛି ।" ନା, ତାହା ଏପର୍ଯ୍ୟନ୍ତ ସୁଦ୍ଧା ପ୍ରବେଶ କରିବାର ମାର୍ଗ ନୁହେଁ ।

138 ଠିକ୍ ଅଛି । ଭାଇ ଲିଓଙ୍କ ଦ୍ଵାରା ନୁହେଁ, ଭାଇ ଉଡ଼ଙ୍କ ଦ୍ଵାରା ନୁହେଁ, ଭାଇ ଜୁନିଙ୍କ ଦ୍ଵାରା ନୁହେଁ—ନୁହେଁ । ବୁଝିଲେ? ନା । କିନ୍ତୁ କେଉଁ ଗୋଟିଏ ଦ୍ଵାରା? [ମଣ୍ଡଳୀ କୁହନ୍ତି, "ଆତ୍ମା!"—ସମ୍ପା ।] ଠିକ୍ ଅଛି । ମୁଁ ଏହି ଶରୀରରେ ବାପ୍ତିଜିତ ହୋଇଅଛି, ବର୍ତ୍ତମାନ ମୁଁ ଏଥି ଭିତରେ ଅଛି, ତେବେ ପିତା ମୋତେ କେଉଁଠାରେ ବ୍ୟବହାର କରିବାକୁ ଯାଉଛନ୍ତି? ବୁଝିଲେ? ଏହା ଏପରି ଦେଖା ଯାଉଥିଲା ଯେ ଲିଓ ଦ୍ଵାର ପାଖରେ ବସିଥିଲେ; ନିଃସନ୍ଦେହତଃ ଏହା ସେହି ପ୍ରଥମ ଘଟଣାଗୁଡ଼ିକ ମଧ୍ୟରୁ ଗୋଟିଏ ହେବ । କିନ୍ତୁ ତାହା ନ ବି ହୋଇପାରେ । ମୁଁ ଆତ୍ମାରେ ଏତେ ଧନୀ ହୋଇପାରେ ଯେ, ଏପରିକି ମୁଁ ଏଠାରେ ଭାଇ ଉଡ଼ଙ୍କ ନିକଟକୁ ଯାଇପାରେ, ବାକି ସମସ୍ତ କିଛିକୁ ଉଇହ୍ୟ କରିପାରେ । ଆପଣ ମୋତେ ବର୍ତ୍ତମାନ କହିପାରନ୍ତି ନାହିଁ ଯେ ମୁଁ ପବିତ୍ରଆତ୍ମା ପାଇ ନାହିଁ, କାରଣ ମୁଁ ବାପ୍ତିସ୍ମ ଦ୍ଵାରା ଏହି ଶରୀରରେ ଅଛି । ମାତ୍ର ପରମେଶ୍ଵର ମୋତେ ଏହା କହିବା ପାଇଁ କେବେ ବି ଏଠାକୁ ଆଣି ନାହାଁନ୍ତି, "ତେବେ, ପରମେଶ୍ଵର ଧନ୍ୟ ହେଉନ୍ତୁ, ଅନୁମାନ କରୁଛି ଯେ ମୁଁ ବର୍ତ୍ତମାନ ବସିଯିବି, ଧରି ନିଅନ୍ତୁ 'ସହଜ ହୁଅ, ମୁଁ ସ୍ଵର୍ଗକୁ ଯାଉଅଛି ।" ହୁଃ! ଦେଖନ୍ତୁ ଯେ ମୋର କହିବାର ଅର୍ଥ କଅଣ?

139 ମାତ୍ର ମୁଁ ଠିକ ଏଠାରୁ ପୁନର୍ବାର ଫେରି ଯାଇପାରେ, ଠିକ ସେହି ସ୍ଥାନକୁ । ଦେଖନ୍ତୁ ମୋର କହିବାର ଅର୍ଥ କଅଣ? ମୁଁ ଗୋଟିଏ ଚରମରୁ ଅନ୍ୟକୁ ଯାଇପାରେ, କିମ୍ବା ମୁଁ ମଝିରେ, କିଅବା ଅନ୍ୟ କୌଣସି ସ୍ଥାନରେ ଯାଇପାରେ । ମାତ୍ର କିଛି ଗୋଟାଏ ଘଟିବ, କିଛି ଗୋଟାଏ ଘଟିବାକୁ ଅଛି । ଏବଂ ଏହା କଅଣ ଅଟେ? ଆତ୍ମାଙ୍କର ବାପ୍ତିସ୍ମ ଦ୍ଵାରା ମୋତେ ଏହା ଦର୍ଶାଏ ଯେ ମୁଁ ଶରୀରରେ ଅଛି, "ଗୋଟିଏ ଆତ୍ମା ଦ୍ଵାରା ।" ଭାଇ, କଅଣ ଆପଣ ଏଠାରେ, ତାହା ବୁଝି ପାଇଲେ କି? ଠିକ ଅଛି! କଅଣ ତାହା ଅଟେ? ଠିକ୍ ଅଛି ।

**112. ସେବା ସମୟରେ ପରଭାଷା ଏବଂ ଭବିଷ୍ୟଦ୍‌ବାଣୀ କେଉଁ କ୍ରମରେ ବ୍ୟବହୃତ ହେବା କଥା** (ସେବା ସମୟରେ ଏହା ଆଦୌ ବ୍ୟବହୃତ ହେବା କଥା ନୁହେଁ! ଦେଖନ୍ତୁ?) **ପରମେଶ୍ୱରଙ୍କୁ ଗୌରବ ଦେବା ପାଇଁ** (ଆଦୌ ନୁହେଁ!), **ଏବଂ ମଣ୍ଡଳୀକୁ ନିଷ୍ଠା ଜନ୍ମାଇବା ପାଇଁ? ମୁଁ ଜାଣେ ଯେ ଲୋକମାନେ କୁହନ୍ତି ଯେ ଭବିଷ୍ୟଦ୍‌ବକ୍ତାଙ୍କ ଆତ୍ମା—ମୁଁ ଜାଣେ ଯେ ସେହି—ମୁଁ—ମୁଁ ଜାଣେ ଯେ ସେହି...** (କ୍ଷ-...ମୁଁ ତାହା ଅନୁମାନ କରୁଛି...ନା, ମୋତେ ଆପଣ କ୍ଷମା କରନ୍ତୁ, ଏହା "ବାଇବଲ" ରହିଆସିଛି, ବା-ଇ-ବ-ଲ। ମୁଁ ପ-ଇ-ପ-ଲ କିମ୍ବା ଏହିପରି କିଛି ଗୋଟାଏ ଆରମ୍ଭ କରିବାକୁ ଲାଗିଥିଲି। ନା।) **ସେହି—ସେହି ବାଇବଲ କୁହେ, "ଭବିଷ୍ୟଦ୍‌ବକ୍ତାଙ୍କର ଆତ୍ମା ଭବିଷ୍ୟଦ୍‌ବକ୍ତାଙ୍କ ଅଧୀନରେ ଅଟେ।"** (ଅବିକଳ ଭାବରେ।)

140 ପରଭାଷାରେ ଆତ୍ମିକ କଥା କହିବା ଏବଂ ଭବିଷ୍ୟତ୍‌ବାଣୀ କରିବା ହେଉଛି ମଣ୍ଡଳୀରେ ନିଷ୍ଠା ଜନ୍ମାଇବା ପାଇଁ, ମାତ୍ର ଏହା ପାଖରେ ତାର ନିଜର ସେବା ରହିଛି। ଦେଖନ୍ତୁ? ବ୍ୟସ୍ତ ହେବାର କୌଣସି ଆବଶ୍ୟକତା ନାହିଁ ଯେପର୍ଯ୍ୟନ୍ତକି ମଣ୍ଡଳୀର ଭବିଷ୍ୟଦ୍‌ବକ୍ତା...ସଭା କ୍ରମରେ ଚାଲିଛି। ବୁଝିଲେ? ଏହା କଦାପି ସଭାକୁ ବାଧା ଦେବା ପାଇଁ ନୁହେଁ।

141 ବର୍ତ୍ତମାନ, ଦେଖନ୍ତୁ, "ଭବିଷ୍ୟଦ୍‌ବକ୍ତାଙ୍କର ଆତ୍ମା।" ଆମେ—ଆମେ ବର୍ତ୍ତମାନ ଆଉ ଏକ ପ୍ରଶ୍ନ ପାଇଅଛୁ, ଆସନ୍ତୁ ତାହାକୁ ଗୋଟିଏ ମିନିଟ୍ ପାଇଁ ଛାଡ଼ି ଦେବା। ଦେଖନ୍ତୁ, ଏହାର ପ୍ରକୃତ ସଠିକ୍ ଉପାୟ...ଏହି ବରଦାନଗୁଡିକୁ କାର୍ଯ୍ୟକାରୀ କରିବାର...ଏହା ଅନେକ ବରଦାନଗୁଡିକର ଉତ୍ତର ଦେଉଅଛି, ଆପଣ ଦେଖନ୍ତୁ। ଯେତେବେଳେ ଆମେ ସେମାନଙ୍କ ପାଖକୁ ପହଞ୍ଚିବା ଆମେ କହିବା ଯେ ଆମେ ତାହାକୁ ଏହି ପ୍ରଥମରେ ଉତ୍ତର ଦେଇଥିଲୁ, ଏଠାରେ ଥିବା ଏହି ବ୍ୟକ୍ତିଙ୍କୁ। ବୁଝିଲେ? ତାହା କ୍ରମାଙ୍କ ପାଞ୍ଚ ଅଟେ:

**କଅଣ ସେବା ସମୟରେ ପରଭାଷା ଏବଂ ଭବିଷ୍ୟଦ୍‌ବାଣୀକୁ ପରମେଶ୍ୱରଙ୍କୁ ଗୌରବାନ୍ୱିତ କରିବା ପାଇଁ ବ୍ୟବହାର କରାଯିବାକୁ ଅଛି କି?**

142 ତେବେ, ଆପଣ ଦେଖନ୍ତୁ, ସେହି ସେବକ...ଯଦି ସେହି ସେବକ ପରମେଶ୍ୱରଙ୍କ ଦ୍ୱାରା ଅଭିଷିକ୍ତ ହୋଇଥାନ୍ତି, ଏବଂ ମଣ୍ଡଳୀଟି କ୍ରମରେ ବ୍ୟବସ୍ଥିତ ଅଟେ, ତେବେ, ସେହି ସଠିକ୍ ଉପାୟ...ଆପଣମାନଙ୍କ ମଧ୍ୟରୁ ଅନେକେ ଜାଣନ୍ତି ଯେ ମୁଁ—ମୁଁ କିପରି ଆପଣମାନଙ୍କୁ "ଏହାକୁ କ୍ରମରେ ବ୍ୟବସ୍ଥିତ ରଖିବା" ବିଷୟରେ କଥାବାର୍ତ୍ତା କରିଛି। ଏହି ବରଦାନଗୁଡ଼ିକ ଅନୁମାନ କରାଯାଏ...ବର୍ତ୍ତମାନ, ପ୍ରଭୁଙ୍କ ଇଚ୍ଛା ହେଲେ, ଏଠାରେ ତାହା ଅଟେ ଯାହାକି ଆମେ ଆରାଧନାଳୟରେ କରିବା। ତେବେ, ମୁଁ ଦେଖୁଛି, ମୁଁ କିଛି ଗୋଟାଏ ଦେଖୁଅଛି, ଭାଇ ନେଭିଲ୍ ଏବଂ ଏହି ଅନ୍ୟ ଭାଇମାନଙ୍କୁ କ୍ରମରେ ରହିଥିବାର ଏଠାରେ ଛାଡି ଯାଉଅଛି। ତେବେ ଆପଣ...ଏବଂ ଯେତେବେଳେକି ଏହି ଭାଇମାନଙ୍କ ମଧ୍ୟରୁ ଅନେକେ ଯୁବା ଭାଇମାନେ ଅଟନ୍ତି।

143 ବର୍ତ୍ତମାନ, ଏହି ଉପାୟରେ ଆପଣମାନଙ୍କ ପାଇଁ—ପାଇଁ ମୁଁ—ମୁଁ ଜଣେ ପୁରୁଣା ଅନୁଭୁତିପ୍ରାପ୍ତ ବ୍ୟକ୍ତି ଅଟେ। ମୋର ଏଥିରେ ଏକ-ତିରିଶ ବର୍ଷ ହୋଇ ସାରିଲାଣି। ପ୍ରାୟଃ ତିରିଶ ବର୍ଷ ପୂର୍ବେ ମୁଁ ସେହି ପଥରଟିକୁ ସେଠାରେ ସ୍ଥାପନ କରିଥିଲି। ମୋତେ ତାହା ସବୁକିଛି ସମ୍ମୁଖିନ କରିବାକୁ ପଡିଥିଲା ଯାହା ସମ୍ମୁଖିନ କରାଯିବାକୁ ଥିଲା, ଏବଂ ଆପଣ ମଧ୍ୟ, ତାହା ଭଲ ଭାବରେ ଜାଣନ୍ତି ଯାହା ବିଷୟରେ ଆପଣା କହୁଛନ୍ତି, ଯେତେବେଳେ ଆପଣ ଏହା ନିକଟକୁ ଆସନ୍ତି। ଆପଣ କେବଳ ଏହା ବିଷୟରେ ଜାଣନ୍ତୁ ତାହା ନୁହେଁ, ଉତ୍ତମ ହେବ ଯେ ପରମେଶ୍ୱର ଏହାକୁ ସମର୍ଥନ କରନ୍ତୁ ଯେତେବେଳେ ଆପଣ—ଯେତେବେଳେ ଆପଣ ଏହା ଦେଇ ଯାଆନ୍ତି।

144 ତେବେ, ବର୍ତ୍ତମାନ ଏହା କରିବାର—ର ସବୁଠାରୁ ସଫଳ ଉପାୟ ହେଲା, ଆପଣ ଏହା ପାଇଁ ଏକ ବିଶେଷ ସଭା ରଖିପାରନ୍ତି। ମୁଁ ବିଶ୍ୱାସ କରେ ଯେ ତାହାହିଁ ଥିଲା ଯାହାକି ସେମାନେ ସେଠାରେ ପ୍ରଥମ କରିନ୍ଥୀୟ 14 ରେ କରିଥିଲେ, "ବସିଥିବା ଜଣଙ୍କୁ କିଛି ଗୋଟାଏ ପ୍ରକାଶନ ଆସେ, ସେତେବେଳେ ଅନ୍ୟ ଜଣକ ନୀରବ ରହିଥାଉ।" ମୁଁ ବିଶ୍ୱାସ କରେ ଏହା "ବରଦାନଗୁଡିକ ପାଇଁ ଏକ ବିଶେଷ ସଭା" ଥିଲା, ଯାହାକି ସବୁ ଠିକ୍ ହେବ। ଯଦି ସେମାନେ ଏକ ବିଶେଷ ସଭା କରିବାକୁ ଚାହାଁନ୍ତି ଯେଉଁଠାରେକି ସମସ୍ତ ବରଦାନପ୍ରାପ୍ତ ଲୋକମାନେ ସପ୍ତାହରେ ଥରେ ଏକତ୍ର ହୁଅନ୍ତି, ସେମାନେ ବରଦାନଗୁଡିକ ସହିତ, ଏବଂ ମଣ୍ଡଳୀକୁ ଆସନ୍ତି, ତାହା ଉତ୍ତମ ହେବ। ସେମାନେ ସେହି ସଭା କରନ୍ତୁ, ସେଠାରେ କୌଣସି...କୌଣସି ପ୍ରଚାର ନାହିଁ, ଏହା ଆତ୍ମାଙ୍କର ବରଦାନଗୁଡିକ ପାଇଁ ଅଟେ।

145 ଏହା ବାହାର ଲୋକ ଏବଂ ଅବିଶ୍ୱାସୀମାନଙ୍କ ପାଇଁ ନୁହେଁ। ସେମାନେ ଭିତରକୁ ଆସନ୍ତୁ, ବସନ୍ତୁ, କୁହନ୍ତୁ...ଜଣେ ଉଠନ୍ତୁ ଏବଂ କୁହନ୍ତୁ, "ଅଃ-ଅଃ," ପରଭାଷାରେ କଥା କୁହନ୍ତୁ; ଅନ୍ୟ ଜଣକ କୁହନ୍ତୁ, "ବାଃ-ଅଃ" "ଜଗତରେ କଅଣ!" ସେମାନେ ଭିତରକୁ ଆସି କୁହନ୍ତୁ, "ଗୀତ କାହିଁ? ବାକି ସବୁ ବିଷୟ କାହିଁ?" ଦେଖନ୍ତୁ?

146 ମାତ୍ର, ବର୍ତ୍ତମାନ, ଏମାନେ ଯେଉଁମାନେକି ପରଭାଷାରେ କଥା କହୁଛନ୍ତି, ସେମାନଙ୍କ ମଧ୍ୟରୁ ଅନେକେ (ଏବଂ ବ୍ୟାଖ୍ୟା କରୁଛନ୍ତି, ଏବଂ ପ୍ରଭୃତି ସବୁ) ସୁସମାଚାରରେ ଶିଶୁମାନେ ଅଟନ୍ତି। ଦେଖନ୍ତୁ? ସେମାନଙ୍କୁ ଆକ୍ଷେପ କରନ୍ତୁ ନାହିଁ—ନାହିଁ, ସେମାନଙ୍କୁ—ସେମାନଙ୍କୁ ବଢ଼ିବାକୁ ଦିଅନ୍ତୁ ଯେପର୍ଯ୍ୟନ୍ତକି ସେହି ବରଦାନ...ଏଥି ମଧ୍ୟରୁ କିଛି, ଆପଣ ଦେଖିପାରନ୍ତି ଯେ ଶୟତାନ କିପରି କେତେକ ଭିତରେ ପ୍ରବେଶ କରିବାକୁ ଚେଷ୍ଟା କରେ। ଅବଶ୍ୟ, ପୁରୁଣା ଅନୁଭୁତିପ୍ରାପ୍ତ ବ୍ୟକ୍ତିମାନେ, ଆମେ—ଆମେ—ଆମେ ତାହା ଦେଖିଅଛୁ। ଦେଖନ୍ତୁ, ଆମେ ତାହା ଧରିପାରୁ, ଏବଂ ଆପଣ ଏହାକୁ ଦେଖିବେ।

147 ଏଠାରେ କିଛି ସମୟ ପୂର୍ବରୁ ଜଣେ ନିର୍ଦ୍ଦିଷ୍ଟ ସେବକ, ବର୍ତ୍ତମାନ ଠିକ ଏଠାରେ ବସିଛନ୍ତି, ମୋ ପାଖକୁ ଆସିଲେ ଓ ମୋତେ କହିଲେ ଏବଂ ମୋତେ ତାଙ୍କ ଘରକୁ ନେଇଗଲେ, ଜଣେ ବହୁତ ମୂଲ୍ୟବାନ ଭାଇ।

148 ମୁଁ ଏହା ଏଇଥି ପାଇଁ କହୁ ନାହିଁ ଯେହେତୁ ସେ ଏଠାରେ ବସିଛନ୍ତି, ମାତ୍ର ଆପଣ ସମସ୍ତେ *ମୂଲ୍ୟବାନ* ଭାଇମାନେ ଅଟନ୍ତି । ଯଦି ମୁଁ ତାହା ସେପରି ଭାବୁ ନ ଥାଆନ୍ତି, ମୁଁ ଆପଣଙ୍କୁ କହିଥାନ୍ତି, "ତେବେ ଆସନ୍ତୁ ଆପଣ ଓ ମୁଁ ଏହି ବିଷୟକୁ ପ୍ରଥମେ ଆମ ମଧ୍ୟରେ ସଳଖ କରିବା ।" ବୁଝିଲେ? ତାହା ଠିକ୍ । ଦେଖନ୍ତୁ? ମୁଁ ଆପଣ ସମସ୍ତଙ୍କୁ ଭଲ ପାଏ, ଏବଂ ମୁଁ ଏଠାରେ ବାଇବଲ ପ୍ରତି ସହନଶୀଳତାର ଆତ୍ମାରେ କେବଳ ଅଛି, ଆପଣ ଦେଖନ୍ତୁ, ସାହାଯ୍ୟ କରିବା ପାଇଁ—ପାଇଁ । ବୁଝିଲେ?

149 ଏହି ଭାଇ ମୋତେ ତାଙ୍କ ଘରକୁ ନେଇ ଯାଇଥିଲେ…ଜଣେ ନିର୍ଦ୍ଦିଷ୍ଟ ମହିଳା, ଏବଂ ସେହି ମହିଳା ତୃଟିରେ ଥିଲେ । ଏବଂ ଏହା…ମୁଁ ସେହି ମହିଳାଙ୍କୁ କେବେ ଦେଖି ନ ଥିଲି କିନ୍ତୁ ମୁଁ ଏହାକୁ ଟେପ୍‌ରେ ଶୁଣିଥିଲି, ଯେ ସେ ପରଭାଷାର ବ୍ୟାଖ୍ୟା ଦିଅନ୍ତି, ଏବଂ କିଛି କୁହନ୍ତି । ଆପଣ ଏହାକୁ ସେତେବେଳେ ଠିକ ଧରି ପାରିବେ ।

150 ଦିନେ, ଅନ୍ୟ ଜଣେ ସେବକଙ୍କୁ, ଏବଂ ମୁଁ, ସେହି ସମାନ ବ୍ୟକ୍ତିଙ୍କ ମଧ୍ୟରୁ, ଆମେ ଏକ ଗଛ ଗଣ୍ଡିରେ ବସିଥିଲୁ, ଗୁଣ୍ଡୁଚୀ ମୂଷା ଶିକାର କରୁଥିଲୁ, ଏବଂ ତାହା ବିଷୟରେ କଥାବାର୍ତ୍ତା କରୁଥିଲୁ । ଏବଂ ଉଭୟ ସେବକମାନେ, ବର୍ତ୍ତମାନ ଉପସ୍ଥିତ ଅଛନ୍ତି, ଜାଣନ୍ତି ଯେ ତାହା କିପରି ହୋଇଥିଲା । ଦେଖନ୍ତୁ, କେବଳ, ଆପଣ ଲକ୍ଷ୍ୟ କରନ୍ତୁ ।

151 ଯେତେବେଳେ ଆପଣ ସେବକମାନେ ଏକ ବରଦାନ ବିଷୟରେ କାହାରିକୁ ସଂଶୋଧନ କରୁଛନ୍ତି, ଯେତେବେଳେ ଆପଣ ସେମାନଙ୍କୁ ସଂଶୋଧନ କରୁଥାନ୍ତି, ଶାସ୍ତ୍ର ଅନୁସାରେ ସେମାନଙ୍କୁ ସଂଶୋଧନ କରୁଥାନ୍ତି, ଏବଂ ସେମାନେ ଅପମାନିତ ହୁଅନ୍ତି, ମନେରଖନ୍ତୁ, ଏହା ପରମେଶ୍ୱରଙ୍କ ଆତ୍ମା ନୁହେଁ, 'କାରଣ ପରମେଶ୍ୱରଙ୍କ ଆତ୍ମା ତାହାଙ୍କର ବାକ୍ୟ ଦ୍ୱାରା ଅପମାନିତ ହୋଇପାରେ ନାହିଁ । ସେ ତ ତାହାଙ୍କର ବାକ୍ୟ ନିକଟକୁ ଆସନ୍ତି । ଦେଖନ୍ତୁ, ସେ ସର୍ବଦା ଇଚ୍ଛୁକ ଥାଆନ୍ତି । ପରମେଶ୍ୱରଙ୍କ ଜଣେ ପ୍ରକୃତ ସାଧୁ ନିୟମବଦ୍ଧ ହୋଇ ରହିବାକୁ ଚାହାଁନ୍ତି । ହଁ, ଆଜ୍ଞା ।

152 ମୁଁ ସଂଶୋଧନ ହେବାକୁ ଚାହେଁ । ମୁଁ ଚାହେଁ ଯେ ପବିତ୍ରଆତ୍ମା ମୋତେ ସେହି ବିଷୟଗୁଡିକରେ ସଂଶୋଧନ କରନ୍ତୁ ଯାହା ମୁଁ ଭୁଲ୍ କରୁଅଛି । ମୁଁ କୌଣସି କିଛି ପ୍ରତିଷ୍ଠାପନକୁ ଚାହେଁ ନାହିଁ । ମୁଁ—ମୁଁ ବାସ୍ତବିକ ବିଷୟକୁ ଚାହେଁ କିମ୍ବା କୌଣସି କିଛି ଚାହେଁ ନାହିଁ, କେବଳ ମୋତେ ଏକାକୀ ଛାଡିଦିଅନ୍ତୁ, ମୋତେ ଆଦୌ କିଛି ବିଷୟ ରଖିବାକୁ ଦିଅନ୍ତୁ ନାହିଁ—ନାହିଁ । ଦେଖନ୍ତୁ? କାରଣ ମୁଁ ଖ୍ରୀଷ୍ଟଙ୍କ ଉପରେ ନିନ୍ଦା ଆଣିବା ଅପେକ୍ଷା ତାହା କରିବାକୁ ପସନ୍ଦ କରିବି ।

153 ଏବଂ ମୁଁ କୌଣସି କିଛି ଶିଖାଇବି ନାହିଁ ଏବଂ କୌଣସି ବିଷୟ କହିବି ନାହିଁ ଯେପର୍ଯ୍ୟନ୍ତ କି ଶାସ୍ତ୍ର…

154 ଏବଂ ଯଦି କୌଣସି ଭାଇ, କୌଣସି ଖ୍ରୀଷ୍ଟିଆନ ଭାଇ ମୋତେ କିଛି ଭୁଲ୍ ଶିକ୍ଷା ଦେଉଥିବାର ଦେଖନ୍ତି, ମୁଁ ତାହା ପ୍ରଶଂସା କରିବି ଯଦି ଆପଣ ମୋତେ ସେବା ପରେ ଗୋଟିଏ ପାର୍ଶ୍ୱକୁ ଡାକନ୍ତି, ଓ କୁହନ୍ତି, "ଭାଇ ବ୍ରାନହାମ୍, ମୁଁ ଆପଣଙ୍କର କକ୍ଷକୁ ଆସି ଆପଣଙ୍କ ସହ

କଥା ହେବାକୁ ଚାହେଁ, ଆପଣ କିଛି ତ୍ରୁଟିରେ ଅଛନ୍ତି।" ଦେଖନ୍ତୁ? ମୁଁ—ମୁଁ ନିଶ୍ଚିତରେ ତାହାକୁ ପ୍ରଶଂସା କରିବି, ଭାଇ, କାରଣ ମୁଁ ଠିକ୍ ହେବାକୁ ଚାହେଁ। ମୁ ଏହା ଚାହେଁ।

155 ତେବେ, ଆମେ ସମସ୍ତେ ଠିକ୍ ହେବାକୁ ଚାହୁଁ, ସେଇଥି ପାଇଁ ଆମେ—ଆମେ ଏହିସବୁ କଥାଗୁଡିକୁ କହିବାକୁ ଚାହୁଁ। ଏବଂ ସେଗୁଡିକ ଶାସ୍ତ୍ର ମାଧ୍ୟମରେ ଆସିବାକୁ ଅଛି, ଆପଣ ଦେଖନ୍ତୁ, ଶାସ୍ତ୍ର ସହ ଏକମତ ହୋଇ ରହିବା ପାଇଁ।

156 ବର୍ତ୍ତମାନ, ପରଭାଷାରେ କଥା କହିବା ହେବା ଉଚିତ୍...ତେବେ, ଅଳ୍ପ ସମୟ ପରେ... ବର୍ତ୍ତମାନ, ଏହାକୁ କିଛି ସମୟ ପାଇଁ, ଛାଡି ଦିଅନ୍ତୁ। ଦେଖନ୍ତୁ, ମୁଁ ଆପଣଙ୍କୁ ପରାମର୍ଶ ଦେବି ଯେ ଏହାକୁ ଛାଡି ଦିଅନ୍ତୁ ଓ ଯିବାକୁ ଦିଅନ୍ତୁ। ତେବେ ଆପଣ ସେବକଗଣ, ଆପଣ ପାଳକଗଣ, ଏହାକୁ ସେହିପରି ଭାବରେ ଛାଡି ଦିଅନ୍ତୁ ଯେପର୍ଯ୍ୟନ୍ତକି ଏହି ଶିଶୁମାନେ ଟିକିଏ ବଡ ନ ହୋଇଯାଆନ୍ତି। ବର୍ତ୍ତମାନ, ହୋଇପାରେ ଯେ, ଶୀଘ୍ର କିମ୍ବା ବିଳମ୍ବରେ, ଯଦି ଏହା ସେହି ଶତ୍ରୁ ଅଟେ ଯିଏକି ସେହି ବ୍ୟକ୍ତିଙ୍କୁ ପ୍ରତାରଣା କରିବାକୁ ଚେଷ୍ଟା କରୁଅଛି, ତେବେ ଏହା ଜଣା ପଡ଼ିଯିବ। ଆମେ ଅତ୍ୟଧିକ ସୁନିଶ୍ଚିତ ନୋହୁଁ।

157 ବର୍ତ୍ତମାନ, ଏହା ପରେ, ଆପଣ ଏହା ଆରମ୍ଭ କରିବା ପୂର୍ବରୁ, କିଛି ଜ୍ଞାନର ଆତ୍ମା ପ୍ରାପ୍ତ କରନ୍ତୁ, ଆତ୍ମାଗୁଡିକର ଗୁପ୍ତ ବିଷୟର ପରିଭେଦକୁ ପ୍ରାପ୍ତ କରନ୍ତୁ, ଆପଣ ଦେଖନ୍ତୁ, ଜାଣିବା ପାଇଁ। ପ୍ରଥମ ବିଷୟ, ଆପଣ ଜାଣନ୍ତି, ଆପଣ ଧ୍ୟାନ ଦେବାକୁ ଆରମ୍ଭ କରିବେ ଯେ କେହି ଜଣେ ଦେଖିବାକୁ ଆରମ୍ଭ କରନ୍ତି ଯେ ସେଠାରେ କିଛି ଗୋଟାଏ ଭୁଲ ଅଛି, ତାହା ଗୁପ୍ତ ବିଷୟକୁ ଜାଣିବା ଅଟେ। ତାହାପରେ, ଏବଂ ତାକୁ ଅଳ୍ପ ସମୟ ଶିଶୁ ତୁଲ୍ୟ ଯତ୍ନ କରନ୍ତୁ। ବୁଝିଲେ? ତାହାପରେ ଯେତେବେଳେ ଆପଣ ସେହି ହୃଦୟର ଗୁପ୍ତ ବିଷୟକୁ ଜାଣିବାଟା ଭୁଲ୍ ହେଉଥିବାର ଦେଖନ୍ତି, ସେତେବେଳେ ଏହାକୁ ସଂଶୋଧନ କରନ୍ତୁ। ଏବଂ ଯଦି ସେହି ବିଷୟ...ଯଦି ଏହା ପରମେଶ୍ୱରଙ୍କର ଅଟେ, ସେ ବାକ୍ୟ ସହିତ ସଂଶୋଧନ କରିବା ସପକ୍ଷରେ ଛିଡା ହେବେ। ବୁଝିଲେ?

158 ଧରନ୍ତୁ, ଉଦାହରଣ ସ୍ୱରୂପ, ମୁଁ କହିବାକୁ ଯାଉଅଛି ଯେ ଆମେ ପରଭାଷାରେ କଥା ହୋଇଥିଲୁ, କେହି ଜଣେ, ଆମେ...ଏହା ବରଦାନ ପ୍ରାପ୍ତ ଲୋକମାନଙ୍କର ଏକ—ଏକ ସମୂହ ଅଟେ। ଏବଂ ଲିଓ ଉଠି ପରଭାଷାରେ କଥା କହିଲେ; ତାହାପରେ, ଆଉ ଏଠାରେ ଥିବା ଜଣେ ଭାଇ, ୱିଲାର୍ଡ, ତାର ବ୍ୟାଖ୍ୟା ଦେଲେ। ଠିକ୍ ଅଛି। ବର୍ତ୍ତମାନ, ମୁଁ କହିବାକୁ ଚାହେଁ ଯେ ଭାଇ ନେୱିଲ୍ ଏବଂ ଭାଇ ଜୁନି ଏବଂ ଭାଇ ୱିଲାର୍ଡ କଲିନ୍ସ ହୃଦୟର ଗୁପ୍ତ ବିଷୟର ପରିଭେଦକ ବ୍ୟକ୍ତିମାନେ ଥିଲେ, ଦେଖନ୍ତୁ। ବର୍ତ୍ତମାନ, ଯେହେତୁ ଲିଓ କହିଥିଲେ...ତେବେ, ଆମେମାନେ ଠିକ ଏଠାରେ ସେହିପରି ଭାବରେ ଅଟୁ ଯେପରିକି ଏକ ଛୋଟ ସାଧୁମାନଙ୍କ ସଭାରେ ଥାଉ, ଏକ ବରଦାନ ସଭା, ଏବଂ ଲିଓ କଥା କହିଲେ ଓ ୱିଲାର୍ଡ ଏଠାରେ ବ୍ୟାଖ୍ୟା ଦେଲେ, ଏବଂ ସେ କହିଲେ, "**ସଦାପ୍ରଭୁ ଏହି କଥା କୁହନ୍ତି**! 'ବୁଧବାର ରାତିରେ ଏଠାରେ ଜଣେ ମହିଳା ଆସୁଛନ୍ତି ଏବଂ ସେ—ସେ ହିଂସ୍ରକ ହେବାକୁ ଯାଉଛନ୍ତି। ଭାଇ ବ୍ରାନହାମ୍ଙ୍କୁ କୁହ ଯେ ତାଙ୍କୁ ଭର୍ତ୍ସନା

କରିବେ ନାହିଁ, କାରଣ ସେ ପାଗଳ ଅଟନ୍ତି । ମାତ୍ର ତାଙ୍କୁ କୁହ ଯେ ସେ ସେହି ମହିଳାକୁ ସେହି କୋଣକୁ ନେବେ, କାରଣ ଏହା ଏକ କୋଣରେ ଥିଲା ଯେଉଁଠାରେକି ସେ ଥରେ ଗୋଟିଏ ଦୁଷ୍ଟ କାର୍ଯ୍ୟ କରିଥିଲେ ଏବଂ ଏକ ନିର୍ଦ୍ଦିଷ୍ଟ ଘଟଣା ଘଟିଥିଲା ।'" ବୁଝିଲେ? ତାହା ବହୁତ ଭଲ ଶୁଭଯାଏ, ନୁହେଁକି? ଦେଖନ୍ତୁ? ଠିକ୍ ଅଛି ।

159 ତେବେ, କିନ୍ତୁ ପ୍ରଥମ ବିଷୟ ହେଲା, ଆପଣ ଜାଣନ୍ତି, ପୁରାତନ ଶାସ୍ତ୍ରରେ, ଏଥିରେ ଯାଏ ଆସେ ନାହିଁ ଯେ ଭବିଷ୍ୟଦ୍‌ବକ୍ତା କଅଣ କହିଛନ୍ତି କିମ୍ବା ଅନ୍ୟ କେହି କଅଣ କହିଛନ୍ତି, ଏହା ପ୍ରଥମେ ଉରିମ୍ ଥୁମ୍ମିମ୍ ଦ୍ୱାରା ପରୀକ୍ଷା କରାଯାଉଥିଲା । ଦେଖନ୍ତୁ, ଏହା ବାକ୍ୟକୁ ଗଲା । ଏବଂ ଯଦି ସେଥିର ପ୍ରକାଶ ଆଲୋକିତ ନ ହୁଏ, ସେମାନେ ଏହାକୁ ଛାଡି ଦେଉଥିଲେ । ବୁଝିଲେ?

160 ଏବଂ ପ୍ରଥମ ବିଷୟ, ବର୍ତ୍ତମାନ, ଆସନ୍ତୁ ଏହାକୁ ପୁନର୍ବାର ବାକ୍ୟକୁ ନେଇ ଯିବା । ବର୍ତ୍ତମାନ, *ଏହି* ବ୍ୟକ୍ତିଟି ପରଭାଷାରେ କଥା କହିଥିଲେ, ସବୁକିଛି ଠିକ୍ ଶୁଭାଗଲା । *ଏହି* ଜଣକ ବ୍ୟାଖ୍ୟା କଲେ, ଠିକ୍ ଶୁଭାଗଲା । ମାତ୍ର ବାକ୍ୟ କହିଲା, "ପ୍ରଥମେ ଏହାକୁ ଦୁଇ କିମ୍ବା ତିନିଜଣ ବିଚାରପତିଙ୍କ ଦ୍ୱାରା ବିଚାର କରାଯାଉ ।" ଏହାକୁ ଉରିମ୍ ଥୁମ୍ମିମ୍ ନିକଟକୁ ନେଇଯାଅ ।

161 ତେବେ, ପ୍ରଥମ ବିଷୟ, ୱିଲାର୍ଡ କଲିନ୍ସ କୁହନ୍ତି, "ଏହା ପ୍ରଭୁଙ୍କର ଆଜ୍ଞା ଥିଲା ।" ଜୁନି କୁହନ୍ତି, "ଏହା ପ୍ରଭୁଙ୍କର—ପ୍ରଭୁଙ୍କର ଅଟେ ।" ତାହା ତିନି ଜଣ ମଧ୍ୟରୁ ଦୁଇ ହେଲେ । ଠିକ ଅଛି, ଏହା ଏକ ଖଣ୍ଡେ କାଗଜ ଉପରେ ଲେଖା ଗଲା, ଏହା ଠିକ ଏଠାରେ ଏହି ମଣ୍ଡଳୀରେ କୁହାଗଲା । ତାହାପରେ ଯେତେବେଳେ ସେହି ଲୋକମାନେ ଯିଏକି ଏହା ଘଟିବା ପୂର୍ବରୁ ପଢା ଯାଇଥିବାର ଦେଖନ୍ତି, ଏବଂ ତାହାପରେ ଏହାକୁ ଘଟିବାର ଦେଖନ୍ତି, ସେମାନେ କୁହନ୍ତି, "ଭାଇ, ତାହା ତ ପରମେଶ୍ୱର ଅଟନ୍ତି! ଦେଖନ୍ତୁ, ତାହା ପରମେଶ୍ୱର ଅଟନ୍ତି!"

162 ମାତ୍ର କଅଣ ହେବ ଯଦି ତାହା ନ ଘଟେ, ତେବେ କଅଣ ହେବ? ଦେଖନ୍ତୁ? (ତେବେ ଆମେମାନେ ଅନ୍ୟ ଏକ ବିଷୟ ନିକଟକୁ ଯିବାକୁ ଯାଉଅଛୁ ଯାହାକୁ ମୁଁ ଠିକ ଏଠାରେ ନେଇପାରେ, "କଅଣ ସମସ୍ତ ଭବିଷ୍ୟତ୍‌ବାଣୀ ସମ୍ପୂର୍ଣ୍ଣ ଭାବେ...ସମସ୍ତ ବ୍ୟାଖ୍ୟା ଏବଂ ବାର୍ତ୍ତା ଭବିଷ୍ୟତ୍‌ବାଣୀ?") ତେବେ, ମାତ୍ର ଗୋଟିଏ ମିନିଟ୍ । ବର୍ତ୍ତମାନ, କଅଣ ହେବ ଯଦି ଏହା ନ ଘଟେ? ତାହାହେଲେ *ଲିଓ* ଏକ ମିଥ୍ୟା ଆତ୍ମାରେ କଥା କହିଥିଲେ; *ସେ* ଏକ ମିଥ୍ୟା ବ୍ୟାଖ୍ୟା ଦେଇଥିଲେ; ଏବଂ *ଆପଣ* ଏକ ମିଥ୍ୟା ବିଚାର କରିଥିଲେ । ତେବେ ସେହି ବିଷୟଟିକୁ ଆପଣଙ୍କଠାରୁ ବାହାର କରି ଦିଅନ୍ତୁ । ଆପଣ ତାହା ଚାହାଁନ୍ତି ନାହିଁ । ତାହା ଭୁଲ ଅଟେ । ଏହାକୁ ଛାଡିଦିଅନ୍ତୁ । ତାହା ଶୟତାନ ଅଟେ । ବୁଝିଲେ? [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା ।] "ମୁଁ ଜଣେ ପ୍ରଚାରକ ନୁହେଁ, କିନ୍ତୁ ମୁଁ ଜଣେ—ମୁଁ ଜଣେ ଅନୁବାଦକ ଅଟେ । ଦେଖନ୍ତୁ, ମୁଁ ଜଣେ ଅନୁବାଦକ ଅଟେ, ପ୍ରଭୁ, ମୁଁ—ମୁଁ ଜଣେ ପ୍ରଚାରକ ନୁହେଁ । ମୁଁ..." ଭାଇ *ଲିଓ* କୁହନ୍ତି, "ପ୍ରଭୁ, ମୁଁ ଜଣେ ପ୍ରଚାରକ ନୁହେଁ, କିନ୍ତୁ ମୁଁ—ମୁଁ ପରଭାଷାରେ କଥା କହିବାର ଏକ ବରଦାନ ପାଇଛି ଏବଂ ଶୟତାନ ମୋତେ ଏଥିରେ ଓଲଟ ପାଲଟ କରେ । ପରମେଶ୍ୱର, ସେହି ବିଷୟକୁ ମୋ ଠାରୁ

ନେଇ ଯାଅ।" *ଆପଣ* କୁହନ୍ତି, "ହେ ପ୍ରଭୁ, ତୁମେ ମୋତେ ହୃଦୟର ଗୁପ୍ତ ବିଷୟ ଜାଣିବାର ଆତ୍ମା ଦେଇଅଛ, ଏବଂ ମୁଁ ତୁମକୁ ତାହା ଅନେକ ଥର କରୁଥିବାର ଦେଖିଅଛି, ତାହା କିପରି ହୋଇଥିଲା? ପିତା, ମୋତେ ପରିଷ୍କାର କର! କଅଣ ଘଟିଥିଲା?" ଆପଣ ଦେଖନ୍ତୁ, ଆପଣ ସେଠାରେ ଅଛନ୍ତି, ତାହାପରେ ଆପଣ ଏହାକୁ ବାସ୍ତବରେ ପାଇଛନ୍ତି।

163 ଦେଖନ୍ତୁ, ତାହା ଏକ ନିୟମିତ ସାଧୁମାନଙ୍କର ସଭା ଅଟେ। ମୁଁ ଭାବୁଛି ତାହାହିଁ ଅଟେ ଯାହାକି ଏହା ବାଇବଲରେ ଥିଲା, କାରଣ ପାଉଲ କହିଥିଲେ, "ଯଦି ଜଣେ ଭବିଷ୍ୟତ୍‌ବାଣୀ କରେ ଏବଂ କିଛି ଗୋଟାଏ ବିଷୟରେ ଭବିଷ୍ୟତ୍‌ବାଣୀ କରାଯାଏ, କିଛି ଗୋଟାଏ ଥାଏ... ଏବଂ ବସିଥିବା ଜଣେ ବ୍ୟକ୍ତିଙ୍କ ନିକଟରେ କିଛି ଗୋଟାଏ ପ୍ରକଟିତ କରାଯାଏ; ତେବେ ଏହି ଜଣକା ପ୍ରଥମେ କଥା ନ କହିବା ପର୍ଯ୍ୟନ୍ତ ସେ ନୀରବ ରହି ଥାଆନ୍ତୁ, ତାହାପରେ ସେ କହିପାରନ୍ତି। ଏବଂ ଆପଣ *ସମସ୍ତେ* ଜଣେ ପରେ ଜଣେ ଭବିଷ୍ୟତ୍‌ବାଣୀ କରିପାରନ୍ତି।" ବର୍ତ୍ତମାନ, ତାହା ଏକ ନିୟମିତ ସଭାରେ ହୋଇପାରିବ ନାହିଁ, ଆପଣ ତାହା ଜାଣନ୍ତି, ପ୍ରତ୍ୟେକ ଜଣ ଦେଇପାରିବେ ନାହିଁ।

164 ବର୍ତ୍ତମାନ, ଏହା ସୁନିଶ୍ଚିତ କରିବା ପାଇଁ ଯେ ଏହା ପରମେଶ୍ୱରଙ୍କ ଆଡୁ ଅଟେ, ଦେଖନ୍ତୁ, କାରଣ ଯଦି ଏହା କେବଳ ମୂର୍ଖତା ଅଟେ ତାହାହେଲେ ଏହା ପରମେଶ୍ୱରଙ୍କ ଆଡୁ ନୁହେଁ। ଯଦି ଏହା ଘଟେ ନାହିଁ, ଏହା ପରମେଶ୍ୱରଙ୍କ ଆଡୁ ନୁହେଁ। ଦେଖନ୍ତୁ? ଏହାକୁ ତ ଘଟିବାକୁ ଅଛି। ଏବଂ—ଏବଂ ସେଇଥି ପାଇଁ ଆମ ମଣ୍ଡଳୀଗୁଡିକରେ, ଆପଣ ଦେଖନ୍ତୁ, ଭାଇ, ସେତେବେଳେ ଆମେ ଏକ ଦୃଢ଼ ମଣ୍ଡଳୀ ପାଇଥାଉ, ଦେଖନ୍ତୁ, ଯେତେବେଳେକି କେହି କହିପାରନ୍ତି ନାହିଁ ଯେ କୌଣସି ବିଷୟ କେବେ କୁହାଯାଇଥିଲା କିମ୍ବା କରାଯାଇଥିଲା...

165 ଦେଖନ୍ତୁ ଏହା ମୋତେ ଯେଉଁ ବିଷୟ ପୂର୍ବରୁ ରଖେ, ଯେତେବେଳେ ମୁଁ ସେଠାରେ ଜନସାଧାରଣଙ୍କ ସମ୍ମୁଖକୁ ଯାଏ। ସେହି ବିଷୟକୁ ଦେଖନ୍ତୁ! ସେଥିରେ ଗୋଟିଏ ହେଲେ ତ୍ରୁଟି ବିଷୟରେ କଅଣ ଅଟେ? ବୁଝିଲେ? କାରଣ ମୁଁ ତାହାଙ୍କ ଉପରେ ବିଶ୍ୱାସ କରେ। ଦେଖନ୍ତୁ? ମୁଁ ତାହାଙ୍କ ଉପରେ ବିଶ୍ୱାସ କରେ। କେହି ଜଣେ କୁହନ୍ତି, "ଆପଣ ଏକ ତୃଟିକୁ ଭୟ କରୁଛନ୍ତି, ଭାଇ ବ୍ରାନହାମ୍?" ନା, ନା, ଉଃ-ହୁଃ, ତୃଟିକୁ ଭୟ କରୁ ନାହିଁ। ମୁଁ ତାହାଙ୍କୁ ବିଶ୍ୱାସ କରେ। ସେ ମୋର ସୁରକ୍ଷା ଅଟନ୍ତି। ମୁଁ ଏହା କରିବା ପାଇଁ ନିରୂପିତ କରାଯାଇଛି ତେଣୁକରି ମୁଁ ଠିକ ସେହିଠାରେ ହିଁ ରହିବି।

166 ଯଦି ପରମେଶ୍ୱର ଆପଣଙ୍କୁ କିଛି କରିବା ପାଇଁ ନିରୂପିତ କରିଛନ୍ତି, ତେବେ ସେ ଆପଣଙ୍କର ସୁରକ୍ଷା ଅଟନ୍ତି। ଦେଖନ୍ତୁ, ସେ ଆପଣଙ୍କୁ ରକ୍ଷା କରିବେ। ଯଦି ସେ ଆପଣଙ୍କୁ ପଠାଇଛନ୍ତି, ସେ ଆପଣଙ୍କର ଶବ୍ଦକୁ ସମର୍ଥନ କରିବେ। ଆପଣ ସେତେବେଳେ ଜଣେ ରାଷ୍ଟ୍ରଦୂତ ଅଟନ୍ତି। *ଆପଣ* ପରଭାଷାର ବରଦାନ ସହିତରେ ରାଷ୍ଟ୍ରଦୂତ ଅଟନ୍ତି; *ଆପଣ* ବ୍ୟାଖ୍ୟାର ବରଦାନ ସହିତରେ ରାଷ୍ଟ୍ରଦୂତ ଅଟନ୍ତି; *ଆପଣ* ହୃଦୟର ଗୁପ୍ତ ବିଷୟ ଜାଣିବାର ବରଦାନ ସହିତରେ ରାଷ୍ଟ୍ରଦୂତ ଅଟନ୍ତି; ଆପଣ ତିନୋଟିଯାକ ଅଟନ୍ତି। ଦେଖନ୍ତୁ ମୋର

କହିବାର ଅଭିପ୍ରାୟ କଅଣ? ତେବେ ଆପଣ କଅଣ ପାଇଛନ୍ତି? ଆପଣ ଏକ ଦୃଢ଼ ମଣ୍ଡଳୀ ପାଇଛନ୍ତି। ଆପଣ ଭୟ କରନ୍ତି ନାହିଁ। ଛିଡା ହୋଇଥାନ୍ତି, ହଁ, ଗତକାଲିଠାରୁ ଅଧିକ ନୁହେଁ...

167 ଏଠାରେ, ମୁଁ ତଳେ ଏଠାରେ ଗୋଟିଏ ସଭାରେ ଥିଲି। ଇଂଲାଣ୍ଡରୁ ଆସିଥିବା ଜଣେ ଛୋଟ ଇଂରାଜୀ ବାଳକ ଏଠାକୁ ଆସିଥିଲା, ଆତ୍ମହତ୍ୟା କରିବାକୁ ଚେଷ୍ଟା କରୁଥିଲା। ଭାଇ ବ୍ୟାଙ୍କସ୍ ସେଠାକୁ ଆସି କହିଲେ, “ସେ ସେଠାରେ ଚାରି କିମ୍ବା ପାଞ୍ଚ ଦିନ ହେଲାଣି ରହିଛି।” ମୋର ବହୁତ କିଛି ବିଷୟ କରିବା ପାଇଁ ରହିଥିଲା, ମାତ୍ର ସେ କହିଲେ, “ପିଲାଟି ଆତ୍ମହତ୍ୟା କରିବାକୁ ଯାଉଅଛି।” ସେଠାରେ ତଳେ ଥିବା ୱାଟରଭ୍ୟୁ ହୋଟେଲ ମୋତେ ସେହି ବାଳକର ଅବସ୍ଥା ବିଷୟରେ କହିଥିଲେ।

168 ଏବଂ ମୁଁ ତାଙ୍କ ପାଇଁ ପ୍ରାର୍ଥନା କରିବାକୁ କୋଠରୀ ଭିତରକୁ ଗଲି। ମୁଁ ବାହାରକୁ ଆସିଲି ଏବଂ କହିଲି, “ବର୍ତ୍ତମାନ, ଭାଇ ବ୍ୟାଙ୍କସ୍, ମୁଁ ସେହି ବ୍ୟକ୍ତିଙ୍କୁ କେବେବି ଦେଖି ନାହିଁ କିମ୍ବା ତାଙ୍କ ବିଷୟରେ କିଛି ଜାଣି ନାହିଁ, ମାତ୍ର ମୁଁ ସେଠାକୁ ଯିବା ପୂର୍ବରୁ ତାଙ୍କ ସହିତ କଅଣ ସମସ୍ୟା ଅଛି ଆପଣଙ୍କୁ କହିବାକୁ ଯାଉଛି।” ଭାଇ ବ୍ୟାଙ୍କସ୍, କଅଣ ତାହା ଠିକ୍ ଅଟେ? ଏବଂ ଯେତେବେଳେ ଆମେ ସେଠାରେ ପହଞ୍ଚିଲୁ, ପବିତ୍ରଆତ୍ମା ତଳକୁ ଓହ୍ଲାଇ ଆସିଲେ ଏବଂ ତାଙ୍କୁ କହିଲେ ଯାହାକି ଏହାକୁ କରୁଥିଲା ଏବଂ ତାଙ୍କ ବିଷୟରେ ସବୁକିଛି କହିଥିଲେ, ଏବଂ ସେ କେଉଁଠାରେ ରହିଥିଲେ ଏବଂ ତାଙ୍କର ଜୀବନ ବିଷୟରେ ସବୁକିଛି କହିଲେ। ସେ ମୃତପ୍ରାୟଃ, ହୋଇ ଯାଇଥିଲେ।

169 “କଅଣ ଆପଣ ଏକ ତ୍ରୁଟିକୁ ଭୟ କରୁଛନ୍ତି, ଭାଇ ବ୍ରାନହାମ୍, ଆପଣ ଜଣେ ବ୍ୟକ୍ତିଙ୍କୁ ସେହିପରି କିଛି କହିବେ କି?” ତାହା ମଞ୍ଚ ଉପରେ କିପରି ଅଟେ, ଯେ ଜଣେ ପୁରୁଷଙ୍କୁ ଏହା କହିବା ଯେ ସେ ନିଜ ପତ୍ନୀଙ୍କ ପ୍ରତି ଅସତ୍ୟ ଜୀବନଯାପନ କରୁଛନ୍ତି, ଅନ୍ୟ ଜଣେ ସ୍ତ୍ରୀଙ୍କ ଦ୍ୱାରା ଏକ ସନ୍ତାନ ପାଇଛନ୍ତି? ସେ ଆପଣଙ୍କୁ ଏକ କାରାଗାରରେ ପକାଇ ଦେବେ। ଉତ୍ତମ ହେବ ଯେ ଆପଣ ସଳଖ ହୋଇଯାଆନ୍ତୁ! ବୁଝିଲେ? ବୁଝିଲେ? ଭୟ କରନ୍ତୁ ନାହିଁ, ଯଦି ଏହା ପରମେଶ୍ୱର ଅଟନ୍ତି। କିନ୍ତୁ ଯଦି ଆପଣ ଭୟ କରୁନାହାଁନ୍ତି...ଯଦି—ଯଦି ଆପଣ ଏହା ଜାଣନ୍ତି ନାହିଁ ଯେ ଏହା ପରମେଶ୍ୱର ଅଟନ୍ତି, ତାହାହେଲେ ଆପଣ ସେପର୍ଯ୍ୟନ୍ତ ନୀରବ ରୁହନ୍ତୁ ଯେପର୍ଯ୍ୟନ୍ତ କି ଆପଣ ଏହା ଜାଣି ନ ନିଅନ୍ତି ଯେ ତାହା ପରମେଶ୍ୱର ଅଟନ୍ତି। କଅଣ ତାହା ଠିକ୍ ଅଟେ? ନିଶ୍ଚିତ ହୁଅନ୍ତୁ ଯେ ଆପଣ ଠିକ୍ ଅଟନ୍ତି ଏବଂ ତାହାପରେ ଆଗକୁ ବଢନ୍ତୁ।

170 ତେବେ, ଏହା କଠିନ ଶିକ୍ଷା ଅଟେ, ଭାଇ, କିନ୍ତୁ ଆପଣମାନେ ମୋର ଭାଇ ଅଟନ୍ତି। ଆପଣ—ଆପଣ—ଆପଣ ଯୁବା ସେବକମାନେ ଅଟନ୍ତି ଯେଉଁମାନେକି ଆସୁଛନ୍ତି, ଏବଂ ମୁଁ ଜଣେ ବୃଦ୍ଧ ଲୋକ ଅଟେ, ଏହି ଦିନଗୁଡିକ ମଧ୍ୟରୁ ଗୋଟିକରେ ଛାଡିବାକୁ ଯାଉଅଛି। ବୁଝିଲେ? ଏବଂ ତେଣୁକରି ଆପଣ ସୁନିଶ୍ଚିତ ହୁଅନ୍ତୁ ଯେ ଏହା—ଏହା ସଠିକ୍ ଅଟେ।

171 କକ୍ଷରୁ ବାହାରିବା ବେଳେ...ବୋଧହୁଏ ମୁଁ ଏହାକୁ ଆଉ ଟିକିଏ ପରେ ଏଠାରେ ନେବି। ଜଣେ ବାଳକ...ତେବେ, ମୁଁ ବର୍ତ୍ତମାନ ଏହାର ଏକ ଅଂଶ କହିବି। ଗତକାଲି, ଭାଇ ବ୍ୟାଙ୍କସ୍

ଏବଂ ମୁଁ, ପ୍ରକୃତରେ ବ୍ୟସ୍ତ ଥିଲୁ, (ଓଃ, ମୋର ପ୍ରଭୁ) ଯଥାସମ୍ଭବ ଚେଷ୍ଟା କରୁଥିଲୁ, ଆଉ ମୁଁ—ମୁଁ ଆପଣଙ୍କୁ କହିବି ଯେ ଏହି ସଭାରେ କଅଣ କରିବାକୁ ଯାଉଥିଲି । ଲିଓ ଏବଂ ଜିନ୍ ଏବଂ ଆମେ ସମସ୍ତେ ସେଠାକୁ ଯିବାକୁ ଯାଉଥିଲୁ, ଆଉ ଭାଇମାନେ, ଏବଂ ଧରି ନିଅନ୍ତୁ ଯେ ଆମେ ଘୁଷୁରି ଶିକାର, ବାରାହ ଶିକାର କରିବାକୁ ଯାଉଥିଲୁ । ଆମର ସଭା ସମାପ୍ତ ହେବା ପରେ, ଆମ ସଭା ଶେଷ ହେବା ପରେ, ସେମାନଙ୍କର ଆରିଜୋନାରେ, ପାଞ୍ଚ ଦିନର ଜଙ୍ଗଲୀ ଘୁଷୁରି ଶିକାର କାର୍ଯ୍ୟକ୍ରମ ରହିଥିଲା । ଆମେ ଗୋଟିଏ ଦିନ ଫିନିକ୍ସକୁ ଯାଉଥିଲୁ, ଏବଂ ଆମକୁ ଅନ୍ୟ ଗୋଟିଏ ହେବା ପର୍ଯ୍ୟନ୍ତ ପାଞ୍ଚ ଦିନ ଅପେକ୍ଷା କରିବାକୁ ପଡୁଥିଲା, ସେମାନଙ୍କୁ ଅନ୍ୟ କୌଣସି ସ୍ଥାନରେ ଅନ୍ୟ ଏକ ସଭା ରଖିବା ପୂର୍ବରୁ ଚାରି ଦିନ ଅପେକ୍ଷା କରିବାକୁ ପଡୁଥିଲା । ଆମକୁ ଠିକ ସେଠାରେ ଆରିଜୋନାରେ ରହିବାକୁ ପଡୁଥିଲା । ତେବେ, ଏହା ସେପରି ହେଉଥିଲା ଯେ ଠିକ ସେହି ସମୟରେ ଜଙ୍ଗଲୀ ଘୁଷୁରି ଋତୁ ଆରମ୍ଭ ହେଉଥାଏ ।

172 ତେଣୁ ମୁଁ ମୋର ଛୋଟ ରାଇଫଲ୍‌ଟିକୁ ଏହା ଦେଖିବା ପାଇଁ ଗୁଳି ଚଲାଇବାକୁ ଚାହୁଁଥିଲି, ଯେ ତାହା ଠିକ୍ ଅଛି କି ନାହିଁ । ବ୍ୟାଙ୍କସ୍ ମୋ ସହିତ ଯାଉଥିଲେ । ଆମେ ଫାଟକ ଆଡେ ଯିବାକୁ ବାହାରିଲୁ, ଫାଟକରୁ ଯିବାକୁ ଆରମ୍ଭ କଲୁ । ଏଠାରେ ଜଣେ ବ୍ୟକ୍ତି ଠିକ, ସେହି ଚିହ୍ନକୁ (ଦେଖନ୍ତୁ, ଯାହାକି କୁହେ, "ଦୟାକରି ଭାଇ ବ୍ରାନହାମ୍‌ଙ୍କ ନିମନ୍ତେ ପଚାରନ୍ତୁ ନାହିଁ") ଅଣଦେଖା କରି ଚାଲି ଆସିଲେ ।

173 ଦେଖନ୍ତୁ, ସେମାନେ ତାହା କରିବାର କାରଣ ହେଲା...ଏହା ଅସୁସ୍ଥ ଲୋକମାନଙ୍କ ପାଇଁ ନୁହେଁ । ମୋର, ଏବଂ ଘରେ, ବ୍ୟାଙ୍କସ୍‌କୁ ପଚାରନ୍ତୁ, ସେ ମୋ ପଡୋଶରେ ରୁହନ୍ତି । ଲୋକମାନେ ଦିନ ଓ ରାତି ଆସନ୍ତି, ଏବଂ ସମସ୍ତ କିଛି ନେଇ, ଅସୁସ୍ଥ ପିଲାମାନଙ୍କ ସହିତ, ସବୁକିଛି ସହିତ । ଆମେ କେବେହେଲେ ସେହିପରି ଜଣେ ବ୍ୟକ୍ତିଙ୍କୁ ମନା କରି ନ ଥାଉ । କିନ୍ତୁ...

174 ଏବଂ ସେମାନେ ମୋତେ, ଲିଓ ଏବଂ ସେମାନେ, ସେଠାରେ ଟ୍ରେଲରରୁ ଡାକିଲେ, ଏବଂ ଜିମ୍ ଓ ସେମାନେ, "ଏଠାରେ କେହି ଜଣେ ଅସୁସ୍ଥ ଶିଶୁ ସହିତ ଅଛନ୍ତି । ଏବଂ ଏଠାରେ ଜଣେ ବ୍ୟକ୍ତି କର୍କଟ ରୋଗରେ ଆକ୍ରାନ୍ତ ଅଛନ୍ତି ।" ଆମେ ସବୁକିଛିକୁ ଛାଡି ତାଙ୍କ ପାଖକୁ ଚାଲିଗଲୁ ।

175 ଗତକାଲି ରାତିରେ ମୋତେ ଏକ ଡାକ୍ତରଖାନା କୋଠରୀକୁ ଡକା ଯାଇଥିଲା ଯେଉଁଠାରେ କେହି ଜଣେ ମୋତେ ଡାକୁଥିଲେ, ଏବଂ ସେଠାରେ ପହଞ୍ଚିବା ପରେ ସେହି ବ୍ୟକ୍ତି ମୋତେ ଭିତରକୁ ସୁଦ୍ଧା ଆସିବାକୁ ଦେଲେ ନାହିଁ । ଦେଖନ୍ତୁ, ଅନ୍ୟ ଜଣେ କେହି କେବଳ ଉତ୍ତେଜିତ ହୋଇଥିଲେ । ମାତ୍ର ତାହା ଠିକ ଅଛି, ମୁଁ ଯେକୌଣସି ପ୍ରକାରେ ହେଲେ ଗଲି । ବୁଝିଲେ? କାରଣ କାହାରି ପାଖକୁ ଯିବା, ତାକୁ ଦେଖା କରିବା, ଓ ସାହାଯ୍ୟ କରିବାକୁ ଚେଷ୍ଟା କରିବା ମୋର କର୍ତ୍ତବ୍ୟ ଅଟେ ।

176 ତେବେ, ସେହି ଚିହ୍ନଟା ସେଇଥି ପାଇଁ ନୁହେଁ । କିନ୍ତୁ ଏହି ବ୍ୟକ୍ତି ଜଣକ, ଠିକ ଯେତେବେଳେ ଆମେ କାର ଭିତରେ ପ୍ରବେଶ କରୁଥିଲୁ, ଏବଂ ଭାଇ ବ୍ୟାଙ୍କସ୍ ଜାଣନ୍ତି ଯେ

ମୋତେ କରିବାକୁ ପଡ଼ିଥିଲା...ମୁଁ ଯେକୌଣସି ପ୍ରକାରେ ସେହି ଘରେ ଅପେକ୍ଷା କଲି। ସେଠାରେ କେହି ଜଣେ ଭାଇ ବ୍ୟାଙ୍କସ୍ ଘରକୁ ଆସିଥିଲେ ଯେଉଥିପାଇଁ କି ସେ ଅଟକି ଗଲେ। ଏବଂ ସେଠାରେ ପହଞ୍ଚିବା ମାତ୍ରେ, ମୁଁ ଅଟକି ଗଲି। ତାହାପରେ ଯେତେ ଶୀଘ୍ର ଆମେ ଆମର ରାଇଫଲ ଧରିଲୁ ଓ ଯେତେବେଳେ କାରରେ ଯିବାକୁ ଆରମ୍ଭ କଲୁ, ଏଠାରେ ଜଣେ ବ୍ୟକ୍ତି ଚାଲିକରି ଆସିଲେ। ସେ ସେଠାକୁ ଚାଲିକରି ଆସିଲେ।

177 ଏବଂ ମୁଁ ତାଙ୍କୁ ସେଠାରେ ବାହାରକୁ ଯାଇ ସେହି ଚିହ୍ନ ଉପରେ ଥିବା ସେହି ସମ୍ପର୍କ କ୍ରମାଙ୍କରେ ଫୋନ୍ କରିବା ପାଇଁ (ବଟ୍ଲର 2-1519 ରେ) କହିବାକୁ ପ୍ରସ୍ତୁତ ହେଉଥିଲି। [ଟେଲିଫୋନ୍ କ୍ରମାଙ୍କ ପରିବର୍ତ୍ତନ କରାଯାଇଛି।—ସମ୍ପା।] ମୁଁ କହିଲି, "ଆମେ ତରବର ଅଟୁ।"

କହିଲେ, "ମୁଁ ଅନୁମାନ କରେ ଯେ ଆପଣ ତରବର ହେଉଅଛନ୍ତି, ମହାଶୟ।"

ମୁଁ କହିଲି, "ମୋର ନାମ..."

178 ପ୍ରଥମେ ମୁଁ ଚାଲିକରି ଗଲି, ସେ କହିଲେ, "ଆପଣ କେମିତି ଅଛନ୍ତି?" ଏବଂ ମୁଁ ଦେଖିଲି ଯେ ସେ ଜାଣି ନ ଥିଲା ଯେ ମୁଁ କିଏ ଥିଲି।

ମୁଁ କହିଲି, "ମୋର ନାମ ବ୍ରାନହାମ୍ ଅଟେ।"

ସେ କହିଲେ, "କଅଣ ଆପଣ ଭାଇ ବ୍ରାନହାମ୍ ଅଟନ୍ତି?"

ମୁଁ କହିଲି, "ମୁଁ ଅଟେ।"

179 ଏବଂ ସେ କହିଲେ, "ମୁଁ—ମୁଁ...ଭାଇ ବ୍ରାନହାମ୍, ମୁଁ ଆପଣଙ୍କୁ ଭେଟିବାକୁ ଚାହୁଁଥିଲି।" କହିଲେ, "ମୁଁ ଦେଖୁଛି ଯେ ଆପଣ କେଉଁଆଡେ ଯିବା ପାଇଁ ବାହାରୁଛନ୍ତି।"

ମୁଁ କହିଲି, "ହଁ, ଆଜ୍ଞା, ମୁଁ ବାହାରୁଅଛି।"

ସେ କହିଲେ, "ମୁଁ ଜାଣେ ଯେ ଆପଣ ତରବର ହେଉଛନ୍ତି।"

ମୁଁ କହିଲି, "ହଁ ଆଜ୍ଞା, ମୁଁ ବର୍ତ୍ତମାନ ହେଉଅଛି।"

180 ଏବଂ ସେ କହିଲେ, "ତେବେ, ମୁଁ ଆପଣଙ୍କ ସହିତ ଅଳ୍ପ କିଛି ମିନିଟ୍ କଥା ହେବାକୁ ଚାହୁଁଥିଲି।"

181 ଏବଂ ମୁଁ ତାଙ୍କୁ ଠିକ କହିବାକୁ ହିଁ ଯାଉଥିଲି; ଏବଂ ପବିତ୍ରଆତ୍ମା କହିଲେ, "ତାଙ୍କୁ କୋଠରୀକୁ ନେଇ ଯାଅ, ତୁମେ ତାଙ୍କୁ ସାହାଯ୍ୟ କରିପାର।" ତେବେ, ସେଠାରେ, ତାହା ସବୁକିଛି ପରିବର୍ତ୍ତନକୁ କରିଦିଏ। ବନ୍ଧୁକଟିକୁ ଠିକ ଅଲଗା ଥୋଇ ଦେଲି, ଏବଂ ସେହିପରି ସବୁକିଛିକୁ ରଖି ଦେଲି, ପରମେଶ୍ୱରଙ୍କ କାର୍ଯ୍ୟ ପ୍ରଥମେ ଅଟେ। ବୁଝିଲେ? ଏବଂ ସେ କହିଲେ...

182 ମୁଁ କହିଲି, "ଆସନ୍ତୁ, ମୋ ସହିତ ଚାଲନ୍ତୁ।" ମୁଁ କହିଲି, "ମୁଁ ଅଳ୍ପ ସମୟ ପରେ ଫେରି ଆସିବି, ଭାଇ ବ୍ୟାଙ୍କସ୍।"

ସେ କହିଲେ, "ଏହା ମୋର ପ୍ରାଣ ବିଷୟରେ ଅଟେ, ଭାଇ ବ୍ରାନହାମ୍ ।"

ମୁଁ କହିଲି, "ଠିକ ଅଛି, ଭିତରକୁ ଆସନ୍ତୁ ।"

ଘର ଦେଇ ଭିତରକୁ ଆସିଲୁ, ମେଡା କହିଲେ, "ତୁମେ ଏପର୍ଯ୍ୟନ୍ତ ଯାଇ ନାହଁ କି?"

183 ମୁଁ କହିଲି, "ନା, ନା, ନା, ଏଠାରେ କେହି ଜଣେ ବାହାରେ ଅଛନ୍ତି ।" ମୁଁ କହିଲି, "ପିଲାମାନଙ୍କୁ ପଛରେ ଅନ୍ୟ କୋଠରୀରେ ରଖି ଦିଅ ।" ମୁଁ ତାଙ୍କୁ ଛୋଟ ଅଧ୍ୟୟନ କୋଠରୀକୁ ନେଇଗଲି, ବସାଇଲି । ଯେମିତି ହିଁ ସେ ବସିଛନ୍ତି...

184 ସେହି ବ୍ୟକ୍ତି ଗତକାଲି ରାତି ଗୀର୍ଜାରେ ଥିଲେ । ନା ସେ କଅଣ ଆସିଥିଲେ କି, ବ୍ୟାଙ୍କସ୍? କଅଣ ଆପଣ...ହଁ, ତେବେ, ତାଙ୍କୁ ଗତକାଲି ରାତିରେ ଆସିବାକୁ ଥିଲା । ସେ ତ ଠିକ୍...

185 ପ୍ରଥମ ବିଷୟ, ପବିତ୍ରଆତ୍ମା ତାଙ୍କୁ ଜଣାଇବାକୁ ଆରମ୍ଭ କଲେ ଯେ ସେ କିଏ ଅଟନ୍ତି, ସେ କଅଣ କରିଥିଲେ, ତାଙ୍କ ଜୀବନସାରା କଅଣ ଘଟିଥିଲା, ଏହା ବିଷୟରେ ସବୁକିଛି, ଦେଖନ୍ତୁ, ଠିକ୍ କହି ଚାଲିଲେ, ତାଙ୍କୁ ସବୁକିଛି କହିଲେ । ବ୍ୟାଙ୍କସ୍ ଏକ ସାକ୍ଷୀ ଅଟନ୍ତି । କଦାପି ହେଲେ ନିଜ ପାଟି ଖୋଲି ମୋତେ ପ୍ରାୟଃ ଦୁଇ ଶବ୍ଦ ସୁଦ୍ଧା କହିଲେ ନାହିଁ; ଏବଂ ସେଠାରେ ତାହା ତାଙ୍କୁ କହିବାକୁ ଲାଗିଲା, କହିଲା, "ତୁମେ ଜଣେ ବାରବୁଲା ହୋଇ ରହିଛ, ତୁମେ ପ୍ରକୃତରେ ମାଡିସନ୍‌ରେ ରୁହ । ତୁମେ ଠିକ ବର୍ତ୍ତମାନ ହିଁ ଇଣ୍ଡିୟାନାର, ଇଭାନ୍ସଭିଲେରୁ ଆସିଛ । ତୁମେ ସେଠାରେ ତଳେ ଏହି ବାଇବଲ ବିଦ୍ୟାଳୟକୁ ଯାଇଥିଲ, ଯାହାକି ଏକ ପନ୍ଥ ଅଟେ, ଆଉ ସବୁ କିଛି ଘଣ୍ଟା ଚକଟା ହୋଇ ଯାଇଥିଲା । ତୁମେ କିଛି ମିନିଟ୍ ପୂର୍ବରୁ ହିଁ ଲୁଇସ୍‌ଭିଲେକୁ ଆସିଛ । ସେଠାରେ ଜଣେ ଲୋକ ଥିଲେ, ଏବଂ ଜଣେ ଲୋକ ତୁମକୁ କହିଲେ (ଯାହାଙ୍କ ସହିତ ତୁମେ ବସି ଭୋଜନ କରିଥିଲ), ତୁମକୁ କହିଲେ ଯେ ଏଠାକୁ ଆସି ମୋତେ ଦେଖା କରିବା ନିମନ୍ତେ ଏବଂ 'ସେ ତୁମକୁ ସମସ୍ୟାରୁ ଠିକ କରିଦେବେ ।'" ମୁଁ କହିଲି, "ତାହା **ସଦାପ୍ରଭୁ ଏହି କଥା କୁହନ୍ତି** ଅଟେ!"

186 ସେହି ଲୋକଟି କେବଳ ବସି, ନିଜର ଆଖି ପଲକ ମାରିଲେ, ମୋ ଆଡ଼େ ଅନାଇ, କହିଲେ, "ହଁ, ମହାଶୟ!"

ମୁଁ କହିଲି, "ତୁମକୁ ଆଶ୍ଚର୍ଯ୍ୟ କରି ପକାଇଲା, କଅଣ ତାହା ନୁହେଁ କି?"

ସେ କହିଲେ, "ଏହା କଲା ।"

ମୁଁ କହିଲି, "କଅଣ ତୁମେ ପବିତ୍ରଆତ୍ମାଙ୍କୁ ବିଶ୍ୱାସ କର କି?"

ସେ କହିଲେ, "ମୁଁ କରିବାକୁ ଚାହେଁ, ମହାଶୟ ।"

187 ଏବଂ ମୁଁ କହିଲି, "କଅଣ ତୁମେ ଚାହୁଁଛ ଯେ ମୁଁ ତୁମକୁ ତାହା କୁହେ ଯାହା ବିଷୟରେ ତୁମେ ଭାବୁଛ?"

188 ସେ କହିଲେ, "ହଁ, ମହାଶୟ ।" ଏବଂ ମୁଁ ତାଙ୍କୁ କହିଲି । ସେ କହିଲେ, "ଏବଂ, ଭାଇ, ତାହା ସତ୍ୟ ଅଟେ ।"

ଆଉ ମୁଁ କହିଲି, “ତୁମର ଚିନ୍ତାଧାରାକୁ ପରିବର୍ତ୍ତନ କର ।”

ସେ କହିଲେ, “ଠିକ ଅଛି, ମୁଁ କରି ଅଛି ।”

ମୁଁ କହିଲି, “ ଏହା ତାହା ଅଟେ ଯାହା ବିଷୟରେ ତୁମେ ଚିନ୍ତା କରୁଅଛ ।”

ସେ କହିଲେ, “ତାହା ଠିକ୍ ଅଟେ! ତାହା ଠିକ୍ ଅଟେ!”

189 ମୁଁ କହିଲି, “ତେବେ, ତୁମକୁ ଏକ ଦର୍ଶନର ଆବଶ୍ୟକତା ନାହିଁ, ତୁମେ ତ କେବଳ ସଳଖ କରାଯିବା ଆବଶ୍ୟକ କର ।” ଏବଂ ମୁଁ ତାଙ୍କୁ ସେଠାରେ ଏପରି କିଛି କହିଲି ଯାହାକି ଆପଣ ଚାହିବେ ନାହିଁ ଯେ ମୁଁ କୁହେ ବୋଲି । ଯଦି ଏହା ଆପଣଙ୍କ ଉପରେ ହୋଇଥାଆନ୍ତା, ତେବେ ଆପଣ ତାହା ଚାହିଁ ନ ଥାଆନ୍ତେ । ଏହା ତ ଏପରି କିଛି ଖରାପ ବିଷୟ ଅଟେ ଯାହାକି ଭୟଙ୍କର ଥିଲା, ତେଣୁକରି ଆପଣ ଏହା ଚାହିଁବେ ନାହିଁ ଯେ ମୁଁ ତାହା କୁହେ ଯଦି ଏହା ଆପଣଙ୍କ ଉପରେ ହୋଇଥାଆନ୍ତା । ଏବଂ ପ୍ରଭୁ ମୋତେ ଲୋକମାନଙ୍କ ବିଷୟରେ ଯାହା କିଛି ଦେଖାନ୍ତି ମୁଁ ତାହା କୁହେ ନାହିଁ । ତେଣୁ ମୁଁ କହିଲି, “ଠିକ ଅଛି, କଅଣ ତୁମେ ଏହା କରିବ କି?”

ସେ କହିଲେ, “ମୁଁ କରିବି ।”

ମୁଁ କହିଲି, “ତେବେ ନିଜ ମାର୍ଗରେ ଯାଆନ୍ତୁ ।”

190 ଆମେମାନେ ପ୍ରାୟଃ ଦଶ ମିନିଟରୁ ଅଧିକ ସମୟ ହେବ ନାହିଁ ସେଠାରେ ଥିଲୁ, ଭାଇ ବ୍ୟାଙ୍କସ୍, କଅଣ ତାହା ନ ଥିଲା କି? ପ୍ରାୟଃ, ସାତରୁ ଦଶ ମିନିଟ୍ ଭିତରେ । ବାହାରକୁ ଚାଲିଗଲେ, ରାସ୍ତାରେ ତଳକୁ ଓହ୍ଲାଇ ଆସିଲେ, ଏବଂ ରାସ୍ତାରେ ଚାଲିବାକୁ ଲାଗିଲେ, ସେ ଏବଂ ମୁଁ ଓ ବ୍ୟାଙ୍କସ୍ ଏବଂ ମୋର ଛୋଟ ପୁଅ, ଜୋ, ମୁଁ ବିଶ୍ୱାସ କରେ ଯେ ଏହା, ଏକତ୍ର ଗାଡି ଚଲାଇଥିଲେ, ଦୃତମାର୍ଗରେ ତଳକୁ ଯାଇଥିଲେ । ସେ ମୋ ଆଡ଼କୁ ବୁଲି ପଡିଲେ, ସେ କହିଲେ, “ମହାଶୟ, ମୁଁ ଆପଣଙ୍କୁ ଏକ ପ୍ରଶ୍ନ ପଚାରିବାକୁ ଚାହେଁ ।”

ମୁଁ କହିଲି, “ଠିକ୍ ଅଛି ।”

191 ସେ କହିଲେ, “ମୁଁ ଟିକିଏ ଦ୍ୱନ୍ଦ୍ୱରେ ଅଛି ।” ସେ କହିଲେ, “ଆପଣ ମୋ ବିଷୟରେ ସେହି ସବୁ କଥା କିପରି ଜାଣିଲେ?” ବୁଝିଲେ? ବ୍ୟାଙ୍କସ୍ ସେଠାରେ ବସିଥିଲେ ।

192 ଆଉ ମୁଁ କହିଲି, “ମହାଶୟ, କଅଣ ତୁମେ କେବେ ମୋର ଦର୍ଶନମାନ ଏବଂ ମୋର ସେବାକାର୍ଯ୍ୟ ବିଷୟରେ ଶୁଣିଛ କି?”

193 ସେ କହିଲେ, “ପ୍ରାୟଃ ଏକ ଘଣ୍ଟା ପୂର୍ବରୁ ମୁଁ ଆପଣଙ୍କର ନାମ ସୁଦ୍ଧା କେବେ ଜାଣି ନ ଥିଲି । କେହି ଜଣେ ମୋତେ କହିଲେ, ସେଠାରେ ଠିକ ଲୁଇସ୍ୱିଲେରେ କହିଲେ, ମୋତେ ଏଠାକୁ ଆସିବା ପାଇଁ କହିଲେ, ଏବଂ ମୁଁ ସେତୁ ପାର ହୋଇ ଆସିଥିଲି ।” ବ୍ୟାଙ୍କସ୍, କଅଣ ତାହା ଠିକ୍ କି? ସେ କହିଲେ, “ମୁଁ ତ ଆପଣଙ୍କର ନାମ ସୁଦ୍ଧା କେବେ ବି ଜାଣି ନ ଥିଲି, ଏହା ଜାଣି ନ ଥିଲି ଯେ ଆପଣ କିଏ ଥିଲେ ।”

194 ମୁଁ କହିଲି, "ମୋର ସେବାକାର୍ଯ୍ୟରେ, ଏହା ତ ପରମେଶ୍ୱରଙ୍କ ଏକ ବରଦାନ ଅଟେ ଯାହାକି ସେ ପଠାଇ ଅଛନ୍ତି।"

195 ସେ କହିଲେ, "ତେବେ ଯଦି ତାହା—ତାହା ହିଁ ହେଉଛି ସେହି ଉପାୟ ଯାହାକି ତାହା ଅଟେ," କହିଲେ, "ତେବେ ମୁଁ..." କହିଲେ, "ମୁଁ ତ କେବଳ ସମସ୍ତ...ମୁଁ ବର୍ତ୍ତମାନ ଠିକ ଅଛି," ସେ କହିଲେ, "ସବୁକିଛି ଚାଲିଯାଇଛି।" ଦେଖନ୍ତୁ? ସେ କହିଲେ, "ଏହା ଯାହା ଥିଲା, ତାହା ପରମେଶ୍ୱର ଆପଣଙ୍କ ଦେଇ ମୋ ସହିତ କଥା ହେଉଥିଲେ।"

ମୁଁ କହିଲି, "ସଠିକ୍।"

196 ସେ କହିଲେ, "ବର୍ତ୍ତମାନ, ମୁଁ ବାଇବଲରେ ବୁଝୁଅଛି ଯେ...ଥରେ ମୁଁ ବାଇବଲରେ ପାଠ କରୁଥିଲି ଏବଂ, କହିଥିଲା, ଯୀଶୁ ଆପଣା ଶିଷ୍ୟମାନଙ୍କୁ କହିଲେ," ଯେଉଁଥିରେ ତାଙ୍କର ଅର୍ଥ ଥିଲା "ଲୋକମାନେ," ଆପଣ ଦେଖନ୍ତୁ। କହିଲେ, "ଆପଣା ଶିଷ୍ୟମାନଙ୍କ ସହିତ କଥାବାର୍ତ୍ତା କଲେ ଏବଂ ସେ ସେମାନଙ୍କୁ ତାହା ବିଷୟରେ କହିଲେ ଯାହା ସେମାନେ ଚିନ୍ତା କରୁଥିଲେ।" ଦେଖନ୍ତୁ, "ସେମାନଙ୍କର ଚିନ୍ତାଧାରାକୁ ବୁଝିପାରିବା" ହିଁ ତାହା ଅଟେ ଯେଉଁଠାକୁ ସେ ପହଞ୍ଚୁଥିଲେ। ସେ କହିଲେ, "ଏବଂ ସେ କହିଥିଲେ ଯେ ଏହା ତାହାଙ୍କର ପିତା ହିଁ ଥିଲେ ଯିଏକି ତାଙ୍କ ଦେଇ କଥା କହୁଥିଲେ।"

ମୁଁ କହିଲି, "ତାହା ଠିକ୍ ଅଟେ।"

197 ସେ କହିଲେ, "ତାହାହେଲେ, ବର୍ତ୍ତମାନ, ପିତା ତେବେ ଆପଣଙ୍କ ଦେଇ ମୋ ସହିତ କଥା ହେବା ନିମନ୍ତେ, ମୋତେ ଏହିସବୁ କହିବା ପାଇଁ ଆପଣଙ୍କୁ ବ୍ୟବହାର କଲେ, ମୋତେ ଏହା ବିଶ୍ୱାସ କରାଇବା ହେତୁ ଯେ ଆପଣ ଯାହାକିଛି ମୋତେ କହିଲେ ତାହା ସତ୍ୟ ଅଟେ।"

ମୁଁ କହିଲି, "କଅଣ ଏହା ସତ୍ୟ ଥିଲା?"

ସେ କହିଲେ, "ହଁ।" କହିଲେ, "ତାହାହେଲେ ଏହାକୁ ତ ପରମେଶ୍ୱର ହିଁ ହେବାକୁ ଅଛି।"

198 ଏବଂ ମୁଁ କହିଲି, "ଭାଇ, ତୁମେ ବର୍ତ୍ତମାନ ଏହା ବିଷୟରେ ଅଧିକ ଜାଣିଛ" (ମୁଁ ଏବଂ ବ୍ୟାଙ୍କସ୍ ଟିପ୍ପଣୀ କରୁଥିଲୁ) "ତାହା ଅପେକ୍ଷା ଅଧିକ ଯେଉଁମାନେକି ଦଶ ବର୍ଷ ଧରି ସଭାରେ ରହିଆସିଛନ୍ତି ଏବଂ ତଥାପି ତାହା ଜାଣନ୍ତି ନାହିଁ।" କେବଳ ସେହି—ସେହି ଲୋକ! ବର୍ତ୍ତମାନ, ତାହା ହିଁ ଅଟେ ଯାହାକି ତାହା ଅଟେ। ବୁଝିଲେ?

**ଏବଂ କଅଣ ପରଭାଷାରେ (କ୍ରମରେ) ଆତ୍ମା ଭବିଷ୍ୟଦ୍‌ବାଣୀ ଅଟେ କି ଯାହା ସେବା ସମୟରେ ବ୍ୟବହୃତ ହେବା କଥା?**

199 ନା। ଏହାକୁ ତ ଏହି ଉପାୟରେ ବ୍ୟବହାର କରାଯିବା ଉଚିତ, ଏବଂ ତାହାପରେ ସେବାରେ *କୁହାଯିବା* ଉଚିତ। କିନ୍ତୁ ଏହି ସମୟ ପାଇଁ, ଏହି ବର୍ତ୍ତମାନ ସମୟ ପାଇଁ, ସେମାନଙ୍କୁ କହିବାକୁ ଦିଅନ୍ତୁ। ତେବେ, ଯଦି ଏହା ହାତରୁ ଖସି ଯାଉଥିବା ଭଳି ଲାଗୁଥାଏ, ତାହାହେଲେ ଏହା ନୁହେଁ, ଆପଣଙ୍କୁ ତ ତାହା ନଜର ରଖିବାକୁ ଅଛି। ତେବେ, ବେଳେବେଳେ ଏହା

ପରମେଶ୍ୱର ହୋଇପାରନ୍ତି । ଏବଂ ସେହି ଛୋଟ ପିଲାମାନେ, ଯେପରିକି ଏକ ଛୋଟ ଶିଶୁ ଚାଲିବାକୁ ଚେଷ୍ଟା କରିଥାଏ, ବର୍ତ୍ତମାନ, ଯଦି ସେ ଚାରି କିମ୍ବା ପାଞ୍ଚ ଥର ତଳେ ପଡିଯାଏ... ତେବେ, ମୁଁ ଏହାକୁ ସେହି ସମୟଠାରୁ ଦେଖିଅଛି ଯେବେଠାରୁ ମୁଁ ଏଠାରେ ଏହି ମଣ୍ଡଳୀରେ ରହିଛି, ଏବଂ—ଏବଂ, ତେବେ, ମୁଁ—ମୁଁ ଏହାକୁ ସେହିପରି ଭାବରେ ଛାଡିଦେବି । ବୁଝିଲେ? ଏବଂ, ମାତ୍ର, ଆପଣ ଦେଖନ୍ତୁ, ମାତ୍ର ଏହାର କେଉଁ ବିଷୟରେ, ତେବେ ଆପଣ କହିବେ, "ଭାଇ ବ୍ରାନହାମ୍, ଆପଣ ଏହାକୁ କାହିଁକି ସଂଶୋଧନ କଲେ ନାହିଁ?" ନା, ନା ।

200 ଯେତେବେଳେ ସେଠାରେ ପଶ୍ଚାତ ସମୟରେ ବିଲି ପଲ୍ ପ୍ରଥମେ ଚାଲିବାକୁ ଆରମ୍ଭ କରିଥିଲା, ସେତେବେଳେ ସେ ଉପର ଓ ତଳ ହୋଇଥିଲା, ଏବଂ ସେ ଉପର ହେବା ଅପେକ୍ଷା ଅଧିକ ତଳକୁ ହୋଇଥିଲା । ମାତ୍ର କିପରି ଚାଲିବାର ଅଛି ତାହା ଜାଣି ନ ଥିଲା । କିନ୍ତୁ ମୁଁ ବିଶ୍ୱାସ କରୁଥିଲି ଯେ ତାହା ପାଖରେ ଚାଲିବାର ଏକ ବରଦାନ ଥିଲା । ବୁଝିଲେ? ମୁଁ ତାକୁ ଟିକିଏ ସମୟ ଚାଲିବା ପାଇଁ ଛାଡି ଦେଲି । ଏବଂ ତାହାପରେ ଯେତେବେଳେ ସେ ତାହାର ବଡ ପାଦରେ ଝୁଣ୍ଟିବାକୁ ଲାଗିଲା, ସେତେବେଳେ ମୁଁ ତାକୁ ଏହା ବିଷୟରେ କହିଲି । ଆପଣ ବୁଝିଲେ ଯେ ମୋର କହିବାର ଅଭିପ୍ରାୟ କଅଣ ଅଟେ? ଦେଖନ୍ତୁ? ଅନ୍ୟ କିଛି ବିଷୟ ଦେଖିବାକୁ ଯାଏ ଏବଂ ଅନ୍ୟ କିଛି ବିଷୟରେ ଝୁଣ୍ଟି ପଡ଼େ, ମୁଁ କୁହେ, "ପୁଅରେ, ନିଜ ଗୋଡକୁ ସଂଯତ କର । ତୁ କେଉଁଠାରେ ଅଛୁ?" ବୁଝିଲେ? ତେବେ, ତାହା—ତାହା ହିଁ ହେଉଛି ପାର୍ଥକ୍ୟ, ଆପଣ ଦେଖନ୍ତୁ ।

201 ତେବେ, ସେମାନଙ୍କୁ—ସେମାନଙ୍କୁ ଝୁଣ୍ଟିବାକୁ ଦିଅନ୍ତୁ ଏବଂ ସେମାନଙ୍କୁ ଅଳ୍ପ ସମୟ ଅବରୋଧ କରିବାକୁ ଦିଅନ୍ତୁ । ବର୍ତ୍ତମାନ, ଯେତେବେଳେ ଆପଣ ସେମାନଙ୍କୁ ସଂଶୋଧନ କରିବାକୁ ଯାଆନ୍ତି, ଯଦି ସେମାନେ ଏହାକୁ ବିରୋଧ କରନ୍ତି ତେବେ ଆପଣ ନିଜେ ତାହା ଜାଣିଯାଆନ୍ତି ଯେ ଏହା ପରମେଶ୍ୱର ନୁହଁନ୍ତି । କାରଣ ପରମେଶ୍ୱରଙ୍କ ଆତ୍ମା ଅଧୀନସ୍ଥ ଅଟେ । ଯେପରିକି ଆପଣ ଏଠାରେ ଅଳ୍ପ ଟିକେ ପାଇଲେ, "ଭବିଷ୍ୟତ୍‌ବାଣୀର ଆତ୍ମା ଭବିଷ୍ୟଦ୍‌ବକ୍ତାଙ୍କ ଅଧୀନରେ ଅଟେ ।" ବୁଝିଲେ? ତାହା ଠିକ୍ ଅଟେ ।

> [ଭାଇ ଷ୍ଟ୍ରିକର କୁହନ୍ତି, **"ଭାଇ ବ୍ରାନହାମ୍, ମୁଁ କିଛି ସଂଶୋଧନ ପସନ୍ଦ କରିବି ।"**—ସମ୍ପା ।] ଠିକ୍ ଅଛି, ଭାଇ । [**"ଅନେକ ଥର ମୁଁ ସେବାରେ ବସିଥାଏ ଏବଂ ମୁଁ ପରଭାଷାରେ କଥା କହିବା ଓ ବ୍ୟାଖ୍ୟା କରିବା ଶୁଣିଥାଏ, ଏବଂ ଅଧିକାଂଶ ସମୟରେ ମୁଁ ଏହା ବିଷୟରେ ବହୁତ ଖରାପ ଅନୁଭବ କରିଥାଏ । ଏବଂ ମୁଁ ଘରକୁ ଯାଏ ଏବଂ ମୋତେ ଏହିପରି ଅନୁଭବ ହୁଏ ଯେପରିକି ମୁଁ ସର୍ବଦା ଅନୁତାପ କରୁଥିବି । କଅଣ ତାହା ଏଇଥି ପାଇଁ ଥିଲା ଯେ ମୁଁ ଅନୁଭବ କରିଥିଲି ଯେ ଏହା ପରମେଶ୍ୱରଙ୍କର ନ ଥିଲା, କିମ୍ବା କଅଣ ଏହା ଏଇଥି ପାଇଁ ଥିଲା ଯେ ତାହା କ୍ରମରୁ ବାହାରେ ଥିଲା?"**]

202 ଏହା ହୋଇ ଥାଇପାରେ, ଭାଇ, ଏହା ଦୁଇ ଭିତରୁ କୌଣସି ଟା ବି ହୋଇଥାଇପାରେ । ବୁଝିଲେ? ମୁଁ ତ କହିବି...ବର୍ତ୍ତମାନ, ଏହା—ଏହା ୱିଲିୟମ୍ ବ୍ରାନହାମ୍ ଅଟନ୍ତି, ଦେଖନ୍ତୁ; ଯେପର୍ଯ୍ୟନ୍ତ ମୁଁ ଶାସ୍ତ୍ର ଭିତରକୁ ପ୍ରବେଶ ନ କରେ, କାହିଁକି, ଏହା ତଥାପି ମୁଁ ଅଟେ, ଆପଣ

ଦେଖନ୍ତୁ । ତେବେ, ମୁଁ ଏହା କହିବି, ଭାଇ ଷ୍ଟ୍ରିକର୍, ତାହା ଦୁଇ ଭିତରୁ କୌଣସି ଟା ବି ହୋଇ ଥାଇପାରେ । ଏହା ହୋଇପାରେ ଯେ ତାହା କ୍ରମରୁ ବାହାରେ ଥିଲା; ଏହା ହୋଇପାରେ ଯେ ତାହା ଆପଣଙ୍କ ସହିତ କିଛି ଗୋଟାଏ ଭୁଲ୍ ଥିଲା; ଏହା ହୋଇପାରେ ଯେ ସେଠାରେ ସେହି ବ୍ୟକ୍ତି ସହିତ କିଛି ଗୋଟାଏ ଭୁଲ୍ ଥିଲା; ବାର୍ତ୍ତା ସହିତ କିଛି ଗୋଟାଏ ଭୁଲ ଥିଲା; କିଅବା କୌଣସି ବିଷୟ ସହିତ ଭୁଲ୍ ଥିଲା ଯାହାକି ଆପଣଙ୍କୁ ଖରାପ *ଅନୁଭବ* କରାଇଥାଏ ।

203 ତେବେ, ବର୍ତ୍ତମାନ, ଭାଇ ଷ୍ଟ୍ରିକର୍, ମୋତେ ଏଠାରେ, ଆପଣଙ୍କୁ ଅଳ୍ପ ଟିକିଏ ସାହାଯ୍ୟ କରିବାକୁ ଦିଅନ୍ତୁ । ଦେଖନ୍ତୁ? ସର୍ବଦା…କୌଣସି ବିଷୟକୁ ତାହାର ଭାବନା ଦ୍ୱାରା ବିଚାର କରନ୍ତୁ ନାହିଁ, ଆପଣ ଦେଖନ୍ତୁ । ତାହାକୁ ଏହାର ଗୁଣ ଦ୍ୱାରା ବିଚାର କରନ୍ତୁ, ଆପଣ ଦେଖନ୍ତୁ; ତାହା ଯାହାକିଛି ବି ଫଳ ଧାରଣ କରେ, ଆପଣ ଦେଖନ୍ତୁ । କାରଣ ବେଳେବେଳେ…

204 ଅବଶ୍ୟ, ଆମେମାନେ ଅନୁଭବ କରୁ ଯେ ଏପରି କିଛି ବିଷୟ ଅଛି ଯାହାକି ଆପଣ ଅନୁଭବ କରନ୍ତି, ସେହି ଅଶୁଭ ଅନୁଭୁତି । ମୁଁ ଏହାକୁ ନିଜେ ଅବୁଭବ କରିଥାଏ, ଏବଂ, ପିଲାଏ, ମୁଁ ଠିକ୍—ଠିକ୍ ସହଜ ଭାବରେ ଦୂରକୁ ଚାଲିଯିବାକୁ ଆରମ୍ଭ କରେ, ଆପଣ ଜାଣନ୍ତି । ମାତ୍ର ମୁଁ କିଛି କୁହେ ନାହିଁ । ଏହାକୁ ଠିକ ଏକାକୀ ଛାଡିଦିଅନ୍ତୁ' କାରଣ ମୁଁ ଜାଣେ ନାହିଁ ଯେ ଏହା କଅଣ ହୋଇପାରେ, ଆପଣ ଦେଖନ୍ତୁ, ଯେପର୍ଯ୍ୟନ୍ତ କି ମୁଁ ଏହା *ଜାଣେ* ନାହିଁ ଯେ ତାହା କଅଣ ଅଟେ ।

205 ବର୍ତ୍ତମାନ, ଅନେକ ଲୋକ ଯେପରି କୁହନ୍ତି, "ହ୍ୟା! ଭାଇ, ମୁଁ ଜାଣେ ଯେ ମୁଁ ପବିତ୍ରଆତ୍ମା ପାଇଅଛି! ହାଲ୍ଲେଲୁୟା! ପରମେଶ୍ୱରଙ୍କର ପ୍ରଶଂସା ହେଉ!" ଏବଂ ତଥାପି ସେମାନେ ପବିତ୍ରଆତ୍ମା ପାଇ ନ ଥାଆନ୍ତି । ସେମାନେ ପରଭାଷାରେ କଥା କହିପାରନ୍ତି, ଏବଂ ଅନ୍ୟାନ୍ୟ ସମସ୍ତକିଛି ବିଷୟ କରିପାରନ୍ତି, ଏବଂ ଆତ୍ମାରେ ଚିତ୍କାର କରିପାରନ୍ତି ଏବଂ ନୃତ୍ୟ କରିପାରନ୍ତି, ଏବଂ ତଥାପି ପବିତ୍ରଆତ୍ମା ପାଇ ନ ଥାଆନ୍ତି । କାରଣ ବର୍ଷା ଉଭୟ ଧାର୍ମିକ ଏବଂ ଅଧାର୍ମିକ ଉପରେ ପଡ଼ିଥାଏ । ଏହା ଭାବନା ଦ୍ୱାରା ନୁହେଁ, ଏହା ତ ସେମାନଙ୍କର *ଫଳ* ଦ୍ୱାରା ଚିହ୍ନା ଯାଇଥାଏ ।

206 ଧରନ୍ତୁ ସେଠାରେ ଏକ…କଅଣ ତାହା ବିଷୟରେ ମୋର ଦର୍ଶନ ମନେ ଅଛି କି? କିପରି ଯେ…ଏବ୍ରୀ 6, ଆପଣ ଦେଖନ୍ତୁ, "କାରଣ ଯେଉଁ ଭୂମି ଆପଣା ଉପରେ ବାରମ୍ବାର ପତିତ ବୃଷ୍ଟିଜଳ ପାନ କରେ, ଆଉ ଯେଉଁମାନଙ୍କ ନିମନ୍ତେ ତାହା ଚାଷ କରାଯାଏ, କିନ୍ତୁ ତାହା ଯଦି କଣ୍ଟା ଓ ଅଗରାଗଛ ଉତ୍ପନ୍ନ କରେ ତେବେ ତାହା ଅଗ୍ରାହ୍ୟ ହୋଇ ଅବିଳମ୍ବେ ଶାପଗ୍ରସ୍ତ ହୁଏ, ପୁଣି ତାହାର ଚରମ ଦଶା ଅଗ୍ନିଦାହ ।"

207 ମୋତେ କ୍ଷମା କରିବେ, ମୁଁ ଟିକିଏ ପବନ ଭିତରକୁ ଆସିବା ପାଇଁ ଦେବି, ମୁଁ ଜାଣେ ଯେ ଆପଣ ସମସ୍ତେ ନିଦ୍ରିତ ଅନୁଭବ କରୁଛନ୍ତି ଏବଂ ଥକିତ ହୋଇ ଯାଇଛନ୍ତି । ତେଣୁକରି ବର୍ତ୍ତମାନ, ଅପେକ୍ଷା କରନ୍ତୁ, ମୋତେ ଏସବୁ ଦେଇ ଟିକିଏ ଶୀଘ୍ର କରିବାକୁ ପଡିବ ନୋହିଲେ ମୁଁ ସେଗୁଡିକୁ ନେଇ ପାରିବି ନାହିଁ। ଏଥିରେ ରହିଛି…ଆମେ ଏହାର ସବୁକିଛିର—ର ଆଧାରରେ ଅଛୁ, ଠିକ୍ ଏଠାରେ ଏହି ହାତଗଣତିରେ । କିନ୍ତୁ ସେମାନେ…ଦେଖନ୍ତୁ, ସେହି…

208 ଏଠାରେ ଗହମରେ ପରିପୂର୍ଣ୍ଣ ଏକ—ଏକ କ୍ଷେତ ଅଛି । ଏବଂ ସେହି କ୍ଷେତରେ ଜଙ୍ଗଲୀ ଜିମସନ୍ ତୃଣ, କଣ୍ଟକଲତା, କିମ୍ବା ଯାହା-କିଛି ବି, ବାଳୁଙ୍ଗା ତୃଣ ବୁଣା ଗଲା । ତେବେ, ମରୁଡ଼ି ଆସିଲା । ବର୍ତ୍ତମାନ, କଅଣ ସେହି ଜଙ୍ଗଲୀ ଜିମସନ୍ ତୃଣ ଏବଂ କଣ୍ଟକଲତା ଗଛ ଠିକ ଗହମ ପରି ତୃଷାର୍ତ୍ତ ହୁଅନ୍ତି ନାହିଁ କି? ଏବଂ କେଉଁ ପ୍ରକାର ବର୍ଷା…ଏକ ବିଶେଷ ବର୍ଷା ଗହମ ଉପରେ ପଡେ ଏବଂ ତାହାପରେ ଏକ ବିଶେଷ ବର୍ଷା କଣ୍ଟକଲତା ଉପରେ ପଡେ? କଅଣ ତାହା ଠିକ୍ ଅଟେ? ନା, ସେହି ସମାନ ବର୍ଷା ଏହା ଉପରେ ପତିତ ହୁଏ । କଅଣ ତାହା ଠିକ୍ କି? ସେହି ସମାନ ଆତ୍ମା କପଟୀ ଉପରେ ପଡ଼େ ଯାହାକି ଖ୍ରୀଷ୍ଟିଆନ ଉପରେ ପଡ଼ିଥାଏ, ସେହି ସମାନ ବିଷୟ ଅଟେ । ମାତ୍ର ସେମାନଙ୍କ "ଫଳ" ଦ୍ୱାରା! ଭାଇମାନେ, କଅଣ ତାହା ନିମଜ୍ଜିତ ହେଲା କି?

209 ପବିତ୍ରଆତ୍ମାଙ୍କର ପ୍ରମାଣ ହେଉଛି ଏହାର ଫଳ, ଆତ୍ମାର ଫଳ । ତେବେ, ଏହା… ତେବେ, ବର୍ତ୍ତମାନ, ଆପଣ କୁହନ୍ତି, "ମୁଁ ଏକ ଡେଙ୍ଗ ଅଟେ, ମୁଁ ଏକ କଣ୍ଟକଲତା ଅଟେ । ମୁଁ ଠିକ ସେହି ସମାନ ପ୍ରକାରର ଏକ ଡେଙ୍ଗ ଅଟେ ଯେପରିକି ଏକ ଡେଙ୍ଗ ସେହି ଗହମ ଅଟେ ।" ମାତ୍ର ଆପଣଙ୍କ ଭିତରେ କି ପ୍ରକାର ଏକ ଜୀବନ ଅଛି? ତାହା ଭିତରେ ଥିବା ସେହି ଜୀବନ କଣ୍ଟାକୁ ଧାରଣ କରେ, ସର୍ବଦା କଳି ଝଗଡା କରୁଥାଏ, ଏବଂ, "ପାଟିତୁଣ୍ଡ କରୁଥାଏ," ନୀଚମନା ଏବଂ ମନ୍ଦ, ଓ ସବୁକିଛି ଥାଏ । ଦେଖନ୍ତୁ ଯେ ମୋର କହିବାର ଅର୍ଥ କଅଣ? ଅହଙ୍କାରୀ, ଦେଖନ୍ତୁ, ତାହା ଆତ୍ମାର ଫଳ ନୁହେଁ । ଆତ୍ମାର ଫଳ ହେଉଛି ନମ୍ରତା, ଧୈର୍ଯ୍ୟ, ଭଦ୍ରତା, ଦେଖନ୍ତୁ, ସେହି ସବୁ । ବୁଝିଲେ?

210 ସେ କହିପାରେ, "ତେବେ, ମୁଁ ସେତିକି ଉଚ୍ଚ ସ୍ୱରରେ ଚିତ୍କାର କରିପାରେ ଯେତିକି ଉଚ୍ଚ ସ୍ୱରରେ ଆପଣ କରିପାରନ୍ତି । ପରମେଶ୍ୱର ଧନ୍ୟ ହେଉନ୍ତୁ, ପବିତ୍ରଆତ୍ମା ମୋ ଉପରେ ପତିତ ହୋଇଥାନ୍ତି!" ତାହା ହୁଏତ ପ୍ରତ୍ୟେକ ବିଷୟ ସତ ହୋଇପାରେ, ମାତ୍ର ସେ ଯେଉଁ ଜୀବନ ଅତିବାହିତ କରୁଅଛନ୍ତି ତାହା ସେହି ବିଷୟ ସହିତ ସହମତ ନୁହେଁ ଯାହାକି ସେ କହୁଅଛନ୍ତି । ବୁଝିଲେ? ସେ ତ ଏକ ବାଳୁଙ୍ଗା ଥିଲା, ସେ ତ ଆରମ୍ଭରୁ ହିଁ ଏକ ବାଳୁଙ୍ଗା ଥିଲା ।

211 ତେବେ, ଆମେମାନେ ବର୍ତ୍ତମାନ ଏକ ବଡ ପ୍ରଶ୍ନ ଉପରକୁ ଆସୁ, ଦେଖନ୍ତୁ, *ନିର୍ବାଚନ* ଉପରେ, ଆପଣ ଦେଖନ୍ତୁ । ତେଣୁ ତାହା ହେଉଛି…ଆପଣଙ୍କୁ ତାହା ହେବାକୁ ଅଛି । ଆପଣ ତାହା ବୁଝନ୍ତୁ ।

212 *ସେମାନେ* ଆରମ୍ଭରୁ ହିଁ ଏକ କଣ୍ଟକଲତା ଥିଲେ; *ସେ* ଆରମ୍ଭରୁ ହିଁ ଏକ ଗହମ ଥିଲେ । ତେଣୁ ସେହି ମରୁଡ଼ି ଆସିଲା; ବର୍ଷା ଉଭୟ ଧାର୍ମିକ ଓ ଅଧାର୍ମିକ ଉପରେ ପଡ଼ିଲା । ଠିକ ଅଛି, କଅଣ ତାହା ବୁଝିଲେ?

[ଜଣେ ଭାଇ ପଚାରନ୍ତି, **"ଜଣେ ପ୍ରଚାରକଙ୍କର ଫଳ ବିଷୟରେ କଅଣ, କଅଣ ତାହା…ତାହା ବାକ୍ୟ ପ୍ରଚାର କରିବା ଅଟେ କି?"**—ସମ୍ପା ।]

213 ତାହା, ସେହି ପ୍ରଚାରକ, ତଥାପି, ଯଦି ସେ ସେଠାରେ ଛିଡା ହୋଇ ଜଣେ ପ୍ରଧାନ ଦୂତ ପରି ବାକ୍ୟ ପ୍ରଚାର କରନ୍ତି, ଦେଖନ୍ତୁ, ବାଇବଲର ନିଗୂଢ ରହସ୍ୟ ବୁଝନ୍ତି, ଏବଂ ଜଣେ ବହୁତ ଭଲ ପାଳକ ହୁଅନ୍ତି, ଯାଇ ଲୋକମାନଙ୍କୁ ଦେଖାଶୁଣା କରନ୍ତି ଓ ସେହିପରି ବିଷୟସବୁ କରନ୍ତି, ତଥାପି ସେ ବିନଷ୍ଟ ହୋଇପାରନ୍ତି। ବୁଝିଲେ? ଭାଇ, ଏହା ତ ତାଙ୍କର ଫଳ ଅଟେ ଯାହାକି ପ୍ରତ୍ୟେକ ଥର କହୁଥାଏ। ଦେଖନ୍ତୁ? ଯାଏଆସେ ନାହିଁ ଯେ, ସେ କେତେ ଭଲ କିମ୍ବା ସେ ଯାହାକିଛି ବି ହୁଅନ୍ତି, ତାଙ୍କୁ ତ ନିଜ ଜୀବନରେ ପବିତ୍ରଆତ୍ମା ରଖିବା ଆବଶ୍ୟକ ଅଟେ। ବୁଝିଲେ?

214 ବର୍ତ୍ତମାନ, କଅଣ ଯୀଶୁ କହି ନାହାଁନ୍ତି କି, "ସେଦିନ ଅନେକେ ମୋ ପାଖକୁ ଆସିବେ ଓ କହିବେ, 'ହେ ପ୍ରଭୁ, କଅଣ ମୁଁ ତୁମ ନାମରେ ଭବିଷ୍ୟଦ୍‌ବାଣୀ (ପ୍ରଚାର) କରି ନାହିଁ, ଏବଂ ମୁଁ ତୁମ ନାମରେ ଆଶ୍ଚର୍ଯ୍ୟକର୍ମ କରି ନାହିଁ କି?'" ସେ ପରଭାଷାରେ କଥା କହିଥିଲେ, ସେ ଆଶ୍ଚର୍ଯ୍ୟକର୍ମ କରିଥିଲେ, ବ୍ୟାଖ୍ୟା କରିଥିଲେ, ପରମେଶ୍ୱରଙ୍କ ରହସ୍ୟ ବିଷୟଗୁଡିକ, ଏବଂ ସେଠାରେ ଥିବା ସେହି ସମସ୍ତ ବିଷୟଗୁଡିକ; ସେ କହିଥିଲେ, "ହେ ଅଧର୍ମାଚାରୀମାନେ, ମୋଠାରୁ ଦୂର ହୁଅ, ମୁଁ ତୁମକୁ କେବେ ହେଁ ଜାଣି ନ ଥିଲି।" ଦେଖନ୍ତୁ ମୋର କହିବାର ଅର୍ଥ କଅଣ?

> [ଭାଇ ଟେଲର୍ ପଚାରନ୍ତି, **"ସେହି ବ୍ୟକ୍ତି ବିଷୟରେ କଅଣ ଯିଏକି ସେହି—ସେହି ଭୁଲ ବାର୍ତ୍ତା ନେଇକରି ଆସନ୍ତି? ମୋର କହିବାର ଅର୍ଥ, ସେ—ସେ ଭାବନ୍ତି ଯେ ସେ ଠିକ୍ ମାତ୍ର ସେ ଭୁଲ୍ ପ୍ରଚାର କରୁଥାନ୍ତି।"**—ସମ୍ପା।]

215 ତେବେ, ମୁଁ ବିଶ୍ୱାସ କରେ ଯେ ସେହି ବ୍ୟକ୍ତି ନିଷ୍ଠାବାନ ଅଟନ୍ତି, ଠିକ ଯେପରିକି ଏଠାରେ ବସିଥିବା ସେହି ଭାଇ ଯିଏକି ଫେରି ଯିବାକୁ ଚାହାଁନ୍ତି...ଫେରିଯାଇ ଏହି ବିଷୟଗୁଡିକୁ ସେହିପରି ଭାବରେ ତାର ମୂଳକୁ ଖୋଜିବାକୁ ଚାହାଁନ୍ତି। ଯଦି ସେହି ବ୍ୟକ୍ତି ପରମେଶ୍ୱରଙ୍କ ଦ୍ୱାରା ମନୋନୀତ ଅଟନ୍ତି, ଏବଂ ତାଙ୍କୁ କେବେ ସତ୍ୟ ନିକଟକୁ ଅଣାଯାଏ, ସେ—ସେ ଏହାକୁ ଚିହ୍ନି ପକାଇବେ। ଦେଖନ୍ତୁ, "ମୋର ମେଣ୍ଢାମାନେ ମୋର ସ୍ୱରକୁ ଜାଣନ୍ତି।" କଅଣ ଆପଣ ବୁଝୁ-...ବୁଝୁଛନ୍ତି ଯେ ମୁଁ କଅଣ କହୁଛି, ଭାଇ ଟେଲର୍? କଅଣ ଏହା ତାହାହିଁ ଅଟେ କି ଯାହା ବିଷୟରେ ଆପଣ କହୁଥିଲେ? ଦେଖନ୍ତୁ?

216 ବର୍ତ୍ତମାନ, ଉଦାହରଣ ସ୍ୱରୂପ, ଧରନ୍ତୁ ଭାଇ କ୍ରେସ୍—କ୍ରେସ୍—କ୍ରେସ୍, ଧରନ୍ତୁ ଯେ ସେ ଜଣେ ବାପ୍ଟିଷ୍ଟ ପ୍ରଚାରକ ଥିଲେ ଏବଂ ସେ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ବିଷୟରେ କଦାପି କିଛି ଜାଣି ନ ଥିଲେ, ଆଉ ନା ତ ସେ ଏହିସବୁ ବିଷୟ, ଆତ୍ମାଙ୍କ ଦାନ ବିଷୟରେ ଜାଣିଥିଲେ, ଏବଂ ସେ ଜଣେ ଉତ୍ତମ, ବିଶ୍ୱସ୍ତ ବାପ୍ଟିଷ୍ଟ ପ୍ରଚାରକ ଥିଲେ। ଦେଖନ୍ତୁ? ମାତ୍ର ପ୍ରଥମ ବିଷୟ ଆପଣ ଜାଣନ୍ତି, ଏହା ତାଙ୍କ ସମ୍ମୁଖକୁ ଆସଇ। ଏବଂ ମୁଁ ବିଶ୍ୱାସ କରେ ଯେ ପରମେଶ୍ୱରଙ୍କ ପ୍ରତ୍ୟେକ ସନ୍ତାନ ହେବେ...ପ୍ରତ୍ୟେକ ଯୁଗ ଏହାକୁ ଜାଲରେ ଧରିବ ଯେପର୍ଯ୍ୟନ୍ତ ସେ ତାଙ୍କୁ ନ ପାଇଯାଆନ୍ତି। ପରମେଶ୍ୱରଙ୍କ ଇଚ୍ଛା ସଫଳ ନ ହେବା ଯାଏଁ ସେହି ରାଜ୍ୟ ଆସିପାରେ ନାହିଁ।

ତାହା ଠିକ୍ ଅଟେ । ଏବଂ କେହି ଜଣେ ହେଲେ ବିନଷ୍ଟ ହେବେ ନାହିଁ, ଆପଣ ଦେଖନ୍ତୁ । ତେବେ, ଦେଖନ୍ତୁ, ତାହାହିଁ ସେହି ଉପାୟ ଅଟେ ।

217 ଏବଂ ସ୍ୱର୍ଗରାଜ୍ୟ ସମୁଦ୍ରରେ ଜାଲ ପକାଉଥିବା ଜଣେ ମନୁଷ୍ୟ ସଦୃଶ ଯିଏକି ଏହାକୁ ବାହାରକୁ ଟାଣେ । ଯେତେବେଳେ ସେ ଟାଣିଲେ, ତାଙ୍କର ସେଥିରେ ସମସ୍ତ ପ୍ରକାର ରହିଥିଲା । ସେ ମାଛକୁ ରଖିଲେ, ଏବଂ କଇଁଛ ଓ ବୁଢୀଆଣି ପାଣି ଭିତରକୁ ଫେରିଗଲେ । ସେ ଏହାକୁ ପୁଣିଥରେ ପକାଇଲେ, ଆହୁରି କିଛିକୁ ପାଇଲେ, ବୋଧହୁଏ ଗୋଟିଏ ମାଛ ପାଇଲେ । କିନ୍ତୁ ସେ ଜାଲ ପକାଇବା ଜାରି ରଖିଲେ ଯେପର୍ଯ୍ୟନ୍ତକି ସେ ସବୁ ମାଛକୁ ନ ଧରିଲେ । ଦେଖନ୍ତୁ ବର୍ତ୍ତମାନ ମୋର କହିବାର ଅର୍ଥ କଅଣ?

218 କିନ୍ତୁ ସେହି ମାଛ ଆରମ୍ଭରୁ ଏକ ମାଛ ହିଁ ଥିଲା । ଏହାକୁ କେବଳ ସ୍ୱାମୀଙ୍କ ବ୍ୟବହାରରେ ଅଣାଗଲା, ତାହା ହିଁ ସବୁକିଛି ଥିଲା, ତାକୁ ଅନ୍ୟ ଏକ ପୋଖରୀରେ ରଖାଗଲା ଯେଉଁଠାରେ ଏହା ଭଲ, ସ୍ୱଚ୍ଛ ଥିଲା । କିନ୍ତୁ ସେ ତଥାପି ଏହି ବେଙ୍ଗଥିବା ପୋଖରୀରେ ଜାଲ ପକାଇଥିଲେ ଯେପର୍ଯ୍ୟନ୍ତକି ସେ ଏଥିରୁ ସମସ୍ତ ମାଛ ବାହାର ନ କରିନେଲେ । ଦେଖନ୍ତୁ ମୋର କହିବାର ଅର୍ଥ କଅଣ? ମୁଁ ଯାହା କହୁଛି କଅଣ ଆପଣ ତାହା ବୁଝିଲେ, ଭାଇ ଟେଲର୍ । ଆପଣଙ୍କୁ ତ ସେଠାରେ ଉପରେ ନିଜ ବିଷୟ ଦ୍ୱାରା ଜାଣିଯିବା ଉଚିତ୍ ।

ଠିକ ଅଛି, ବର୍ତ୍ତମାନ:

**113. କଅଣ ସେ ତାହା...କଅଣ ସେ ସବୁ ସମୟରେ ଆତ୍ମା ଉପରେ ନିୟନ୍ତ୍ରଣ ରଖିଥାନ୍ତି କି ଯେ କେତେବେଳେ ଓ କିପରି ଆଚରଣ କରିବାକୁ ଅଛି?**

219 ହଁ, ଆଜ୍ଞା । ହଁ, ମହାଶୟ, ପବିତ୍ରଆତ୍ମା ନିୟନ୍ତ୍ରଣ କରନ୍ତି । ହଁ, ଆଜ୍ଞା । ଏହାର ଆପଣଙ୍କ ଉପରେ ନିୟନ୍ତ୍ରଣ ଥାଏ ଏବଂ ଆପଣଙ୍କର ଏହା ଉପରେ ନିୟନ୍ତ୍ରଣ ରହିଥାଏ, ଏବଂ ଏହା ଆପଣଙ୍କୁ କଦାପି ଶାସ୍ତ୍ରର ବିପରୀତ କିଛି କରିବାକୁ ଦେବ ନାହିଁ । ଏହା ବାଧ୍ୟ କରାଇବ... "ଆତ୍ମା କେବେହେଲେ ନିଜେ ଅଯଥା ବ୍ୟବହାର କରନ୍ତି ନାହିଁ ।" ତାହା ଠିକ୍ । ଠିକ ଅଛି ।

220 "ସେହି ଜଣକାଠାରୁ ଯିଏକି ଆପଣଙ୍କୁ ଭଲ ପାଏ..." ହଁ, ତାହା—ତାହା ଏହି ସ୍ଥାନରେ ଅଟେ । ଠିକ ଅଛି, ତେବେ ଆମେମାନେ ଡ଼େଇଁ ଏଠାରେ ଅନ୍ୟ ଗୋଟିଏ ନିକଟକୁ ଯିବା ଏବଂ ଦେଖିବା ଯେ ଆମେମାନେ କେଉଁଠାରେ ଅଛୁ ।

221 ବର୍ତ୍ତମାନ, ମୁଁ ଭାବୁଛି ଯେ ତାହାର ଏକ ଆଧାର ଥିଲା । ବର୍ତ୍ତମାନ—ବର୍ତ୍ତମାନ, ଯେତେବେଳେ ମୁଁ ଏମାନଙ୍କୁ ଡାକୁଅଛି, ଯଦି ସେଠାରେ କୌଣସି ଏକ ପ୍ରଶ୍ନ ଥାଏ...କଅଣ ଏହା ଉପରେ ଆଉ ଅଧିକ କୌଣସି ଏକ ପ୍ରଶ୍ନ ଥିଲା କି? କଅଣ ଆମେ ସମସ୍ତେ ଏହାକୁ ବୁଝିଲୁ? କଅଣ ଆମେ ବୁଝିଲୁ ଯେ ବର୍ତ୍ତମାନ ଆମେ ଏହାକୁ କିପରି ବିଶ୍ୱାସ କରୁ?

222 [ଜଣେ ଭାଇ କୁହନ୍ତି, "ମୋର ଗୋଟିଏ ପ୍ରଶ୍ନ ଅଛି ।"—ସମ୍ପା ।] ଠିକ ଅଛି ପଚାରନ୍ତୁ । ଏବେ ମଧ୍ୟ ଏଠାରେ ଏହି ବିଷୟ ଉପରେ? ଠିକ ଅଛି । ["ହଁ, ସେଠାରେ ସେହି ବିଷୟ ଉପରେ । ମୁଁ ଏକ ପ୍ରକାର ସଙ୍କୋଚ କରୁଥିଲି, କିନ୍ତୁ..."] କୁଣ୍ଠାବୋଧ କରନ୍ତୁ ନାହିଁ, ଏହା

ହେଉଛି—ଏହା ହେଉଛି…[“ଆପଣ ସେହି ବ୍ୟକ୍ତିଙ୍କ ବିଷୟରେ କହୁଥିଲେ ଯିଏକି ପ୍ରଚାର କରନ୍ତି, ଏବଂ ଯଦି ସେ ଖ୍ରୀଷ୍ଟ ପ୍ରଚାର କରିଥିବା ବାର୍ତ୍ତାକୁ ପ୍ରଚାର ନ କରନ୍ତି, ତେବେ ଏଥିରେ କିଛି ଯାଏ ଆସେ ନାହିଁ ଯେ ତାଙ୍କ ସେବାକାର୍ଯ୍ୟରେ କଅଣ ଘଟେ। ଯେତେବେଳେ ସେ ସତ୍ୟର ସଂସ୍ପର୍ଶରେ ଆସନ୍ତି ଏବଂ ସେ ଏହାକୁ ପ୍ରତ୍ୟାଖ୍ୟାନ କରନ୍ତି, ତେବେ କଅଣ ହୁଏ?”] ସେ ବିନଷ୍ଟ ଅଟନ୍ତି। ମାତ୍ର ଗୋଟିଏ ମିନିଟ୍ ପାଇଁ ମୋତେ କ୍ଷମା କରିବେ…[“ମୁଁ ଜଗତର ମୂଳଦୁଆ ସ୍ଥାପନ ହେବା ପୂର୍ବରୁ ପୂର୍ବନିରୂପଣ କିମ୍ବା ପୂର୍ବ ନିର୍ଦ୍ଧାରିତ ହେବା ଉଦ୍ଦେଶ୍ୟରେ କହୁଥିଲି।”] ତାହା ଠିକ୍। ତାହା ଠିକ୍। ବୁଝିଲେ? [“ତାହାପରେ, ଯେପରିକି ତାହା ଥିଲା, କଅଣ ସେ ସେହିପରି ହେବାର ଉଚିତ୍ ନ ଥିଲା କି?”] ଆରମ୍ଭରେ ସେହିପରି ଭାବରେ ହେବାର ନ ଥିଲା, ଦେଖନ୍ତୁ। “ସେମାନେ ଆମଠାରୁ ପୃଥକ୍ ହୋଇ ଚାଲିଗଲେ କାରଣ ସେମାନେ ଆମ ମଧ୍ୟରୁ ନ ଥିଲେ।”

223 ଉଦାହରଣ ସ୍ୱରୂପ, ଯେପରିକି ଏହା, ତାହା ଏବ୍ରୀ 6 ରେ ଠିକ ସେହି ସମାନ ବିଷୟ ଅଟେ। ବୁଝିଲେ? ଲୋକମାନେ ସେହି ଶାସ୍ତ୍ରକୁ ଏତେ ଭୁଲ୍ ବ୍ୟାଖ୍ୟା କରନ୍ତି, ଯେ ସେମାନେ ଭାବନ୍ତି ଏହା “ଅସମ୍ଭବ” ଅଟେ। ସେ କହିଲେ, “ଯେଉଁମାନେ ଏକଦା ଆଲୋକିତ ହୋଇଥିଲେ ଏବଂ ପବିତ୍ରଆତ୍ମାଙ୍କର ଅଂଶୀଦାର ହୋଇଥିଲେ ସେମାନଙ୍କ ପାଇଁ ଏହା ଅସମ୍ଭବ ଅଟେ ଯେ, ଯଦି ସେମାନେ ବିମୂଖ ହୋଇଯିବେ।” ଦେଖନ୍ତୁ, ସେମାନେ ଠିକ ତାହା ବୁଝନ୍ତି ନାହିଁ। ସେ କହିଲେ, “ଯେଉଁମାନେ ଥରେ ଆଲୋକ ପ୍ରାପ୍ତ ହୋଇଥିଲେ ଏବଂ ପବିତ୍ରଆତ୍ମାଙ୍କର ସହଭାଗୀ ହୋଇଥିଲେ ସେମାନଙ୍କ ପାଇଁ ଏହା ଅସମ୍ଭବ ଯେ, ସେମାନେ ଯଦି ଧର୍ମଭ୍ରଷ୍ଟ ହୁଅନ୍ତି ତାହାହେଲେ ସେମାନଙ୍କୁ ପୁନର୍ବାର ନୂତନ କରାଇବା ଅସାଧ୍ୟ, ଯେଣୁ ସେମାନେ ଆପଣା ଆପଣାର ବିନାଶ ନିମନ୍ତେ ପରମେଶ୍ୱରଙ୍କ ପୁତ୍ରଙ୍କୁ ପୁଣି କ୍ରୁଶାରୋପଣ କରି ପ୍ରକାଶରେ ତାହାଙ୍କୁ ନିନ୍ଦାର ପାତ୍ର କରନ୍ତି; ନିୟମର ସେହି ରକ୍ତକୁ ତୁଚ୍ଛ ଗଣନା କରନ୍ତି ଯେଉଁଥିରେକି ସେ ଅନୁଗ୍ରହର କାର୍ଯ୍ୟ କରିଥିବା ସତ୍ତ୍ୱେ କ୍ରୁଶରେ ଏକ ‘ଅଶୁଚି ବସ୍ତୁ,’ ରୂପେ କୃଶାର୍ପିତ କରା ଯାଇଥିଲେ।”

224 ତେବେ, ମୋ ପାଇଁ, ତ ତାହା ଏକ ପ୍ରକାଶନ ଅଟେ। ନିଶ୍ଚିତରେ। ଏହା ଠିକ୍ ପ୍ରେରିତ 2:38, ଏବଂ ପ୍ରେରିତ…ଏବଂ ମାଥିଉ 28:19 ପରି ଅଟେ। ଆପଣଙ୍କୁ ତ କେବଳ ଏହାକୁ ଧରିବାକୁ ଅଛି, ଆପଣ ଦେଖନ୍ତୁ।

225 ତେବେ ଦେଖନ୍ତୁ, ଏଠାରେ ତାହା ଅଟେ, ସେହି ସମାନ ବିଷୟ। ତେବେ, ବର୍ତ୍ତମାନ, ସେ ଏବ୍ରୀୟମାନଙ୍କ ସହିତ କଥାବାର୍ତ୍ତା କରୁଛନ୍ତି। ବୁଝିଲେ? ବର୍ତ୍ତମାନ ସେହି ପର୍ବ ଦେଇ ତଳକୁ ପାଠ କରନ୍ତୁ, ଯେତେଦୂର କି ତାହା ଯାଏ ଓ ଏହା କୁହେ, “ଯେ ଏହା ଜୀବନ୍ତ ପରମେଶ୍ୱରଙ୍କ ହସ୍ତରେ ପଡିବା—ରେ ପଡିବା ଏକ ଭୟାନକ ବିଷୟ ଅଟେ।” ବର୍ତ୍ତମାନ, ଏଠାରେ ଜଣେ ବ୍ୟକ୍ତି ଅଛନ୍ତି ଯିଏକି ଠିକ୍ ସେହି ସୀମା ରେଖୀୟ ବିଶ୍ୱାସୀଙ୍କ ପରି ଅଟନ୍ତି। ଏଠାରେ, ଏଠାରେ ଏକ…ଏଠାରେ, ସେହି ସମାନ ବିଷୟ ଏଠାରେ ଥିଲା, ସିଦ୍ଧ ଉଦାହରଣ ଯାହା ମୁଁ ମୋ ମନରେ ଦେଖୁ’ଅଛି।

226 ପରମେଶ୍ୱର ଇସ୍ରାଏଲକୁ ମିସରରୁ ଡାକିଲେ । ଏହି ସମସ୍ତ ଲୋକ ବାହାରି ଆସିଥିଲେ, ପ୍ରତ୍ୟେକ ଜଣ ଉଦ୍ଧାର କରାଗଲେ, ସୂଫ ସାଗର ପାର କରି ପ୍ରାନ୍ତର ମଧ୍ୟକୁ ପ୍ରବେଶ କରିଥିଲେ । କଅଣ ତାହା ଠିକ୍ କି? ସେହି ସୂଫ ସାଗର...ଯେତେବେଳେ ସେମାନେ ପ୍ରସ୍ତୁତ ହେଲେ, ମୋଶାଙ୍କ ବାର୍ତ୍ତାକୁ ଶୁଣିଲେ, ଆଗକୁ ବଢିବା ଆରମ୍ଭ କଲେ, (ଧାର୍ମିକତା) ସେମାନେ ବୁଲି ପଡିଲେ, ଏଠାରେ ଆରମ୍ଭ କଲେ ।

227 ସେମାନେ ସୂଫ ସାଗର ନିକଟକୁ ଆସିଲେ, (ସେହି ରକ୍ତ ନିକଟକୁ) ଏବଂ ସୂଫ ସାଗର ଦେଇ ଯାତ୍ରା କଲେ, ଏବଂ ସେମାନଙ୍କ ପଛରେ ସମସ୍ତ କାର୍ଯ୍ୟାଧ୍ୟକ୍ଷମାନେ ମଲେ, ପଡି ରହିଲେ । ସେହି ସମୟରେ ସେମାନେ ସେହି ପ୍ରତିଜ୍ଞାତ ଦେଶରୁ କେବଳ ପ୍ରାୟଃ ତିନି ଦିନର ବାଟ ଦୂରରେ ଥିଲେ । ବୁଝିଲେ? ତାହାହିଁ ଥିଲା ଯାହାକି ସେମାନେ ଥିଲେ, ଚାଳିଶ ମାଇଲରୁ କମ୍ ଥିଲା, ଦେଖନ୍ତୁ । ତେଣୁକରି ସେମାନେ ସେଠାରେ ଥିଲେ, ମାତ୍ର ଦୁଇ ଦିନ ସେମାନଙ୍କୁ ସେଠାରେ ଉତ୍ତମ ଭାବରେ ପହଞ୍ଚାଇ ଦେଇଥାନ୍ତା ।

228 ଠିକ ତାହାହିଁ ଅଟେ ଯାହାକି ମୁଁ ଆଜିଠାରୁ ଅଳ୍ପ କେତେ ଦିନ ମଧ୍ୟରେ ସେଠାରେ ଫିନିକ୍ସଠାରେ, ବ୍ୟବସାୟ ପୁରୁଷମାନଙ୍କ ସଭାରେ ପ୍ରଚାର କରିବା ପାଇଁ ଲକ୍ଷ୍ୟ ରଖିଛି, *ଏହି ପର୍ବତ ଉପରେ ରହିବା ।* କିନ୍ତୁ ସେ ସେମାନଙ୍କୁ ଠିକ ସେଠାରେ ଚାଳିଶ ବର୍ଷ ପର୍ଯ୍ୟନ୍ତ ରଖିଲେ କାରଣ ସେମାନେ...ଉଃ-ହୁଃ! ବୁଝିଲେ?

229 ତେଣୁକରି ସେମାନେ ଏହା ନିକଟକୁ ଆସିଲେ ଓ ସେମାନେ ପଛକୁ ଅନାଇଲେ, (ପବିତ୍ରୀକୃତ ହୋଇ), "ଓଃ, ହାଲ୍ଲେଲୁୟା! ପରମେଶ୍ୱରଙ୍କର ପ୍ରଶଂସା ହେଉ! ପରମେଶ୍ୱରଙ୍କର ମହିମା ହେଉ । ହାଲ୍ଲେଲୁୟା! ସେଠାରେ ସେହି ପୁରାତନ ବିଷୟଟି ଅଛି ଯାହାକି ଥରେ ମୋତେ ବ୍ୟତିବ୍ୟସ୍ତ କରୁଥିଲା, ମୃତ ଅଟେ । ସେହି ପୁରୁଣା ସିଗାରେଟ ଯାହା ମୁଁ ଥରେ ଧୂମପାନ କରୁଥିଲି ଚାଲିଯାଇଛି । ସେହି ପୁରୁଣା ମଦ ଯାହା ମୁଁ ପିଉଥିଲି ଯୀଶୁ ଖ୍ରୀଷ୍ଟଙ୍କ ରକ୍ତର ଲାଲ ସମୁଦ୍ରରେ ପଡ଼ି ରହିଛି । ଓଃ ପରମେଶ୍ୱରଙ୍କର ଗୌରବ ହେଉ! ହାଲ୍ଲେଲୁୟା!"

230 ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଏଠାକୁ ଆସିଲେ, ସେମାନେ ବର୍ତ୍ତମାନ କିଣାନର ସମ୍ମୁଖୀନ ହୋଇ, ଯର୍ଦ୍ଦନ ପାର ହେଲେ । ତେବେ, ସେ ପ୍ରତ୍ୟେକ ଗୋଷ୍ଠୀରୁ ଏକ ପ୍ରତିନିଧୀ ନେଲେ । କଅଣ ତାହା ଠିକ୍ ଅଟେ? ଆଉ ସେ ସେମାନଙ୍କୁ ପଠାଇଲେ । ତେବେ, ସେମାନଙ୍କ ମଧ୍ୟରୁ କେତେକ କହିଲେ, "ଆହଃ, ଆହଃ, ଆହଃ, ଆମେ ଏହା କରିପାରିବୁ ନାହିଁ । ନା, ଏହା—ଏହା...କାହିଁକି, ଆମେମାନେ ତ ସେମାନଙ୍କ ସମ୍ମୁଖରେ ଫଡିଙ୍ଗ ପରି ଦେଖାଯାଉଛୁ!" ବୁଝିଲେ?

231 "ତେବେ, ଯଦି ମୁଁ ସେହି ପବିତ୍ରଆତ୍ମା ଏବଂ ସେହି ସମସ୍ତ ବିଷୟକୁ ସେହି ଭଳି ଶିକ୍ଷା ଦିଏ ତାହାହେଲେ ମୁଁ କେଉଁ ପ୍ରକାର ଏକ ମଣ୍ଡଳୀକୁ ପ୍ରଚାର କରୁଥିବି? କାହିଁକି, ମୋର ତ ଆସନଗୁଡିକ ଖାଲି ରହିବ । ମୋର ମେଥୋଡିଷ୍ଟ ଲୋକମାନେ ବାହାରି ଯିବେ, ମୋର ବାପ୍ଟିଷ୍ଟ ଲୋକମାନେ, ମୋର ପ୍ରେସ୍ବିଟେରିଆନ୍ ।" ସେମାନଙ୍କୁ ବାହାରି ଯିବାକୁ

ଦିଅନ୍ତୁ । ସେମାନେ ତ ଆରମ୍ଭରୁ ହିଁ ଛେଳି ଥିଲେ! ଆପଣଙ୍କୁ ତ ମେଣ୍ଢା ଦରକାର, ଦେଖନ୍ତୁ । ବୁଝିଲେ? ଆପଣ ଛେଳିମାନଙ୍କର ପାଳକତ୍ୱ କରୁ ନାହାଁନ୍ତି । ମେଣ୍ଢାମାନଙ୍କର ପାଳକତ୍ୱ କରନ୍ତୁ! ଛେଳିମାନଙ୍କର ପାଳକତ୍ୱ କରି କି ଲାଭ ଯେତେବେଳେ...?...ଏବଂ ସେଠାରେ ମେଣ୍ଢାମାନେ ପାଳକତ୍ୱ କରାଯିବା ନିମନ୍ତେ ଅଛନ୍ତି? ବୁଝିଲେ? ଏବଂ ଏଠାରେ—ଏଠାରେ ଆପଣମାନେ ଏଠାରେ ଅଛନ୍ତି, ଦେଖନ୍ତୁ । ମୁଁ ସବୁବେଳେ କହିଛି ଯେ ମୁଁ ଚାରୋଟି ଖମ୍ବକୁ ପ୍ରଚାର କରିବି ମାତ୍ର ସତ୍ୟ ପ୍ରଚାର କରିବି, ସେହି ମଣ୍ଡଳୀକୁ ପ୍ରଚାର କରିବି । ହଁ, ଆଜ୍ଞା, ଏଠାକୁ ଆସି ଯାଆନ୍ତୁ ।

232 ମାତ୍ର ବର୍ତ୍ତମାନ ଦେଖନ୍ତୁ, ସେ କଅଣ କଲେ? ସେମାନେ ଫେରି ଆସିଲେ, ଏବଂ ଯିହୋଶୂୟ ଓ କାଲେବ, ଦୁଇ ପ୍ରତିଶତ, କିମ୍ବା କଅଣ ଏହା ସେହି ପ୍ରକାରର ଏକ ଶତକଡ଼ା... ମଧ୍ୟରୁ ଦୁଇଟି...ସେମାନଙ୍କ ମଧ୍ୟରୁ ଦ୍ୱାଦଶ ଭାଗରୁ ଦୁଇ ଭାଗ, ଦ୍ୱାଦଶ ଭାଗରୁ ଦୁଇ ଭାଗ । ତେବେ, ସେଠାରେ ସେମାନେ ବାରଜଣ ଥିଲେ, ତାହା ବାରଟି ମଧ୍ୟରୁ ଦୁଇଜଣ ହେବେ, ସେମାନଙ୍କ ମଧ୍ୟରୁ ଦ୍ୱାଦଶରୁ ଦୁଇ ଭାଗ ତାହା ବିଶ୍ୱାସ କଲେ । ସେମାନେ ଠିକ ପ୍ରତିଜ୍ଞାତ ଦେଶ ମଧ୍ୟକୁ ଯାଇଥିଲେ, କହିଲେ, "ପିଲାଏ, ଏହା ରହିବାକୁ ଏକ ଉତ୍ତମ ସ୍ଥାନ ଅଟେ ।" ପୁରୁଣା' ଯିହୋଶୂୟ ଏବଂ କାଲେବ, ବାଳକ, ସେମାନେ ବାକ୍ୟକୁ ବିଶ୍ୱାସ କରିଥିଲେ; ପରମେଶ୍ୱର ସେମାନଙ୍କୁ ତାହା ଦେଇଥିଲେ, କହିଲେ "ତାହା ତୁମର ଅଟେ ।" ସେମାନେ ଆଗକୁ ବଢିଲେ, ସେମାନେ ଏକ ବଡ଼ ଅଙ୍ଗୁର ପେନ୍ଥା ଛିଣ୍ଡାଇଲେ, ଏବଂ ଏଠାରେ ସେମାନେ ତାକୁ *ଏହିପରି* ଭାବରେ ବୋହି ଆଣିଥିଲେ । "ବନ୍ଧୁଗଣ, ଆସ! ଏହା ଏକ ଅଦ୍ଭୁତ ସ୍ଥାନ! ଟିକେ ଚାଖି ଦେଖ," ଦେଖନ୍ତୁ, ସେତେ ବଡ଼ ଗୋଲାକାର ଅଙ୍ଗୁର ।

233 ଏବଂ, ଓଃ, ମନୁଷ୍ୟ, ସେହି ଦଶଜଣ ସେମାନଙ୍କୁ ଦେଖିଲେ, କହିଲେ, "ଆହଃ, ଆମେମାନେ ତାହା କରିପାରିବୁ ନାହିଁ।" ଯେତେବେଳେ ସେମାନେ ଫେରିଗଲେ, ସେମାନେ କହିଲେ, "ନା, ଭାଇ, ଏହି ମୋଶା ଆମକୁ ଏଠାରେ ପ୍ରାନ୍ତରକୁ ନେଇ ଆସିଛନ୍ତି," ଏହି ପବିତ୍ରଆତ୍ମା, ଆପଣ ଦେଖନ୍ତୁ, ଯାହାର ସେ ନିଦର୍ଶନ ଥିଲେ, "ଆମକୁ ଏଠାରେ ପ୍ରାନ୍ତରକୁ ନେଇ ଆସିଛନ୍ତି । ଏବଂ ଏଠାରେ ଆମେମାନେ ଅଛୁ, ଆମର ସେବାକାର୍ଯ୍ୟ ନଷ୍ଟ ହୋଇଯାଇଛି, ଏବଂ ଆମେ ସେହିପରି କିଛି କାର୍ଯ୍ୟ କରି ନ ପାରୁ ।"

234 "ଫେରି ଯିବା," ଦେଖନ୍ତୁ, "ଯେଉଁମାନେ ଏକଦା ଆଲୋକପ୍ରାପ୍ତ ହୋଇଥିଲେ, ବିଶ୍ୱାସ ଦ୍ୱାରା ଧାର୍ମିକ ଗଣିତ ହୋଇଥିଲେ, ପବିତ୍ରୀକୃତ ହୋଇଥିଲେ ।" ଦେଖନ୍ତୁ, ସେମାନେ ଏହି ଦ୍ୱିତୀୟ ବେଦୀର ଆରପାରିକୁ ଆସିଥିଲେ ଓ ପ୍ରତିଜ୍ଞାତ ଦେଶକୁ ଦେଖିଥିଲେ । "ଆମେ ଯେଉଁମାନେକି ଏକଦା ଆଲୋକପ୍ରାପ୍ତ ହୋଇଥିଲୁ ଏବଂ...ସ୍ୱର୍ଗୀୟ ଦାନଗୁଡ଼ିକୁ ଆସ୍ୱାଦନ କରିଥିଲୁ ।" ଦେଖନ୍ତୁ, ତାହାର "ଆସ୍ୱାଦନ" କରିଥିଲୁ । ସେମାନେ ଏହାକୁ ଫେରାଇ ଆଣିଥିଲେ । "ଆମେ ଦେଖୁ ଯେ ତାହା ଠିକ୍ ଅଟେ । ଆମେ ପ୍ରକୃତରେ ଏହାକୁ ଦେଖୁଛୁ ।" "ସ୍ୱର୍ଗୀୟ ଦାନଗୁଡ଼ିକୁ ଆସ୍ୱାଦନ କରିଥିଲୁ, ଏହି ଜିନିଷର ସହଭାଗୀ ହୋଇଥିଲୁ, ଆପଣ ଦେଖନ୍ତୁ, ଏହି ପବିତ୍ରଆତ୍ମାର, ଏହାର ସହଭାଗୀ ହୋଇଥିଲୁ ।"

235 "ତାହା ଉତ୍ତମ ଅଟେ, ପିଲାଏ, ସେହି—ସେହି ବ୍ୟକ୍ତିକି ଦେଖନ୍ତୁ । କାହିଁକି, ମୁଁ ଜାଣେ ଯେ ସେ ଅନ୍ଧ ଥିଲେ, ବର୍ତ୍ତମାନ ସେ ଦେଖିପାରନ୍ତି । ସେହି ପୁରୁଣାକୁ ଦେଖନ୍ତୁ...ପିଲାଏ, ସେହି ବ୍ୟକ୍ତିଙ୍କ ସହିତ କଅଣ ଘଟିଥିଲା? ଯିଏ କେହି ଏହା ଭାବୁଥିଲେ ଯେ ସେହି ପିଲାଟି ସେଠାରେ ବିନା କୌଣସି ଶିକ୍ଷା ସହିତ...ସେଠାରେ ସେ ଜଗତରେ ଅଗ୍ନି ସହିତ ଛିଡା ହୋଇଛି ।" କଅଣ ଆପଣ ଦେଖୁଛନ୍ତି? ବୁଝିଲେ? ବୁଝିଲେ?

236 ଏବଂ ତାହାପରେ ଧର୍ମଭ୍ରଷ୍ଟ ହେବା, ଦେଖନ୍ତୁ, ଏବଂ...ଆପଣାକୁ ନୂତନୀକୃତ କରିବା, ପୁନର୍ବାର ପ୍ରାୟଶ୍ଚିତ ନିମନ୍ତେ ଫେରିଯିବା, ସେ ପ୍ରଥମେ ଯାହା କହିଥିଲେ, ଏହା ସ୍ଥାପନ କରିବା...ଆସନ୍ତୁ ତାହା କରିବା ବଦଳରେ ପ୍ରାୟଶ୍ଚିତ ପ୍ରଚାର କରିବା ନିମନ୍ତେ ଫେରିବା... ଆପଣ ଜାଣନ୍ତି, ମୃତ କର୍ମରୁ ପ୍ରାୟଶ୍ଚିତ ନିମନ୍ତେ ପୁନର୍ବାର ଭିତ୍ତିମୂଳକୁ ସ୍ଥାପନ କରିବା, ଓ ଇତ୍ୟାଦି ସବୁ କରିବା ବିଷୟରେ । ଆମେ କରିବା, ପରମେଶ୍ୱର ଇଚ୍ଛା କଲେ, ଆପଣ ଦେଖନ୍ତୁ । ଦେଖନ୍ତୁ, ଆମେ ତାହା କରିବା । ଆମେମାନେ ପଛକୁ ଫେରିବା ଏବଂ ସେଠାରେ ସେତେବେଳେ ଏହି ଭିତ୍ତିମୂଳ ସ୍ଥାପନ କରିବା, ମାତ୍ର ଆପେ ପ୍ରାୟଶ୍ଚିତ ମଧ୍ୟକୁ ଫେରିବା, ଯେ ସର୍ବଦା ସେଠାରେ ରହିଥିବା ପାଇଁ ପ୍ରାୟଶ୍ଚିତ କରୁ । "ମୁଁ ଦୁଃଖିତ ଯେ ମୁଁ ସେଠାରେ ଉପରେ ଥିଲି," ଏବଂ ନିୟମର ରକ୍ତକୁ ଏପରି ତୁଚ୍ଛ ବୋଲି ଗଣନା କଲ ଯେଉଁଥିରେକି ସେ ପବିତ୍ରୀକୃତ ହୋଇଥିଲେ ଯେପରିକି ତାହା ଏକ "ଅଶୁଚି ଜିନିଷ" ଥିଲା, ଏବଂ ଅନୁଗ୍ରହର କାର୍ଯ୍ୟକୁ ହାଲୁକା ମଣିଲ । ସେ ତ ବିନଷ୍ଟ ଅଟନ୍ତି, ଭାଇ! ତାହାହିଁ ସବୁକିଛି ଅଟେ । ସେ ତ ଶେଷ ଅଟେ । ବୁଝିଲେ?

237 ତେବେ, ବର୍ତ୍ତମାନ, ଦେଖନ୍ତୁ, ଜଣେ ମନୋନୀତ ସନ୍ତାନ ନିମନ୍ତେ ତାହା କରିବା ଅସମ୍ଭବ ଅଟେ । ସେ ତାହା କରିବାକୁ ଯାଉନାହିଁ । "ମୋର ମେଷ ମୋର ସ୍ୱର ଜାଣନ୍ତି ।" ଯଦି ଏହାକୁ କିଣାନରେ ଡାକ ଦିଆଯାଏ କିମ୍ବା ତାହା ଯେଉଁଠାରେ ବି ଅଟେ, ସେମାନେ ଯାଉଛନ୍ତି । ବୁଝିଲେ? "ମୋର ମେଷ ମୋର ସ୍ୱର ଜାଣନ୍ତି ।"

[ଜଣେ ଭାଇ ପଚାରନ୍ତି, **"ଏବଂ ସେମାନଙ୍କୁ ପ୍ରେରିତ 2:38 ରେ ମଧ୍ୟ, ବିଶ୍ୱାସ କରିବା ଆବଶ୍ୟକ, କଅଣ ନୁହେଁ କି?"**—ସମ୍ପା ।]

238 ଏହା ତାହାକୁ ଗ୍ରହଣ କରିବ, ଶାସ୍ତ୍ରର ପ୍ରତ୍ୟେକ ଅଂଶକୁ, ତାହାକୁ ଗ୍ରହଣ କରିବ । ତାହା ଅବିକଳ ଠିକ୍ ଅଟେ, ଭାଇ ।

**114. କଅଣ ସେଠାରେ ଦୁଇଟି, କଅଣ—କଅଣ ସେଠାରେ ଦୁଇଟି ଭିନ୍ନ ପ୍ରକାରର ବାଇବଲ ପରଭାଷା ଅଛି କି? ବ୍ୟକ୍ତିଗତ ପ୍ରାର୍ଥନାରେ କୁହାଯାଇଥିବା ପରଭାଷାରେ, ଏବଂ ମଣ୍ଡଳୀରେ କୁହାଯାଇଥିବା ପରଭାଷାରେ ଯେଉଁଠାରେକି ବ୍ୟାଖ୍ୟାର ଆବଶ୍ୟକ ହୁଏ କୌଣସି ପାର୍ଥକ୍ୟ ଅଛି କି? ପେଣ୍ଟିକଷ୍ଟର ଦିନରେ ବିଭିନ୍ନ ଜାତିର ଲୋକମାନଙ୍କ ଦ୍ୱାରା ପରଭାଷା ବୁଝା ଯାଇଥିଲା; କିନ୍ତୁ ପ୍ରଥମ କରିନ୍ଥୀୟ 14:2 ରେ, ଅଜ୍ଞାତ ପରଭାଷା ପରମେଶ୍ୱରଙ୍କ ପ୍ରତି କୁହା ଯାଇଥିଲା, ମନୁଷ୍ୟ ପ୍ରତି ନୁହେଁ । ପ୍ରଥମ**

**କରିନ୍ଥୀୟ 13:1 ଏହିପରି ବ୍ୟକ୍ତିଙ୍କୁ ସୂଚିତ କରେ**...(କ-ର-ନ୍ଥ, ମୁଁ ଅନୁମାନ କରେ ଯେ କରିନ୍ଥୀୟ 13, କଅଣ...)...**ଏହିପରି ବ୍ୟକ୍ତି ଏବଂ ଅନ୍ୟ ଦୂତମାନଙ୍କୁ ସୂଚିତ କରେ।**

239 ଓଃ, ହଁ। ଦେଖନ୍ତୁ? ତେବେ, ଏହା...ବର୍ତ୍ତମାନ, ଭାଇ, ଆପଣ ଯେକେହି ବି ଅଟନ୍ତି, ଆପଣ—ଆପଣ ଏଠାରେ ନିଜକୁ ଉତ୍ତର ଦେଇ ଅଛନ୍ତି। ବୁଝିଲେ? ଦେଖନ୍ତୁ:

**କଅଣ ଦୁଇଟି ଭିନ୍ନ ପରଭାଷା ଅଛି କି?** (ସେଠାରେ ଅନେକେ ବିଭିନ୍ନ ପରଭାଷା ଅଛି। ଦେଖନ୍ତୁ?) **କଅଣ ବାଇବଲରେ ଦୁଇଟି ଭିନ୍ନ ପରଭାଷା ଅଛି, ଦୁଇଟି ଭିନ୍ନ ପରଭାଷା?**

240 ପେଣ୍ଟିକଷ୍ଟ ଦିନରେ ସ୍ୱର୍ଗ ତଳେ ଥିବା ସେଠାରେ ପ୍ରତ୍ୟେକ ରାଷ୍ଟ୍ର ପରଭାଷା ସହିତରେ ଥିଲେ। ଦେଖନ୍ତୁ? ଠିକ୍ ଅଛି।

**ଆଉ କଅଣ ବ୍ୟକ୍ତିଗତ ପ୍ରାର୍ଥନାରେ କୁହାଯାଇଥିବା ପରଭାଷା ଏବଂ ସେହି ମଣ୍ଡଳୀରେ କୁହାଯାଇଥିବା ପରଭାଷା ଭିତରେ କିଛି ପାର୍ଥକ୍ୟ ଅଛି କି ଯେଉଁଠାରେ ବ୍ୟାଖ୍ୟାର ଆବଶ୍ୟକ ପଡିଥାଏ?** ହଁ।

241 ପାଉଲ ଏଠାରେ କରିନ୍ଥୀୟଠାରେ ମଧ୍ୟ ତାହା କହିଲେ ଯେଉଁଠାରେକି ଆପଣ ଏଠାରେ ପଚାରୁଥିଲେ, ଏବଂ ସେ କହିଲେ, "ତେବେ ସ୍ୱର୍ଗଦୂତମାନଙ୍କର ପରଭାଷା ଅଛି ଏବଂ ମନୁଷ୍ୟର ପରଭାଷା ଅଛି।" ବର୍ତ୍ତମାନ, ସ୍ୱର୍ଗଦୂତମାନଙ୍କର ପରଭାଷା ତାହା ଅଟେ ଯେତେବେଳେ ଜଣେ ବ୍ୟକ୍ତି ତାଙ୍କ ନିକଟରେ—ତାଙ୍କ ଓ ପରମେଶ୍ୱରଙ୍କ ନିକଟରେ, ଏକାକୀ ପ୍ରାର୍ଥନା କରନ୍ତି। କିନ୍ତୁ ଯେତେବେଳେ ସେ ଏକ—ଏକ ଭାଷା କହୁଥାନ୍ତି, ଏହାକୁ ମଣ୍ଡଳୀର ନିଷ୍ଠା ଜନ୍ମାଇବା ପାଇଁ, ମଣ୍ଡଳୀରେ ଅନୁବାଦ କରାଯିବାକୁ ଅଛି। "ଯିଏ ପରଭାଷାରେ କଥା ହୁଏ ସେ ନିଜର ନିଷ୍ଠା ଜନ୍ମାଏ; କିନ୍ତୁ ଯିଏ କହେ...ଯିଏ ଭାବବାଣୀ କହେ ସେ ମଣ୍ଡଳୀର ନିଷ୍ଠା ଜନ୍ମାଏ।" ତେଣୁକରି ସେ କହିଲେ, "ଏଥିନିମନ୍ତେ ମୁଁ ମଣ୍ଡଳୀରେ ପରଭାଷାରେ ଦଶ ହଜାର କଥା କହିବା ଅପେକ୍ଷା ବରଂ ବୁଦ୍ଧି ସହିତ ପାଞ୍ଚୋଟି କଥା କହିବାକୁ ଭଲ ପାଏ, ଯଦି, ଯଦି ସେଠାରେ ବ୍ୟାଖ୍ୟା ନ ଥାଏ।" ତାହାପରେ ଏହା—ଏହା ତେବେ ଭାବବାଣୀ ଦ୍ୱାରା କୁହାଯାଏ ଯାହା ନିଷ୍ଠା ଜନ୍ମାଉଥାଏ। ଦେଖନ୍ତୁ ମୁଁ କଅଣ କହୁଛି?

242 ବର୍ତ୍ତମାନ, ସେହି...ତେବେ, ଦୁଇଟି ଭିନ୍ନ ପରଭାଷା ଅଛି, ମନୁଷ୍ୟ ଏବଂ ଦୂତଙ୍କର। ବୁଝିଲେ? ଆଉ ପାଉଲ କହିଲେ, "ଯଦିଓ ମୁଁ ମନୁଷ୍ୟ ଏବଂ ଦୂତମାନଙ୍କର ପରଭାଷା ସହିତ କଥାବାର୍ତ୍ତା କରେ," ଦେଖନ୍ତୁ, ଉଭୟ ମନୁଷ୍ୟ ଓ ଦୂତଗଣ, ସେହି ଦୁଇଟି ପରଭାଷା, ସେହି ଗୋଟିଏ ଯାହାକି କରିପାରେ ନାହିଁ...

243 ବର୍ତ୍ତମାନ, ତାହାହିଁ ଅଟେ ଯେଉଁଠାରେକି ପେଣ୍ଟିକଷ୍ଟାଲ୍ ଲୋକମାନେ, ପରଭାଷା-ପ୍ରମାଣ ଥିବା ଲୋକମାନେ ଯେଉଁମାନେକି କହିଥିଲେ, ମୋତେ କହିଥିଲେ, ସେ କହିଲେ, "ବର୍ତ୍ତମାନ, ଭାଇ ବ୍ରାନହାମ୍, ଆପଣ ସମସ୍ତ ବିଷୟଗୁଡିକୁ ମିଶ୍ରିତ କରି ଦେଇଛନ୍ତି।"

244 କହିଲେ, ମୁଁ କହିଲି, "ତେବେ, ଯଦି ଆପଣ ଏହାକୁ ପ୍ରେରିତ 2:4 ଅନୁଯାୟୀ ପାଆନ୍ତି, ତାହାହେଲେ ସମସ୍ତେ ଆପଣଙ୍କୁ ସେହି ଭାଷାରେ କଥା କହୁଥିବାର ଶୁଣିଥିଲେ ଯେଉଁ ଭାଷାରେ ସେମାନେ ଜନ୍ମ ହୋଇଥିଲେ ।"

"ଓଃ!" ସେ କହିଲା । ଏବଂ "ନା! ନା!" ସେ କହିଲେ ।

ମୁଁ କହିଲି, "ନିଶ୍ଚିତରେ । ହଁ, ଆଜ୍ଞା ।"

245 କହିଲେ, "ବର୍ତ୍ତମାନ, ଭାଇ ବ୍ରାନହାମ୍, ଆପଣ ସମସ୍ତ ବିଷୟରେ ମିଶ୍ରିତ ଅଟନ୍ତି ।" କହିଲେ, "ଆପଣ ତାହା ବିଷୟରେ କହୁଛନ୍ତି…" କହିଲେ, "ସେଠାରେ 'ଦୂତମାନଙ୍କର' ପରଭାଷା ଅଛି । ତାହା ହେଉଛନ୍ତି ସେହି ପବିତ୍ରଆତ୍ମା ଦୂତ ଯିଏକି ତଳକୁ ଓହ୍ଲାଇ ଆସନ୍ତି ଓ ଆପଣଙ୍କ ଦେଇ କଥା କୁହନ୍ତି ।"

246 ତେବେ, ଏହା ଭଲ ଶୁଭାଯାଏ, ଦେଖନ୍ତୁ, ଏହା ଏପରି ଶୁଭାଯାଏ ଯେପରିକି ଏହା ଅନେକ କିଛି ସତ୍ୟ ହୋଇ ପାରିଥିବ, କିନ୍ତୁ ଏହା ସମସ୍ତ ସତ୍ୟ ନୁହେଁ । ଯେତେବେଳେ ଶୟତାନ ହବାଙ୍କୁ କହିଲା, "ନିଶ୍ଚିତରେ ତୁମେ ମରିବ ନାହିଁ," ତାହା ତ ଏକ…ସେ ତାକୁ ବହୁତ କିଛି ସତ୍ୟ କହିଥିଲା, ମାତ୍ର ତାହା ସତ୍ୟ ନ ଥିଲା । ବୁଝିଲେ?

247 ବର୍ତ୍ତମାନ, କହିଲେ, "'ପୁରୁଷ ଏବଂ ଦୂତମାନେ,' ଏବଂ ସେ ଯେଉଁ ଦୂତଙ୍କ ବିଷୟରେ କହୁଥିଲେ…"

248 ତେବେ, ଆସନ୍ତୁ ଦେଖିବା ଏହା କିପରି ଶାସ୍ତ୍ର ସହିତ ଅର୍ଥହୀନ କଥା କହିବ ନାହିଁ । ଦେଖନ୍ତୁ? ତେବେ, ଏହା "ସହଯୋଗ" କରିବ ନାହିଁ, ମୋର କହିବାର ଅର୍ଥ । ମୋତେ କ୍ଷମା କରନ୍ତୁ, ମୋର କହିବାର ଅଭିପ୍ରାୟ ଶାସ୍ତ୍ର ସହିତ "ଅର୍ଥହୀନ କଥା କହିବା" ନୁହେଁ । ମୋର କହିବାର ଅର୍ଥ ଶାସ୍ତ୍ର ସହିତ "ସହଯୋଗ କରିବା," କିମ୍ବା ଶାସ୍ତ୍ର ସହିତ "ଅନୁସରଣ କରିବା, ସମନ୍ୱୟ ସ୍ଥାପନ କରିବା" ହେଉଛି ସର୍ବୋତ୍ତମ ଶବ୍ଦ ।

249 "ତେବେ, ସେହି ବ୍ୟକ୍ତି ଯିଏକି ସ୍ୱର୍ଗଦୂତମାନଙ୍କର ଭାଷାରେ କଥାବାର୍ତ୍ତା କରନ୍ତି," ସେ କୁହନ୍ତି, "ତାହା ହେଉଛି ପବିତ୍ରଆତ୍ମାଙ୍କର ଭାଷା ଯାହାକି" ସେ କହିଲେ, "ତେବେ, ଯେତେବେଳେ ଆପଣ, ଆମେ, ସେମାନେ ପବିତ୍ରଆତ୍ମା ଗ୍ରହଣ କଲେ ।"

ମୁଁ କହିଲି, "କଅଣ…କେତେବେଳେ, ଆପଣ ଏହାକୁ କେଉଁଠାରେ ଗ୍ରହଣ କଲେ?"

250 ତେବେ, ସେ ମୋତେ ଅବିକଳ ଠିକ୍ ସେହି ସ୍ଥାନ, ସେହି ମିନିଟ୍ ଏବଂ ସେହି ଘଟିକା ବିଷୟରେ କହିଲେ । ମୋର ସେଥିରେ ସନ୍ଦେହ ନାହିଁ କିନ୍ତୁ ଯାହା ସେ କରିଥିଲେ । ଦେଖନ୍ତୁ? ମୋର ନାହିଁ…ମୁଁ ତାଙ୍କର ବିଚାରପତି ନୁହେଁ । ବୁଝିଲେ? ସେ କହିଲେ, "ସେହିଠାରେ ହିଁ ମୁଁ ଏହାକୁ କହିଥିଲି ।" ସେ ଅବିକଳ ଠିକ୍ ସେହି ସ୍ଥାନକୁ ଜାଣିଥିଲେ । କହିଲେ, "କିଛି ଗୋଟାଏ ମୋ ସହିତ ଘଟିଲା ।"

251 ମୁଁ କହିଲି, "ମୁଁ ଏହା ବିଶ୍ୱାସ କରେ । ଦେଖନ୍ତୁ? କିନ୍ତୁ ପୁଅରେ, ତଥାପି ତାହା ତୁମ ପାଇଁ ପବିତ୍ରଆତ୍ମାଙ୍କର ପ୍ରମାଣ ନ ଥିଲା ।"

"ଓ ହଁ!" କହିଲେ, "ତାହା, ତାହାହିଁ ଏହା ଥିଲା!"

ଏବଂ, "ନା ।"

ସେ କହିଲେ, "ତେବେ, ଦେଖନ୍ତୁ, ମୁଁ ଆପଣଙ୍କୁ କିଛି କହିବାକୁ ଚାହେଁ, ଭାଇ ।"

252 ମୁଁ କହିଲି, "କଅଣ ଆପଣଙ୍କ ଶ୍ରୋତାବୃନ୍ଦରେ ଥିବା ଲୋକମାନେ, ଇଣ୍ଡିୟାନାପୋଲିସରେ ଥିବା ସେହି ମଣ୍ଡଳୀ ଯେଉଁଠାରେକି ଆପଣ କହୁଛନ୍ତି ଯେ ଆପଣ ଏହାକୁ ଗ୍ରହଣ କରିଥିଲେ, କଅଣ ସେହି ଲୋକମାନେ ଆପଣଙ୍କୁ ଇଂରାଜୀରେ କହୁଥିବାର ଶୁଣିଥିଲେ କି ଯେତେବେଳେ ଆପଣ ସେମାନଙ୍କୁ ପୁନରୁତ୍ଥାନ ଏବଂ ପରମେଶ୍ୱରଙ୍କ ଶକ୍ତି ଓ ସବୁକିଛି ବିଷୟରେ କହିଥିଲେ?"

ସେ କହିଲେ, "କାହିଁକି, ନୁହେଁ! ମୁଁ ତ ଅଜ୍ଞାତ ଭାଷାରେ—ରେ କଥା କହିଥିଲି ।"

253 ମୁଁ କହିଲି, "ଆପଣ ଏହାକୁ କଦାପି ପ୍ରେରିତ 2:4 ଅନୁଯାୟୀ ପାଇ ନ ଥିଲେ, କାରଣ ପ୍ରତ୍ୟେକ...ଗୋଟିଏ ହେଲେ ଶବ୍ଦ ଅଜ୍ଞାତ ନ ଥିଲା । 'ଆମେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆମର ନିଜ ଭାଷାରେ ଶୁଣିଥିଲୁ ।"

254 "ଓଃ," ସେ କହିଲେ, "ଭାଇ ବ୍ରାନହାମ୍, ମୁଁ ଦେଖୁଛି ଯେ ଆପଣ କେଉଁଠାରେ ଦ୍ୱନ୍ଦ୍ୱରେ ପଡିଛନ୍ତି ।" ସେ କହିଲେ, "ଆପଣ ଦେଖନ୍ତୁ," ସେ କହିଲେ, "ସେଠାରେ ଏପରି ପରଭାଷାଗୁଡିକ ଅଛି ଯାହାକି ସ୍ୱର୍ଗଦୂତମାନଙ୍କର ଭାଷା ଅଟେ, ଯେତେବେଳେ ଆପଣ ପବିତ୍ରଆତ୍ମା ଗ୍ରହଣ କରନ୍ତି," କହିଲେ, "ତାହାପରେ ଆପଣ ପରଭାଷାରେ କଥାବାର୍ତ୍ତା କରନ୍ତି ଆଉ କାହାରିକୁ ଏହାକୁ ବ୍ୟାଖ୍ୟା କରିବାକୁ ପଡ଼େ ନାହିଁ, ତାହା—ତାହା ପବିତ୍ରଆତ୍ମା କଥା କହୁଥାନ୍ତି । ବୁଝିଲେ? କିନ୍ତୁ ତାହାପରେ ଆପଣଙ୍କର ପରଭାଷାର ଏକ ଦାନ ଅଛି, ଏବଂ ତାହା ବ୍ୟାଖ୍ୟା କରାଯିବାକୁ ଥାଏ ।"

255 ମୁଁ କହିଲି, "ତାହାହେଲେ ଆପଣ ଘୋଡା ପୂର୍ବରୁ ବଗୀକୁ ରଖିଛନ୍ତି । ପେଣ୍ଟିକଷ୍ଟ ଦିନ ସେମାନେ ଘୋଡା ପୂର୍ବରୁ ବଗୀକୁ ରଖିଥିଲେ । ସେମାନେ ପବିତ୍ରଆତ୍ମା ପାଇବା ପୂର୍ବରୁ, ପରଭାଷା ପାଇବା ପୂର୍ବରୁ, ସେମାନେ ପରଭାଷାରେ କଥା ହୋଇଥିଲେ ଯାହାକି ବୁଝା ଯାଇଥିଲା ।" ବୁଝିଲେ? ତେଣୁ ପ୍ରକୃତରେ ଏହା...

256 ଦୁଇଟି ଭିନ୍ନ ପରଭାଷା ଅଛି । ସ୍ୱର୍ଗଦୂତମାନଙ୍କର ପରଭାଷା, ତାହା ସେହି ବ୍ୟକ୍ତି ଯିଏକି କେଉଁଠାରେ ଗୋଟାଏ ନିରୋଳାରେ ବ୍ୟକ୍ତିଗତ ପ୍ରାର୍ଥନାରେ ପରମେଶ୍ୱରଙ୍କ ସହିତ କଥାବାର୍ତ୍ତା କରନ୍ତି, ଦୂତଙ୍କ ପରଭାଷାରେ ପରମେଶ୍ୱରଙ୍କ ସହିତ କଥାବାର୍ତ୍ତା କରୁଥାନ୍ତି । ମୁଁ ବର୍ତ୍ତମାନ ଠିକ ଆପଣଙ୍କ ନିକଟରେ ଗୋଟିଏ ମାମଲା ବିଷୟରେ କହିପାରେ, କିନ୍ତୁ ମୋ ପାଖରେ ସମୟ ନାହିଁ । ଆପଣଙ୍କର ମନେ ଥିବ ଯେତେବେଳେ ସେହି ମହିଳା ସେଠାରେ

ପ୍ରେକ୍ଷାଳୟକୁ ଆସିଥିଲେ, ଯେଉଁଠାରେକି ଡାକ୍ତର ଆଲେକଜାଣ୍ଡାର୍ ଡୋଇ, ସିୟୋନ୍‌ରୁ ଆସିଥିଲେ । କଅଣ ଆପଣମାନଙ୍କର ମନେ ଅଛି ଯେ ମୁଁ ସେଠାରେ ତଳେ ଥିଲି? ଏବଂ ବିଲି ମୋ ପଛରେ ସେଠାରେ ମୋତେ ନେବା ପାଇଁ ତଳକୁ ଆସିଥିଲେ ଯେ ସେ ମୋତେ ସଭାକୁ ନେଇଯାଆନ୍ତି, ଆଉ ମୁଁ କହିଲି, "ବିଲି, ଫେରି ଯାଅ ।" ଆଉ ମୁଁ...

ସେ କହିଲେ, "ଆପଣ କେଉଁ ବିଷୟ ନେଇ ଚିନ୍ତା କରୁଛନ୍ତି? କଅଣ କେହି ଏଠାକୁ ଆସିଥିଲେ କି?"

257 ମୁଁ କହିଲି, "ନା, ଆଜ୍ଞା । ତୁମେ ଫେରି ଯାଅ, ଭାଇ ବାକ୍ସଟରଙ୍କୁ କୁହ ଯେ ସେ ଆଜି ରାତିରେ ପ୍ରଚାର କରିବେ ।"

258 ଆଉ ମୁଁ ତଳେ ପଡ଼ିଗଲି ଏବଂ କହିଲି, "ପ୍ରଭୁ, ମୋ ସହିତ ମାମଲାଟି କଅଣ?"

259 ଏବଂ ହଠାତ୍ ମୁଁ କାହାରିକୁ କବାଟ ପାଖରେ ଆସିବାର ଶୁଣିଲି, ପରଭାଷାରେ କଥାବାର୍ତ୍ତା କରୁଥିଲେ । ମୁଁ ଭାବିଲି...ଏହା ଜର୍ମାନ ଭାଷା ଥିଲା । ମୁଁ ଭାବିଲି, "ତେବେ, ସେହି ବ୍ୟକ୍ତି ଜଣକ ନିଜ ପାଇଁ କିଛି ବିଷୟ ପାଇବାକୁ ଆସିଛନ୍ତି..." ମୁଁ ଅଟକି ଗଲି, ଆପଣ ଜାଣନ୍ତି, ପ୍ରାର୍ଥନା କରୁଥିଲି, ମୁଁ ତାଙ୍କୁ ସେଠାରେ ସେହିପରି ଭାବରେ ଛିଡା ହୋଇଥିବାର ଶୁଣିଲି । ଏବଂ ମୁଁ ଭାବିଲି, "ତେବେ, ସେହି ଲୋକ କିପରି ତାହା ବୁଝିବ?" କାରଣ ମୁଁ ସେହି ବ୍ୟକ୍ତିଙ୍କୁ ଜାଣିଥିଲି ଯିଏକି ସେହି ମୋଟେଲକୁ ଚଲାଉଥିଲେ, ସହରଠାରୁ ପ୍ରାୟଃ ପାଞ୍ଚ ମାଇଲ ଦୂରରେ ଥିଲା, ଆପଣ ଜାଣନ୍ତି । ମୋତେ ସେଠାକୁ ବାହାରି ଯିବାକୁ ପଡୁଥିଲା (ଏତେ ସଂଖ୍ୟକ ଲୋକ ସେଠାରେ ଥିଲେ), ଏକ ଛୋଟ ସହର ଥିଲା । ମୁଁ କହିଲି, "ତେବେ, ତାହା ବିଚିତ୍ର ଅଟେ । ଉଃ ।" ଏବଂ ମୁଁ କହିଲି, "ସେଠାରେ...ତେବେ, ପିଲାଏ, କଅଣ କେବେ ଗୋଟିଏ ଶୁଣିଛ କି... କଅଣ...ସେହି ବ୍ୟକ୍ତି ବଡ କଷ୍ଟରେ, ତାଙ୍କର ନିଶ୍ୱାସ ନେଇ ପାରୁଥିଲେ ।" ଦେଖନ୍ତୁ, ମୁଁ ତାହା ଭାବୁଥିଲି, ବଡ଼ କଷ୍ଟରେ ଯେତେବେଳେ ସେ କଥା କହୁଥିଲେ! ତେବେ, ମୁଁ କହିଲି, "ତେବେ, ତାହା, କାହିଁକି, ଏହା ତ ମୁଁ ଥିଲି!" ତେଣୁ ମୁଁ କେବଳ ବାସ୍ତବରେ ନୀରବ ରହିଲି, ଦେଖନ୍ତୁ, କିଛି କହିଲି ନାହିଁ...କେବଳ ବାସ୍ତବରେ ନୀରବ ରହିଲି । କିଛି ସମୟ ପରେ ଯେତେବେଳେ ସେ କଥାବାର୍ତ୍ତା କରି ସାରିଲେ, ଏବଂ, ଯେତେବେଳେ ଏହା ହୋଇଗଲା, ମୋତେ ଏପରି ଅନୁଭବ ହେଲା ଯେପରିକି ମୁଁ ଲୋକମାନଙ୍କର ଭୀଡ଼ ଭିତର ଦେଇ ଦୌଡି ଯାଇପାରେ ଓ ଗୋଟିଏ କାନ୍ଥ ଡ଼େଇଁପାରେ ।

260 ଏବଂ ମୁଁ ବାହାରକୁ ଗଲି ଏବଂ ବିଲି ଫାଟକ ଦେଇ ବାହାରକୁ ଯାଉଥିଲା ଏବଂ ମୁଁ ତାଙ୍କୁ ବଡ ପାଟିରେ ଚିତ୍କାର କଲି, "ଗୋଟିଏ ମିନିଟ୍ ଅପେକ୍ଷା କର!"

261 ସେ ଫେରି ଆସିଲା, ସେ ଏକ ସୋଡା ପପ୍ ପିଉଥିଲା । ଏବଂ ସେ କହିଲା, "ବାପା, ମାମଲାଟି କଅଣ?"

262 ମୁଁ କହିଲି, "କେବଳ ଗୋଟିଏ ମିନିଟ୍ ଅପେକ୍ଷା କର, ମାତ୍ର ଗୋଟିଏ ମିନିଟ୍, ମୁଁ ତୁମ ସହିତ ଯାଉଅଛି ।"

263 ମୁଁ ପ୍ରକୃତରେ ମୋର ମୁହଁ ଶୀଘ୍ର ଧୋଇବାକୁ ଆରମ୍ଭ କଲି । ସେ କହିଲେ, "କଥା କଅଣ?" ସେ ମୋ ସହିତ କଥାବାର୍ତ୍ତା କରିବା ଅପେକ୍ଷା ଭଲ ଭବରେ ଜାଣେ, ସଭାକୁ ଯିବାକୁ ଅଛି । ସେ କହିଲା, "କଥା କଅଣ?"

264 ମୁଁ କହିଲି, "କିଛି ନୁହେଁ, କିଛି ନୁହେଁ, କିଛି ନୁହେଁ, ଆଦୌ କିଛି ନୁହେଁ । କେବଳ ସଭାକୁ ଚାଲ ।"

265 ଆମେ ସଭାକୁ ଗଲୁ, ଭାଇ ବାକ୍ସଟର ସେଠାରେ ବସି ବଜାଉଥିଲେ, "*ମୋର ପ୍ରାଣ ଏବଂ ତ୍ରାଣକର୍ତ୍ତା ମଧ୍ୟରେ ଆଉ କିଛି ନୁହେଁ* ।" ସେ ଭିତରକୁ ଆସିଲେ, ସେ କହିଲେ, "ହ୍ୟୁ! ଭାବିଲି ଯେ ଆପଣ ଆସୁନାହାଁନ୍ତି!"

ମୁଁ କହିଲି, "ଶ ।" ଉପରକୁ ଯାଇ କେବଳ ପ୍ରଚାର ଆରମ୍ଭ କଲି ।

266 ଯେତେବେଳେ ମୁଁ ସମାପ୍ତ କରିବାକୁ ଗଲି, ପ୍ରାୟଃ ମୁଁ ପ୍ରଚାର ଶେଷ କରୁଥିଲି, ତେବେ, ବାଳକ, କେହି ଜଣେ ଭବନର ପଛ ଭାଗକୁ ନେବାକୁ ପସନ୍ଦ କଲେ, ସେହି ବଡ ପ୍ରେକ୍ଷାଳୟରେ । ସେଠାରେ ଏକ ଏକ୍ସଟେନ୍ସନ୍ ମାଇକ୍ ନେଇଗଲେ, ଏବଂ ସେଠାରେ ଜଣେ ମହିଳା ଥିଲେ ଯିଏକି ସେହି ଗଳି ରାସ୍ତାରେ କେବଳ ଉପର ତଳକୁ ଚାଲୁଥିଲେ, ଆଉ ଯଥାସମ୍ଭବ ଚିତ୍କାର କରୁଥିଲେ ।

267 ଜାଣିବାକୁ ପାଇଲି ଯେ, ତାଙ୍କୁ ଯକ୍ଷ୍ମା ହୋଇଥିଲା, ଏବଂ ଟ୍ୱିନ୍ ସିଟି, ସେଣ୍ଟ ପଲ୍ ଛାଡି ଆସିଥିଲେ, ସେହି ଆମ୍ବୁଲାନ୍ସ ତାଙ୍କୁ ଆଣି ନ ଥିଲା କାରଣ ସେମାନେ ଭୟ କରୁଥିଲେ ଯେ ତାଙ୍କର ଫୁସଫୁସ ଫାଟିଯିବ । ଡାକ୍ତର କହିଥିଲେ, "କିଛି ବି ହୋଇପାରେ, ତାର ଫୁସଫୁସ ମହୁଫେଣା ପରି ହୋଇଥିଲା," କହିଲେ, "ଯଦି ତାହା କେବେ ଫାଟିବ ତେବେ ସେ ମରିଯିବେ । ତାହାହିଁ ସବୁକିଛି ହେବ ।" ଏବଂ କେତେକ ସାଧୁମାନେ ଏକ ପୁରୁଣା '୩୪ ଶେଭ୍ରୋଲେଟ୍ କାର୍ ନେଇ, ତାର ପଛ ସିଟ୍ ନେଇ ଏହାକୁ ବ୍ୟବସ୍ଥା କଲେ, ତାକୁ ସେଠାରେ ରଖି ରାସ୍ତାରେ ନେଇ ଆସୁଥୀଲେ । ଏବଂ ସେମାନେ ସେଠାରେ ଏକ ଛୋଟ ମାର୍ଗ ଅବରୋଧକ କିମ୍ବା ଅନ୍ୟ କିଛି ସେଠାରେ ପାଇଥିଲେ, ଏବଂ ତାଙ୍କର ରକ୍ତସ୍ରାବ ଆରମ୍ଭ ହୋଇଥିଲା, ଏବଂ ସେ ରକ୍ତ ବାନ୍ତି କରିବା ଆରମ୍ଭ କରିଥିଲେ, ଏବଂ ସେ...ଏହା ତାଙ୍କ ନାକ ଦେଇ ଯାଉଥିଲା ଏବଂ ସେପରି ସବୁକିଛି ହୋଇଥିଲା । ସେ ଦୁର୍ବଳ ଓ ଅଧିକ ଦୁର୍ବଳ ହେବାକୁ ଲାଗିଲେ ଏବଂ ଶେଷରେ...ସେ କାରରେ ମରିବାକୁ ଚାହୁଁ ନ ଥିଲେ, ସେ ସେମାନଙ୍କୁ ଅଟକାଇ ତାଙ୍କୁ ଏକ ଘାସ ଭୂମିରେ ରଖିବାକୁ କହିଥିଲେ ।

268 ସେମାନେ ତାଙ୍କୁ ବାହାର କଲେ । ଏବଂ ସେମାନେ ସମସ୍ତେ ତାଙ୍କ ଚାରି ପାଖରେ ଛିଡା ହୋଇ, ପ୍ରାର୍ଥନା କରିଥିଲେ, ଏବଂ ହଠାତ୍ ସେ କହିଲେ ଯେ କିଛି ଗୋଟାଏ ତାଙ୍କୁ ଆଘାତ କଲା ଏବଂ ସେ ଉଠି ପଡିଲେ । ଏବଂ ସେ ସେହି ରାସ୍ତାରେ, ଯଥାସମ୍ଭବ ପାଟି କରି, ଚାଲିଗଲେ । ଏଠାରେ ସେ ମଣ୍ଡଳୀରେ ଥିଲେ, କେବଳ ସେହି ଗଳି ରାସ୍ତାରେ ଉପର ତଳ ଦେଇ ଚାଲୁଥିଲେ ।

269 ମୁଁ କହିଲି, "ଭଉଣୀ, ତାହା କେଉଁ ସମୟ ଥିଲା?" ଠିକ୍ ସେହି ସମୟ ଥିଲା ଯେତେବେଳେ ପବିତ୍ରଆତ୍ମା ମୋ ଦେଇ କଥା କହୁଥିଲେ । ଏହା କଅଣ ଥିଲା? ବରଦାନ ।

270 ସେହି—ସେହି ପୁରୁଣା ଓପୋସମ୍ ଜୀବ ସେଠାରେ ପ୍ରାର୍ଥନା କରିବା ପାଇଁ ଦ୍ୱାର ନିକଟରେ ପଡି ରହିଥିବା କଅଣ ଅଟେ? ଏକ ଅଜ୍ଞ ପଶୁ, ଏପରିକି ପ୍ରାଣ ସୁଦ୍ଧା ନାହିଁ, ଭୁଲ ଠିକ କଅଣ ଜାଣେ ନାହିଁ; ଦେଖନ୍ତୁ, ତାର ଏକ ପ୍ରାଣ ନାହିଁ, (ଏକ ଆତ୍ମା ପାଇଛି), ଏଥିରେ କୌଣସି ପ୍ରାଣ ନାହିଁ ।

271 ଏହା କଅଣ ଥିଲା? ପବିତ୍ରଆତ୍ମା ମଧ୍ୟସ୍ଥି କରୁଥିଲେ । ପରମେଶ୍ୱର ପୃଥିବୀକୁ ଏକ ବରଦାନ ପଠାଇଥିଲେ, ଏବଂ ପବିତ୍ରଆତ୍ମା ଆଉ ଅଧିକ ଅପେକ୍ଷା କରିପାରି ନ ଥିଲେ ତେଣୁକରି ସେ କେବଳ ଆସି ମୋତେ ଅଧିକାର କରି ନେଲେ ଏବଂ ନିଜେ ସେହିଭଳି କହିବାକୁ ଆରମ୍ଭ କଲେ, ଆପଣାକୁ ସମର୍ଥନ କରିବାକୁ ଯାଇ, ନିଜେ ମଧ୍ୟସ୍ଥି କରିଥିଲେ । ଏବଂ ଯେତେବେଳେ ଆମେ ସମୟ ଯାଞ୍ଚ କଲୁ, ଠିକ ସେହି ସମୟରେ ଯେତେବେଳେ ସେ...ସେମାନେ ତାଙ୍କୁ ସେହି ପରି ଏକ ଭୂମିରେ ବାହାର କରି ରଖିଥିଲେ, ସେମାନେ ଦେଖିବାକୁ ଚାହିଁଲେ...କାରଣ ସେମାନେ ଜାଣିଥିଲେ ଯେ ସେ ମରୁଛନ୍ତି, ସେମାନଙ୍କୁ ଏହା କହିବାକୁ ପଡିବ ଯେ ସେ କେଉଁ ସମୟରେ ମରିଥିଲେ । ତାହା ଠିକ ସେହି ମୁହୂର୍ତ୍ତରେ ହିଁ ଥିଲା ଯେତେବେଳେ ପବିତ୍ରଆତ୍ମା ମୋ ଉପରେ ଓହ୍ଲାଇ ଆସିଥିଲେ ଏବଂ ମଧ୍ୟସ୍ଥି କରିବାକୁ ଲାଗିଥିଲେ, ଉଚ୍ଚାରଣ, ଶବ୍ଦଗୁଡିକ, ସେଗୁଡିକ ବୁଝିପାରି ନ ଥିଲି, ଦେଖନ୍ତୁ, ସେହିପରି ଭାବରେ, ଉଚ୍ଚାରଣ କରୁଥିଲେ । ତାହା ପବିତ୍ରଆତ୍ମା କଥା କହୁଥିଲେ ।

272 ମୋତେ ତାହା ଜାଣିବାକୁ ନ ଥିଲା । ଦେଖନ୍ତୁ, ମୁଁ କରି ନ ଥିଲି । ତାହା ତ ସେହି ସ୍ତ୍ରୀର... ବୋଧହୁଏ ତାଙ୍କର ଦୂତ ଥିଲେ । ଆମେ କିଛି ମିନିଟରେ ତାହା ପାଖକୁ ଯିବାକୁ ଯାଉଅଛୁ, ଦେଖନ୍ତୁ, ଯିଏକି ସେଠାକୁ ଆସି ସେହି ବାର୍ତ୍ତା ଦେଇଥିଲେ, ଆପଣ ଦେଖନ୍ତୁ ।

273 ତେବେ—ତେବେ, ତାହା—ତାହା ଠିକ୍ ଅଟେ । ସେଠାରେ ଦୁଇଟି ଭିନ୍ନ ପରଭାଷା ଅଛି, ସେଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି...

274 କଅଣ ଏକ ପ୍ରଶ୍ନ ଅଛି କି? ଠିକ ଅଛି, ପରମେଶ୍ୱର କଅଣ କହୁଛନ୍ତି ତାହା ଜାଣିବାକୁ ଚେଷ୍ଟା କରିବା, ଆପଣ ଦେଖନ୍ତୁ । ତେବେ, ମୁଁ—ମୁଁ କହିବି, ଭାଇ ଷ୍ଟ୍ରିକର, ସେଥିରେ, ସେହି ବିଷୟରେ, ତାହା ବିଷୟରେ ଚିନ୍ତା କରିବାକୁ ଚେଷ୍ଟା କରନ୍ତୁ ନାହିଁ, ଦେଖନ୍ତୁ । କେବଳ ଆତ୍ମା ଯାହା କହୁଛନ୍ତି ତାଙ୍କୁ ତାହା କହିବାକୁ ଦିଅନ୍ତୁ । ଏହାକୁ ବୁଝିବାକୁ ଚେଷ୍ଟା କରନ୍ତୁ ନାହିଁ, ଦେଖନ୍ତୁ, 'କାରଣ ନିଜକୁ କେବଳ ଆତ୍ମାର ନିକଟରେ ସମର୍ପଣ କରି ଦିଅନ୍ତୁ । ବୁଝିଲେ? କାରଣ ଆପଣ କହିବାକୁ—କୁ—କୁ ଚେଷ୍ଟା କରୁଛନ୍ତି, "ଆରେ, ତୁମେ କଅଣ କହୁଛ?" ବୁଝିଲେ? "ଆରେ, ତୁମେ ମୋ ସହିତ କଥାବାର୍ତ୍ତା କରୁଛ? ହୁଃ?" ଆପଣ ଦେଖନ୍ତୁ, ସେ...ଦେଖନ୍ତୁ, ସେ ଚେଷ୍ଟା କରୁଛନ୍ତି ।

**115.** ବର୍ତ୍ତମାନ। **କଅଣ ଜଣେ ବ୍ୟକ୍ତିଙ୍କ ପାଇଁ ପରଭାଷାରେ କଥା ହେବା ଠିକ୍ କି ଯେତେବେଳେକି ଯଜ୍ଞବେଦୀ ବିଷୟରେ ଅନ୍ୟମାନଙ୍କ ପାଇଁ** [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା।] **ବ୍ୟାଖ୍ୟା ବିନା ପ୍ରାର୍ଥନା କରୁଥାନ୍ତି?** [ଟେପ୍‌ରେ ରିକ୍ତ ସ୍ଥାନ।]

275 ମୋତେ ଦେଖିବାକୁ ଦିଅନ୍ତୁ ଯେ ମୁଁ ତାହା ଉପରେ କଅଣ ଲେଖି ରଖିଛି, ମୋତେ ଦେଖିବାକୁ ପଡ଼ିବ। ଯଦି କୌଣସି ଅର୍ଥକାରକ ନାହାଁନ୍ତି, ତାହାହେଲେ ସେମାନେ ନୀରବ ରୁହନ୍ତୁ। ପ୍ରଥମ କରିନ୍ଥୀୟ, ତାର 1ମ ପର୍ବରେ...ତାର 14ଶ ପର୍ବ ଏବଂ 28ତମ ପଦ। କାହା ପାଖରେ ବାଇବଲ ଅଛି? [ଜଣେ ଭାଇ ପ୍ରଥମ କରିନ୍ଥୀୟ 14:28 ପାଠ କରନ୍ତି—ସମ୍ପା।]

[...*ଯଦି କୌଣସି ଅର୍ଥକାରକ ନ ଥାଏ, ତାହାହେଲେ ସେ ମଣ୍ଡଳୀରେ ନୀରବ ରହୁ;*...]

276 ଠିକ୍ ଅଛି। ବର୍ତ୍ତମାନ, ଯଦି କୌଣସି ଅର୍ଥକାରକ ନ ଥାଆନ୍ତି, ମଣ୍ଡଳୀରେ ଯେକୌଣସି ସମୟରେ, ମଣ୍ଡଳୀରେ ଯେକୌଣସି ସ୍ଥାନରେ, ଯଦି କୌଣସି ଅନୁବାଦକ ନ ଥାଆନ୍ତି ତେବେ ନୀରବ ରୁହନ୍ତୁ।

277 ଯଜ୍ଞବେଦୀରେ, କେବଳ ଗୋଟିଏ ମାତ୍ର ବିଷୟ ଯାହାକି କାହାରିକୁ...ଅନେକ ଥର ଆପଣମାନେ ଲୋକମାନଙ୍କୁ ବେଦୀ ନିକଟକୁ ଯାଉଥିବାର ଶୁଣନ୍ତି। ମୁଁ ଏହି ନିକଟରେ ଶୁଣିଲି ଯେ ଜଣେ ବହୁମୂଲ୍ୟ ଭାଇ ବେଦୀ ନିକଟକୁ ଗଲେ, ଆଣ୍ଠୁ ପାତିଲେ ଓ କାହାରି ଜଣକାକୁ ତାଙ୍କ ପିଠିରେ ଛୁଇଁଲେ ଯେ ସେ କେବଳ ଦୋହଲି ଗଲା, ଏବଂ ତାହାପରେ ସେମାନେ ନିଜେ ନିଜେ ପରଭାଷାରେ କଥା କହିଲେ, ତାହା ଏପରି ଭାବରେ କହିଲେ ଯେପରିକି ସେମାନେ ଲୋକମାନଙ୍କୁ ଏହା ଦେଖାଇବାକୁ ଚେଷ୍ଟା କରୁଥିଲେ ଯେ କଅଣ କରିବାକୁ ଅଛି। ଦେଖନ୍ତୁ, ତାହା ଏକପ୍ରକାର କୃତ୍ରିମ ଭାବରେ ପବିତ୍ରଆତ୍ମାଙ୍କୁ ଲୋକମାନଙ୍କ ନିକଟକୁ ଆଣିବା (ଚେଷ୍ଟା କରୁଥିବା) ଅଟେ। ତାହା କରନ୍ତୁ ନାହିଁ। ବୁଝିଲେ? କରିବା ନିମନ୍ତେ ବିଷୟ ହେଲା ଯେ ସେହି ବ୍ୟକ୍ତିଙ୍କୁ କେବଳ ଏକାକୀ ଛାଡି ଦିଅନ୍ତୁ। ସେମାନଙ୍କୁ ନିଜର ହାତ ଉତ୍ତୋଳନ କରିବାକୁ ଦିଅନ୍ତୁ ଯେପର୍ଯ୍ୟନ୍ତକି ପବିତ୍ରଆତ୍ମା ନ ଆସି ଯାଆନ୍ତି, ଆପଣ ଦେଖନ୍ତୁ। ବୁଝିଲେ? ତେଣୁ ଏହା—ଏହା—ଏହା ଏକ ତୃଟି ଅଟେ। ନା, ସେମାନେ ମଣ୍ଡଳୀରେ ନୀରବ ରହିବା ଉଚିତ୍, ଆପଣ ଦେଖନ୍ତୁ।

278 [ଜଣେ ଭାଇ ପଚାରନ୍ତି, "ଭାଇ ବ୍ରାନହାମ୍?"—ସମ୍ପା।] ହଁ, ଭାଇ। ["ଧରନ୍ତୁ ଜଣେ ବ୍ୟକ୍ତି ଏକ ସେବାରେ ଅଛନ୍ତି ଏବଂ—ଏବଂ ସେବାର ଶେଷରେ, ସାଧାରଣତଃ ଯେତେବେଳେ ଏକ ବାର୍ତ୍ତା ଆସିବ, ସେହି ବ୍ୟକ୍ତି ଯାହାଙ୍କ ପାଖରେ ବରଦାନ ଥାଏ, ସେମାନେ ତାହା କହିବାକୁ ସକ୍ଷମ ହେବେ, କିମ୍ବା କଅଣ ସେମାନେ ତାହା ମଧ୍ୟରେ ସେହି—ସେହି ଦୂତ...ସେହି ଦୂତଙ୍କ ପରଭାଷା କିଅବା ତାହା ଦେଇ ଆସୁଥିବା ସେହି ବାର୍ତ୍ତା ମଧ୍ୟରେ ପାର୍ଥକ୍ୟ କହିବାକୁ ସମର୍ଥ ହୋଇପାରିବେ କି?"]

279 ତେବେ, ଆସନ୍ତୁ ଦେଖିବା । ବର୍ତ୍ତମାନ...[ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା ।]... ଯେପର୍ଯ୍ୟନ୍ତ ସେମାନେ ଭିତରକୁ ଆସନ୍ତି ଏବଂ ସେମାନେ ସେହି ବିଷୟଟିକୁ ଲେଖି, ଏହାକୁ ମୋ ମେଜରେ ରଖି ଦିଅନ୍ତି । ବୁଝିଲେ? ଏବଂ ମୁଁ ଏହାକୁ ଠିକ୍ ଏହିପରି ଭାବରେ ପାଠ କରେ । କିନ୍ତୁ ଯେତେବେଳେ ମୁଁ ସେଠାରେ ସେହି କୋଠରୀ ଭିତରକୁ ଗଲି, ଭାଇ, ତାହା ସେଥିରେ ପରିପୂର୍ଣ୍ଣ ଥିଲା । ବୁଝିଲେ?

280 ଏବଂ ସେମାନେ ଏଠାକୁ ଆସିବା ପୂର୍ବରୁ, ସେମାନେ ଏଠାରେ ଛିଡା ହେବେ ଏବଂ ସମସ୍ତେ ଯେତିକି ନୀରବ ରହିପାରନ୍ତି ରହିବେ । ଏବଂ ସେହି ଭଉଣୀ ସେଠାରେ ରହିବେ, ଭଉଣୀ ଆଇରିନ୍, ସେଠାରେ ସେହି—ସେହି ଯଜ୍ଞବେଦୀରେ, ସେଠାରେ ବଜାଉଥିବେ, ବଜାଉଥିବେ *ତଳେ କ୍ରୁଶରେ ସେଠାରେ* । ଆମେ କରିବୁ ନାହିଁ...କର୍ମକର୍ତ୍ତାମାନେ କେବଳ ଆଗକୁ ପଛକୁ ଚାଲୁଥିବେ । ସେମାନେ କୌଣସି ବ୍ୟକ୍ତିଙ୍କୁ କଥାବାର୍ତ୍ତା କରୁଥିବାର ଦେଖନ୍ତି, ସେମାନେ କୁହନ୍ତି, "ଶ, ଶ, ଶ ।" ଦେଖନ୍ତୁ? ଏବଂ ଯଦି ସାନ ପିଲାମାନେ...ସେମାନେ ପ୍ରକୃତରେ ଶାନ୍ତ ଭାବରେ ବସିବେ ଏବଂ ସେମାନେ କହିବେ, "ପ୍ରିୟ, ଏହା ପ୍ରଭୁଙ୍କ ଗୃହ ଅଟେ । ତୁମକୁ କରିବା ଉଚିତ୍ ନୁହେଁ । ତୁମକୁ ବର୍ତ୍ତମାନ ପ୍ରଭୁଙ୍କ ଗୃହରେ ଉତ୍ତମ ଆଚରଣ କରିବା ଉଚିତ୍ ।"

281 ଆଉ ସେହି ପୁରୁଷ ଏବଂ ତାଙ୍କର ପତ୍ନୀ, ଏବଂ ସେମାନେ ସମସ୍ତେ, ସେମାନେ ନିଜର କୋଟ୍ ଗୁଡିକୁ ଓ ଅନ୍ୟାନ୍ୟ ବିଷୟଗୁଡ଼ିକୁ ସେମାନଙ୍କୁ ଟାଙ୍ଗିବାକୁ ଦେଇ ଦିଅନ୍ତି । ଦ୍ୱାର ଫିଟାଯିବା ମାତ୍ରେ ସେମାନଙ୍କୁ ଭେଟିବା ପାଇଁ ଏଠାରେ କେହି ଜଣେ ଦ୍ୱାର ପାଖରେ ରହିଥାନ୍ତି । ସେହି...ଏବଂ ସବୁକିଛି ଯିବା ନିମନ୍ତେ ପ୍ରସ୍ତୁତ ଥାଏ, ଆପଣ ଜାଣନ୍ତି, ମଣ୍ଡଳୀକୁ ସଠିକ୍ ରଖାଯାଏ । ସମସ୍ତେ ଗୋଟିଏ ଗୋଟିଏ ଆସନ ଗ୍ରହଣ କରି ନିଅନ୍ତି ଏବଂ ଦେଖନ୍ତି ଯେପରିକି ସେମାନେ ବସନ୍ତି ।

282 ଏବଂ ମୁଁ କକ୍ଷରେ ଥିଲି, ପ୍ରାର୍ଥନା କରୁଥିଲି, ବୋଧହୁଏ ସେହି ଦିନ ଅପରାହ୍ନ ଦୁଇ କିମ୍ବା ତିନିଟାରୁ ସେଠାରେ ରହିଥାଏ । ମୋତେ କେହି ହେଲେ ହଇରାଣ କରନ୍ତି ନାହିଁ । ମୁଁ ମୋର ବାର୍ତ୍ତା ସହିତ ସେଠାକୁ ଯାଏ ।

283 ଏବଂ ତାହାପରେ ଠିକ ଆରମ୍ଭ ହେବାକୁ ଥିବା ମୁହୂର୍ତ୍ତରେ, ଗୀତ ନେତୃତ୍ୱକାରୀ ଏକ ଗୀତ ଆରମ୍ଭ କରନ୍ତି, "ଆସନ୍ତୁ ସେହି ଭଜନ ସଂଖ୍ୟା *ଅମୁକ-ଓ-ଅମୁକ* ଯିବା," ଯଥା, *ତଳେ କ୍ରୁଶରେ ସେଠାରେ ଯେଉଁଠାରେ ମୋର ତ୍ରାଣକର୍ତ୍ତା ମୃତ୍ୟୁବରଣ କରିଥିଲେ,* ସେହିପରି ଭାବରେ, ଆପଣ ଜାଣନ୍ତି, ଏବଂ ସେହିପରି ଭାବରେ ଆଗକୁ ଯାଆନ୍ତି । ତାହାପରେ ଯେତେବେଳେ ଆପଣ ପ୍ରାୟଃ ଦୁଇଟି ବିଶେଷ ଗୀତ ଗାଆନ୍ତି...ଆମେ କଦାପି ଗୀତରେ ଅଧିକ ସମୟ ଦେଇ ନ ଥାଉ; ଏହା ତ ବାକ୍ୟ ପ୍ରମୁଖ ଅଟେ । ଯଦି ସେମାନଙ୍କର ଏକ ଭଜନ-ଗୀତ ଗାୟନ ରହିଥାଏ, ତେବେ ତାହାହିଁ ଅଟେ ଯେଉଁଥି ପାଇଁକି ସେମାନଙ୍କର ଏହି ନିୟମିତ

ଭଜନ-ଗୀତ ଗାୟନ ରହିଥାଏ । ଆମେମାନେ—ଆମେମାନେ...ବାକ୍ୟ ହିଁ ସେହି ମୂଖ୍ୟ ବିଷୟ ଅଟେ ଯାହା ପାଇଁ ଲୋକମାନେ ସେଠାକୁ ଆସନ୍ତି, ଏହା ସଂଶୋଧନର ଗୃହ ଅଟେ ।

284 ଏବଂ ତାହାପରେ ହୁଏତ ସେହି ସହଯୋଗୀ, ଭାଇ ଜର୍ଜ, ଭାଇ ଜର୍ଜ ଡିଆର୍କ, ଉଠନ୍ତି ଓ ପ୍ରାର୍ଥନା କରି ପାରନ୍ତି । ଏବଂ ତାହାପରେ ଆମର ଏକ ବିଶେଷ, ଯେପରିକି ଏକକ ଗୀତ କିମ୍ଵା ସେହିପରି କିଛି ଗୋଟାଏ ହୋଇଥାଏ । ଏବଂ ତାହାପରେ ଏହା ସମୟ ଆସିଯିବ, କେହି ଜଣେ ମୋତେ ଜଣାଇବେ ଯେ ତାହା ବାହାରକୁ ଆସିବାର ସମୟ ହୋଇଯାଇଛି । ଯଦି ଏହା ହୋଇଥିବ, ତେବେ ଠିକ୍ ଅଛି, ମୁଁ ଅଭିଷେକ ତଳେ ସତେଜ ଭାବରେ ବାହାରି ଆସିବି । ବୁଝିଲେ?

285 ତେବେ, ହୋଇପାରେ ଯେ ସେହି ସପ୍ତାହରେ ଯାହାକି ସେମାନଙ୍କ ପାଖରେ ସେମାନଙ୍କର ଏଠାରେ ମଣ୍ଡଳୀରେ କୌଣସି ସ୍ଥାନରେ ଏକ ସଭା ରହିଥିଲା, ସେମାନଙ୍କର ନିଜସ୍ୱ ସଭା ରହିଥିଲା । ହୋଇପାରେ ଯେ ସେହି ରାତିରେ ସେବା କେବେ ଆରମ୍ଭ ହେବା ପୂର୍ବରୁ, ସେମାନଙ୍କର ଏକ ସଭା ହୋଇଥିଲା । ଏବଂ ଏଠାରେ ତାହା ଥିଲା...ମୁଁ ଏଠାରେ ତାହାକୁ ପାଇଥାଏ, ଏବଂ କହିଥାଏ, "ଏଠାରେ ଏହି କାଗଜରେ ଲେଖା ହୋଇଛି ଯେ ଏକ ନିର୍ଦ୍ଦିଷ୍ଟ ଝଡ଼ ଆସିବ ଆସନ୍ତା ସପ୍ତାହରେ ଏହି ଦେଶ ସାରା," କିମ୍ଵା ସେହିପରି କିଛି ଗୋଟାଏ, ବିଷୟ, ଆପଣ ଜାଣନ୍ତି, ସେହିପରି କିଛି ଗୋଟାଏ ଘଟିବ । "ଏହା ଲେଖାଯାଇଥିଲା, ପରଭାଷାରେ କୁହା ଯାଇଥିଲା, ଏବଂ ଏଠାରେ ମଣ୍ଡଳୀରେ ଥିବା ଦୁଇଜଣ ସାଧୁଙ୍କ ଦ୍ୱାରା ବ୍ୟାଖ୍ୟା କରାଯାଇଥିଲା, ଭାଇ *ଅମୁକ-ଓ-ଅମୁକ* ଏବଂ *ଅମୁକ-ଓ-ଅମୁକ* । ଏହାର ଦୁଇ ସାକ୍ଷୀ ଏଠାରେ ସାକ୍ଷ୍ୟ ଦେଲେ, ସେମାନେ ତାଙ୍କର ନାମ ଏଠାରେ ଦସ୍ତଖତ କରିଛନ୍ତି, ଯେ ଏହା ସାକ୍ଷ୍ୟ ରଖାଗଲା ଯେ 'ଏହା ପରମେଶ୍ୱରଙ୍କ ଆଡୁ ହେବ,' ଏହା ହେଉଛନ୍ତି *ଅମୁକ-ଓ-ଅମୁକ* ଏବଂ *ଅମୁକ-ଓ-ଅମୁକ* ।" ତାହା ମୋର ପ୍ରଥମ ଭାଗ ଅଟେ ।

286 ତାହାପରେ ମୁଁ କୁହେ, "ଠିକ ଅଛି, ଆମେ ଏଥିପାଇଁ ପ୍ରସ୍ତୁତ ହେବା, ସମସ୍ତେ ପ୍ରାର୍ଥନାରେ ରୁହନ୍ତୁ । ବୁଝିଲେ? ତେବେ କଅଣ ସେଠାରେ କିଛି ଏକ ବିଶେଷ ଅନୁରୋଧ ଅଛି କି?" ଆପଣ ଜାଣନ୍ତି । "ଆସନ୍ତୁ ପ୍ରାର୍ଥନା କରିବା ।" ଛିଡା ହୋଇ ପ୍ରାର୍ଥନା କରେ । ସୀଧା ସଳଖ ବାକ୍ୟ ନିକଟକୁ, ଠିକ ବାକ୍ୟ ନିକଟକୁ ଯାଏ ।

287 ତାହାପରେ ତୁରନ୍ତ ସେବା ସମାପ୍ତ ହେବା ପରେ, ବେଦୀର ଡାକରା ଦିଆ ଯାଇଥାଏ । ବୁଝିଲେ? ବେଦୀର ଡାକରା ତାହା ଅଟେ ଯାହାକି ଆମେ ଭାରଯୁକ୍ତରେ ବଜାଇଥାଉ, ବେଦୀର ଡାକରା, ଲୋକମାନଙ୍କୁ ବେଦୀ ନିକଟକୁ ନେଇ କରି ଆସୁ । ଏବଂ ତେବେ ତାହାପରେ ସେହି ବେଦୀର ଡାକରା ସମାପ୍ତ ହେବା ପରେ, ବୋଧହୁଏ ମୁଁ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରେ, ଦେଖନ୍ତୁ, କିମ୍ଵା ସେହିପରି କିଛି ଗୋଟାଏ କରେ ।

288 ସମସ୍ତ ସେବା ଗ୍ରହଣ କରାଯାଇଥାଏ କାରଣ ଭବିଷ୍ୟଦ୍‌ବକ୍ତାଙ୍କ ଆତ୍ମା ଭବିଷ୍ୟଦ୍‌ବକ୍ତାଙ୍କ ଅଧୀନରେ ଅଟେ ।

289 ତାହାହିଁ ଥିଲା ଯାହା ବିଷୟରେ ମୁଁ ଭାବୁଥିଲି...କଅଣ ଆପଣମାନଙ୍କର ସେହି ରାତି ମନେ ଅଛି କି ଯେତେବେଳେ ମୁଁ ସେହି ଦର୍ଶନକୁ ଦେଖିଥିଲି ଯେତେବେଳେ ଦୂତ ମୋ ପାଖକୁ ଚାଲିକରି ଆସିଥିଲେ? ମୁଁ ସେଠାରେ କୋଠରୀରେ ବସି କରି, ଭାବୁଥିଲି । ପ୍ରାୟଃ, ଓଃ, ରାତି ସମୟରେ, କହୁଥିଲି, "'ଭବିଷ୍ୟଦ୍‌ବକ୍ତାମାନଙ୍କର ଆତ୍ମା...' ତାହା କିପରି ହୋଇପାରେ?" ମୁଁ ସେହି ଆଲୋକକୁ ଝଲସୁଥିବାର ଦେଖିଲି, ଏବଂ ଏଠାରେ ସେ ଠିକ ସେହି ମାର୍ଗ ଦେଇ ସେଠାକୁ ଚାଲିକରି ଆସିଲେ ଯେଉଁଠାରେ ମୁଁ ଥିଲି । ବୁଝିଲେ? ସେତେବେଳେ ହିଁ ତାହା ଥିଲା ଯେତେବେଳେକି ସେ ମୋତେ ଠିକ୍ ସେଠାରେ କାର୍ଯ୍ୟଭାର ଦେଇଥିଲେ, ଦେଖନ୍ତୁ, ଏହି ସଭାଗୁଡ଼ିକ ପାଇଁ ।

290 ବର୍ତ୍ତମାନ, ନା, ଏହା ତ ସେହି—ସେହି ବ୍ୟକ୍ତି ଅଟନ୍ତି ଯିଏକି ବାର୍ତ୍ତା ଦେଉଅଛନ୍ତି । ତାହା, ଯାହାକି ଆପଣଙ୍କର ପ୍ରଶ୍ନ ଅଟେ, ମୁଁ ବିଶ୍ୱାସ କରେ, "ସେହି ବ୍ୟକ୍ତି ଯିଏକି ବାର୍ତ୍ତା ଦେଉଛନ୍ତି, କଅଣ ସେ...କଅଣ—କଅଣ ବାର୍ତ୍ତା ଦେଉଥିବା ସେହି ବ୍ୟକ୍ତି ଜଣକ, କଅଣ ସେ ଜାଣିବେ ଯେ ଏହା ପ୍ରଭୁଙ୍କର ଦୂତ କି ନୁହେଁ?"

291 [ଜଣେ ଭାଇ କୁହନ୍ତି, "ବର୍ତ୍ତମାନ, ପ୍ରଶ୍ନଟି ଥିଲା, ଆପଣ କହିଲେ ଯେ ସ୍ୱର୍ଗଦୂତମାନଙ୍କର ପରଭାଷା ଅଛି..." ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା ।] ମୁଁ ଭାବେ ନାହିଁ ଯେ ସେ କରିପାରିବେ । ବର୍ତ୍ତମାନ, ଏହା ତ ସେହି ଉପାୟ ଅଟେ ଯାହାକି ଆମେମାନେ ବର୍ତ୍ତମାନ ପାଇଅଛୁ । ମାତ୍ର, ଦେଖନ୍ତୁ, ଯେତେବେଳେ ଆମେମାନେ ତାହା ସେହିପରି ପାଇଥାଉ ଯେପରିକି ତାହା ହେବା ଉଚିତ୍, ଯେଉଁଠାରେକି ସେମାନଙ୍କର ଏଥିପାଇଁ ନିୟମିତ ବୈଠକ ହୋଇଥାଏ, ଆସନ୍ତୁ...

292 ଦେଖନ୍ତୁ, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଟି ଏକ ସେବାକାର୍ଯ୍ୟ ଅଟେ । ଧରନ୍ତୁ, *ଆପଣ* ପରଭାଷାରେ କଥା କୁହନ୍ତି, *ସେ* ବ୍ୟାଖ୍ୟା କରନ୍ତି, ଏବଂ *ସେ* ପରଭାଷାରେ କଥା କୁହନ୍ତି, ସେ ଭବିଷ୍ୟଦ୍‌ବାଣୀ କରନ୍ତି; ଆପଣ ତ କେବଳ ଏଠାରେ ଜନସମାଜ ଅଟନ୍ତି, ସେହି ମଣ୍ଡଳୀ, କିନ୍ତୁ ତଥାପି ଆପଣଙ୍କର ଏକ ସେବାକାର୍ଯ୍ୟ ଅଛି ଏବଂ ଆପଣ କିଛି ଗୋଟାଏ ପାଇଛନ୍ତି । ଆପଣ ପରମେଶ୍ୱରଙ୍କ ରାଜ୍ୟକୁ ସାହାଯ୍ୟ କରିବାକୁ ଚେଷ୍ଟା କରୁଛନ୍ତି, ଏହା ପାଇଁ କିଛି କରିବାକୁ ଚେଷ୍ଟା କରୁଛନ୍ତି, ଦେଖନ୍ତୁ, ଏବଂ ତେଣୁକରି ଆପଣ ଭାଇମାନେ ଏକାଠି ହୁଅନ୍ତି । ସେହି କାରଣରୁ ପାଳକମାନେ, ଏହିପରି ଭାବରେ, ଆମେମାନେ ଏକାଠି ଭେଟି ଥାଉ, ଆମ ପାଖରେ କିଛି ଗୋଟାଏ ବିଷୟ ସାଧାରଣ ରହିଛି । ଆପଣ ଭାଇମାନେ ଏକାଠି ହୁଅନ୍ତି, ଶାସ୍ତ୍ର ଅଧ୍ୟୟନ କରନ୍ତି, ଏବଂ ପରଭାଷାରେ କଥାବାର୍ତ୍ତା କରନ୍ତି ଏବଂ ବ୍ୟାଖ୍ୟା କରନ୍ତି, ଏବଂ ବାର୍ତ୍ତା ଦିଅନ୍ତି, ଆପଣ ଦେଖନ୍ତୁ ।

293 କିନ୍ତୁ, ବର୍ତ୍ତମାନ, ଯଦି ଏହି ବ୍ୟକ୍ତି, ତେବେ, ଯଦି ସେ ହୃଦୟଙ୍ଗମ କରନ୍ତି...ସେ ସଭାକୁ ଆସିଥିଲେ, ତାଙ୍କ ପାଖରେ ପରଭାଷାର ଏକ ଦାନ ଅଛି । ତେବେ, ସେ ସଭାକୁ ଯାଆନ୍ତି, ସେ ପରଭାଷାରେ କଥା କୁହନ୍ତି ମାତ୍ର କୌଣସି ବ୍ୟାଖ୍ୟା ଦିଆଯାଏ ନାହିଁ, ଅନୁବାଦକ ତାହା ବୁଝି ପାରିଲେ ନାହିଁ ।

[ଜଣେ ଭାଇ ପଚାରନ୍ତି, **"ତେବେ କଅଣ ଆପଣ କହିବେ କି ଯେ ସେହି ଲୋକମାନେ ଶରୀରକୁ ନିଷ୍ଠା ଜନ୍ମାନ୍ତି, ମାତ୍ର ସେହି କାର୍ଯ୍ୟାଳୟଗୁଡିକ ଯଥା ପାଳକ, ଶିକ୍ଷକ, ଏବଂ ତାହା, ଶରୀରକୁ ସିଦ୍ଧ କରନ୍ତି?"**—ସମ୍ପା।]

294 ହଁ, ତାହାରି ପାଇଁ ତ ଏହା ଅଟେ, ସିଦ୍ଧତା ପାଇଁ। ବୁଝିଲେ? ଏଗୁଡ଼ିକ ସିଦ୍ଧତା ପାଇଁ ଦିଆଯାଇଅଛି, ଆପଣ ଦେଖନ୍ତୁ। ମୁଁ ବିଶ୍ୱାସ କରେ, ସେହି—ସେହି—ସେହି ଆତ୍ମାଗୁଡିକ ମଣ୍ଡଳୀକୁ ସିଦ୍ଧ କରିବା ପାଇଁ, ସିଦ୍ଧତା ପାଇଁ ଦିଆଯାଇଅଛି।

295 ବର୍ତ୍ତମାନ, ସେମାନେ, ଏହି ଲୋକମାନେ ଯେଉଁମାନେକି କଥା କୁହନ୍ତି, ସେମାନେ ଆତ୍ମାରେ-ପରିପୂର୍ଣ୍ଣ ଅଟନ୍ତି, ଏଥିରେ କୌଣସି ସନ୍ଦେହ ନାହିଁ। ବର୍ତ୍ତମାନ, ଏଠାରେ ଜଣେ ବ୍ୟକ୍ତି ଅଛନ୍ତି, ହୋଇପାରେ ଯେ ସେ ଏଠାରେ ସଭାରେ କହୁଛନ୍ତି, ଏବଂ ସେ ପ୍ରଦାନ କରନ୍ତି... ତେବେ, ସେ ଠିକ ଅନୁବାଦକମାନଙ୍କ ସମ୍ମୁଖରେ ଅଛନ୍ତି ଦେଖନ୍ତୁ, ଏବଂ ତଥାପି କେହି ହେଲେ ବ୍ୟାଖ୍ୟା ପାଆନ୍ତି ନାହିଁ, ତେବେ ସେଠାରେ କିଛି ଗୋଟାଏ ଭୁଲ୍ ଅଛି। ଅନୁବାଦକ ତାହା କିଛି କରିପାରେ ନାହିଁ, ଦେଖନ୍ତୁ। ତାଙ୍କୁ—ତାଙ୍କୁ ତ ଠିକ ସମାନ ଭାବରେ ସେହି ଜଣକର ପ୍ରେରଣା ଦ୍ୱାରା ବ୍ୟାଖ୍ୟା କରିବାକୁ ଅଛି ଯେଉଁ ଜଣକ ତାହା କଥା କହୁଅଛନ୍ତି। ଏବଂ ହୋଇପାରେ ଯେ ସେ ହୁଏତ ବାସ୍ତବିକ ପରଭାଷାରେ କଥା କହିବାର ଏକ ଦାନ ପାଇଥାଆନ୍ତି, କିନ୍ତୁ ସେ ପରଭାଷା, ଏକ ଭାଷାର ଦାନ ପାଇ ନାହାଁନ୍ତି। ଦେଖନ୍ତୁ, ସେ...

296 ଏବଂ ତାହାପରେ ତାଙ୍କ ନିମନ୍ତେ କରିବା ପାଇଁ କାର୍ଯ୍ୟ ହେଲା, ଯେତେବେଳେ ସେ ଏହି ପରଭାଷାର ବ୍ୟବହାର କରନ୍ତି, ସେତେବେଳେ ସେ ଦେଖନ୍ତି...ତେବେ, ସେ ଯାହା—ସେ ଯାହା ଚେଷ୍ଟା କରୁନାହାଁନ୍ତି...ଯଦି ସେ ପୁନର୍ବାର ନିଜଠାରୁ କିଛି କହିବାକୁ ଚେଷ୍ଟା କରୁଥାନ୍ତି, ତେବେ ସେ ଏକ ଟାଣୁଆ କାମିଜ ଅଟନ୍ତି। ସେ ନୁହଁନ୍ତି...ସେ—ସେ ତ ଆରମ୍ଭରୁ ହିଁ ଭୁଲ୍ ଅଟନ୍ତି, ଆପଣ ଦେଖନ୍ତୁ, ସେ କେବେବି କେଉଁ ସ୍ଥାନକୁ ପହଞ୍ଚିବେ ନାହିଁ। ଦେଖନ୍ତୁ, ଆପଣ ଭାବୁଥିବେ, "ତେବେ, ପରମେଶ୍ୱର ଧନ୍ୟ ହେଉନ୍ତୁ, ସେହି ବ୍ୟକ୍ତି କେବଳ ମୋ ପରଭାଷାକୁ ବ୍ୟାଖ୍ୟା କରିବାକୁ ହିଁ ଚାହୁଁନାହାଁନ୍ତି। ତାହା ସହିତରେ ସେଠାରେ ତାହାହିଁ ସବୁକିଛି ଅଟେ।" ତେବେ, ଦେଖନ୍ତୁ, ସେ ଆରମ୍ଭରୁ ହିଁ ଭୁଲ୍ ଅଟନ୍ତି। ଠିକ୍ ସେଠାରେ ସେ—ସେ ଭୁଲ ଉଦ୍ଦେଶ୍ୟ, ସେହି ଭୁଲ ଧ୍ୟେୟ ପାଇଛନ୍ତି। ବୁଝିଲେ?

297 କିନ୍ତୁ ଯଦି ସେ ମଧୁର ଏବଂ ନମ୍ର ଅଟନ୍ତି, ଧରନ୍ତୁ, "ତେବେ, ବୋଧହୁଏ ପ୍ରଭୁ ମୋତେ ତାହାଙ୍କ ସେବାରେ ବ୍ୟବହାର କରିବାକୁ ଚାହୁଁନାହାଁନ୍ତି। କିନ୍ତୁ ତଥାପି ମୁଁ...ସେ ଠିକ ମୋର ପ୍ରାଣକୁ ଆଶୀର୍ବାଦ କରନ୍ତି। ସେ ମୋଠାରେ ନିଷ୍ଠା ଜନ୍ମାଇବାକୁ ଚାହାଁନ୍ତି, ଏହ ଜାଣିବାକୁ ଚାହାଁନ୍ତି ଯେ ମୁଁ ତାହାଙ୍କ ନିକଟବର୍ତ୍ତୀ ଅଟେ ଯେତେବେଳେ ମୁଁ ପରଭାଷାରେ କଥା କହିଥାଏ। ତେଣୁକରି ମୁଁ ସେଉ ବଗିଚାରେ ଚଲା ବୁଲା କରିବି, 'ହେ ପରମେଶ୍ୱର!' ଏବଂ ଶକ୍ତି ମୋ ଉପରେ ପତିତ ହେବାକୁ ଆରମ୍ଭ କରେ ଏବଂ ମୁଁ ପରଭାଷାରେ କଥା କହିବାକୁ ଆରମ୍ଭ କରେ। ମୁଁ ସତେଜ ହୋଇ ଆସେ, ଆପଣ ଦେଖନ୍ତୁ।" "ଓଃ, ଆପଣ ଦେଖନ୍ତୁ, ଆପଣ ମୋ ସହିତ କଥାବାର୍ତ୍ତା କରୁଛନ୍ତି, ପ୍ରଭୁ, ଆପଣ ମୋତେ କେବଳ ପରଭାଷାରେ କଥାବାର୍ତ୍ତା କହିବା ଦ୍ୱାରା

ସଠିକ୍ ମାର୍ଗରେ ରଖୁଛନ୍ତି ।” ବୁଝିଲେ? “ଏବଂ, ପ୍ରଭୁ, ଆଜି ମୋତେ ସେହି ବ୍ୟକ୍ତି ସହିତ କଥା ହେବାର ଉଚିତ୍ ଥିଲା । ହେ ପ୍ରଭୁ, ମୋତେ ଏଥିପାଇଁ କ୍ଷମା କର । ମୁଁ—ମୁଁ—ମୁଁ ଏପରି କିଛି ବିଷୟକୁ ଓହରି ଦେଲି ଯାହା ମୋର କରିବାର ଉଚିତ୍ ନ ଥିଲା । ପିତା, ଦୟାକରି ମୋତେ କ୍ଷମା କର ।” ଏବଂ, ସିଧାସଳଖ, ଏହା ପରଭାଷାରେ କଥା କହି ଦୂରକୁ ଚାଲିଗଲା । “ଆହଃ, ହ୍ୟୁ, ବର୍ତ୍ତମାନ ଏହା ବିଷୟରେ ଭଲ ଅନୁଭବ କରେ!”

298 ଆପଣ ଦେଖନ୍ତୁ, ତାହା ଠିକ୍ ଅଛି । ଦେଖନ୍ତୁ, ଆପଣଙ୍କର—ଆପଣଙ୍କର ବରଦାନ ମଣ୍ଡଳୀରେ ବ୍ୟବହୃତ କରାଯିବା ପାଇଁ ନୁହେଁ, କିନ୍ତୁ ଏହା ଆପଣଙ୍କଠାରେ ନିଷ୍ଠା ଜନ୍ମାଇବା ପାଇଁ ଅଟେ । “ଯିଏ ପରଭାଷା (ଅଜ୍ଞାତ) ଭାଷାରେ କଥା ହୁଏ ସେ ନିଜ ପ୍ରତି ନିଷ୍ଠା ଜନ୍ମାଏ ।” ଦେଖନ୍ତୁ? ବର୍ତ୍ତମାନ, ଯଦି କୌଣସି ଅନୁବାଦକ ନ ଥାଆନ୍ତି, ତେବେ…ଦେଖନ୍ତୁ ମୋର କହିବାର ଅର୍ଥ କଅଣ? ଦେଖନ୍ତୁ, ତାହାହିଁ ଏହା ଅଟେ । ତେଣୁକରି ସେ ନିଜେ ଏହାକୁ ଜାଣିବେ ନାହିଁ । ସେ କେବଳ…ମାତ୍ର ସେ ସେତେବେଳେ ଜାଣି ପାଇବେ ଯେତେବେଳେ ସେ କାହାରି ସଙ୍ଗରେ ଥିବେ ।

ତେବେ, ବର୍ତ୍ତମାନ ଆପଣଙ୍କୁ ତ କେବଳ ଏହାକୁ ଏକାଠି ଛାଡ଼ି ଦେବାକୁ ଥାଏ, ଆପଣ ଦେଖନ୍ତୁ, ତାହାହିଁ କେବଳ ମାତ୍ର ବିଷୟ ଯାହାକି ଆପଣ କରିପାରନ୍ତି ଯେପର୍ଯ୍ୟନ୍ତକି ଆପଣ ଏହାକୁ ଅଲଗା ନ କରି ଦିଅନ୍ତି । ସେହି କାରଣରୁ ହିଁ ମୁଁ ଭାବେ ଯେ ଏହା…

### 116. ପ୍ରଥମ କରିନ୍ଥୀୟ 14:5 କୁ ବୁଝାଇ ଦିଅନ୍ତୁ ।

299 କିଏ ଏହାକୁ ଶୀଘ୍ର ପାଇଛନ୍ତି? କଅଣ ଆପଣମାନଙ୍କ ମଧ୍ୟରୁ କେହି ପାଇଛନ୍ତି କି? [ଟେପ୍‌ରେ ରିକ୍ତ ସ୍ଥାନ । ଜଣେ ଭାଇ ପ୍ରଥମ କରିନ୍ଥୀୟ 14:5 ପାଠ କରନ୍ତି—ସମ୍ପା ।]

> *[…ସମସ୍ତେ ଯେ ପରଭାଷାରେ କଥା କୁହ ଏହା ମୋହର ଇଚ୍ଛା, କିନ୍ତୁ ତୁମ୍ଭେମାନେ ଯେ ଭାବବାଣୀ କୁହ ଏହା ମୋର ଅଧିକ ଇଚ୍ଛା: ଯେ ପରଭାଷାରେ କଥା କହେ, ସେ ଯଦି ମଣ୍ଡଳୀର ନିଷ୍ଠାପ୍ରାପ୍ତି ନିମନ୍ତେ ଭାଷାର ଅର୍ଥ ନ କରେ, ତେବେ ତାହା ଅପେକ୍ଷା ଯେ ଭାବବାଣୀ କହେ ସେ ଶ୍ରେଷ୍ଠ ।]*

300 ଠିକ୍ ଅଛି । “ମୋର ଇଚ୍ଛା ଯେ…ମୁଁ ଚାହେଁ ଯେ ତୁମେ ସମସ୍ତେ ପରଭାଷାରେ କଥା କୁହ ।” ପାଉଲ କହିବାକୁ ଚେଷ୍ଟା କରୁଥିଲେ…ଯେପରିକି ମଣ୍ଡଳୀ, ଆପଣ—ଆପଣ ମୋର ମଣ୍ଡଳୀ ହୁଅନ୍ତୁ । ପାଉଲଙ୍କର କେତେକ ମଣ୍ଡଳୀ ସେତିକି ବଡ଼ ନ ଥିଲେ ଯେତିକି ସଦସ୍ୟ ମୋ ପାଖରେ ଠିକ ଏଠାରେ ଅଛନ୍ତି । ତାହା ଠିକ୍ ଅଟେ, ବେଳେବେଳେ ଦଶ କିମ୍ବା ବାର । ବୁଝିଲେ? ବୁଝିଲେ? ତେବେ, ବର୍ତ୍ତମାନ ସେ କହିଲେ, “ମୋର ଇଚ୍ଛା ଯେ ତୁମେ ସମସ୍ତେ ପରଭାଷାରେ କଥା କୁହ ।” କଅଣ ତାହା ଆପଣଙ୍କୁ ଦୁର୍ବଳ କରେ କି?

301 ଦେଖନ୍ତୁ, ଯେତେବେଳେ ସେହି—ସେହି—ସେହି ମଣ୍ଡଳୀ ଯାହାକି…ପ୍ରେରିତ ୧୨ ରେ, ମୋର ବିଶ୍ୱାସ ଯେ ଏଥିରେ ପ୍ରାୟଃ ବାର ଜଣ ସଦସ୍ୟ ଥିଲେ । ବୁଝିଲେ? ଠିକ ବହୁତ୍ ଛୋଟ, ମିଶନ୍, ଆପଣ ଦେଖନ୍ତୁ । ତେଣୁକରି ଏହା ସର୍ବଦା ସଂଖ୍ୟାଲଘୁରେ ହିଁ ରହିଥାଏ, ଦେଖନ୍ତୁ ।

ଏବଂ ମୁଁ ଭାବୁଛି ଯେ ଏହା କହିଥିଲା ଏବଂ ସେଠାରେ ପ୍ରାୟଃ ସେତିକି ଜଣ, ବାର ଜଣ ପୁରୁଷ ଏବଂ ସ୍ତ୍ରୀ ଥିଲେ, ଆପଣ ଦେଖନ୍ତୁ, ଏଥିରେ ।

302 ବର୍ତ୍ତମାନ, ଯଦି ଆପଣ—ଆପଣ ଏଠାରେ ଦେଖିବେ, ସେ କହିଲେ, "ମୋର ଇଚ୍ଛା ଯେ ତୁମେ ସମସ୍ତେ ପରଭାଷାରେ କଥା କୁହ । ମୁଁ—ମୁଁ ଇଚ୍ଛା କରେ ଯେ ତୁମେ ସମସ୍ତେ କୁହ, ସମସ୍ତେ ପରଭାଷାରେ କଥା କୁହ, କେବଳ ପବିତ୍ରଆତ୍ମାରେ ଏତେ ଅଧିକ ପରିପୂର୍ଣ୍ଣ ହୋଇଯାଅ ଯେ ତୁମେ କେବଳ ପରଭାଷାରେ କଥା କୁହ । କିନ୍ତୁ" କହିଲେ "ମୋର ଇଚ୍ଛା ଯେ ତୁମେ ଭାବବାଣୀ କୁହ; ଯଦି ଏହା ବ୍ୟାଖ୍ୟା ହୁଏ, ତେବେ ସେଠାରେ ଏକ ବ୍ୟାଖ୍ୟା ହେଉ ।"

303 ତାହା ସେଠାରେ କିପରି ପାଠ କରାଯାଏ? କିଏ…କଅଣ ଆପଣ ଏହାକୁ ସେଠାରେ ପାଇଛନ୍ତି କି, ଠିକ୍…?…ଆସନ୍ତୁ ଏହାକୁ ପୁଣିଥରେ ପାଠ କରିବା । ବର୍ତ୍ତମାନ ଶୁଣନ୍ତୁ:

304 [ଜଣେ ଭାଇ ପ୍ରଥମ କରିନ୍ଥୀୟ 14:5 ପାଠ କରନ୍ତି—ସମ୍ପା ।]

[*ସମସ୍ତେ ଯେ ପରଭାଷାରେ କଥା କୁହ ଏହା ମୋହର ଇଚ୍ଛା,…*]

ବର୍ତ୍ତମାନ ଗୋଟିଏ ମିନିଟ୍ ରୁହନ୍ତୁ, "ମୋର ଇଚ୍ଛା ଯେ ତୁମେ ସମସ୍ତେ ପରଭାଷାରେ କଥା କୁହ ।"

[…*କିନ୍ତୁ ତୁମ୍ଭେମାନେ ଯେ ଭାବବାଣୀ କୁହ ଏହା ମୋର ଅଧିକ ଇଚ୍ଛା:*…]

"ମୋର ଇଚ୍ଛା ଯେ ତୁମେ ସମସ୍ତେ ଭାବବାଣୀ କୁହ ।"

[…*ଯେ ପରଭାଷାରେ କଥା କହେ, ସେ ଯଦି ମଣ୍ଡଳୀର ନିଷ୍ଠାପ୍ରାପ୍ତି ନିମନ୍ତେ ଭାଷାର ଅର୍ଥ ନ କରେ ତେବେ ତାହା ଅପେକ୍ଷା ଯେ ଭାବବାଣୀ କହେ ସେ ଶ୍ରେଷ୍ଠ,*…]

ତେବେ ଗୋଟିଏ ମିନିଟ୍ ରୁହନ୍ତୁ ।

305 ବର୍ତ୍ତମାନ, ତାହା କଅଣ, "ଯେ ଭବିଷ୍ୟଦ୍‌ବାଣୀ କରେ ସେ ଶ୍ରେଷ୍ଠ"? କଅଣ ତାହା ହିଁ ଅଟେ ଯେଉଁଠାରେ ମୁଁ ଅଟକେ ବୋଲି ଆପଣ ଚାହାଁନ୍ତି? [ଜଣେ ଭାଇ କୁହନ୍ତି, "ମୁଁ ତ କେବଳ କହୁଥିଲି, 'ତାହା ଏକ ଭିନ୍ନ ଥିଲା…?…'"—ସମ୍ପା ।] ହଁ । ବୁଝିଲେ? ହଁ । ବୁଝିଲେ? ବର୍ତ୍ତମାନ, ଏଠାରେ ଯେଉଁଠାରେ କି…

306 ବର୍ତ୍ତମାନ, ଉଦାହରଣ ସ୍ୱରୂପେ ଆପଣ କୁହନ୍ତି, ତେବେ, ଆଜି ରାତିରେ ଆମମାନଙ୍କ ମଧ୍ୟରେ ଆମେ ଦୁଇଜଣ ଅଶିକ୍ଷିତ ବ୍ୟକ୍ତିଙ୍କୁ ପାଇଅଛୁ । ସେମାନେ ଏହା ବିଷୟରେ କିଛି ହେଲେ ଜାଣନ୍ତି ନାହିଁ, ଏବଂ ମୁଁ ଭିତରକୁ ଆସେ ଏବଂ ଆପଣ ସମସ୍ତେ…ଆମେ ଏଠାରେ ଏହି ସଭାରେ ଆରମ୍ଭ କରୁ, ଏବଂ—ଏବଂ ଆପଣ କେବଳ ପରଭାଷାରେ କଥା କହିବା ଆରମ୍ଭ କରନ୍ତି, ଆପଣମାନଙ୍କ ମଧ୍ୟରୁ ସମସ୍ତେ କେବଳ ପରଭାଷାରେ କଥା କୁହନ୍ତି, ପରଭାଷାରେ କଥା କୁହନ୍ତି, ଏବଂ ପରଭାଷାରେ କଥା କୁହନ୍ତି, ଏବଂ ପରଭାଷାରେ କଥା କହୁଥାନ୍ତି । ଏବଂ, ତେବେ, ଏହା କଅଣ ଅଟେ? ଦେଖନ୍ତୁ, ସେହି ଅଶିକ୍ଷିତ ଲୋକ କୁହେ, "ଉଃ! ସେମାନେ

ସମସ୍ତେ ପାଗଳ ଅଟନ୍ତି!" ବୁଝିଲେ? କିନ୍ତୁ ଯଦି ଜଣେ ଭାବବାଣୀ କରେ, ଦେଖନ୍ତୁ, ତେବେ ସେ ଏପରି କିଛି କହୁଛନ୍ତି ଯାହା ସେ ବୁଝିପାରନ୍ତି ।

307 ତେବେ, ଆଗକୁ ଯାଆନ୍ତୁ ଏବଂ ବର୍ତ୍ତମାନ ବାକି ସବୁ ପାଠ କରନ୍ତୁ । [ଭାଇ ଜାରି ରଖନ୍ତି—ସମ୍ପା ।]

[...*ଯଦି ମଣ୍ଡଳୀର ନିଷ୍ଠାପ୍ରାପ୍ତି ନିମନ୍ତେ ଭାଷାର ଅର୍ଥ ନ କରେ,...*]

ସେଠାରେ ଆପଣ ଅଛନ୍ତି । ତେବେ, "ଯଦି," ଦେଖନ୍ତୁ । ମୁଁ—ମୁଁ...ସେହି ଜଣକା ଯିଏକି—ଯିଏକି ଭାବବାଣୀ କରନ୍ତି, ସେ ପରଭାଷାରେ କଥା କହୁଥିବା ବ୍ୟକ୍ତିଙ୍କ ଅପେକ୍ଷା ଶ୍ରେଷ୍ଠ ଅଟନ୍ତି *ଯଦି* ଏହା ଭାଷାର ଅର୍ଥ ନ କରେ । ତେବେ, ଆଗକୁ ଯାଆନ୍ତୁ, ଦେଖନ୍ତୁ ।

[...*ମଣ୍ଡଳୀର ନିଷ୍ଠାପ୍ରାପ୍ତି ନିମନ୍ତେ ।*]

ସେଠାରେ ଆପଣ ଅଛନ୍ତି, ଦେଖନ୍ତୁ, ମଣ୍ଡଳୀ ନିଷ୍ଠାପ୍ରାପ୍ତ ହେବାକୁ ଅଛି ।

308 ବର୍ତ୍ତମାନ, ଅନ୍ୟ ଅର୍ଥରେ, କାହିଁକି, ସେହି ମଣ୍ଡଳୀ, ଏହି ବ୍ୟକ୍ତି । ଏଠାରେ—ଏଠାରେ ଏତେ ଜଣ ଅନେକ ଏଠାରେ ଅଶିକ୍ଷିତ ଅଟନ୍ତି, ଆପଣ କେବଳ ଆଜି ରାତିରେ ଆମମାନଙ୍କ ମଧ୍ୟରେ ବସିଛନ୍ତି; ଆମେ ଏହି ସଭା କରୁଅଛୁ । ଆମେମାନେ ସମସ୍ତେ ଏଠାରେ ଆମର ଖୋଜୁଅଛୁ...ପ୍ରଭୁଙ୍କ ବିଷୟରେ ଜାଣିବାକୁ ଇଚ୍ଛା କରି, ଆପଣମାନେ ସମସ୍ତେ କେବଳ ପରଭାଷାରେ କହିବାକୁ ଆରମ୍ଭ କଲେ । କେହି ହେଲେ କିଛି କହିଲେ ନାହିଁ, କେବଳ ପରଭାଷାରେ କହିବାକୁ ଆରମ୍ଭ କରି ଦେଲେ । "ମୁଁ ଚାହେଁ ଯେ ଆପଣ...ମୁଁ...ତାହା ଉତ୍ତମ ହେବ," ପାଉଲ କହିଲେ । "ତୁମେ ସମସ୍ତେ ପରଭାଷାରେ କଥା କୁହ, ଏହା ଉତ୍ତମ ହେବ ।" କିନ୍ତୁ କଅଣ ହୁଏ ଯଦି ଆପଣମାନଙ୍କ ମଧ୍ୟରୁ କେତେକ ଭାବବାଣୀ କରନ୍ତି, ଉଠନ୍ତି ଏବଂ କୁହନ୍ତି, "**ସଦାପ୍ରଭୁ ଏହି କଥା କୁହନ୍ତି**, 'ଏଠାରେ ଜଣେ ଲୋକ ବସିଛନ୍ତି ଏବଂ ସେ ଆମ ମଧ୍ୟରେ ଜଣେ ଅପରିଚିତ ବ୍ୟକ୍ତି । ତାଙ୍କ ନାମ *ଜନ୍ ଡୋ* ଅଟେ । ସେ ଏକ *ନିର୍ଦ୍ଦିଷ୍ଟ-ନିର୍ଦ୍ଦିଷ୍ଟ* ସ୍ଥାନରୁ ଆସିଛନ୍ତି । ସେ ତାଙ୍କ ପତ୍ନୀ ଓ ଚାରି ପିଲାଙ୍କୁ ସେଠାରେ ଛାଡି ଆସିଛନ୍ତି । ସେ ଆଜି ରାତିରେ ଏଠାରେ ଅଛନ୍ତି କାରଣ ସେ ସାହାଯ୍ୟ ଚାହୁଁଛନ୍ତି । ସେ ଆଜି ଟେନେସିର, ମେମ୍ଫିସ୍‌ଠାରେ ଜଣେ ଡାକ୍ତରଙ୍କ ସହ ଥିଲେ । ଏବଂ ସେ କହିଲେ...ଡାକ୍ତର ତାଙ୍କୁ କହିଲେ ଯେ ତାଙ୍କ ଫୁସଫୁସରେ କର୍କଟ ରୋଗ ହୋଇଛି । ସେ ମରୁଅଛନ୍ତି'"?

309 ସେ କହିଲେ, "ଯଦି ସମସ୍ତେ ପରଭାଷାରେ କଥା କୁହନ୍ତି ଏବଂ ଅଶିକ୍ଷିତମାନେ ଆପଣଙ୍କ ମଧ୍ୟରେ ଆସନ୍ତି, ତେବେ ସେ କହିବେ...ତାହାହେଲେ ସେ କହିବେ, 'କଅଣ ଆପଣ ସମସ୍ତେ ପାଗଳ ନା ମୁଣ୍ଡ ଖରାପ ଅଟେ?' କିନ୍ତୁ ଯଦି ଜଣେ ଭବିଷ୍ୟଦ୍‌ବାଣୀ କରନ୍ତି ଓ ହୃଦୟର ଗୁପ୍ତ ବିଷୟ ପ୍ରକାଶ କରନ୍ତି, ତେବେ ସେମାନେ ମୁହଁ ମାଡି ତଳେ ପଡ଼ିଯିବେ, କହିବେ, 'ପ୍ରକୃତରେ ପରମେଶ୍ୱର ଆପଣଙ୍କ ସହିତରେ ଅଛନ୍ତି!'" କଅଣ ସେଠାରେ ଦେଖୁଛନ୍ତି?

310 ତେବେ, ବର୍ତ୍ତମାନ, ଏଠାରେ । ତେବେ ଆପଣ ପରଭାଷାରେ କଥା କହୁଛନ୍ତି, ମାତ୍ର ଜଣେ ଏହାର ବ୍ୟାଖ୍ୟା ଦିଅନ୍ତି, କୁହନ୍ତି, "**ସଦାପ୍ରଭୁ ଏହି କଥା କୁହନ୍ତି**," ବ୍ୟାଖ୍ୟା ଅନ୍ତର୍ଗତରେ,

"'ଆମ ମଧ୍ୟରେ ଜଣେ ଲୋକ ବସିଛନ୍ତି, ତାଙ୍କ ପତ୍ନୀଙ୍କୁ ଛାଡି ଆସିଛନ୍ତି, ଆଜି ନାଶଭିଲେରେ ଥିଲେ,'" କିମ୍ବା ମେମ୍ଫିସ୍‌ଠାରେ ଥିଲେ, କିଅବା ତାହା ଯାହାକିଛି ବି ଥିଲା, "'ଏବଂ ତାଙ୍କର ଫୁସ୍‌ଫୁସ୍‌ରେ କର୍କଟ ରୋଗ ହୋଇଅଛି । ଏଠାକୁ ଆସିଲେ, ଏବଂ ତାଙ୍କ ନାମ *ଜନ୍ ଡୋ* ଅଟେ, '" ସେହିପରି ଭାବରେ *ଅମୁକ-ଓ-ଅମୁକ* । ବୁଝିଲେ?

311 "ଯଦି ଏହା ଭାଷାର ଅର୍ଥ ନ କରେ," କିଅବା, ଦେଖନ୍ତୁ, ତାହାପରେ ଏହା ନିଷ୍ଠା ଜନ୍ମାଏ । ବୁଝିଲେ? ତାହାପରେ ସେମାନେ କହିବେ...ତାହାପରେ ସେହି ଲୋକ ବାହାରକୁ ଯିବେ, କହିବେ, "ମୋତେ ଆପଣଙ୍କୁ କିଛି କହିବାକୁ ଦିଅନ୍ତୁ, ମୋତେ ଏହା କୁହନ୍ତୁ ନାହିଁ ଯେ ପରମେଶ୍ୱର ସେଠାରେ ଉପରେ ସେହି ଲୋକମାନଙ୍କ ସହିତରେ ନାହାଁନ୍ତି । ନିଶ୍ଚିତରେ! ସେହି ଲୋକମାନେ ମୋତେ ଆଦୌ ଜାଣି ନ ଥିଲେ ।" ବୁଝିଲେ?

312 ତେଣୁକରି ଆମେ ଭବିଷ୍ୟତ୍‌ବାଣୀର ବରଦାନ ଚାହୁଁ ପୁଣି ତାହା *ସହିତ* ପରଭାଷାରେ କଥା କହିବାର ଦାନ ଚାହୁଁ । କିନ୍ତୁ, ପରଭାଷା ସହିତ କଥା କହିବାରେ, ଦେଖନ୍ତୁ, ବ୍ୟାଖ୍ୟା ରହିବା ଆବଶ୍ୟକ । ଏବଂ ତାହାପରେ, ଯେତେବେଳେ ଏହାର ବ୍ୟାଖ୍ୟା କରାଯାଏ, ଏହା ଭବିଷ୍ୟତ୍‌ବାଣୀ ଅଟେ । ବୁଝିଲେ? ଏହା ଭବିଷ୍ୟତ୍‌ବାଣୀ ଅଟେ । ବର୍ତ୍ତମାନ, ମୁଁ ସେହି ପ୍ରଶ୍ନକୁ ଏଠାରେ ଗୋଟିଏ ମିନିଟରେ ପାଇଅଛି, ତେଣୁ ମୁଁ—ମୁଁ ଯଥାସମ୍ଭବ ଶୀଘ୍ର ଏହା ପାଖକୁ ଯିବି । [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା ।]

**117. ମାଥିଉ 18:10 ।**

[ଜଣେ ଭାଇ ମାଥିଉ 18:10 ପାଠ କରନ୍ତି—ସମ୍ପା ।]

> [...*ଏହି କ୍ଷୁଦ୍ରମାନଙ୍କ ମଧ୍ୟରୁ ଜଣକୁ ହିଁ ତୁଚ୍ଛଜ୍ଞାନ କର ନାହିଁ; କାରଣ ମୁଁ ତୁମ୍ଭମାନଙ୍କୁ କହୁଅଛି, ସ୍ୱର୍ଗରେ ସେମାନଙ୍କର ଦୂତମାନେ—ଦୂତମାନେ ସର୍ବଦା ମୋହର ସ୍ୱର୍ଗସ୍ଥ ପିତାଙ୍କ ମୁଖ ଦର୍ଶନ କରନ୍ତି ।*]

313 ଠିକ୍ ଅଛି । ବର୍ତ୍ତମାନ, ଭାଇ, ଆପଣ ଯେକେହି ବି ହୁଅନ୍ତୁ, ଅବଶ୍ୟ ସେଠାରେ କୌଣସି ନାମ ନ ଥିଲା, କେବଳ ଛୋଟ ଟିକେଟ୍ ଗୁଡିକ ଥିଲା, ଆପଣ ଦେଖନ୍ତୁ, ଯିଏକି ଏହା କହିଥିଲା । ମୁଁ ନିଶ୍ଚିତ ଯେ ମୁଁ...

314 ତେବେ, ଆପଣ ଏହାର ଦୁଇଟି ଉପାୟ ନେଇପାରନ୍ତି, ଆପଣ ଦେଖନ୍ତୁ । କିନ୍ତୁ ମୁଁ ଭାବୁଛି ଯେ ସେହି ବ୍ୟାଖ୍ୟା, ଯଦି ଆପଣ ମୋତେ କେବଳ କହିବେ, "ଏହାକୁ ବ୍ୟାଖ୍ୟା କରନ୍ତୁ," ଯେଉଁ ପ୍ରକାରେ ମୁଁ ଏହାକୁ ବ୍ୟାଖ୍ୟା କରେ ତାହା ଏହିପରି ଅଟେ ।

315 ବର୍ତ୍ତମାନ, ଆପଣ ଦ୍ୱିତୀୟ କରିନ୍ଥୀୟକୁ ଆସନ୍ତୁ, କେହି ଜଣେ, 5:1, ତାହା ଏହା କହେ, "ଯଦି ଏହି ପାର୍ଥିବ ତମ୍ବୁରୂପ ଗୃହ ଭାଙ୍ଗିଯାଏ..." ଆପଣ ଜାଣନ୍ତି ଯେ ତାହା କଅଣ ଅଟେ, ଦେଖନ୍ତୁ । "ଯଦି ଏହି ପାର୍ଥିବ ତମ୍ବୁରୂପ ଗୃହ ଭାଙ୍ଗିଯାଏ, ତେବେ ଆମର ଆଉ ଗୋଟିଏ ଅଛି," ଆପଣ ଜାଣନ୍ତି, "ଅପେକ୍ଷା କରୁଅଛି ।" ଠିକ୍ ଅଛି ।

316 ତେବେ, ବର୍ତ୍ତମାନ ସେ କରିବେ...ଯଦି ଆପଣ ଧ୍ୟାନ ଦେବେ, ମାଥିଉ 18:10 ରେ, ସେ ସାନ "ଶିଶୁମାନଙ୍କୁ" ନେବା ବିଷୟରେ କହୁଥିଲେ। ସେମାନେ ଛୋଟ ଶିଶୁମାନେ, ଛୋଟ ଛୋଟ ପିଲାମାନେ, ତିନି କିମ୍ବା ଚାରି ବର୍ଷ ବୟସର, ସେମାନଙ୍କୁ ନେଇଥିଲେ। "ସେମାନେ ତାହାଙ୍କ ନିକଟକୁ ଶିଶୁମାନଙ୍କୁ, ଶିଶୁ ଆଣିଲେ।" "ଶିଶୁ" ନାମରୁ ହିଁ *ଶିଶୁମାନେ* ଆସିଥାଏ। ଜଣେ ଶିଶୁ ଗୋଟିଏ ସାନ—ସାନ ପିଲା ଅଟେ, ଏକ ଶୈଶବ ଛୁଆ ନୁହେଁ ବରଂ କେବଳ ତାହା ଓ କିଶୋରାବସ୍ଥା ମଧ୍ୟରେ ଏକ ପ୍ରବସ୍ଥା। ବୁଝିଲେ? ଏହା ତ ଏପର୍ଯ୍ୟନ୍ତ ସୁଦ୍ଧା ନିଜ ପାଇଁ ଦାୟୀ ନୁହେଁ।

317 ବର୍ତ୍ତମାନ, ସେ କହିଲେ, "ଧ୍ୟାନ ଦିଅ ଯେ ତୁମେ ଯେପରି *ତୁଚ୍ଛଜ୍ଞାନ* ନ କର।" ଯଦି ଆପଣ ପ୍ରକୃତରେ ସେହି ଶବ୍ଦର ବ୍ୟାଖ୍ୟା ଗ୍ରହଣ କରିବେ, ତାହା ହେଉଛି "ଦୁର୍ବ୍ୟବାହାର" କରିବା। ଦେଖନ୍ତୁ, "ସେଥିମଧ୍ୟରୁ ଗୋଟିଏ ସହିତ ଦୁର୍ବ୍ୟବାହାର କରିବା।" ପିଲାକୁ ଦୁର୍ବ୍ୟବାହାର କରିବା, ଆପଣଙ୍କୁ ତାହା କେବେହେଲେ କରିବା ଉଚିତ୍ ନୁହେଁ। ସେମାନେ ଶିଶୁମାନେ ଅଟନ୍ତି, ସେମାନେ ଜାଣନ୍ତି ନାହିଁ। ବୁଝିଲେ?

318 ଏବଂ ବର୍ତ୍ତମାନ ଧ୍ୟାନ ଦିଅନ୍ତୁ, କହିଲେ, "କାରଣ ସେମାନେ...ସେମାନଙ୍କର ସ୍ୱର୍ଗଦୂତମାନେ ସର୍ବଦା ମୋର ସ୍ୱର୍ଗସ୍ଥ ପିତାଙ୍କ ମୁଖ ଦର୍ଶନ କରନ୍ତି," ଆପଣ ଦେଖନ୍ତୁ। ଅନ୍ୟ ଅର୍ଥରେ, "ସେମାନଙ୍କର ଦୂତଗଣ, ସେମାନଙ୍କର—ସେମାନଙ୍କର ବାର୍ତ୍ତାବହଗଣ, ସେମାନଙ୍କର ଶରୀରଗୁଡିକ, ଦୂତବିଶିଷ୍ଟ ଶରୀରଗୁଡିକ ଯାହା ଭିତରକୁ ସେମାନେ ପ୍ରବେଶ କରିବେ ଯେତେବେଳେ ସେମାନେ ମୃତ୍ୟୁବରଣ କରନ୍ତି, ସବୁବେଳେ ସ୍ୱର୍ଗରେ ମୋର ପିତାଙ୍କ ମୁଖ ସମ୍ମୁଖରେ ଦଣ୍ଡାୟମାନ ଥାଆନ୍ତି।" ବୁଝିଲେ?

319 ତେବେ, "ଯଦି ଏହି ପାର୍ଥିବ ତମ୍ବୁରୂପ ଶରୀର ଭାଙ୍ଗିଯାଏ, ତେବେ ଆମର ଆଉ ଗୋଟିଏ ଅପେକ୍ଷା କରୁଛି।" କଅଣ ତାହା ଠିକ୍ ଅଟେ? ତାହା ଏକ ଶରୀର ଅଟେ।

320 ଏଠାରେ ଦେଖନ୍ତୁ। ଯଦି ମୋ ପାଖରେ ଏସବୁ ଦେଇ ଯିବାକୁ ସମୟ ଥାଆନ୍ତା! ଅବଶ୍ୟ, ମୁଁ ଜାଣେ ଯେ ମୁଁ—ମୁଁ ଏହା ପାଇବାକୁ ଯାଉ ନାହିଁ। କିନ୍ତୁ, ଏଠାରେ, ମୋତେ କେବଳ ଆପଣମାନଙ୍କୁ ଏହା କହିବାକୁ ଦିଅନ୍ତୁ ଯେପରିକି ଏହା ଟେପ୍‌ରେ ରୁହେ, ଏବଂ ଆପଣ ଏହାକୁ ଯେକୌଣସି ପ୍ରକାରେ ବି ପାଇଯିବେ।

321 ଦେଖନ୍ତୁ, ଗୋଟିଏ ରାତି ପିତର କାରାଗାରରେ ଥିଲେ। ଯୋହନ ମାର୍କଙ୍କ ଘରେ ସେମାନଙ୍କର ଏକ ପ୍ରାର୍ଥନା ସଭା ଚାଲିଥିଲା, ଦେଖନ୍ତୁ। ଆଉ ତେବେ ପ୍ରଭୁଙ୍କର ସ୍ୱର୍ଗଦୂତ ଭିତରକୁ ଆସିଲେ, ସେହି ଅଗ୍ନିସ୍ତମ୍ଭ, ଏକ ଆଲୋକ ତଳକୁ ଆସିଲା, ଏବଂ ପିତର ଭାବିଲେ ଯେ ସେ ସ୍ୱପ୍ନ ଦେଖୁଛନ୍ତି ଯେତେବେଳେ ସେ ଏହି ଆଲୋକକୁ ତାଙ୍କ ନିକଟକୁ ଆସିବାର ଦେଖିଥିଲେ। ବାଇବଲ କହିଲା, "ଏହା ଏକ ଆଲୋକ ଥିଲା।" ବୁଝିଲେ? ଏବଂ ମୁଁ ବିଶ୍ୱାସ କରେ ଯେ ଏହା ଆମ ସହିତରେ ସେହି ସମାନ ଜଣ ଅଟନ୍ତି, ଦେଖନ୍ତୁ, ସେ ତଳକୁ ଆସିଥିଲେ। ଏବଂ ଆମେ ସେହି ସମାନ ଅସୁବିଧାର ସମ୍ମୁଖୀନ ହେଉ, ହୋଇପାରେ ଯେ ସେହି ସମାନ

ଘଟଣା ଘଟିଥାଏ । ବୁଝିଲେ? ଏବଂ ସେଠାକୁ ଆସିଲେ, ଏବଂ ତେବେ ସେ କହିଲେ, "ଆସ, ମୋ ସହିତ ଚାଲ ।"

322 ତେଣୁ ପିତର ଭାବିଲେ, "ମୁଁ ବର୍ତ୍ତମାନ ସ୍ୱପ୍ନ ଦେଖୁଅଛି, ତେବେ ମୁଁ ଦେଖିବି ଯେ ଏହି ସ୍ୱପ୍ନର ଅର୍ଥ କଅଣ ଅଟେ?" ତେଣୁ ସେ ଠିକ ସେହି ସୁରକ୍ଷାକର୍ମୀଙ୍କ ପାଖ ଦେଇ ଗମନ କଲେ ଏବଂ ଭାବିଲେ, "ଉଃ-ହୁଃ । ବର୍ତ୍ତମାନ ଆମେ ଆଗକୁ ବଢୁଅଛୁ, ଦ୍ୱାର ଆପେ ଆପେ ଫିଟିଗଲା ।" ପରବର୍ତ୍ତୀ ଦ୍ୱାର ଦେଇ ଗଲେ, ତାହା ଆପେ ଆପେ ଖୋଲିଗଲା । ନଗର ଫାଟକ ଦେଇ ଗଲେ ଏବଂ ତାହା ନିଜେ ନିଜେ ଫିଟିଗଲା । ଏବଂ ସେ ତଥାପି ଭାବୁଥିଲେ ଯେ ସେ ସ୍ୱପ୍ନ ଦେଖୁଛନ୍ତି । ତେବେ ଯେତେବେଳେ ସେ ସେଠାରେ ଉପସ୍ଥିତ ହେଲେ, ଏବଂ କହିଲେ, "ହଁ, ମୁଁ ମୁକ୍ତ ଅଟେ, ତେଣୁ ମୁଁ ଯୋହନ ମାର୍କଙ୍କ ଘରକୁ ଯିବି ଏବଂ କିଛି ସହଭାଗିତା କରିବି ।"

323 ସେମାନେ ସେଠାରେ ରହିଥିଲେ, "ହେ ପ୍ରଭୁ, ତୁମର ସ୍ୱର୍ଗଦୂତଙ୍କୁ ପଠାଇ ପିତରଙ୍କୁ ଉଦ୍ଧାର କର ।"

324 ଏବଂ ପ୍ରାୟଃ ସେହି ସମୟରେ କିଛି ଗୋଟାଏ ଶବ୍ଦ ହେଲା [ଭାଇ ବ୍ରାନହାମ୍ ଠକ୍ ଠକ୍ ଶବ୍ଦ କଲେ—ସମ୍ପା ।] । ଗୋଟିଏ ଛୋଟ ଝିଅ କବାଟ ପାଖକୁ ଯାଇ କହିଲା, "କିଏ ଅଛ ସେଇଠି?" ଛୋଟ ଝରକାଟିକୁ ଉପରକୁ ଉଠାଇ, କହିଲା, "କାହିଁକି, ଏହା ତ ପିତର ଅଟନ୍ତି!" ତେଣୁ ସେ ଫେରିଗଲା, କହିଲା, "ସମସ୍ତେ ଶୁଣନ୍ତୁ, ଆପଣମାନେ—ଆପଣମାନେ ବର୍ତ୍ତମାନ ପ୍ରାର୍ଥନା ବନ୍ଦ କରି ପାରନ୍ତି, ପିତର ସେଠାରେ ଅଛନ୍ତି ।"

ସେ କହିଲେ, "ଓଃ, ମୋର ପ୍ରଭୁ! ଆଗକୁ ବଢନ୍ତୁ," କହିଲେ, "ତୁମେ—ତୁମେ—ତୁମେ…" ବୁଝିଲେ?

325 [ଭାଇ ବ୍ରାନହାମ୍ ପୁଣି ଥରେ ଆଘାତ କରନ୍ତି—ସମ୍ପା ।] କହିଲେ, "ଫିଟାଅ! ମୁଁ ଭିତରକୁ ଆସୁଅଛି ।" ବୁଝିଲେ? ଆଉ ତେଣୁ ସେ କହିଲେ…

ତେବେ ସେ ଫେରିଗଲା, କହିଲା, "ନା, ଏହା—ଏହା ତ ଦ୍ୱାରରେ ପିତର ଅଛନ୍ତି ।"

326 "ଓଃ," ସେମାନେ କହିଲେ, "ସେମାନେ ତ ତାଙ୍କ ମୁଣ୍ଡ କାଟି ସାରିଛନ୍ତି, ତାହା ତ ତାଙ୍କର ଦୂତ ସେହି ଦ୍ୱାରରେ ଅଟେ । ଦେଖନ୍ତୁ, ତାଙ୍କର ସ୍ୱର୍ଗୀୟ ତମ୍ବୁ, ସେ ତ ଏହାକୁ ଗ୍ରହଣ କରିସାରିଥିଲେ, ଯେତେବେଳେ ଏହି ପାର୍ଥିବ ଗୃହଟି ଭଙ୍ଗା ଯାଇଥିଲା, କାରଣ ଏହା ସ୍ୱର୍ଗରେ ତାଙ୍କ ନିମନ୍ତେ ଭିତରକୁ ଆସିବାର ଅପେକ୍ଷା କରୁଥିଲା ।"

327 ଅନ୍ୟ ଏକ ଦିନ ଯାହା ମୁଁ ସେହି ଦର୍ଶନରେ ଦେଖିଥିଲି, ଆପଣମାନେ ଜାଣନ୍ତି, ଅତିକ୍ରମ କରି ଆରପାରିକୁ ଯାଇଥିଲି । "ଯଦି ଏହି ପାର୍ଥିବ ତମ୍ବୁରୂପ ଗୃହ ଭାଙ୍ଗିଯାଏ, ତେବେ ଆମର ଆଉ ଗୋଟିଏ ଅଛି ।"

328 ଏବଂ ଏହି ଛୋଟ ଶିଶୁମାନେ ଯେଉଁମାନେକି ଏପର୍ଯ୍ୟନ୍ତ କୌଣସି ପାପ ସୁଦ୍ଧା କରିନାହାଁନ୍ତି, ଆପଣ ଦେଖନ୍ତୁ…ବୁଝିଲେ?

329 ଯେତେବେଳେ ମାତାର ଗର୍ଭରେ ଏକ ଶିଶୁ ହୋଇଥାଏ—ଏକ ଶିଶୁ ସୃଷ୍ଟି ହୋଇଥାଏ, ଠିକ ସେଠାରେ ରହିବା ମାତ୍ରକେ...ବୁଝିଲେ? ଦେଖନ୍ତୁ? ମାତ୍ର ପ୍ରଥମେ ଏହା ଏକ ଆତ୍ମା ଅଟେ । ଏବଂ ଯେତେବେଳେ ସେହି ଆତ୍ମା ମାଂସମୟ ଶରୀର ଗ୍ରହଣ କରିବାକୁ ଆରମ୍ଭ କରେ, ଜୀବନର ଏକ ଛୋଟ ଜୀବାଣୁ ଶରୀର ଗ୍ରହଣ କରିବାକୁ ଆରମ୍ଭ କରେ, ଏବଂ ଏହା ଠିକ ସେଠାରୁ ଆସିବା ମାତ୍ରେ...ତେବେ, ସେହି ଗର୍ଭରେ, ଏହା ଏକ ଛୋଟ, କମ୍ପନ ହେଉଥିବା, ସଙ୍କୁଚିତ ହେଉଥିବା ମାଂସପେଶୀ ଥାଏ । ଆମେ ତାହା ଜାଣୁ । ତାହା କୋଷଗୁଡ଼ିକ ଅଟେ । ଠିକ ଯେପରିକି ଆପଣ ଏକ ଘୋଡାର କେଶକୁ ନେଇ ପାଣିରେ ରଖିଦିଅନ୍ତି, ଏହା ତାହା ଉପରେ ଆଚ୍ଛାଦିତ ହୋଇଯିବ ଏବଂ ଏହା ଆଗକୁ ବଢିବ, ଏବଂ ଆପଣ ଏହାକୁ ସ୍ପର୍ଶ କରିବେ ଆଉ ଏହା ଡେଇଁପଡ଼ିବ । ଗୋଟିଏ ଶିଶୁଟି ଠିକ ସେହିଭଳି ଅଟେ ।

330 କିନ୍ତୁ ଯେତେବେଳେ ଏହା ଏହି ଜଗତରେ ଜନ୍ମ ନିଏ ଓ ତାର ପ୍ରଥମ ନିଶ୍ୱାସକୁ ଗ୍ରହଣ କରେ, ଏହା ଏକ ଜୀବନ୍ତ ପ୍ରାଣ ହୋଇଯାଏ । ବୁଝିଲେ? କାରଣ ସେହି ପାର୍ଥିବ ଶରୀର ଜଗତରେ ଜନ୍ମ ହେବା ମାତ୍ରକେ, ଏହାକୁ ଗ୍ରହଣ କରିବା ପାଇଁ ଏକ ସ୍ୱର୍ଗୀୟ ଶରୀର, କିମ୍ୱା ଏକ ଆଧ୍ୟାତ୍ମିକ ଶରୀର ରହିଥାଏ । ଏବଂ ଏହି ପ୍ରାକୃତିକ ଶରୀର ଭାଙ୍ଗିଯିବା ମାତ୍ରେ, ସେଠାରେ ଏକ ସ୍ୱର୍ଗୀୟ ତମ୍ବୁ ଏହାର ଅପେକ୍ଷା କରୁଥାଏ । "ଯଦି ଏହି ପାର୍ଥିବ ତମ୍ବୁରୂପ ଗୃହ ଭାଙ୍ଗିଯାଏ, ସେଠାରେ ଏକ ସ୍ୱର୍ଗୀୟ ତମ୍ବୁ ତାହାକୁ ଅପେକ୍ଷା କରୁଅଛି ।" ଯଥା ଶୀଘ୍ର—ଯଥା ଶୀଘ୍ର ଯେତେବେଳେ ସେହି ଶିଶୁଟି ଏହି ପୃଥିବୀରେ ମାଂସମୟ ଶରୀର ଭିତରକୁ ଆସିଯାଏ, ସେଠାରେ ଏକ ଆତ୍ମିକ ଶରୀର ଏହାକୁ ଗ୍ରହଣ କରିବା ପାଇଁ ଅପେକ୍ଷା କରେ । ଏବଂ ଯେତେ ଶୀଘ୍ର ସେହି ଆତ୍ମିକ ଶରୀର...ସେହି ପ୍ରାକୃତିକ ଶରୀର ଭାଙ୍ଗିଯାଏ ସେଠାରେ ଏକ ଆତ୍ମିକ ଶରୀର ସେପାରିରେ ଅପେକ୍ଷା କରୁଥାଏ । ବୁଝିଲେ? ଏକ "ଥିଓଫାନି" ଆମେ ଏହାକୁ କହିଥାଉ, ଦେଖନ୍ତୁ, ଏକ ଥିଓଫାନି ବା ଆତ୍ମିକ ଶରୀର ।

> [ଜଣେ ଭାଇ ପଚାରନ୍ତି, **"ତେବେ, ବର୍ତ୍ତମାନ, ଏହି ଶରୀର ତାହା ଅଟେ ଯାହାକି ଏକ...କଅଣ ତାହା ଅସ୍ଥାୟୀ, ଏହି ଶରୀରର ପୁନରୁତ୍ଥାନକୁ ଅପେକ୍ଷା କରୁଅଛି କି?"**—ସମ୍ପା ।] ହଁ । ଦେଖନ୍ତୁ? ହଁ । ଓ, ହଁ । [**"ତାହା ସେହି ଅବସ୍ଥା ଅଟେ ଯେଉଁଥିରେକି ଆମେ ରହିବାକୁ ଯାଉଅଛୁ ସେହି—ସେହି ପୁନରୁତ୍ଥାନ ପର୍ଯ୍ୟନ୍ତ?"**] ତାହା ଠିକ୍ । ବୁଝିଲେ? ବୁଝିଲେ?

331 ଏହା ଏପର୍ଯ୍ୟନ୍ତ ମନୁଷ୍ୟପୁତ୍ରମାନଙ୍କ ନିକଟରେ ପ୍ରକଟିତ ହୋଇନାହିଁ । ମୁଁ ବିଶ୍ୱାସ କରେ...ମୁଁ—ମୁଁ ଜାଣେ ଯେ ମୁଁ ଏହାକୁ ଦେଖିଅଛି । ବୁଝିଲେ? କିନ୍ତୁ ମୁଁ ଜାଣେ ନାହିଁ ଯେ ଏହା କେଉଁ ପ୍ରକାରର ଶରୀର ଅଟେ, କିନ୍ତୁ ମୁଁ ତାକୁ ଠିକ ସେହି ସମାନ ଭାବରେ ଅନୁଭବ କରିପାରିଥିଲି ଯେପରିକି ମୁଁ ଆପଣଙ୍କର ହାତ କିମ୍ୱା ଅନ୍ୟ କିଛିକୁ ଅନୁଭବ କରିଥାଏ । ଅବଶ୍ୟ, ଏହା ଟେପ୍‌ରେ ଅଛି ଏବଂ ମୁଁ ଚାଲିଯିବାର ଅନେକ ବର୍ଷ ପରେ ଆପଣ ଏହାକୁ ବଜାଉଥିବେ । କଅଣ ଆପଣ ବୁଝୁଛନ୍ତି? କିନ୍ତୁ...ଏବଂ ତାହା, ତାହା ଯାହାକିଛି ବି ଥିଲା, ଦେଖନ୍ତୁ, ମୁଁ—ମୁଁ ସେହି ଲୋକମାନଙ୍କୁ ଧରି ରଖିଥିଲି ଓ ସେମାନଙ୍କୁ ଧରୁଥିଲି, ଏବଂ ଏହା

ସେତିକି ବାସ୍ତବ ଥିଲା ଯେତିକି—ଯେତିକି ଆପଣ ବାସ୍ତବ ଅଟନ୍ତି, ଏବଂ ତଥାପି ତାହା ନ ଥିଲା...ସେମାନେ ଖାଉ ନ ଥିଲେ କି ପିଉ ନ ଥିଲେ । ସେଠାରେ କୌଣସି ଗତକାଲି କିମ୍ବା ଆସନ୍ତାକାଲି ନ ଥିଲା । ଦେଖନ୍ତୁ, ଏହା ତ ଅନନ୍ତତା ଥିଲା ।

332 ଏବଂ ବର୍ତ୍ତମାନ ଯେତେବେଳେ ସେହି ତମ୍ବୁ...ସେମାନେ ସେଠାରେ ସେହି ଶରୀରକୁ ଛାଡି, ପୃଥିବୀକୁ ଫେରି ଆସିଥିଲେ, ଏବଂ ସେହି ପ୍ରକାରର ଏକ ଶରୀରରେ ସେମାନେ ଅମରତାକୁ ଗ୍ରହଣ କରି ନେଇଥିଲେ । ପୃଥିବୀର ସେହି—ସେହି ଧୂଳି କୌଣସି ପ୍ରକାରେ ସେହି ଥିଓଫାନିରେ ଏକତ୍ରିତ ହୋଇଥିଲା ଏବଂ ସେମାନେ ପୁନର୍ବାର ମାନବରୂପ ହୋଇ ଯାଇଥିଲେ, ସେମାନଙ୍କୁ ସେହିପରି ଭାବରେ ଭୋଜନ କରିବାକୁ ପଡିଥିଲା ଯେପରିକି ଏଦନ ଉଦ୍ୟାନରେ କରିଥିଲେ । ବୁଝିଲେ? "କିନ୍ତୁ ଯଦି ଏହି ପାର୍ଥିବ ତମ୍ବୁରୂପ ଗୃହ ଭାଙ୍ଗିଯାଏ, ତେବେ ଆମର ଆଉ ଗୋଟିଏ ଅପେକ୍ଷା କରୁଅଛି ।"

333 ତେଣୁକରି ଏହି ଛୋଟ ପିଲାମାନେ ଯାହାଙ୍କର କୌଣସି ପାପ ନ ଥିଲା, ଦେଖନ୍ତୁ, ଏପର୍ଯ୍ୟନ୍ତ ସୁଦ୍ଧା କୌଣସି ପାପ ନ ଥିଲା, ସେମାନଙ୍କର *ଦୂତଗଣ*, ସେମାନଙ୍କର "ଶରୀରଗୁଡିକ" (ସେହି ଗୋଟିକ ଯାହା ଭିତରକୁ ପିତର ପ୍ରବେଶ କରିଥିଲେ...) ଦେଖନ୍ତୁ, ଅପେକ୍ଷା କରୁଥିଲା । "ସ୍ୱର୍ଗରେ, ପିତାଙ୍କ ମୁଖକୁ ଦର୍ଶନ କରୁଥିଲେ," ଏହା ସର୍ବଦା ତାହାଙ୍କ ସମ୍ମୁଖରେ ରହିଥାଏ; "ସେମାନେ ଏହା ଜାଣନ୍ତି ।" ଏହା ସେଠାରେ ଅଛି ।

334 [ଜଣେ ଭାଇ କୁହନ୍ତି, "କିନ୍ତୁ ତାହା ସେଠାରେ ଟିକିଏ କଷ୍ଟସାଧ୍ୟ ଥିଲା ଯେଉଁଠାରେକି ଯୀଶୁ କହିଥିଲେ, ତାଙ୍କର ପୁନରୁତ୍ଥାନର ପ୍ରଥମ ଭାଗରେ, ସେ କହିଥିଲେ, 'ମୋତେ ସ୍ପର୍ଶ କର ନାହିଁ,' ସେ ଏପର୍ଯ୍ୟନ୍ତ ଉର୍ଦ୍ଧ୍ୱକୁ ଉନ୍ନୀତ ହୋଇ ନ ଥିଲେ । ଏବଂ ତାହାପରେ ଯେତେବେଳେ ସେ ସେହି କକ୍ଷକୁ ଆସିଲେ ଯେଉଁଠାରେକି ଥୋମା ଥିଲେ, ସେ କହିଲେ, 'ଏଠାକୁ ଆସ ଏବଂ ମୋ ପାର୍ଶ୍ୱରେ ହାତ ପୁରାଅ; ତୁମର ଆଙ୍ଗୁଠି ଦିଅ ।'"—ସମ୍ପା ।] ତାହା ଠିକ୍, ସେ ଏପର୍ଯ୍ୟନ୍ତ ଆରୋହଣ କରି ନ ଥିଲେ । ["ଏବଂ ଏହି ଦୁଇ ଭିତରେ ସେହି—ସେହି ପାର୍ଥକ୍ୟ ହେଲା, ଯେଉଁଠାରେକି ସେହି ଜଣକା ଯାହାକୁ ସେ—ସେ ତାହାଙ୍କୁ ସ୍ପର୍ଶ ନ କରିବାକୁ କହିଥିଲେ, ଏବଂ ସେଠାରେ ସେ ଥୋମାଙ୍କୁ ଆସି ତାହାଙ୍କୁ ଛୁଇଁବା ପାଇଁ କହିଥିଲେ ।"] ସେ ଏପର୍ଯ୍ୟନ୍ତ ସୁଦ୍ଧା ଆରୋହଣ କରି ନ ଥିଲେ, ଆପଣ ଦେଖନ୍ତୁ । ସେ...["'କାରଣ ମୁଁ ଏପର୍ଯ୍ୟନ୍ତ ମୋର ପିତାଙ୍କ ନିକଟକୁ ଆରୋହଣ କରି ନାହିଁ ।'"]

335 ତାହା ଠିକ୍, ଦେଖନ୍ତୁ, ତାହାଙ୍କୁ ସ୍ପର୍ଶ କରାଯିବାର ନ ଥିଲା ଯେପର୍ଯ୍ୟନ୍ତକି ସେ...ତାହାଙ୍କର ପୁନରୁତ୍ଥାନ ପରେ । ସେ ପୃଥିବୀରୁ ବାହାରି ଆସିଥିଲେ, ଆପଣ ଦେଖନ୍ତୁ । ସେ ପୃଥିବୀରୁ ବାହାରି ଆସି ମନୁଷ୍ୟ ମଧ୍ୟରେ ଗମନାଗମନ କରିଥିଲେ, ମାତ୍ର ସେ ଏପର୍ଯ୍ୟନ୍ତ ଆରୋହଣ କରି ନ ଥିଲେ । ସେ କହିଲେ...ସେ ମରିୟମଙ୍କୁ କହିଥିଲେ, ସେ କହିଲେ, "ମୋତେ ସ୍ପର୍ଶ କର ନାହିଁ ।"

ସେ କହିଲା, "ହେ ଗୁରୁ ।"

336 ସେ କହିଲେ, "ସ୍ପର୍ଶ...ମୋତେ ସ୍ପର୍ଶ କର ନାହିଁ, କାରଣ ମୁଁ ଏପର୍ଯ୍ୟନ୍ତ ପିତାଙ୍କ ନିକଟକୁ ଯାଇ ନାହିଁ । ମାତ୍ର ମୁଁ ମୋର ପରମେଶ୍ୱର ଏବଂ ତୁମ୍ଭ ପରମେଶ୍ୱରଙ୍କ ନିକଟକୁ, ମୋର ପିତା ଓ ତୁମ୍ଭ ପିତାଙ୍କ ନିକଟକୁ ଯାଉଅଛି ।"

337 ପୁଣି, ତେବେ ସେହି ରାତ୍ରିରେ, ସେ ପରମେଶ୍ୱରଙ୍କ ନିକଟକୁ ଯାଇସାରିବା ପରେ, ଏବଂ ମୃତ୍ୟୁରୁ ପୁନରୁତ୍‌ଥିତ ହେବା ପରେ, ପରମେଶ୍ୱରଙ୍କ ନିକଟକୁ ଗଲେ । ଫେରି ଆସି, ସେ ଥୋମାଙ୍କୁ ତାଙ୍କ ପାଖକୁ ଆସି ତାଙ୍କ ପାର୍ଶ୍ୱକୁ ସ୍ପର୍ଶ କରିବାକୁ ଡାକିଲେ । ଦେଖନ୍ତୁ, ସେ ଆରୋହଣ କରି ପରମେଶ୍ୱରଙ୍କ ସମ୍ମୁଖକୁ ଯାଇଥିଲେ । ତାହା ଠିକ୍ ଅଟେ । ଠିକ ଅଛି ।

118. ବର୍ତ୍ତମାନ । **ପ୍ରଥମ କରିନ୍ଥୀୟ 14 ରେ, "ପ୍ରେମର ଅନୁସରଣ—ଅନୁସରଣ କର, ପୁଣି ଆତ୍ମିକ ଦାନସବୁ ପାଇବା ନିମନ୍ତେ, ବିଶେଷତଃ ଯେପରି ଭାବବାଣୀ କହି ଏଥିନିମନ୍ତେ ଏକାନ୍ତ ଚେଷ୍ଟା କର ।" ୱେବଷ୍ଟର୍, କୁହେ, "ଭାବବାଣୀ: ଭବିଷ୍ୟତ୍ ଘଟଣାଗୁଡ଼ିକର ଭାବବାଣୀ କରିବା, ବିଶେଷତଃ ଦିବ୍ୟ ପ୍ରେରଣା ଦ୍ୱାରା ।" କଅଣ ଏକ ବାର୍ତ୍ତା କରିପାରେ...**ବର୍ତ୍ତମାନ ସେମାନେ...ତାହା—ତାହା ଏହା ଅଟେ ଯାହାକି ୱେବଷ୍ଟର୍ କୁହେ ଏବଂ ଯାହା ସେହି—ସେହି ଭାଇ ପଚାରିଥିଲେ । **କଅଣ ଏକ ବାର୍ତ୍ତାକୁ "ଭାବବାଣୀ" ବୋଲି କୁହା ଯାଇପାରେ କି ଯାହା ଭବିଷ୍ୟତ୍‌ର ଘଟଣା ବିଷୟରେ ଭାବବାଣୀ କରେ ନାହିଁ?**

ନା, ଆଜ୍ଞା । *ଭାବବାଣୀ* ହେଲା "ଭବିଷ୍ୟତ୍‌ବାଣୀ କରିବା ।" ବୁଝିଲେ? ଠିକ୍ ଅଛି ।

119. ବର୍ତ୍ତମାନ । **ପ୍ରଥମ କରିନ୍ଥୀୟ 14:27, ମୁଁ ବିଶ୍ୱାସ କରେ ଯେ ସମସ୍ତ ବାର୍ତ୍ତାଗୁଡିକ ବ୍ୟାଖ୍ୟା କରାଯିବା ଉଚିତ୍ ଏବଂ ଏହା ଯେ କୌଣସି ବି ସେବାରେ ପରଭାଷାରେ ତିନିରୁ ଅଧିକ ବାର୍ତ୍ତା ଦିଆଯିବା ଉଚିତ୍ ନୁହେଁ ।**

338 ତାହା ଶାସ୍ତ୍ର ଅଟେ । ମୁଁ ତାହା ଏଠାରେ ଲେଖି ରଖିଛି । ଅବଶ୍ୟ, ଆମେ ନୋହୁଁ... ଆମେ ତାହା ସହିତ ପରିଚିତ ଅଟୁ ଏବଂ ତାହା ଜାଣୁ, ଆପଣ ଦେଖନ୍ତୁ । ତାହା ହେଉଛି... ହଁ, ଆଜ୍ଞା, ଏହା...କେବଳ ତିନି ଜଣଙ୍କ ଦ୍ୱାରା ପାଳି ଅନୁସାରେ ହେବା ଉଚିତ । ତାହା ପ୍ରଥମ କରିନ୍ଥୀୟ 14 ରେ ମଧ୍ୟ, ଅଛି । ବୁଝିଲେ? ତାହା ଠିକ୍, "ତିନି ଜଣଙ୍କ ଦ୍ୱାରା ପାଳି ଅନୁସାରେ ।" ଭାଇମାନେ, ତେବେ ଆପଣମାନେ ନିଜର ସଭାଗୁଡ଼ିକରେ ତାହା ଲକ୍ଷ୍ୟ କରନ୍ତୁ । ତେବେ, ଆପଣମାନେ—ଆପଣମାନେ ବର୍ତ୍ତମାନ ତାହା ଉଠି ଆସୁଥିବାର ପାଇବେ, ଆପଣ ପାଇବେ ଯେ ଅନେକ ଲୋକମାନେ ଉତ୍ସାହିତ ହୋଇଥାନ୍ତି । ତେବେ କୁହନ୍ତୁ ନାହିଁ ଯେ ସେମାନେ ବର୍ତ୍ତମାନ, ପବିତ୍ରଆତ୍ମା ପାଇ ନାହାଁନ୍ତି । ମାତ୍ର, ଆପଣ ଦେଖନ୍ତୁ, ପାଉଲ କରିନ୍ଥୀୟ ମଣ୍ଡଳୀକୁ କ୍ରମରେ ସୁବ୍ୟବସ୍ଥିତ କରିବା ପାଇଁ ଗଲେ । ଆମେ ସମସ୍ତେ ତାହା ଜାଣୁ, କଅଣ ନୁହେଁ କି? ତାଙ୍କୁ ତ ଏହା କ୍ରମରେ ରଖିବାକୁ ପଡିଥିଲା । ଏବଂ ସେ କହିଲେ, "ସମସ୍ତ ବିଷୟ ସଠିକ୍ ଭାବରେ ଏବଂ କ୍ରମରେ କରାଯାଉ ।"

339 ବର୍ତ୍ତମାନ, ଯଦି ଆପଣମାନେ ଧ୍ୟାନ ଦେଇଛନ୍ତି, ପାଉଲ, ତଳକୁ ଯିବାବେଳେ, ତାଙ୍କର ସର୍ବଦା କରିନ୍ଥୀୟ ମଣ୍ଡଳୀ ସହିତରେ ସମସ୍ୟା ରହିଥିଲା । ଆପଣ ତାଙ୍କୁ ସେପରି କେବେ ଅନ୍ୟ କୌଣସିରେ ପାଇବେ ନାହିଁ…ସେ ଏହା ସମ୍ବନ୍ଧରେ ଏଫିସୀୟ ମଣ୍ଡଳୀକୁ କେବେ କିଛି କହି ନ ଥିଲେ, ସେ ତ ସେମାନଙ୍କୁ ଅନନ୍ତ ସୁରକ୍ଷା ଶିଖାଇ ପାରିଥିଲେ । ଅନନ୍ତ ସୁରକ୍ଷା ବିଷୟରେ କରିନ୍ଥୀୟ ମଣ୍ଡଳୀରେ—ରେ କିଛି ହେଲେ ମିଳେ ନାହିଁ । ସେମାନେ ତ ସର୍ବଦା ଶିଶୁତୁଲ୍ୟ ରହିଥିଲେ, ଚେଷ୍ଟା କରୁଥିଲେ, "ଜଣଙ୍କ ପାଖରେ ପରଭାଷା ଅଛି, ଜଣଙ୍କ ପାଖରେ ଗୀତ ଅଛି ।" କଅଣ ତାହା ଠିକ୍ ନୁହେଁ କି? ବୁଝିଲେ? ଏବଂ ଯଦି ଆପଣ ନିଜର ମଣ୍ଡଳୀକୁ ତାହା ଉପରେ ଆରମ୍ଭ ହେବାକୁ ଦିଅନ୍ତି…

340 ମାର୍ଟିନ୍ ଲୁଥର୍ଙ୍କ ପରି, ସେ ଆତ୍ମାରେ ଏତେ ପରିପୂର୍ଣ୍ଣ ହୋଇଥିଲେ ଯେ ପରଭାଷାରେ କଥା କହିବାକୁ ଲାଗିଲେ । ସେ ତାଙ୍କ ଡାଏରୀରେ, କହିଥିଲେ, ସେ କହିଲେ, "ମୁଁ ପରଭାଷାରେ କଥା କହିଲି," ସେ କହିଲେ, "କିନ୍ତୁ ଯଦି ମୁଁ ମୋର ଲୋକମାନଙ୍କୁ ତାହା ଶିକ୍ଷା ଦିଏ" କହିଲେ "ସେମାନେ ଦାତାଙ୍କ ପରିବର୍ତ୍ତେ ଦାନକୁ ଅନ୍ବେଷଣ କରିବେ ।" ତାହା ଠିକ୍ ଥିଲା, ଦେଖନ୍ତୁ, ସେମାନେ ଦାତାଙ୍କ ପରିବର୍ତ୍ତେ ଦାନକୁ ଅନ୍ବେଷଣ କରିବେ ।

341 ଏବଂ ତାହା ହିଁ ଅଟେ ଯାହାକି ଲୋକମାନେ ପାଇଥାଆନ୍ତି, ଏବଂ ତାହାପରେ ସେମାନେ ସମସ୍ତେ ଘାବରା ହୋଇଯାଆନ୍ତି ଓ ଗର୍ବୀ ହୋଇଯାଆନ୍ତି ଯେତେବେଳେ ସେମାନେ ନିଜ ନିଜକୁ ପରଭାଷାରେ କଥା କହିବାକୁ କିମ୍ବା ସେହିପରି କିଛି କରିବାକୁ ଦିଅନ୍ତି । ଏବଂ ଯଦି ଏହା ପରମେଶ୍ୱରଙ୍କର ନୁହେଁ, ତେବେ ତାହା ହେବ ନାହିଁ…ଏହାର କିଛି ଲାଭ ହେବ ନାହିଁ । କିନ୍ତୁ ଆମେ…

342 ବର୍ତ୍ତମାନ, ଆଧୁନିକ ମଣ୍ଡଳୀଗୁଡ଼ିକ ସମଗ୍ର ବିଷୟକୁ ଓଲଟାଇ ଦିଅନ୍ତି, କିନ୍ତୁ ଆମେ ତାହା କରି ନ ଥାଉ । ଆମେ ବିଶ୍ୱାସ କରୁ ଯେ ଏହା ପରମେଶ୍ୱରଙ୍କ ବରଦାନ ଅଟେ ଏବଂ ସେଠାରେ ପରମେଶ୍ୱରଙ୍କ ଆତ୍ମା ଦ୍ୱାରା ରଖାଯାଇପାରେ । ତାହା ବିଷୟରେ କଅଣ ଅଟେ, ଭାଇ ରୟ? ତାହା ଠିକ୍ ଅଟେ । ହଁ, ଆଜ୍ଞା । ମଣ୍ଡଳୀରେ ରଖନ୍ତୁ! ଏହା ମଣ୍ଡଳୀରେ ଅନ୍ତର୍ଭୁକ୍ତ ଅଟେ । ପରଭାଷାରେ କହିବାର ଦାନ ସେଠାରେ ଅନ୍ତର୍ଭୁକ୍ତ ଅଟେ, ଦେଖନ୍ତୁ, ପରମେଶ୍ୱରଙ୍କ ମଣ୍ଡଳୀରେ ।

343 ତେବେ, ଆସନ୍ତୁ ବର୍ତ୍ତମାନ ଦେଖିବା ଯେ ପ୍ରକୃତରେ ତାଙ୍କର ପ୍ରଶ୍ନ ଏଠାରେ କଅଣ ଥିଲା । କହିଲା, ତାହା:

> **ମୁଁ ବିଶ୍ୱାସ କରେ ଯେ ସମସ୍ତ ବାର୍ତ୍ତା…**(ତାହା ଠିକ୍)**…ବ୍ୟାଖ୍ୟା କରାଯିବା ଉଚିତ୍, ଆଉ ତାହା ପୁଣି ତିନି ଜଣଙ୍କ ଦ୍ୱାରା ପାଳି ଅନୁସାରେ ।**

344 ତାହା ଠିକ୍, ଦେଖନ୍ତୁ, କାରଣ ଯଦି ଆପଣ ଅନୁମତି ଦିଅନ୍ତି…ବର୍ତ୍ତମାନ ଆସନ୍ତୁ କହିବା, ଉଦାହରଣ ସ୍ୱରୂପ, ଯେପରିକି ଆପଣଙ୍କର ଏକ ସଭା ଚାଲିଛି ଏବଂ ଆମେ ଏଠାରେ ବସିଅଛୁ ଓ—ଓ…ତେବେ, ତାହା କି ଲାଭ ହେବ ଯଦି ତାଙ୍କୁ ପରଭାଷାରେ କଥା କହିବାକୁ ଦେବା,

*ତା'ଙ୍କୁ* ପରଭାଷାରେ କଥା କହିବାକୁ, *ତା'ଙ୍କୁ* ପରଭାଷାରେ କଥା କହିବାକୁ, *ତା'ଙ୍କୁ* ଦେବା? କାହିଁକି, ଆମେମାନେ ସମସ୍ତେ ତ ଏତେ ଦ୍ୱନ୍ଦ୍ୱରେ ପଡିଯିବୁ ଯେ ଆମେମାନେ ଏହା ସୁଦ୍ଧା ଜାଣିବୁ ନାହିଁ ଯେ ଆମେ କଅଣ କରୁଅଛୁ । ବୁଝିଲେ? ତିନି ଜଣଙ୍କ ପାଳି ଅନୁସାରେ, ତାହା ହେଉ...ଯେପରିକି, ହୋଲିନ୍, ସେ ପରଭାଷାରେ କଥା କହୁଛନ୍ତି, ଯଦି ସେ ପରଭାଷାରେ କଥା କୁହନ୍ତି...

345 ଏବଂ ସେଠାରେ ଜଣେ ଅନୁବାଦକ ମଧ୍ୟ ରହିବା ଆବଶ୍ୟକ । ତେବେ, ସେଠାରେ ଜଣେ ଅନୁବାଦକ ରହିପାରନ୍ତି ଯଦି ଆପଣ ନିଜର ପରଭାଷାକୁ ବ୍ୟାଖ୍ୟା ନ କରନ୍ତି । ବର୍ତ୍ତମାନ ଆପଣ..."ତେବେ ଯିଏ ପରଭାଷାରେ କଥା କୁହନ୍ତି ସେ ପ୍ରାର୍ଥନା ମଧ୍ୟ କରନ୍ତୁ ଯେ ସେ ବ୍ୟାଖ୍ୟା କରିପାରିବେ ।" ସେ ନିଜର ପରଭାଷାକୁ ବ୍ୟାଖ୍ୟା କରିପାରନ୍ତି ଯାହା ଠିକ୍ ସେତିକି—ସେତିକି ଯୁକ୍ତିଯୁକ୍ତ ଅଟେ ଯେତିକି ତାହା କୌଣସି ଅନୁବାଦକଙ୍କ ପାଇଁ ଅଟେ । କିନ୍ତୁ ସେଠାରେ ପରଭାଷା ରହିବା ପୂର୍ବରୁ ଜଣେ ଅନୁବାଦକ ରହିବା ଆବଶ୍ୟକ...ଯଦି ଆପଣଙ୍କ ପାଖରେ ପରଭାଷାରେ କଥା କହୁଥିବା ଲୋକମାନଙ୍କର ଏକ ସମୂହ ଅଛି ଏବଂ ସେଠାରେ କୌଣସି ଅନୁବାଦକ ନାହାଁନ୍ତି, ତାହାହେଲେ ଆପଣ ନିଜେ ପ୍ରାର୍ଥନା କରନ୍ତୁ ଯେପରିକି ଆପଣ ତାହା ବ୍ୟାଖ୍ୟା କରିପାରନ୍ତି ଯାହା ଆପଣ—ଯାହା ଆପଣ କହୁଅଛନ୍ତି ।

346 ତେବେ, ନିଜକୁ ଅତିରିକ୍ତ ପ୍ରଶଂସା କରିବା ପାଇଁ ଏହା କରନ୍ତୁ ନାହିଁ, କାରଣ ଆପଣ ସେତେବେଳେ କେବଳ ନିଜ ପ୍ରତି ନିଷ୍ଠା ଜନ୍ମାଉଛନ୍ତି, ଆପଣ ଦେଖନ୍ତୁ । ତାହା କରନ୍ତୁ ନାହିଁ । କିନ୍ତୁ ପରଭାଷାରେ କଥା କୁହନ୍ତୁ ଯେପରିକି ଆପଣ ପରମେଶ୍ୱରଙ୍କଠାରେ ନିଷ୍ଠା ଜନ୍ମାଇ ପାରନ୍ତି, ମଣ୍ଡଳୀଠାରେ ନିଷ୍ଠା ଜନ୍ମାଇ ପାରନ୍ତି । ଆପଣ ଦେଖନ୍ତୁ, ଭାଇ, ଏହା ସବୁ ଏକ ବଡ କାରଣ ପାଇଁ ଅଟେ । ଏହି ବରଦାନଗୁଡ଼ିକ ପରମେଶ୍ୱରଙ୍କଠାରେ ନିଷ୍ଠା ଜନ୍ମାଇବା ପାଇଁ ଅଟେ, ମଣ୍ଡଳୀଠାରେ ନିଷ୍ଠା ଜନ୍ମାଇବା ପାଇଁ ଅଟେ, ଲୋକମାନଙ୍କୁ ପରମେଶ୍ୱରଙ୍କ ନିକଟକୁ ଆଣିବା ପାଇଁ ଅଟେ, ସେମାନଙ୍କୁ ଏହା ଜଣାଇବା ପାଇଁ ଅଟେ ଯେ ପରମେଶ୍ୱର ଆମ ସହିତରେ ଅଛନ୍ତି । ସେ ଜଣେ ମୃତ ପରମେଶ୍ୱର ନୁହଁନ୍ତି, ସେ ଆମ ମଧ୍ୟରେ କାର୍ଯ୍ୟ କରୁଥିବା ଜଣେ ଜୀବନ୍ତ ପରମେଶ୍ୱର ଅଟନ୍ତି । ବୁଝିଲେ?

347 ଏବଂ ଆମକୁ ତାହା କେବଳ ପ୍ରକୃତ ଘନିଷ୍ଠ ଭାବରେ ଦେଖିବାକୁ ଅଛି, କାରଣ, ପିଲାଏ, ଶୟତାନ ତାହାକୁ ସବୁ କିଛି ପରି ଘୃଣା କରେ, ଆପଣ ଦେଖନ୍ତୁ, ପ୍ରକୃତ ବାସ୍ତବିକ ବରଦାନଗୁଡିକୁ ଦେଖିବା ପାଇଁ । କାରଣ ବରଦାନଗୁଡ଼ିକ ଦୁର୍ବଳ ଅଟେ, ଏବଂ ସେ ପ୍ରକୃତରେ ସେହି ବରଦାନଗୁଡ଼ିକ ଉପରେ କାମ କରିବାକୁ ଯାଇପାରେ । ମଣିଷ, ଓଃ, ମଣିଷ, ସେ ପ୍ରକୃତରେ ସେଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଟିକୁ ନକଲ କରିପାରେ । ତେଣୁ ତାହାହିଁ କାରଣ ଅଟେ...

348 ବର୍ତ୍ତମାନ, ଦେଖନ୍ତୁ, ଭବିଷ୍ୟତ୍‌ବାଣୀର ବରଦାନ ଏବଂ ଭବିଷ୍ୟଦ୍‌ବକ୍ତାଙ୍କ ମଧ୍ୟରେ ପାର୍ଥକ୍ୟ, ସେଠାରେ ତ ତାହା ଲକ୍ଷ ଲକ୍ଷ ମାଇଲ ପାର୍ଥକ୍ୟ ଅଟେ । ଗୋଟିଏ ଭବିଷ୍ୟତ୍‌ବାଣୀ ପୂର୍ବରୁ...ଭବିଷ୍ୟତ୍‌ବାଣୀର ବରଦାନ ଥିବା ଜଣେ ବ୍ୟକ୍ତିଙ୍କୁ ମଣ୍ଡଳୀ ସମ୍ମୁଖରେ କହିବା ପାଇଁ

ମଧ୍ୟ କୁହାଯାଇପାରେ, ଦୁଇ ବା ତିନି ଜଣଙ୍କୁ ଏହାକୁ ବୁଝିବାକୁ ଅଛି ଏବଂ "ତାହା ସତ୍ୟ ବୋଲି" କହିବାକୁ ଅଛି । ତାହା ଠିକ୍ ଅଟେ । କିନ୍ତୁ ଜଣେ ଭବିଷ୍ୟଦ୍‌ବକ୍ତାଙ୍କୁ ନୁହେଁ । ବୁଝିଲେ? ଜଣେ ଭବିଷ୍ୟଦ୍‌ବକ୍ତା ତ ଏକ କାର୍ଯ୍ୟାଳୟ ଅଟେ । ଭବିଷ୍ୟତ୍‌ବାଣୀର ଦାନ ଏକ ବରଦାନ ଅଟେ । ଜଣେ ଭବିଷ୍ୟଦ୍‌ବକ୍ତା ଜନ୍ମ ହୁଅନ୍ତି, ତାଙ୍କ ପାଖରେ **ସଦାପ୍ରଭୁ ଏହି କଥା କୁହନ୍ତି** ରହିଥାଏ, ଭାଇ, ଠିକ୍ ସେହିପରି ଆଗକୁ ଓ ଆଗକୁ ରହିଥାଏ । ସେଥିରେ ଆଉ କିଛି ନାହିଁ, ଆପଣ ଦେଖନ୍ତୁ । ତାହା ତ ଜଣେ ଭବିଷ୍ୟଦ୍‌ବକ୍ତା ଅଟେ । କିନ୍ତୁ ଭବିଷ୍ୟତ୍‌ବାଣୀର ଏକ ଦାନ, ତାହା ଏକ ବରଦାନ ଅଟେ, ଆପଣ ଦେଖନ୍ତୁ । ଗୋଟିଏ ହେଉଛି ପରମେଶ୍ୱରଙ୍କ କାର୍ଯ୍ୟାଳୟ, ଅନ୍ୟଟି ହେଉଛି ପରମେଶ୍ୱର ବରଦାନ । ବୁଝିଲେ? ଏବଂ ତାହାହିଁ ପାର୍ଥକ୍ୟ ଅଟେ ।

349 ତେବେ, ସେହି ବାର୍ତ୍ତାଗୁଡିକ, ଧରନ୍ତୁ, ବର୍ତ୍ତମାନ, ଉଦାହରଣ ସ୍ୱରୂପ, ଏହିପରି ଭାବରେ ତାହା ହେବା ଉଚିତ । ବର୍ତ୍ତମାନ, ଆମେ କହିବୁ, ଯେପରିକି ଭାଇ ଜୁନି, ଆଜି ରାତି, ସେ ବ୍ୟାଖ୍ୟା କରନ୍ତି । ଆମେ ଜାଣୁ ଯେ ସେ ଜଣେ ଅନୁବାଦକ ଅଟନ୍ତି । ଭାଇ ନେଭିଲ୍ ଜଣେ ଅନୁବାଦକ, ଦେଖନ୍ତୁ, ପରଭାଷାଗୁଡ଼ିକୁ ବ୍ୟାଖ୍ୟା କରନ୍ତି । ଆମେ ତାହା ଜାଣୁ । ତେବେ, କଅଣ ହେବ ଯଦି ଆମେ ଆଜି ରାତି ଏଠାରେ ବସିଥାଉ, ଓଃ, ପରମେଶ୍ୱରଙ୍କ ଆତ୍ମା କେବଳ କହିବାକୁ ବାଧ୍ୟ କରନ୍ତି । ମୋର, ପ୍ରଭୁ! ଏବଂ ଆମେମାନେ ନୋହୁଁ...ଆମକୁ ତ କରିବାକୁ ଅଛି...ଆମକୁ ତ କରିବାକୁ...ଅପେକ୍ଷା କରନ୍ତୁ, ଅଳ୍ପ କିଛି ମିନିଟରେ ଗୀର୍ଜା ଆରମ୍ଭ ହେବାକୁ ଯାଉଅଛି । ଦେଖନ୍ତୁ, ଆମେ—ଆମେ ତ ଠିକ ଗୀର୍ଜା ପୂର୍ବରୁ ସାକ୍ଷାତ କରୁଅଛୁ । ମୁଁ ଏହାକୁ କ୍ରମରେ ରଖୁଅଛି ଯେପରିକି ତାହା ଏଠାରେ ଆମ ପାଖରେ ରହିଛି ।

350 ତେବେ, ତାହାହେଲେ, ପ୍ରଥମ ବିଷୟ ଆପଣମାନେ ଜାଣନ୍ତି, ଭାଇ ରୁଡେଲ୍ ଛିଡା ହୁଅନ୍ତି ଓ ପରଭାଷାରେ କଥା କୁହନ୍ତି । ମାତ୍ର ଗୋଟିଏ ମିନିଟ୍ ଅପେକ୍ଷା କରନ୍ତୁ । ବୁଝିଲେ? ଜୁନି ଉପରକୁ ଡେଇଁ ପଡନ୍ତି, "**ସଦାପ୍ରଭୁ ଏହି କଥା କୁହନ୍ତି**, 'ଏକ ନିର୍ଦ୍ଦିଷ୍ଟ-ନିର୍ଦ୍ଦିଷ୍ଟ ବିଷୟ ।'" ଠିକ୍ ଅଛି, ଏଠାରେ କେହି ଜଣେ, ଶାସ୍ତ୍ରୀମାନେ ଏହାକୁ ଏଠାରେ ନେଇଥାନ୍ତି, ଦେଖନ୍ତୁ, ଯାହାକିଛି ବି କୁହାଗଲା; ଉଃ-ହୁଃ, ଆସନ୍ତୁ ଏହାକୁ ଠିକ୍ ଶୀଘ୍ର ନେବା, 'କାରଣ ଏହା...ଏହାକୁ ସତେଜ ଭାବରେ ପାଇବା, ଠିକ ଯାହା ସେ କହିଥିଲେ । ଠିକ ଅଛି, ସେମାନେ...ଯଦି—ଯଦି ଏହାକୁ ପ୍ରତ୍ୟାଖ୍ୟାନ କରାଯାଏ, ତାହାହେଲେ ଉତ୍ତମ ହେବ ଯେ ଆପଣ—ଆପଣ ଏହାକୁ ଛାଡି ଦିଅନ୍ତୁ, ଦେଖନ୍ତୁ, ଏହାକୁ ପୃଥକ୍ କରି ନିଅନ୍ତୁ । କିନ୍ତୁ ଯଦି ଏହାକୁ ପ୍ରତ୍ୟାଖ୍ୟାନ କରା ନ ଯାଏ, ତାହାହେଲେ ଏହାକୁ ଦୁଇ ଜଣଙ୍କ ଦ୍ୱାରା ଗ୍ରହଣ କରାଯିବାକୁ ଅଛି, ତାହାପରେ ତାହାକୁ ଏଠାରେ ଲେଖାଯାଏ, ସେମାନେ ଏଥିରେ ସେମାନଙ୍କର ନାମକୁ ଦସ୍ତଖତ କରନ୍ତି । ବୁଝିଲେ? ତାହା—ତାହା—ତାହା ଆପଣଙ୍କର ମଣ୍ଡଳୀ ପାଇଁ ଅଟେ । ତାହା ହେଉଛି...ମୁଁ ଆପଣଙ୍କୁ ଏହା ସବୁ ଆପଣଙ୍କର ଲାଭ ପାଇଁ କହୁଅଛି, ଦେଖନ୍ତୁ, ମୁଁ ଜାଣେ ନାହିଁ ଯେ ସେମାନେ ତାହା ଆରମ୍ଭରେ କରିଥିଲେ କି ନାହିଁ ।

351 ଏବଂ ପ୍ରଥମ ବିଷୟ ଆପଣ ଜାଣନ୍ତି, ହୋଲିନ୍ ଡେଇଁ ପଡନ୍ତି, ପରଭାଷାରେ କଥା କୁହନ୍ତି । ବର୍ତ୍ତମାନ, ସେହି ଅନୁବାଦକ ସେହି ସମାନ ବାର୍ତ୍ତାକୁ କହିପାରନ୍ତି, ଦେଖନ୍ତୁ, ଏହା

ସେହି ସମାନ ବିଷୟ ହୋଇପାରେ, କୌଣସି ବିଶେଷ ଘଟଣା ଘଟିବାକୁ ଯାଉଥାଏ, ଗୋଟିଏ ଭବିଷ୍ୟତ୍‌ବାଣୀ; ଦେଖନ୍ତୁ, ଏପରି କିଛି ଯାହାକି ଘଟିବାକୁ ଯାଉଅଛି, କିମ୍ବା ଏପରି କିଛି ବିଷୟ ଯାହା ଆପଣ କରିବା ଉଚିତ୍ । ଭାଇ ରୋବର୍ସନ, ପଛରେ ଡେଇଁ ପଡନ୍ତି, ପରଭାଷାରେ କଥା କୁହନ୍ତି । ଠିକ୍ ଅଛି । ଏହା ତଥାପି ସେହି ସମାନ ବାର୍ତ୍ତା ହୋଇପାରେ, ସେହି ସମାନ ବ୍ୟାଖ୍ୟା ଦେଉଥାଇପାରେ, ଦେଖନ୍ତୁ, କିମ୍ବା ଏହା ତିନୋଟି ବାର୍ତ୍ତା ହୋଇପାରେ ।

352 ବର୍ତ୍ତମାନ, ପରମେଶ୍ୱର ଗୋଟିଏ ରାତିରେ ପଚାଶଟି ବାର୍ତ୍ତା ଦେବାକୁ ଯାଉ ନାହାଁନ୍ତି । ଆମେ ତାହା ଜାଣୁ, 'କାରଣ ଆପଣ—ଆପଣ ସେଗୁଡିକୁ ବୁଝିପାରିବେ ନାହିଁ । କଅଣ ଆପଣ ଦେଖୁଛନ୍ତି? ମାତ୍ର ଯାହାକିଛି ମଣ୍ଡଳୀକୁ ଉତ୍ପୀଡିତ କରୁଅଛି, ଯେପରିକି...କିମ୍ବା ଏପରି କିଛି ଯାହାକି ଏହା କରୁଅଛି, ଏହା ମଣ୍ଡଳୀର ନିଷ୍ଠା ଜନ୍ମାଇବା ପାଇଁ ଅଟେ । ବୁଝିଲେ? ତେବେ ମୁଁ—ମୁଁ—ମୁଁ ଏହାକୁ ସେହି ବିଷୟଠାରୁ ଅଧିକ ଅନୁମତି ଦେବି ନାହିଁ, ଦେଖନ୍ତୁ, 'କାରଣ ଏହା କୁହେ, "ତେବେ ଏହା ତିନି ଜଣଙ୍କର ପାଳି ଅନୁସାରେ ହେଉ ।" ବୁଝିଲେ?

353 ତେବେ କେବଳ ତିନି ଜଣଙ୍କର ପାଳି, ତାହାପରେ—ତାହାପରେ ମୁଁ କହିବି "ଆଗକୁ ଯାଇ ସେଗୁଡ଼ିକୁ ଲେଖନ୍ତୁ, ଏବଂ ସେଗୁଡିକୁ ଏଠାରେ ମଞ୍ଚ ଉପରେ ରଖି ଦିଅନ୍ତୁ ।" ବୁଝିଲେ? ତାହାପରେ ଆସନ୍ତାକାଲି ରାତିରେ ଆମେମାନେ ପୁଣି ଥରେ ଭେଟ ହେବା । ବୁଝିଲେ? ଏବଂ ଯଦି ଏପରି କିଛି ବିଷୟ ଥାଏ ଯାହାକି ବର୍ତ୍ତମାନ ଏବଂ ଆସନ୍ତାକାଲି ରାତି ମଧ୍ୟରେ ଘଟିବାକୁ ଯାଉଅଛି, ପରମେଶ୍ୱର ଏହାକୁ ସେହି ବାର୍ତ୍ତାଗୁଡ଼ିକ ମଧ୍ୟରୁ ଗୋଟିଏରେ କହିବେ । ଦେଖନ୍ତୁ ମୋର ମୁଁ କହିବାର ଅର୍ଥ କଅଣ? ତେବେ ଏହା ତିନି ଜଣଙ୍କର ପାଳି ଅନୁସାରେ ହେଉ । ଏବଂ ମୁଁ ବର୍ତ୍ତମାନ ଭାବୁଛି, ୱେବଷ୍ଟର କୁହେ, ଭବିଷ୍ୟତ୍‌ବାଣୀ କରିପାରେ...

**କଅଣ ଏକ ପ୍ରଶ୍ନ-...ଏକ ବାର୍ତ୍ତାକୁ ଯାହାକି ଭବିଷ୍ୟତ୍‌ର ବିଷୟ ଭାବବାଣୀ କରେ ନାହିଁ ଭବିଷ୍ୟତ୍‌ବାଣୀ ବୋଲି କୁହାଯାଇପାରେ କି?**

354 ନା । ଯଦି ଏହା ଭବିଷ୍ୟତ୍‌ବାଣୀ ଅଟେ, ତାହାହେଲେ ଏହା ଭବିଷ୍ୟତ୍‌ବାଣୀ କରୁଥିବ, ଏପରି କିଛି ଭବିଷ୍ୟତ୍ ବିଷୟରେ କହୁଥିବ ଯାହାକି ଘଟିବାକୁ ଯାଉଅଛି । ତାହା ସତ୍ୟ, ମଧ୍ୟ ଅଟେ ।

355 ଠିକଅଛି, ଏବଂ ମୁଁ ଭାବୁଛି...ତେବେ, ଏହା ଅନ୍ତିମ ଅଟେ ଯେପର୍ଯ୍ୟନ୍ତ କି ଆମେ ଏଠାରେ ନ ପହଞ୍ଚିଯାଉ ।

**120. ଭାଇ ବ୍ରାନହାମ୍, କଅଣ—କଅଣ ଏଥିରୁ କୌଣସିଟି ହୋଇପାରେ... ଭାଇ ବ୍ରାନହାମ୍, ଏହି ପ୍ରଶ୍ନଗୁଡ଼ିକ ମଧ୍ୟରୁ କୌଣସିଟି**...ଏହା ଟାଇପ୍ ରାଇଟର୍ ଦ୍ୱାରା ଲିଖିତ ଅଟେ ଏବଂ ଏହା ପ୍ରାୟଃ ଘଷି ଯାଇଛି । **କଅଣ ଏହି ପ୍ରଶ୍ନଗୁଡ଼ିକ ମଧ୍ୟରୁ କୌଣସିଟି କରିପାରେ କି-...ଭାଇ ବ୍ରାନହାମ୍, ଏହି ପ୍ରଶ୍ନଗୁଡିକ ମଧ୍ୟରୁ କୌଣସିଟି ଯଦି ଆପଣ ଉତ୍ତର ଦେବାକୁ ଅନୁଭବ ନ କରନ୍ତି କିମ୍ବା ପ୍ରତିଶ୍ରୁତି ଦେବାକୁ... କିମ୍ବା ମନ୍ତବ୍ୟ ଦେବାକୁ** (ହଁ), **ତାହା ଉପରେ ମନ୍ତବ୍ୟ ଦେବାକୁ ଅନୁଭବ ନ କରନ୍ତି, ତେବେ**

**ତାହାକୁ ଅଲଗା ରଖି ଦିଅନ୍ତୁ, ମୁଁ ଆଦୌ ଖରାପ ଭାବିବି ନାହିଁ । ଶାସ୍ତ୍ର ଅନୁଯାୟୀ ଜଣେ ଦୀକନ୍‌ର ସମ୍ପୂର୍ଣ୍ଣ କର୍ତ୍ତବ୍ୟଗୁଡ଼ିକ କଅଣ ଅଟେ?**

356 ତେବେ, ମୁଁ—ମୁଁ ବିଶ୍ୱାସ କରେ ଯେ ସେମାନେ ତାହାକୁ ସେଠାରେ ଲେଖି ରଖିଛନ୍ତି । ଯଦି ଏହା ଅଟେ…ମୁଁ ଜାଣେ ଯେ ଏହା ଆମର ମଣ୍ଡଳୀର ଅନ୍ୟତମ ଦୀକନ୍ ଜଣେ ଅଟନ୍ତି । ତେଣୁ ମୁଁ ବିଶ୍ୱାସ କରେ ସେମାନେ ସେଠାରେ ଏହାର ଏକ କ୍ରମ ପାଇଛନ୍ତି । ଆମକୁ ସେଗୁଡ଼ିକର ଆହୁରି ଅଧିକ କିଛି ପ୍ରତିଲିପି କରିବା ଉଚିତ ଏବଂ ଆମର ଦୀକନ୍‌ମାନଙ୍କୁ ମଧ୍ୟରୁ ପ୍ରତ୍ୟେକଙ୍କୁ ତାହା ଦେବା ଉଚିତ୍ ଯଦି ଆମେ ତାହା ପାଇ ନାହୁଁ । ମୁଁ ଆଶ୍ଚର୍ଯ୍ୟ କରେ ଯେ ଯଦି ଆମେ ତାହାର ଏକ ପ୍ରତିଲିପି ପାଇପାରିବା କି, ଜିନ୍, ଗୋଟିଏ…କିମ୍ବା, ଆପଣ କିଅବା ଭାଇ ଲିଓ, କିମ୍ବା ସେମାନଙ୍କ ମଧ୍ୟରୁ କେତେକେ, ପ୍ରାୟଃ…ସେଗୁଡ଼ିକ ମଧ୍ୟରୁ ପ୍ରାୟଃ ଛଅଟି କିମ୍ବା ଆଠଟି ନେଇ ଯାଆନ୍ତୁ ଓ ସେଗୁଡ଼ିକୁ ଆମର ଦୀକନ୍‌ମାନଙ୍କୁ ଦିଅନ୍ତୁ । ତାହା କାର୍ଯ୍ୟଭାରଗୁଡ଼ିକୁ ବର୍ଣ୍ଣନା କରିଥାଏ, ଶାସ୍ତ୍ର ଅନୁସାରେ, ଯେ ଜଣେ ଦୀକନ୍‌କୁ କଅଣ କରିବାକୁ ଥାଏ ।

**121. କୌଣସି ମାମଲାରେ ଯଦି ଆମକୁ କ୍ରମ ବାହାରେ ଏକ ଭବିଷ୍ୟଦ୍‌ବାଣୀ ପାଇବାକୁ ଅଛି କିମ୍ବା ପରଭାଷାରେ ଏକ ବାର୍ତ୍ତା ପାଇବାକୁ ଅଛି, ତେବେ ଆମେ ଏହାକୁ କିପରି ଭାବରେ ସଂଶୋଧନ କରିବା ଉଚିତ୍?**

357 ବର୍ତ୍ତମାନ, ତାହା ଜରୁରୀକାଳୀନ ପରିସ୍ଥିତିର ଏକ ଉତ୍ତମ ମାମଲା ଅଟେ, ଦେଖନ୍ତୁ । ଦେଖନ୍ତୁ? ତେବେ, ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଦୀକନ୍ ଯିଏ କେହି ବି ଏହାକୁ ଉଲ୍ଲେଖ କରିଛନ୍ତି, କାରଣ ଏହା ଏକ ଉତ୍ତମ ବିଷୟ ଅଟେ । ଆପଣ ଏହାକୁ ରବର ଗ୍ଲୋଭସ୍ ସହିତ ସାବଧାନ ହୋଇ ହସ୍ତାଧିନ କରିବାକୁ ଚାହିଁବେ । ବର୍ତ୍ତମାନ, ଯଦି ଆପଣ ପ୍ରଦାନ କରିବେ… ଯଦି କେହି ଜଣେ ଏଠାରେ ଆମ ସହଭାଗୀତାକୁ ଆସନ୍ତି ଏବଂ କ୍ରମ ବାହାରେ ଏକ ବାର୍ତ୍ତା କିମ୍ବା ଭବିଷ୍ୟତ୍‌ବାଣୀ ଦିଅନ୍ତି, ତାହାହେଲେ ଆପଣ ତାହା ବିଷୟରେ କିଛି ହେଲେ କରିପାରନ୍ତି ନାହିଁ ଯଦି ସେମାନେ ମଞ୍ଚ ଉପରେ ରହିଥାଆନ୍ତି । ବୁଝିଲେ? ଆପଣ କେବଳ…ସେମାନେ ଜାଣନ୍ତି ଯେ ସେମାନେ କ୍ରମ ବାହାରେ ଅଛନ୍ତି ଏବଂ ତାହା—ତାହା…ହୋଇପାରେ ଯେ ସେବାକୁ ସର୍ବନାଶ କରି ଦେଇପାରନ୍ତି । ବୁଝିଲେ? କିନ୍ତୁ, ଯଦି ଏହା କରେ, ଦୀକନ୍‌ମାନଙ୍କ ପାଇଁ, କରିବାକୁ ସବୁଠୁ ସର୍ବୋତ୍ତମ କାର୍ଯ୍ୟ କେବଳ ହେଲା, କେବଳ ନୀରବ ରହିବା । ବୁଝିଲେ? କାରଣ ମଞ୍ଚ ଉପରେ ଥିବା ଭବିଷ୍ୟଦ୍‌ବକ୍ତା ସେହି ଜଣକ ଅଟନ୍ତି ଯିଏକି ପ୍ରକୃତରେ… ଆପଣ—ଆପଣ ତାଙ୍କର ସୁରକ୍ଷା, ଆପଣ ତାଙ୍କର ପୋଲିସ୍ ଅଟନ୍ତି, ଦେଖନ୍ତୁ, ଆପଣ ଆମ ଚାରିପାଖରେ ଥିବା ସୁରକ୍ଷାକର୍ମୀ ଅଟନ୍ତି । ବୁଝିଲେ?

358 ବର୍ତ୍ତମାନ, ଯଦି ଏହା ଆମର ମଣ୍ଡଳୀରେ କେହି ଜଣେ-…ଯଦି ଏହା ଆମ ମଣ୍ଡଳୀର ବାହାରେ କେହି ଅଟନ୍ତି, ସେହି ବ୍ୟକ୍ତି ଅପ୍ରଶିକ୍ଷିତ ଅଟନ୍ତି, ଦେଖନ୍ତୁ, ସେମାନେ ତାଲିମପ୍ରାପ୍ତ ନୁହଁନ୍ତି । ତାହାହିଁ ଅଟେ ଯାହାକି ଆମେ ଏଠାରେ ଆଣିବାକୁ ଚେଷ୍ଟା କରୁଅଛୁ, ଦେଖନ୍ତୁ, ଯେ

ଆମେମାନେ—ଆମେମାନେ ତାହା ଜାଣୁ ଯେ କଅଣ କରିବାକୁ ଅଛି । ଆମେ ଜାଣୁ ଯେ ଆମର ଲୋକମାନଙ୍କୁ କିପରି ତାଲିମ ଦେବାକୁ ଅଛି । କିନ୍ତୁ ଯଦି ଏହା—ଯଦି ଏହା ଆମ ମଣ୍ଡଳୀର ବାହାରୁ କେହି ଅଟେ, ତେବେ, ଆମେ ଜାଣି ନାହୁଁ ଯେ ସେହି ଗରିବ ଲୋକଟା କିପରି ତାଲିମପ୍ରାପ୍ତ ହୋଇଅଛି ।

359 ଉଦାହରଣ ସ୍ୱରୂପ, ଯେପରି...ବିଲି ଏହାକୁ ମନେ ରଖିଥିବେ, କୋଷ୍ଟା ମେସା, କାଲିଫର୍ଣ୍ଣିଆ । ପ୍ରତ୍ୟେକ ଥର ଯେତେବେଳେ ମୁଁ ବେଦୀର ଏକ ଡାକରା ଦେବାକୁ ପ୍ରସ୍ତୁତ ହୁଏ ସେଠାରେ ଜଣେ ମହିଳା ଉପରକୁ ଡେଇଁପଡ଼ନ୍ତି, ଓ ସେଠାରେ ସେହି ଗଳିପଥରେ ଉପର ତଳକୁ ଦୌଡନ୍ତି, ପରଭାଷାରେ କଥା କୁହନ୍ତି, ଏବଂ ସେ ସେହି ବେଦୀର ଡାକରାକୁ ଖଣ୍ଡ ଖଣ୍ଡ କରି ନଷ୍ଟ କରି ଦିଅନ୍ତି । ଏବଂ ମୋତେ କେବଳ ବାହାରି ଯିବାକୁ ପଡିଥାଏ । ଆପଣ ଆତ୍ମାକୁ ଦୁଃଖିତ ହେଉଥିବାର—ହେଉଥିବାର ଦେଖିପାରିବେ, ଆପଣ ଦେଖନ୍ତୁ । କୌଣସି ବି ବିଷୟ ପରମେଶ୍ୱରଙ୍କ ଆତ୍ମାକୁ ଦୁଃଖ କରିବ ନାହିଁ ଯଦି ଏହା କ୍ରମରେ ଥାଏ । ବୁଝିଲେ? [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା ।] ...ସେ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଥିବାର ଠିକ ପୂର୍ବରୁ, ସେ ଆପଣାକୁ କିପରି ଭାବରେ ପ୍ରସ୍ତୁତ କରୁଥାନ୍ତି, କାରଣ ମୁଁ ତାଙ୍କୁ ଦେଖୁଥିଲି । କୌଣସି ବି ସେବକ ତାହା କରିବେ ଯେତେବେଳେ ସେ କିଛି ବିଷୟକୁ କ୍ରମ ବାହାରେ ହେଉଥିବାର ଦେଖନ୍ତି । ତେବେ ଏହି ମହିଳା ଜଣକ ସେଠାରେ ପଛରେ ଥିଲେ ଏବଂ ସେ ବିଲିଙ୍କୁ କହିଲେ, ଏବଂ ବିଲି ମୋତେ କହିଲେ ଯେତେବେଳେ ମୁଁ ସେହି ରାତିରେ ଭିତରକୁ ଆସୁଥିଲି, କହିଲେ, "ବାପା, କଅଣ ଆପଣ ସେହି ମହିଳାକୁ ଜାଣିଛନ୍ତି କି ଯିଏକି ଦୁଇ ରାତି ହେଲାଣି, ସେହି—ସେହି ବେଦୀର ଡାକରାକୁ ଭାଙ୍ଗି ଦେଉଅଛି?"

"ହଁ ।"

360 କହିଲେ, "ସେ ସେଠାରେ ବସିଥିଲେ," କହିଲେ, "ସେ କହିଲେ, 'ପରମେଶ୍ୱରଙ୍କର ମହିମା ହେଉ, ବିଲି, ଆଜି ରାତିରେ ମୁଁ ଆଉ ଏକ ବାର୍ତ୍ତା ପାଇଲି!'"

361 ତେବେ, ବର୍ତ୍ତମାନ, ଆପଣ ଦେଖନ୍ତୁ, ମୁଁ ତାଙ୍କୁ ଦର୍ଶକବୃନ୍ଦଙ୍କ ମଧ୍ୟରେ ଦେଖୁଥିଲି । ସେଠାରେ ହଜାର ହଜାର ଲୋକମାନେ ଥିଲେ; ସେହିଠାରେ ହିଁ ତାହା ଥିଲା ଯେତେବେଳେକି *ରିଡର୍ସ ଡାଇଜେଷ୍ଟ* ଡନି ମୋର୍ଟନ୍‌ଙ୍କ ଆରୋଗ୍ୟତା ବିଷୟରେ ଲେଖିଥିଲା, ଆପଣ ଜାଣନ୍ତି, *ଡନି ମୋର୍ଟନ୍‌ଙ୍କ ଚମତ୍କାର* । ତେଣୁ ମୁଁ ସେହି ମହିଳାଙ୍କୁ ଲକ୍ଷ୍ୟ କଲି, ଏବଂ ଠିକ ସେହି ସମୟରେ ଯେତେବେଳେକି ମୁଁ ମୋର ବେଦୀର ଡାକରା କରିବାକୁ ଆରମ୍ଭ କଲି, ସେ...ବର୍ତ୍ତମାନ, ସେ କେବଳ ତାଲିମପ୍ରାପ୍ତ ହୋଇ ନ ଥିଲେ; ନିଃସନ୍ଦେହତଃ, ଜଣେ ଭଲ ନାରୀ ଥିଲେ । କିନ୍ତୁ ସେ ଚାରିଆଡ଼କୁ ଚାହିଁଲେ, ସେ ନିଜର କେଶକୁ ଠିକ୍ କରିବାକୁ ଲାଗିଲେ । ଦେଖନ୍ତୁ, ତାଙ୍କର ଛୋଟ ଛୋଟ କେଶ ଥିଲା । ତେଣୁକରି, ଆପଣ ଦେଖନ୍ତୁ, ସେ ଆସେମ୍ବଲିଜ କିମ୍ବା ସେହି ମଣ୍ଡଳୀମାନଙ୍କ ମଧ୍ୟରୁ କାହାରି ସହିତ ସମ୍ପୃକ୍ତ ଥିଲେ ଯାହାକି—ଯାହାକି ତାହା ଅନୁମତି ଦେଉଥିଲା । ସେ ନିଜର କେଶକୁ ସଜାଡିଥିଲେ । ସେ ତଳକୁ ଝୁଙ୍କି ପଡି ତାଙ୍କର ଷ୍ଟକିଙ୍ଗକୁ ଉପରକୁ ଟାଣିଲେ, ସେହିପରି ଭାବରେ ପ୍ରସ୍ତୁତ ହୋଇଥିଲେ । ଏବଂ ପ୍ରାୟଃ ଠିକ

ସେହି ସମୟରେ ଯେତେବେଳେ ମୁଁ ବେଦୀର ଡାକରା ଦେବାକୁ ଆରମ୍ଭ କଲି…ମୁଁ କହିଲି, "ତେବେ, ଏଠାରେ କେତେଜଣ ଅଛନ୍ତି…ବର୍ତ୍ତମାନ ସେଠାରେ କେତେଜଣ ଉପସ୍ଥିତ ଅଛନ୍ତି ଯେଉଁମାନେକି ଆଗକୁ ଆସିବାକୁ ଚାହିଁବେ ଏବଂ—ଏବଂ ସେମାନଙ୍କର ହୃଦୟକୁ ପ୍ରଭୁ ଯୀଶୁଙ୍କୁ ଦେବାକୁ ଚାହିଁବେ?"

362 ସେ ଡେଇଁ ପଡିଲେ। ମୁଁ କହିଲି, "ବସି ପଡନ୍ତୁ।" ସେ ଆରମ୍ଭ କଲେ। ମୁଁ କହିଲି, "ବସି ପଡନ୍ତୁ!" ବୁଝିଲେ? ଏବଂ, ପିଲାଏ, ସମସ୍ତେ…ମୁଁ କେବଳ ଅଟକି ଗଲି। ସେ ଏପରି ଆଚରଣ କରୁଥିଲେ ଯେପରିକି ସେ ମୋ କଥା ଶୁଣି ନ ଥିଲେ, ଏବଂ ମୁଁ ଏହାକୁ ପୁନର୍ବାର ବଡ଼ ପାଟିରେ ଚିତ୍କାର କରି କହିଲି। ସେହି ଥରକ ସେ ମୋତେ ଶୁଣିଲେ, କାରଣ ମୁଁ ଠିକ ସେଠାରେ ସେହି ବଡ ମାଇକ୍ରୋଫୋନ୍ ସହିତ ଛିଡା ହୋଇ ସେହି ଭବନକୁ ଦୋହଲାଇ ଦେବାକୁ ଚାହିଁଥିଲି। ଏବଂ ସେ ବସି ପଡ଼ିଲେ।

363 ମୁଁ କହିଲି, "ବର୍ତ୍ତମାନ, ମୁଁ ଯେପରି କହୁଥିଲି, କେତେଜଣ ବେଦୀ ନିକଟକୁ ଆସି ସେମାନଙ୍କର ହୃଦୟକୁ ପରମେଶ୍ଵରଙ୍କୁ ଦେବାକୁ ଚାହିଁବେ?" ଏବଂ ମୁଁ ଠିକ ସଭା ସହିତ ଆଗକୁ ବଢିଲି, ଦେଖନ୍ତୁ।

364 ଏବଂ ସେହି ରାତିରେ ଯେତେବେଳେ ମୁଁ ଟ୍ରକ ଆଡକୁ ଯିବା ଆରମ୍ଭ କଲି, ମୋତେ ଚାରି ଆଡୁ ଘେରି ଦେଲେ। ଏବଂ ଏଠାରେ ସେହି ସ୍ତ୍ରୀଲୋକମାନଙ୍କର ଏକ ଦଳ କୁକୁଡ଼ା ଚିଆଁର ଏକ ସମୂହ ପରି ଛିଡା ହୋଇଥିଲେ, ଆପଣ ଜାଣନ୍ତି, "ଆପଣ ପବିତ୍ରଆତ୍ମାଙ୍କୁ ନିନ୍ଦା କଲେ।"

365 ମୁଁ କହିଲି, "କଅଣ ମୁଁ କଲି?" ମୁଁ କହିଲି, "ମୁଁ କିପରି ଭାବରେ ନିର୍ଦ୍ଦେଶଗୁଡିକୁ ଅନୁସରଣ କରି-…ଶାସ୍ତ୍ରର ଘୋଷଣାକୁ ଅନୁସରଣ କରି ପବିତ୍ରଆତ୍ମାଙ୍କୁ ନିନ୍ଦା କରିପାରେ?" ଦେଖନ୍ତୁ?

366 ଏବଂ ଏହି ସ୍ତ୍ରୀ ଜଣକ କହିଲେ, "ମୋତେ ସୀଧା ସଳଖ ଠିକ୍ ପରମେଶ୍ଵରଙ୍କଠାରୁ ଏକ ବାର୍ତ୍ତା ମିଳିଥିଲା।"

367 ମୁଁ କହିଲି, "କିନ୍ତୁ ଆପଣ ଏହାକୁ ଭୁଲ ସମୟରେ ପ୍ରଦାନ କରୁଥିଲେ, ଭଉଣୀ।" ମୁଁ କହିଲି, "ମୁଁ ନୁହେଁ…"

"କଅଣ ଆପଣ କହୁଛନ୍ତି ଯେ ତାହା—ତାହା ପରମେଶ୍ଵରଙ୍କର ନ ଥିଲା?"

368 ମୁଁ କହିଲି, "ମହିଳା, ମୁଁ ଆପଣଙ୍କୁ କହି ପାରିବି ନାହିଁ।" ମୁଁ କହିଲି, "ମୁଁ—ମୁଁ—ମୁଁ ବିଶ୍ଵାସ କରେ ଯେ ଏହା ଥିଲା, ଦେଖନ୍ତୁ।" ମୁଁ କହିଲି, "ମୁଁ ଏହାକୁ ଆପଣଙ୍କର ଲାଭ ପାଇଁ କହିବି, ଯେ, 'ମୁଁ କହୁଛି ଯେ ମୁଁ ବିଶ୍ଵାସ କରେ ଏହା ତାହା ଥିଲା।' ଏବଂ ମୁଁ ବିଶ୍ଵାସ କରେ ଯେ ଆପଣ ଜଣେ ଭଲ ମହିଳା ଅଟନ୍ତି, ମାତ୍ର ଆପଣ କ୍ରମରୁ ବାହାରେ ଥିଲେ।"

369 ଏବଂ ସେଠାରେ ତାଙ୍କର ପାଳକ ସେଠି ଛିଡା ହୋଇଥିଲେ। ମୁଁ ଜାଣିଥିଲି ସେ ତାଙ୍କର ପାଳକ ଅଟନ୍ତି, ଦେଖନ୍ତୁ। ଏବଂ ମୁଁ କହିଲି…ମୁଁ—ମୁଁ କହିଲି, "କେବଳ ଗୋଟିଏ କଥା ମୁଁ କହିପାରେ, ଯେ ହୁଏତ ଆପଣ ଶରୀରରେ ଥିଲେ କିମ୍ଵା ଆପଣ ଜଣେ ଏପରି ପାଳକ

ପାଇଛନ୍ତି ଯିଏକି ଆପଣଙ୍କୁ ତାଲିମ ଦେଇଛନ୍ତି ଯିଏ ଶାସ୍ତ୍ର ବିଷୟରେ କିଛି ହେଲେ ଜାଣନ୍ତି ନାହିଁ।" ମୁଁ କହିଲି, "ତାଙ୍କୁ ଆସି ଆମ ସହିତରେ ଶାସ୍ତ୍ର ବିଷୟରେ ଅଳ୍ପ ଟିକିଏ କଥା ହେବା ଉଚିତ୍। ତାହା ଭୁଲ ଅଟେ, ଆପଣ କ୍ରମରୁ ବାହାରେ ଅଟନ୍ତି। ଆପଣ ଅନେକ ପ୍ରାଣ ହରାଇଛନ୍ତି, ଗତ ରାତି ପୂର୍ବରୁ, ଏବଂ ଗତ ରାତିରେ ପୁଣି ଅନେକେ, ଏବଂ ଆଜି ରାତି ମଧ୍ୟ ସେହି ସମାନ କାର୍ଯ୍ୟ କରିଥାଆନ୍ତ।"

370 ଏବଂ ଏହି ବ୍ୟକ୍ତିଟି କହିଲେ, "ଭାଇ ବ୍ରାନହାମ୍," କହିଲେ, "ମୋତେ କ୍ଷମା କରିବେ।"

ମୁଁ କହିଲି, "ଆପଣଙ୍କର କହିବାର ଅର୍ଥ କଅଣ?"

371 କହିଲେ, "ତାଙ୍କର ସେହି ବାର୍ତ୍ତା ଦେବାର ଏକ ଅଧିକାର ରହିଥିଲା, ଆପଣ ଦେଇ ସାରିଥିଲେ।"

372 ମୁଁ କହିଲି, "ମୁଁ ମଞ୍ଚ ଉପରେ ଥିଲି, ଏବଂ ଭବିଷ୍ୟଦ୍‌ବକ୍ତାଙ୍କ ଆତ୍ମା ଭବିଷ୍ୟଦ୍‌ବକ୍ତାଙ୍କର ଅଧୀନରେ ଅଟେ। ମୁଁ ଏପର୍ଯ୍ୟନ୍ତ ସୁଦ୍ଧା ମଞ୍ଚ ଉପରେ ଥିଲି।"

ଏବଂ ସେ କହିଲେ, "ତେବେ…"

373 ମୁଁ କହିଲି, "ମୋ ପାଖରେ ଏବେ ସୁଦ୍ଧା ବାର୍ତ୍ତା ରହିଥିଲା। ମୁଁ ମୋର ବେଦୀର ଡାକରା ଦେଉଥିଲି, ତାହା ତ ମଝିରେ ଭିତରକୁ ପଶି ଯିବା ଅଟେ। ମୁଁ ମୋର ଜାଲ ଫୋପାଡି ଥିଲି, ମୁଁ ବର୍ତ୍ତମାନ ଏହାକୁ ଟାଣୁଥିଲି। ସେଠାରେ ତାହାକୁ ଗଡବଡ଼ କରିବା ନିମନ୍ତେ ତାରବାଡ କିମ୍ବା ସେହିପରି କିଛି ବିଷୟ ପକାନ୍ତୁ ନାହିଁ, ଦେଖନ୍ତୁ।" ମୁଁ କହିଲି, "ମୁଁ ସେପର୍ଯ୍ୟନ୍ତ ସୁଦ୍ଧା ମୋର ଜାଲକୁ ଟାଣୁଥିଲି।" ଏବଂ—ଏବଂ ମୁଁ କହିଲି, "ପ୍ରାଣଗୁଡିକୁ ଭିତରକୁ ନେଇ ଆସିବା ସହିତରେ—ସହିତରେ ସେ ହସ୍ତକ୍ଷେପ କରିଥିଲେ। ସେହି…ପ୍ରଚାର କରିବା କିମ୍ବା ଅନ୍ୟ କିଛି କରିବା କଅଣ ଲାଭ କରିବ ଯଦି ଆପଣ ଡାକିବେ ନାହିଁ ଏବଂ ପାପୀମାନଙ୍କୁ ଆସିବା ନିମନ୍ତେ ବଳାଇବେ ନାହିଁ? ବୁଝିଲେ?"

374 ଏବଂ ସେ କହିଲେ, "ତେବେ, ତାଙ୍କର ବାର୍ତ୍ତା ତ ଆପଣଙ୍କ ପରେ ଆସିଥିଲା। ତାଙ୍କ ଟା ତ ଠିକ୍ ମଞ୍ଚର ବାହାରେ ଥିଲା…ତାଙ୍କ ଟା ତ ଠିକ୍ ସୀଧାସଳଖ ପରମେଶ୍ୱରଙ୍କଠାରୁ ଥିଲା।"

375 ମୁଁ କହିଲି, "'ଯଦି କୌଣସି ବ୍ୟକ୍ତି ନିଜକୁ ଆତ୍ମିକ କିମ୍ବା ଭାବବାଦୀ ବୋଲି ବିବେଚନା କରନ୍ତି ତାହହେଲେ ମୁଁ ଯାହା କହୁଛି ତାହା ପ୍ରଭୁଙ୍କ ଆଦେଶ ବୋଲି ସେ ସ୍ୱୀକାର କରନ୍ତୁ। ମାତ୍ର ଯଦି ସେ ଅଜ୍ଞ ଅଟନ୍ତି, ତେବେ ତାଙ୍କୁ ଅଜ୍ଞ ରହିବାକୁ ଦିଅନ୍ତୁ। ଆମର ସେପରି କୌଣସି ପ୍ରଥା ନାହିଁ, କି ପରମେଶ୍ୱରଙ୍କ ମଣ୍ଡଳୀରେ ମଧ୍ୟ ନାହିଁ।'" ପାଉଲଙ୍କ ଉଦ୍ଧୃତ କରୁଥିଲି, ଆପଣ ଜାଣନ୍ତି। ମୁଁ କହିଲି, "ନା, ମହାଶୟ, କିଛି ନୂଆ ନୁହେଁ! ସେ…ଯୀଶୁ କହିଲେ, 'ପ୍ରତ୍ୟେକ ବ୍ୟକ୍ତିର କଥା ମିଛ ହେଉ ଏବଂ ମୋର ସତ୍ୟ ହେଉ।' ପାଉଲ କହିଲେ, 'ଯଦି ସ୍ୱର୍ଗର ଜଣେ ଦୂତ ସୁଦ୍ଧା ଏହା ବ୍ୟତୀତ ଅନ୍ୟ କୌଣସି ବିଷୟ ସହିତରେ ଆସନ୍ତି ଯାହାକି ଏଠାରେ ଅଛି, ତେବେ ସେ ଶାପଗ୍ରସ୍ତ ହେଉ।'" ମୁଁ କହିଲି, "ମହାଶୟ, ଆପଣ ଦୃଢ଼ ଭାବରେ ପଂକ୍ତିରୁ ବିଚ୍ୟୁତ ଅଟନ୍ତି।" ମୁଁ କହିଲି, "ଆପଣଙ୍କର କି ପ୍ରକାର ଏକ ମଣ୍ଡଳୀ ଅଛି? ମୁଁ ସୁନିଶ୍ଚିତ ଅଟେ ଯେ

ତାହା ଏକ ବଡ ଦ୍ୱନ୍ଦ୍ୱ ହୋଇଥିବ । ବୁଝିଲେ? ଯଦି ଆପଣ ସେହି ଲୋକମାନଙ୍କୁ ତାହା କରିବାକୁ ଦେବେ ତାହାହେଲେ ଆପଣ କିପରି ଭାବରେ କେବେ ନିଜର ବେଦୀର ଡାକରା କରିବେ? ସେହି ସ୍ତ୍ରୀର ଏକ ସେବାକାର୍ଯ୍ୟ ଅଛି, ସେମାନେ ସମସ୍ତଙ୍କର ଏକ ସେବାକାର୍ଯ୍ୟ ଅଛି, ମାତ୍ର ଆପଣଙ୍କର ନିଜର ସେବାକାର୍ଯ୍ୟ ପାଇଁ ସମୟ ରହିଛି, ଦେଖନ୍ତୁ, ଯାହାକି ଦିଆ ଯାଇଅଛି ।"

376 ତେଣୁକରି ତାହା ଠିକ୍ ଅଟେ । ନା, ଏବଂ ତେବେ ଯଦି ତାହା *ଆମ* ମଣ୍ଡଳୀରେ ସେପରି ହୁଏ, ଏହିପରି ଭାବରେ, ମଣ୍ଡଳୀରେ ଏଠାରେ ଆମର କିଛି ଭାଇ କିମ୍ଵା ଭଉଣୀମାନଙ୍କ ଦ୍ୱାରା ଯେଉଁମାନେକି ପରଭାଷାରେ କଥା କହିଥାଆନ୍ତି, ତେବେ, ଗୀର୍ଜା ହୋଇସାରିବା ପରେ ସେହି ଦୀକନ୍‌ମାନେ, ସେହି ବୋର୍ଡ ମୁଁ ଭାବୁଛି ସେମାନଙ୍କୁ ଏକାଠି ସାକ୍ଷାତ କରିବା ଉଚିତ୍, ଏବଂ କହିବା ଉଚିତ୍, "ଆସନ୍ତୁ ମୋତେ କିଛି ସମୟ ପାଇଁ, ଆପଣଙ୍କୁ ଏକ ଟେପ୍‌ରେ କିଛି ବିଷୟ ଉଦ୍ଧୃତ କରିବାକୁ ଦିଅନ୍ତୁ, ଆପଣ ଦେଖନ୍ତୁ ।" ଦେଖନ୍ତୁ, ଆପଣ ତ କେବଳ...କିମ୍ଵା—କିମ୍ଵା, ସେହି ପାଳକ, କୁହନ୍ତି, "ମୁଁ—ମୁଁ ସୁନିଶ୍ଚିତ ଅଟେ ଯେ ପାଳକ ଆପଣଙ୍କ ସହିତରେ କଥା ହେବାକୁ ଚାହାଁନ୍ତି । କଅଣ ଆପଣ କେବଳ ଅଳ୍ପ କିଛି ସମୟ ପାଇଁ ଆମ ସହିତ ଏଠାରେ ସେହି ଅଧ୍ୟୟନ କକ୍ଷରେ ସାକ୍ଷାତ କରିବେ କି, ଦେଖନ୍ତୁ, ଭାଇ ।" ଯେତେବେଳେ, ତାହାପରେ ସେଠାରେ ଭିତରକୁ ଯାଆନ୍ତୁ ଏବଂ ତାଙ୍କ ସହିତ ପ୍ରକୃତରେ ସୁନ୍ଦର ଭାବରେ କଥା ହୁଅନ୍ତୁ । ବୁଝିଲେ? ଏବଂ କୁହନ୍ତୁ...

377 କିନ୍ତୁ, ବର୍ତ୍ତମାନ, ଯଦି ସେମାନେ ସମସ୍ତେ କ୍ରମରୁ ବାହାରି ଯାଇଥାଆନ୍ତି ଏବଂ ଆପଣଙ୍କର ପାଳକଙ୍କୁ ବିବ୍ରତ କରୁଥାନ୍ତି, ଦେଖନ୍ତୁ, ଯଦି—ଯଦି ସେମାନେ ଆପଣଙ୍କର ପାଳକଙ୍କୁ ବିବ୍ରତ କରୁଥାନ୍ତି, ତେବେ ଆପଣ ପ୍ରାଚୀନମାନେ ତାଙ୍କ ନିକଟକୁ ଯାଇ ଏହା କହିବା ଉଚିତ୍, "ଗୋଟିଏ କ୍ଷଣ ରୁହନ୍ତୁ ।" ଏବଂ ଯଦି ପାଳକ ସେମାନଙ୍କୁ ରୋକିବା ପାଇଁ ଆପଣଙ୍କୁ ଇଶାରା କରନ୍ତି, ତେବେ ସେ ଠିକ ସେହିଠାରେ ସେହି ଆତ୍ମାକୁ ଧରି ଦେଇଥାନ୍ତି, ଯେ ତାହା ହେଉଛି...ଯେ ସେମାନେ ସଭାର ଆତ୍ମାକୁ ଭାଙ୍ଗୁଛନ୍ତି, ଆପଣ ଦେଖନ୍ତୁ ।

378 ତେଣୁକରି ଯଦି ପାଳକ ଅଟକି ଯାଆନ୍ତି ଏବଂ ସମ୍ମାନର ସହ ମୁଣ୍ଡ ନୁଆଁଇଥାନ୍ତି, ତେବେ କିଛି ହେଲେ କୁହନ୍ତୁ ନାହିଁ । ବୁଝିଲେ? କିଛି ହେଲେ କୁହନ୍ତୁ ନାହିଁ; ପାଳକଙ୍କ ଉପରେ ଛାଡି ଦିଅନ୍ତୁ । କିନ୍ତୁ ଆପଣ ନିଜର ପାଳକଙ୍କୁ ଦେଖନ୍ତୁ । ଯଦି ସେ ଆପଣଙ୍କୁ ସେପରି କିଛି ଇଶାରା କରନ୍ତି, ଯେ ଆପଣ ଏହାକୁ ବନ୍ଦ କରି ଦେବା ଉଚିତ୍, ତାହାହେଲେ ଖ୍ରୀଷ୍ଟିଆନ ପ୍ରେମ ସହିତ ଯାଆନ୍ତୁ, କୁହନ୍ତୁ, "ମୋ ଭାଇ, ଭଉଣୀ," ତାହା ଯାହା ବି ହୋଇ ଥାଇପାରେ, "ମୁଁ ବିଶ୍ୱାସ କରେ ଯେ ଆପଣ କ୍ରମରୁ ବାହାର ହୋଇ ଯାଇଛନ୍ତି, କାରଣ ଆପଣ ଭବିଷ୍ୟଦ୍‌ବକ୍ତାଙ୍କୁ ବିବ୍ରତ କରୁଅଛନ୍ତି, ଆପଣ ଦେଖନ୍ତୁ । ତାଙ୍କ ପାଖରେ ପରମେଶ୍ୱରଙ୍କଠାରୁ ଏକ ବାର୍ତ୍ତା ରହିଛି । ଯେତେବେଳେ ସେ ତାଙ୍କର ବାର୍ତ୍ତା ଦେଇ ସାରନ୍ତି, ତାହାପରେ ଆମେ ଯାଇ ଟିକିଏ ପରେ ଏହା ବିଷୟରେ ଦେଖିବା ।" ଦେଖନ୍ତୁ, ଯଦି ଏହା ତାଙ୍କୁ ବିଚଳିତ କରୁଅଛି ।

379 କିନ୍ତୁ ଯଦି ଏହା କେହି ବାହାରୁ ଅଟନ୍ତି, ଏବଂ ପାଳକ ମହୋଦୟ ସମ୍ମାନର ସହିତ କେବଳ ଅଟକି ଯାଆନ୍ତି ଓ ଗୋଟିଏ ମିନିଟ୍ ଅପେକ୍ଷା କରନ୍ତି, ତାହାପରେ ସେ...ହୋଇପାରେ ଯେ

ସେ ଠିକ୍ ଆରମ୍ଭ କରିବେ, ଆପଣ ଦେଖନ୍ତୁ । ତେଣୁକରି...ଏବଂ ଯଦି ଆପଣ ଧ୍ୟାନ ଦେବେ, ନବେ ପ୍ରତିଶତ ସମୟ ସେହି ପ୍ରକାରେ, ସେହି ବ୍ୟାଖ୍ୟାମାନ, ଏହା ସର୍ବଦା କେବଳ କିଛି ଶାସ୍ତ୍ରାଂଶ କିମ୍ବା ସେହିପରି କିଛି ବିଷୟ ଉଦ୍ଧୃତ କରୁଥିବ, ଯାହାକି ବୋଧହୁଏ ରେଖାର ଉଭୟ ପାର୍ଶ୍ୱରେ ମାଂସମୟ ବିଷୟ ହିଁ ଅଟେ । ଆପଣ ଜାଣନ୍ତି ଯେ ମୋର ସେହିପରି କହିବାର ଅର୍ଥ କଅଣ ଅଟେ । ବୁଝିଲେ? ଠିକ୍ ଅଛି ।

## 122. ବିନା ବ୍ୟାଖ୍ୟାରେ ପରଭାଷାରେ ଏକ ବାର୍ତ୍ତା କହିବା ନିମନ୍ତେ କଅଣ ଜଣେରୁ ଅଧିକଙ୍କୁ ଅନୁମତି ଅଛି କି?

380 ନା । ସେଗୁଡିକୁ ତ ଗୋଟିଏ ପରେ ଗୋଟିଏ ହିଁ ଆସିବା ଉଚିତ୍ । ବୁଝିଲେ? ଜଣେ ଦିଅନ୍ତି...ଜଣେ କଥା କୁହନ୍ତି, ଏବଂ ତାହାପରେ ବ୍ୟାଖ୍ୟା ଦିଅନ୍ତି । ବୁଝିଲେ? ଏବଂ ତାହାପରେ ଯଦି ଅନ୍ୟ କେହି କୁହନ୍ତି, ସେହି ବ୍ୟାଖ୍ୟା; 'କାରଣ ଯଦି ଆପଣ କହିବେ ନାହିଁ, ସେହି ଅନୁବାଦକ ଜାଣିବେ ନାହିଁ ଯେ ସେ କଅଣ କରୁଛନ୍ତି କାରଣ ସେଠାରେ ଦୁଇ କିମ୍ବା ତିନୋଟି ବାର୍ତ୍ତା ଏକା ଥରକେ ତାଙ୍କ ପାଖକୁ ଆସୁଥାଏ, ଆପଣ ଦେଖନ୍ତୁ, ଏବଂ ତାହା ତାଙ୍କୁ ଦ୍ୱନ୍ଦ୍ୱରେ ପକାଇ ଦେବ । ଏବଂ ପରମେଶ୍ୱର ଦ୍ୱନ୍ଦ୍ୱର ରଚନାକାରୀ ନୁହଁନ୍ତି, ଆପଣ ଦେଖନ୍ତୁ । ତେଣୁ ଜଣେ କୁହନ୍ତୁ, ଏବଂ ଆଉ ଜଣେ ବ୍ୟାଖ୍ୟା କରନ୍ତୁ । ବୁଝିଲେ? ଆଉ ତାହାପରେ...ତିନୋଟି ବାର୍ତ୍ତା ଦିଆଯାଉ, କିନ୍ତୁ ପ୍ରତ୍ୟେକ ବାର୍ତ୍ତା ବ୍ୟାଖ୍ୟା କରାଯାଉ ।

381 ତାହାପରେ ଆମେମାନେ ପାଇବା...ଯେପରିକି ଯଦି ଭାଇ ରୁଡେଲ କଥା କୁହନ୍ତି ଏବଂ ଭାଇ ନେଭିଲ୍ ଏକ ବ୍ୟାଖ୍ୟା ଦିଅନ୍ତି, ଭାଇ ଫ୍ରେଡ୍ ତାହାହେଲେ କେବଳ ନୀରବ ରହିବେ । ଦେଖନ୍ତୁ, ସେହି ବ୍ୟାଖ୍ୟା ପ୍ରାପ୍ତ କରନ୍ତୁ । ପ୍ରଥମେ, ଏହା ପ୍ରଥମେ ବିଚାର କରାଯିବାକୁ ଅଛି, ଏହା ଦେଖିବା ନିମନ୍ତେ ଯେ ତାହା ପରମେଶ୍ୱରଙ୍କର କି ନୁହେଁ, ପ୍ରଥମ ସ୍ଥାନରେ । ବୁଝିଲେ? ଏବଂ ଠିକ୍ ଅଛି । ବର୍ତ୍ତମାନ, ଯଦି ଭାଇ ରୁଡେଲ କଥା କୁହନ୍ତି, ଭାଇ ବିଲର୍ କୁହନ୍ତି, ଭାଇ ନେଭିଲ୍ କୁହନ୍ତି, ତେବେ ସେହି ବେଚାରା ଅନୁବାଦକଙ୍କ ପାଖରେ ତିନୋଟି ବାର୍ତ୍ତା ଧାଡ଼ିରେ ରହିଥାଏ; କଅଣ—କଅଣ, ସେ କେଉଁଠାରେ ଜାଣିବେ ଯେ କଅଣ କରିବାକୁ ଅଛି? ବୁଝିଲେ? ତାଙ୍କୁ ଏକାକୀ ଛାଡିଦିଅନ୍ତୁ । ବାର୍ତ୍ତା ଦିଅନ୍ତୁ ଏବଂ ତାହାପରେ ନିଜର ଶାନ୍ତ ରୁହନ୍ତୁ, କେବଳ ଅପେକ୍ଷା କରନ୍ତୁ । ତେବେ ତାଙ୍କ ପାଖରେ ବସିଥିବା ପରବର୍ତ୍ତୀ ବ୍ୟକ୍ତିଙ୍କଠାରେ କିଛି ଗୋଟାଏ ପ୍ରକାଶ କରାଯାଉ; ସେ ନୀରବ ରୁହନ୍ତୁ, କେବଳ ଚୁପ୍ କରି ବସିଥାଆନ୍ତୁ । ବୁଝିଲେ? ଏବଂ ତାହାପରେ ବ୍ୟାଖ୍ୟା ଆସୁ ।

382 ତାହାପରେ, ଯେତେବେଳେ ଆପଣ ତାହା କରନ୍ତି, ସେତେବେଳେ ଏହାକୁ ଲେଖନ୍ତୁ, ଅର୍ଥକାରକମାନେ କଅଣ କୁହନ୍ତି ଦେଖନ୍ତୁ । ବୁଝିଲେ? ଯଦି ସେମାନେ କୁହନ୍ତି, "ତେବେ, ଏହା—ଏହା ପରମେଶ୍ୱରଙ୍କର ଅଟେ ।" ଠିକ ଅଛି, ସେଠାରେ ଏକ ବାର୍ତ୍ତା ଅଛି, ଦେଖନ୍ତୁ, ଏହାକୁ ଲେଖି ରଖନ୍ତୁ । ତାହାପରେ ମାତ୍ର ଗୋଟିଏ ମିନିଟ୍ ଅପେକ୍ଷା କରନ୍ତୁ । ଏବଂ ପ୍ରଥମ ବିଷୟ ଆପଣ ଜାଣନ୍ତି, ତେବେ, ତାହାପରେ ଆତ୍ମା ତାଙ୍କ ଉପରେ ବିଚରଣ କରୁଥିବ, ସେ କଥା କହିବେ । ତାହାପରେ ଅନୁବାଦକ ଗୋଟିଏ ମିନିଟ୍ ଅପେକ୍ଷା କରନ୍ତୁ, ଦେଖନ୍ତୁ ଯେ

ପବିତ୍ରଆତ୍ମା କଅଣ କହିବାକୁ ଯାଉଛନ୍ତି । ଏଠାରେ ସେ ସେହି ବାର୍ତ୍ତା କହିବା ପାଇଁ ଆସନ୍ତି, ଆପଣ ଦେଖନ୍ତୁ । ଏବଂ ତାହାପରେ ସେ ତାହାକୁ ଲେଖି ପକାଇବେ, ଦେଖନ୍ତୁ । ଏବଂ ତେବେ ଏହା ତିନି ଜଣଙ୍କ ପାଳି ଅନୁସାରେ ହେଉ ।

**123. ଭାଇ ବ୍ରାନହାମ୍, ଆମେ ଜାଣୁ ଯେ ଆପଣ ପରମେଶ୍ୱରଙ୍କଠାରୁ ଏହି ମଣ୍ଡଳୀ ଯୁଗ ନିମନ୍ତେ ପ୍ରେରିତ ଜଣେ ବାର୍ତ୍ତାବହ ଅଟନ୍ତି । ସେହି ସମାନ ଚିହ୍ନଗୁଡିକ ଯାହା ଯୀଶୁଙ୍କର ଅନୁବର୍ତ୍ତୀ ଥିଲା ତାହା ଆପଣଙ୍କର ଅନୁବର୍ତ୍ତୀ ଥିବା ଆମେ ଦେଖୁଅଛୁ, ଏବଂ ଆମେ... ବୁଝୁଅଛୁ ଯେ କାହିଁକି କେତେକେ ଯେଉଁମାନେକି ଆପଣଙ୍କୁ ଭଲ ଭାବରେ ଜାଣନ୍ତି ଏହା ଭାବନ୍ତି ଯେ ଆପଣ ମଶୀହ ଅଟନ୍ତି । କଅଣ ଆପଣ ପରମେଶ୍ୱରଙ୍କ ସହ ଏବଂ ଖ୍ରୀଷ୍ଟଙ୍କ ସହ ଥିବା ନିଜର ସମ୍ପର୍କ ବିଷୟରେ ପାର୍ଥକ୍ୟକୁ ବ୍ୟାଖ୍ୟା କରିବେ କି?**

383 ତେବେ, ମୁଁ ଜାଣେ, ଭାଇମାନେ, ତାହା ସତ୍ୟ ଅଟେ । ଦେଖନ୍ତୁ, ମାତ୍ର ଆସନ୍ତୁ ଅପେକ୍ଷା କରିବା, ମୁଁ ଏଠାରେ ତାହା ଉପରେ କିଛି ଗୋଟାଏ ଲେଖି ରଖିଛି, କେବଳ ଗୋଟିଏ ମିନିଟ୍ । ଦେଖନ୍ତୁ, ଅନେକ ଥର ଏହାକୁ ଭୁଲ ବୁଝାଯାଏ । ବୁଝିଲେ? କିନ୍ତୁ, ବର୍ତ୍ତମାନ, ବ୍ୟକ୍ତିଙ୍କ ଭିତରେ ବେଳେ ବେଳେ...ଏବଂ ମୁଁ ଚାହେଁ ଯେ ଆପଣମାନଙ୍କ ମଧ୍ୟରୁ କେତେ ଜଣ ମୋ ସହିତ ଲୂକ, ତାର ୩ୟ ପର୍ବ ଏବଂ 15ତମ ପଦକୁ ଆସନ୍ତୁ । ଯେତେବେଳେ ଆପଣ ତାହା କରୁଛନ୍ତି, ହୋଇପାରେ ଯେ ମୁଁ ଆପଣଙ୍କୁ ଏହା କହୁ ଥାଇପାରେ...ଯେତେବେଳେ ଆପଣ ଏହା ପାଇ ଯାଆନ୍ତି, ଯେ ଏହା ଲୂକ ୩ ଅଟେ, ଏହା...ହୋଇପାରେ...ଏହା ସେଥିରେ ଅଛି...ମୋତେ କେବଳ କରିବାକୁ ଦିଅନ୍ତୁ...ମୁଁ କବାଟ ବନ୍ଦ କରିବାକୁ ଯାଉ ନାହିଁ, 'କାରଣ ସେଠାରେ କେହି ନାହାଁନ୍ତି । ଭାଇମାନେ, ଆସନ୍ତୁ—ଆସନ୍ତୁ ମୋତେ କେବଳ ଏହାକୁ ଆପଣଙ୍କୁ କହିବାକୁ ଦିଅନ୍ତୁ । ଆପଣ ଏହା ଶୁଣିଛନ୍ତି, ଏହା ସର୍ବତ୍ର ଚାରିଆଡେ ଅଛି । କିନ୍ତୁ ଆସନ୍ତୁ, ମୋତେ ଆପଣଙ୍କୁ ତାହା କହିବାକୁ ଦିଅନ୍ତୁ, ଦେଖନ୍ତୁ, ଏହାକୁ ତ ସେହି ଉପାୟରେ ଆସିବାକୁ ଅଛି । ଏହାକୁ ସେହି ଉପାୟରେ ଆସିବାକୁ ଅଛି । ଯଦି ଏହା ସେହି ଉପାୟରେ ହୋଇ ନ ଥାନ୍ତା ତାହାହେଲେ ମୁଁ ମୋର ବାର୍ତ୍ତାରୁ ଅନୁତାପ କରୁଥାନ୍ତି ।

384 ଭାଇମାନେ, ଶୁଣନ୍ତୁ, ମୁଁ ଆପଣମାନଙ୍କୁ ଖ୍ରୀଷ୍ଟଙ୍କ ସମ୍ମୁଖରେ ଅତିଶୟ ନିବେଦନ କରୁଅଛି ଯେ ଆପଣ—ଆପଣ—ଆପଣ ନିଜର ଶାନ୍ତିର ଏହି ଅଂଶକୁ ଧରି ରଖନ୍ତୁ, କିନ୍ତୁ ଯଦି ଆପଣମାନେ ଆତ୍ମିକ ଥିବେ ତେବେ ଆପଣମାନେ ବୁଝିଯିବେ । ବୁଝିଲେ? କଅଣ ଆପଣମାନେ ଜାଣନ୍ତି ନାହିଁ ଯେ ସେହି ପ୍ରଥମ ବିଷୟଟି ଠିକ କଅଣ ଥିଲା ଯାହା ସେ ସେଠାରେ ନଦୀ ପାଖରେ କହିଥିଲେ? କଅଣ ଆପଣମାନଙ୍କର ତାହା ମନେ ନାହିଁ କି ଯାହା ସେ କହିଥିଲେ? "ଯେପରି ବାପ୍ତିଜକ ଯୋହନଙ୍କୁ ଖ୍ରୀଷ୍ଟଙ୍କ ପ୍ରଥମ ଆଗମନର ଅଗ୍ରଧାବକ ହେବା ନିମନ୍ତେ ପଠାଯାଇଥିଲା, ସେହିପରି ତୁମର ବାର୍ତ୍ତା..." ଏହା ତ ସେହି ବାର୍ତ୍ତା ଅଟେ ଯାହାକି ଖ୍ରୀଷ୍ଟଙ୍କ ଦ୍ୱିତୀୟ ଆଗମନର ଆଗରେ ଆଗରେ ଯିବ । ତାହାହିଁ ଥିଲା ଯାହାକି ପ୍ରଭୁଙ୍କର ଦୂତ କହିଥିଲେ ।

385 ତେବେ, ବର୍ତ୍ତମାନ, ଧ୍ୟାନ ଦିଅନ୍ତୁ । ତେବେ, "ବାପ୍ତିଜକ ଯୋହନଙ୍କ ଯେପରି…" ବର୍ତ୍ତମାନ, ଆପଣ ସମସ୍ତେ ତାହା ଶୁଣିଛନ୍ତି । ଆପଣ ଏହାକୁ ପୁସ୍ତକଗୁଡ଼ିକରେ ପାଠ କରିଛନ୍ତି, ଏବଂ ସେଠାରେ ଛିଡା ହୋଇ ଏହାକୁ ଶୁଣିଥିବା ଲୋକମାନଙ୍କୁ ଶୁଣିଛନ୍ତି, ଏବଂ ସମସ୍ତ କିଛି ବିଷୟ କରିଛନ୍ତି, ଯେତେବେଳେ ସେହି ସ୍ୱର୍ଗଦୂତ ନିଜେ ସେହି ବାର୍ତ୍ତାକୁ କହିଥିଲେ, "ଯେପରି ବାପ୍ତିଜକ ଯୋହନଙ୍କୁ ଖ୍ରୀଷ୍ଟଙ୍କ ପ୍ରଥମ ଆଗମନର ଅଗ୍ରଧାବକ ଭାବରେ ପଠା ଯାଇଥିଲା, ସେହିପରି ତୁମକୁ ଏହି ବାର୍ତ୍ତା ସହିତ ପଠା ଯାଇଅଛି, ଯାହାକି ଖ୍ରୀଷ୍ଟଙ୍କ ଦ୍ୱିତୀୟ ଆଗମନର ଅଗ୍ରଧାବକ ହେବ ।" ତେବେ, "ସେହି ବାର୍ତ୍ତା ।"

386 ବର୍ତ୍ତମାନ, ଯଦି ଆପଣମାନେ ଧ୍ୟାନ ଦେବେ, ଏବଂ ମୁଁ…ଲିଟିଲ୍ ୱିଲି ସେଠାରେ ସେହି ତାରକା ତଳେ ମୋର ନାମକୁ ଲେଖିଥିଲେ, ଏବଂ ସେହି କାରଣରୁ ମୁଁ ଏହାକୁ ଅତିକ୍ରମ କରି ଦେଇଥିଲି, ଆପଣ ଦେଖନ୍ତୁ, 'କାରଣ ମୁଁ—ମୁଁ ଭାବୁନାହିଁ…ତେବେ, ମୁଁ ଯଥାସମ୍ଭବ ସଙ୍କୋଚ ରହିବାକୁ ଯାଉଛି, ମୁଁ ଭାବୁନାହିଁ ଯେ ମୋର ସେହି ବାର୍ତ୍ତାବହ ସହ କିଛି ସମ୍ପର୍କ ଅଛି, ଦେଖନ୍ତୁ । ତାହା ଠିକ୍ । ମୁଁ ବିଶ୍ୱାସ କରେ ଯେ ମୋତେ ହୁଏତ ତାହାଙ୍କ ମଣ୍ଡଳୀରେ ଏକ ଅଂଶ ଗ୍ରହଣ କରିବାକୁ ପଠାଯାଇଛି, ଯେ ସେହି ବାର୍ତ୍ତାକୁ ଏପରି ଏକ ସ୍ଥାନକୁ ପହଞ୍ଚାଇବାରେ ସାହାଯ୍ୟ କରିବା ଯେଉଁଠାରେକି ଏହା ଏହିପରି ଭାବରେ ହେବ ଯେତେବେଳେକି ଏହି ଅଗ୍ରଧାବକ ଆସନ୍ତି, ଯେ ସେ ଆସିବେ ।

387 କିନ୍ତୁ ମୁଁ ବିଶ୍ୱାସ କରେ, ମୁଁ ଯାହା ଅଟେ ତାହା ହୋଇଥିବାରୁ, ମୁଁ ଅଟେ…ମୋର ବିଶ୍ୱାସ ଯେ ମୋ ପାଖରେ ଏହି ଦିନର ବାର୍ତ୍ତା ଅଛି । ମୁଁ ବିଶ୍ୱାସ କରେ ଯେ ଏହା ହେଉଛି ସେହି ଦିନର ଆଲୋକ, ଏବଂ ମୁଁ ବିଶ୍ୱାସ କରେ ଏହା ସେହି ସମୟର ଆଗମନକୁ ସୂଚାଉଅଛି, ଆପଣ ଦେଖନ୍ତୁ, ମୁଁ ବିଶ୍ୱାସ କରେ ଯେ ସେହି ବାର୍ତ୍ତା ଯାହା ସେ ସେଠାରେ କହିଥିଲେ, "ସେହି ବାର୍ତ୍ତା ଯାହା ତୁମ ପାଖରେ ରହିଛି ।" ତେବେ, ଯଦି ଆପଣମାନେ ସେହି ନକ୍ଷତ୍ରକୁ ଲକ୍ଷ୍ୟ କରିବେ ଯାହାକି ସେଠାରେ ପଶ୍ଚାତ ସମୟରେ ତାହା ଉଠିଥିଲା, ତାହା ଏକ…

388 ମୋତେ ଏହାକୁ କରିବାକୁ ଦିଅନ୍ତୁ…ମୁଁ ଜାଣେ ଯେ ମୁଁ—ମୁଁ ଏଠାରେ ମୋର ସମୟକୁ ଅଳ୍ପ ଟିକେ ଅତିବାହିତ କରୁଅଛି, ଏବଂ ମୋ ପାଖରେ ଏହି ଅନ୍ୟଗୁଡିକ, ଏହି ଉତ୍ତମ ପ୍ରଶ୍ନଗୁଡିକ ଅଛି । ମୁଁ ଚାହେଁ ନାହିଁ…ଏହା—ଏହା ବର୍ତ୍ତମାନ ଦଶଟାରୁ ଅଧିକ ହେଲାଣି, ତେଣୁ, ଏବଂ ମୁଁ ଜାଣେ ଯେ ଆପଣ ଘରକୁ ଯିବା ପାଇଁ ଚାହୁଁଛନ୍ତି । ଦେଖନ୍ତୁ? ମାତ୍ର ଏଠାରେ ଶୁଣନ୍ତୁ । ମୋତେ ଆପଣଙ୍କୁ କିଛି ଦେଖାଇବାକୁ ଦିଅନ୍ତୁ । କଅଣ ଆପଣ ମୋତେ କେବଳ—କେବଳ ଅଳ୍ପ ଟିକେ ଅତିରିକ୍ତ ସମୟ ଦେବେ କି? ଠିକ ଅଛି, ଠିକ ଅଛି ।

389 ତେବେ ଦେଖନ୍ତୁ, ବର୍ତ୍ତମାନ ମୋତେ କିଛି କହିବାକୁ ଦିଅନ୍ତୁ । ତେବେ, ଭାଇମାନେ ଆପଣ ଏହାକୁ ନିଜ ଭିତରେ ରଖନ୍ତୁ । ବୁଝିଲେ? ତେବେ, ଏହାକୁ ନିଜ ମଧ୍ୟରେ ରଖନ୍ତୁ । ମୋତେ ଆପଣମାନଙ୍କୁ ଏହି ବିଷୟ ଉପରେ ସଳଖ କରିବାକୁ ଅଛି କାରଣ ଆପଣମାନେ ମୋର ପାଳକ…ଆପଣମାନେ ମୋର ପାଳକମାନ ଏବଂ ଅନ୍ୟାନ୍ୟ ବିଷୟ ଅଟନ୍ତି, ଆପଣ

ଦେଖନ୍ତୁ, ଏବଂ ମୋତେ—ମୋତେ ଏହା କରିବାକୁ ଅଛି । ଏବଂ ଆପଣମାନେ ମୋ ସହିତ ଏହି ବାର୍ତ୍ତାରେ କାମ କରୁଥିବା ଭାଇମାନେ ଅଟନ୍ତି । ବୁଝିଲେ?

390 ବର୍ତ୍ତମାନ, ଯେତେ ଦୂର ମୋ ନିଜର କଥା ଅଟେ, ଜଣେ ମନୁଷ୍ୟ ଭାବରେ, ମୁଁ ଆପଣମାନଙ୍କ ପରି ଅଟେ ଏବଂ ଆପଣମାନଙ୍କଠାରୁ ମନ୍ଦ ଅଟେ। ମୁଁ—ମୁଁ—ମୁଁ... ଆପଣମାନଙ୍କ ମଧ୍ୟରୁ ଅନେକେ ଖ୍ରୀଷ୍ଟିଆନ ପୃଷ୍ଠଭୂମି ଏବଂ ବିଷୟ ସହିତ ଆସନ୍ତି। "ମୁଁ ପାପୀମାନଙ୍କରେ ମୁଖ୍ୟ ଅଟେ," ଯେପରିକି ଥରେ ଏହା କୁହାଯାଇଥିଲା, "ଆପଣମାନଙ୍କ ମଧ୍ୟରେ ।" ଜୀବନର ସର୍ବନିମ୍ନ, ମୁଁ ଅନୁମାନ କରେ, ଯାହାକି ଅତିବାହିତ କରାଯାଇପାରେ, ଜଣେ ଅବିଶ୍ୱାସୀ ଏବଂ ସନ୍ଦେହୀ ଭାବରେ, ମୁଁ ତାହା ଥିଲି ।

391 କିନ୍ତୁ ପିଲାଟି ଦିନରୁ ମୁଁ ସବୁବେଳେ ଜାଣିଥିଲି ଯେ ଜଣେ ପରମେଶ୍ୱର ଅଛନ୍ତି, ଏବଂ ଜାଣିଥିଲି ଯେ ମୋ ଜୀବନରେ କିଛି ଗୋଟାଏ ଘଟିଥିଲା । ଏବଂ ତାହା—ତାହା କୌଣସି ପ୍ରଶ୍ନର ବାହାରେ ଅଟେ, ମୋ ଭାଇ । ବୁଝିଲେ? ମାତ୍ର ମୋତେ ଏହା କହିବାକୁ ଦିଅନ୍ତୁ, ଯେ ସେଠାରେ ଆସିବ—ସେଠାରେ ଏକ ବାର୍ତ୍ତା ଆସିବ, ଏବଂ ଜଣେ ବାର୍ତ୍ତାବହ ଆସିବେ । ମୁଁ ବିଶ୍ୱାସ କରେ ଯେ ଯଦି ଏହା ଜଣେ ପୁରୁଷ ହେବାକୁ ଥାଏ ତାହାହେଲେ ଏହା—ଏହା ମୋ ପରେ କେହି ହେବେ । ଦେଖନ୍ତୁ? ଏହା ହେବ...କିନ୍ତୁ ଏହି ବାର୍ତ୍ତା ଯାହା ମୁଁ ପ୍ରଚାର କରୁଅଛି ତାହା ଏହି ଦିନର ପ୍ରକୃତ ବାର୍ତ୍ତା ଅଟେ, ଏବଂ ଏହା ଶେଷ ବାର୍ତ୍ତା ଅଟେ । ଭାଇମାନେ, କଅଣ ଆପଣ ଦେଖୁଛନ୍ତି ଯେ ମୁଁ କଅଣ କରୁଅଛି? ମୁଁ ଆପଣ ସମସ୍ତଙ୍କୁ ସେହି ସମାନ ସ୍ଥାନରେ ରଖୁଅଛି ଯେଉଁଠାରେକି ମୁଁ ଅଛି, କାରଣ ଆପଣମାନେ ମଧ୍ୟ ଏଥିରେ ସେତିକି ଅଛନ୍ତି ଯେତିକି ମୁଁ ଅଟେ । ଆପଣମାନେ ଏହି ସମାନ ବାର୍ତ୍ତାର ବାର୍ତ୍ତାବହ ଅଟନ୍ତି ।

392 ଏଠାରେ ଦେଖନ୍ତୁ, ମୋ ପାଖରେ ଏକ ଉଦାହରଣ ଅଛି । ମୁଁ—ମୁଁ ଭାବୁଛି ଯେ ମୁଁ ଏହାକୁ ଗୋଟିଏ ଉଦାହରଣ ଦ୍ୱାରା ଅଧିକ ଉନ୍ନତ ଭାବରେ ବୁଝାଇପାରେ । ମୋତେ କିଛି ସମୟ ପାଇଁ ଏହି କବାଟକୁ ଆଂଶିକ ଭାବେ ବନ୍ଦ କରିବାକୁ ଦିଅନ୍ତୁ । *ଏହା* ହେଉଛନ୍ତି ଯୀଶୁ, ଏବଂ *ତାହା* ମଧ୍ୟ ହେଉଛନ୍ତି ଯୀଶୁ; ତେବେ, ମୁଁ *ଏହାକୁ* ଏଠାରେ ରଖିବି, ଗେଥସମନି, ଏବଂ ଏହା *ଏଠାରେ* ଏବଂ *ସେଠାରେ* । ତେବେ, ଆପଣ କରିପାରନ୍ତି ନାହିଁ...ଏପରିକି ମୁଁ ଏହାକୁ ସେଠାରେ ଥିବା ମଣ୍ଡଳୀ ସମ୍ମୁଖରେ ସୁଦ୍ଧା କହେ ନାହିଁ । ବର୍ତ୍ତମାନ, ମନେରଖନ୍ତୁ, କେଉଁ ପ୍ରକାରର ଏକ ପ୍ରକାଶ (ଏକ ନକ୍ଷତ୍ର) ସେହି ବ୍ୟକ୍ତିଙ୍କୁ ମାର୍ଗଦର୍ଶନ କରିଥିଲା ଯେଉଁମାନେକି ଜ୍ଞାନ ଖୋଜୁଥିଲେ, "*ତୁମର ସିଦ୍ଧ ଆଲୋକ ନିକଟକୁ ଆମକୁ ମାର୍ଗଦର୍ଶନ କରିବା ହେତୁ*"?

393 ବର୍ତ୍ତମାନ ମୁଁ ଏଠାରେ ମାତ୍ର ଗୋଟିଏ ମିନିଟରେ ଭାଙ୍ଗିବାକୁ ଯାଉଅଛି ଏବଂ ଆପଣଙ୍କୁ କିଛି ଗୋଟାଏ କହିବାକୁ ଯାଉଅଛି । ଆସନ୍ତୁ ସେହି ବିଷୟକୁ ବାହାର କରିଦେବା...ଯାହାକି ୱିଲି ସେଠାରେ ଉପରେ କରିଛନ୍ତି, ଏବଂ ତାହାପରେ କହିବା ଯେ ଏହା ଠିକ୍ ଅଟେ । ଆସନ୍ତୁ କେବଳ କହିବା ଯେ ଏହା ଠିକ୍ ଅଟେ । ଭାଇମାନେ, ମୁଁ ତାହା କହିପାରେ ନାହିଁ । ତାହା ଏକ ଟାଣୁଆ କାମିଜ ଅଟେ । ତାହା, ମୁଁ କହିବି ନାହିଁ...ଯଦିଓ ମୁଁ ଏହାକୁ ବିଶ୍ୱାସ କରେ, ମୁଁ ଏହା କହିବି ନାହିଁ । ବୁଝିଲେ? ଅନ୍ୟ କେହି ଏହା କୁହନ୍ତି, ତାହା ସେମାନଙ୍କର କଥା ଅଟେ ।

394 କିନ୍ତୁ, ଏଠାରେ, ଠିକ୍ ଯେପରିକି ପିଲାମାନଙ୍କର ମଧ୍ୟରୁ କେତେକେ, ମୋତେ ବର୍ତ୍ତମାନ ପଚରାଗଲା, ଯଦି ସେମାନେ ଘଟିଥିବା କିଛି ଘଟଣାଗୁଡିକ ବିଷୟରେ ଏକ ପ୍ରକାର ସାକ୍ଷ୍ୟ ଦେବେ। ମୁଁ ମଞ୍ଚ ଉପରକୁ ଯାଇ ଏପରି କିଛି ବିଷୟଗୁଡିକ ସମ୍ବନ୍ଧରେ ସାକ୍ଷ୍ୟ ଦେବାକୁ ପସନ୍ଦ କରେ ନାହିଁ ଯାହାକି ସଭାରେ ଘଟିଅଛି। ସେହି ପ୍ରବନ୍ଧକ କିମ୍ବା ଅନ୍ୟ କେହି ତାହା କରନ୍ତୁ, ଅନ୍ୟ କେହି ଏହାକୁ କରନ୍ତି। ମୁଁ ତାହା କରିବାକୁ ପସନ୍ଦ କରେ ନାହିଁ।

395 [ଜଣେ ଭାଇ କୁହନ୍ତି, "ଏପରିକି ସେମାନେ ଯୋହନଙ୍କ ନିକଟକୁ ଆସି କହିଲେ, 'କଅଣ ତୁମେ ଖ୍ରୀଷ୍ଟ କି?'"—ସମ୍ପା।] ହଁ, ତାହାହିଁ ଏହା, ଯାହାକି ମୁଁ ଆପଣଙ୍କୁ କହିବାକୁ ଚେଷ୍ଟା କରୁଅଛି। ["'କଅଣ ତୁମେ ସେହି ଭବିଷ୍ୟଦ୍‌ବକ୍ତା କି?'"] ସେ ଏହାକୁ ଅସ୍ୱୀକାର କରିଥିଲେ। ["ଉଭୟ ମଧ୍ୟରୁ ଜଣେ ବୋଲି କହିଲେ ନାହିଁ, ସେ କହିଲେ, 'ପ୍ରାନ୍ତରରେ ଚିତ୍କାର କରୁଥିବା ସେହି ଜଣକ ମୁଁ ଅଟେ।'"] "ପ୍ରାନ୍ତରରେ ଚିତ୍କାର କରୁଥିବା ସେହି ଜଣକର ରବ ଅଟେ।" ସେ ନିଜକୁ ସଠିକ୍ ସ୍ଥିତିରେ ଉପସ୍ଥାପନ କଲେ।

396 [ଅନ୍ୟ ଜଣେ ଭାଇ କୁହନ୍ତି, "ସେମାନେ ତାଙ୍କୁ ପଚାରିଥିଲେ ଯେ ସେ ସେହି ଭବିଷ୍ୟଦ୍‌ବକ୍ତା ଅଟନ୍ତି କି, ସେ କହିଲେ 'ମୁଁ ନୁହେଁ।'"—ସମ୍ପା।] ହଁ। ବର୍ତ୍ତମାନ…କାରଣ ସେହି ଭବିଷ୍ୟଦ୍‌ବକ୍ତା ଜଣକ ସେହି ବ୍ୟକ୍ତି ଥିଲେ ଯାହାଙ୍କ ବିଷୟରେ ମୋଶା କହିଥିଲେ। ଦେଖନ୍ତୁ, ତାହା ସେହି ଭବିଷ୍ୟଦ୍‌ବକ୍ତା ଅଟନ୍ତି, ଦେଖନ୍ତୁ। ବୁଝିଲେ? କିନ୍ତୁ ସେ ଜାଣିଥିଲେ ଯେ ସେ କିଏ ଅଟନ୍ତି, ଦେଖନ୍ତୁ। କିନ୍ତୁ ସେ କହିଥିଲେ, ବର୍ତ୍ତମାନ, ତାହା…ସେ ସେମାନଙ୍କୁ କହିଥିଲେ, ଦେଖନ୍ତୁ, ଏବଂ ସେ କହିଲେ, "ମୁଁ ସେହି ଜଣକର ରବ…" ତାହାହିଁ ସେ ଥିଲେ। ସେ—ସେ କହିଥିଲେ ଯେ ସେ କିଏ ଅଟନ୍ତି। ବୁଝିଲେ? ମାତ୍ର ସେ ଜଣେ…

397 ଆଗକୁ ବଢନ୍ତୁ। [ଜଣେ ଭାଇ କୁହନ୍ତି, "ତାହାପରେ ଯେତେବେଳେ ଖ୍ରୀଷ୍ଟ, ଯୋହନଙ୍କ ପରେ ଆସିଲେ, ସେମାନେ ତାଙ୍କ ନିକଟକୁ ଆସିଲେ, ସେମାନେ କହିଲେ, 'ଆମକୁ ଏହା ବିଶ୍ୱାସ କରିବାକୁ ଶିକ୍ଷା ଦିଆଯାଇଛି ଯେ ଏଲିୟ ଖ୍ରୀଷ୍ଟଙ୍କ ଆଗରେ ଆସିବେ।' ସେ କହିଲେ, 'ଯଦି ତୁମେମାନେ ଏହାକୁ ଗ୍ରହଣ କରିପାର।'"—ସମ୍ପା।] ତାହା ସେ ଥିଲେ। ତାହା ଠିକ ଅଟେ। ତାହା ଠିକ ଅଟେ। ଏବଂ ଯୋହନ ନିରନ୍ତର କହିଥିଲେ, "ମୁଁ କିଛି ନୁହେଁ! ମୁଁ କିଛି ନୁହେଁ! ମୁଁ ତ ତାଙ୍କ ଜୋତା ଫିଟାଇବାକୁ ଯୋଗ୍ୟ ନୁହେଁ!"

398 କିନ୍ତୁ ତାହା ବିଷୟରେ କଅଣ ଯେତେବେଳେ ଯୀଶୁ ତାଙ୍କ ବିଷୟରେ କହିଥିଲେ? ସେ କହିଲେ, "ତୁମେମାନେ କଅଣ ଦେଖିବାକୁ ବାହାରି ଯାଇଥିଲ?" ହଁ। ହଁ। "ପବନରେ ଦୋହଲୁଥିବା ଏକ ନଳ ଦେଖିବାକୁ ତୁମେ ଯାଇଥିଲ କି? ଅଥବା ତୁମେମାନେ କଅଣ ଦେଖିବାକୁ ଯାଇଥିଲ, ସୂକ୍ଷ୍ମ ପୋଷାକ ପିନ୍ଧିଥିବା ଏବଂ ବିଳାସପୂର୍ଣ୍ଣ ଜୀବନ ଅତିବାହିତ କରୁଥିବା କୌଣସି ବ୍ୟକ୍ତିଙ୍କୁ ଏବଂ ସେହିପରି ବିଷୟସବୁକୁ?" କହିଲେ, "ସେମାନେ ରାଜାଙ୍କ ପ୍ରାସାଦରେ ରୁହନ୍ତି। ମାତ୍ର କଅଣ ତୁମେମାନେ ଜଣେ ଭବିଷ୍ୟଦ୍‌ବକ୍ତାଙ୍କୁ ଦେଖା କରିବାକୁ ଯାଇଥିଲ କି? ମୁଁ କହୁଛି ହଁ, ଏବଂ ଜଣେ ଭବିଷ୍ୟଦ୍‌ବକ୍ତାଙ୍କଠାରୁ ଅଧିକକୁ।" ସେ ଜଣେ

ଭବିଷ୍ୟଦ୍‌ବକ୍ତାଙ୍କଠାରୁ ଅଧିକ ଥିଲେ, ସେ ଜଣେ ନିୟମର ଦୂତ ଥିଲେ। ତାହାହିଁ ଅଟେ ଯାହାକି ସେ ଥିଲେ। ସେ ଜଣେ ଭବିଷ୍ୟଦ୍‌ବକ୍ତାଙ୍କଠାରୁ ଅଧିକ ଥିଲେ। ସେ କହିଲେ, "ସ୍ତ୍ରୀଜାତ କୌଣସି ପୁରୁଷ ଏହି ସମୟ ସୁଦ୍ଧା ତାଙ୍କ ପରି ମହାନ ହୋଇ ନାହାଁନ୍ତି।" ବୁଝିଲେ?

399 ତାହା ହିଁ ଅଟେ ଯାହାକି ଏହା ଥିଲା, ଦେଖନ୍ତୁ, ସେ ଜଣେ ନିୟମର ଦୂତ ଥିଲେ। ସେ ହିଁ ସେହି ଜଣକା ଥିଲେ ଯିଏକି ପରିଚୟ କରାଇଥିଲେ ଓ କହିଥିଲେ, "ଏହି ହେଉଛନ୍ତି ସେ।" ଅନ୍ୟ ସମସ୍ତ ଭବିଷ୍ୟଦ୍‌ବକ୍ତାମାନେ ତାହାଙ୍କ ବିଷୟରେ କହିଥିଲେ, କିନ୍ତୁ ଯୋହନ କହିଥିଲେ "ଏହି ହେଉଛନ୍ତି ସେ।" ବୁଝିଲେ?

400 ତେବେ ଦେଖନ୍ତୁ। ବର୍ତ୍ତମାନ ଧ୍ୟାନ ଦିଅନ୍ତୁ। ପଣ୍ଡିତମାନେ ଏକ ତାରାକୁ ଅନୁସରଣ କରିଥିଲେ। ମୁଁ ଏହାକୁ ଅଧିକନ୍ତୁ ଏକ ଛୋଟ ଆକାରରେ ନେବାକୁ ଯାଉଅଛି, ଦେଖନ୍ତୁ। ପଣ୍ଡିତମାନେ ଏକ ତାରାକୁ ଅନୁସରଣ କରି, ପଚାରିଥିଲେ, "ଯିହୂଦୀମାନଙ୍କର ରାଜା ସେ କେଉଁଠାରେ ଜନ୍ମ ହୋଇଛନ୍ତି?" ଆପଣମାନେ ସେହି ଗୀତ ଶୁଣିଛନ୍ତି। "ଆମେମାନେ ପୂର୍ବ ଦିଗରେ ତାଙ୍କ ତାରାକୁ ଦେଖିଅଛୁ ଏବଂ ତାହାଙ୍କୁ ଉପାସନା କରିବାକୁ ଆସିଅଛୁ।" ଆପଣମାନେ ତାହା ଶୁଣିଛନ୍ତି, ଶାସ୍ତ୍ରରେ ଏହାକୁ ପାଠ କରିଛନ୍ତି। ଠିକ୍ ଅଛି।

401 "ପଶ୍ଚିମ ଦିଗ ଆଡକୁ ମୁହାଁଇଅଛୁ, ଏବେ ମଧ୍ୟ ଆଗକୁ ବଢୁଅଛୁ, ତୁମର ସିଦ୍ଧ ଆଲୋକ ଆଡକୁ ଆମର ମାର୍ଗଦର୍ଶନ କର।" ଦେଖନ୍ତୁ, ସେହି ତାରାଟି ସିଦ୍ଧ ଆଲୋକ ଆଡକୁ ମାର୍ଗଦର୍ଶନ କରୁଥିଲା, କାରଣ ସେହି ତାରା କେବଳ ସେହି ଆଲୋକକୁ ପ୍ରତିଫଳିତ କରୁଥିଲା। ସେହିଠାରେ ହିଁ ଅଟେ ଯେତେବେଳେକି ଆମେମାନେ ଅନ୍ୟ ଏକ ଦିନ ଏହାକୁ ଏଠାରେ ପାଇଥିଲୁ। ବୁଝିଲେ? ତାହା ଦେଖିବା ପାଇଁ କେତେ ଜଣ ଏଠାରେ ରବିବାର ଦିନ ଥିଲେ? ଆପଣ ଦେଖନ୍ତୁ, ଏହା ବିଷୟରେ ବର୍ତ୍ତମାନ ହିଁ ପ୍ରଚାର କରି ଆସିଅଛି। ସେହି ତାରାରେ ଶେକିନା ମହିମା ପ୍ରତିଫଳିତ ହୋଇଥିଲା, ଏବଂ ସେହି ତାରା ଏହାକୁ ପ୍ରତିଫଳିତ କରିଥିଲା। ପ୍ରଭୁଙ୍କ ସ୍ୱର୍ଗଦୂତ ଏଠାରେ ମଞ୍ଚ ଉପରେ ଛିଡା ହୋଇ ଏହାକୁ ସେହି ଶେକିନା ମହିମାରୁ, ସେଠାରେ ପଛକୁ ପ୍ରତିଫଳିତ କରିଥିଲେ। ଅବିକଳ ଠିକ୍ ସେହି ସମାନ ବିଷୟ ଥିଲା। ସେଠାରେ ଏହା ଠିକ୍ ସମ୍ପୂର୍ଣ୍ଣ ଭାବେ ରହିଥିଲା। ପ୍ରକୃତ ବିଷୟକୁ ଏଠାରେ ଦେଖିବା, ପୁଣି ସେଠାରେ ତାହାକୁ ଦେଖିବା ଏବଂ ଏହାକୁ ସେହିପରି ଭାବରେ ଠିକ୍ ପାର୍ଶ୍ୱରେ ପ୍ରତିଫଳିତ ହେଉଥିବାର ଦେଖିବା। ବୁଝିଲେ?

402 ବର୍ତ୍ତମାନ ଏହାକୁ ଧ୍ୟାନ ଦିଅନ୍ତୁ, ତେବେ, ସେହି ତାରା ପୂର୍ବରେ ଉଦୟ ହୋଇଥିଲା। କଅଣ ତାହା ଠିକ୍ ଅଟେ? ଏହା ଏକ ମହାନ ତାରକା ଥିଲା। ଠିକ୍ ଅଛି। ଏବଂ ଯୀଶୁଙ୍କ ଆଗମନ ସମୟରେ ସେହି ପ୍ରକୃତ ପାର୍ଥିବ ତାରା କିଏ ଥିଲେ? କାହିଁକି, ଯୋହନ ଥିଲେ। ସେହିଁ ସେହି ଜଣକା ଥିଲେ ଯିଏକି ସେମାନଙ୍କୁ ସେହି ସିଦ୍ଧ ଆଲୋକ ଆଡକୁ ମାର୍ଗଦର୍ଶନ କରିଥିଲେ। କଅଣ ତାହା ଠିକ୍ କି? ଯୀଶୁଙ୍କ ପ୍ରଥମ ଆଗମନରେ ତାହା ପୂର୍ବ ଦିଗରେ ହୋଇଥିଲା। ଏବଂ,

ବର୍ତ୍ତମାନ, ସେଠାରେ ବହୁତ ଛୋଟ ଛୋଟ ତାରାଗଣ ଅଛନ୍ତି ଯାହାକି ଦିଗବଳୟକୁ ଅତିକ୍ରମ କରନ୍ତି ଯେପର୍ଯ୍ୟନ୍ତକି ଏହା ସନ୍ଧ୍ୟାକାଳୀନ ତାରା ନିକଟକୁ ଆସି ନ ଯାଏ।

403 ଏବଂ ସନ୍ଧ୍ୟାକାଳୀନ ତାରା ସନ୍ଧ୍ୟାରେ ପ୍ରକାଶ ଦେଇଥାଏ। ପ୍ରଭାତୀ ତାରା ପ୍ରଭାତରେ ପ୍ରକାଶ ଦେଇଥାଏ। ଏବଂ ସେମାନେ ଉଭୟ ସମାନ ଆକାରର ତାରା ଏବଂ ସମାନ ପ୍ରକାରର ତାରା ଅଟନ୍ତି। ତେବେ ଦୁଇ ଏବଂ ଦୁଇକୁ ଏକାଠି ରଖନ୍ତୁ ଏବଂ ଆପଣ ତାହା ପାଇବେ, ଦେଖନ୍ତୁ। ଦେଖନ୍ତୁ, ଆପଣ ସେଠାରେ ଅଛନ୍ତି। ତେଣୁକରି ଏହା ନୁହେଁ...ସେହି ତାରାଟି ମଶୀହ ନୁହେଁ, ସେ ତ କେବଳ ମଶୀହଙ୍କୁ ପ୍ରତିଫଳିତ କରୁଅଛି।

404 ବର୍ତ୍ତମାନ, ସେହି ତାରା ନିଜର ଆଲୋକ ପ୍ରତିଫଳିତ କରେ ନାହିଁ। ସେହି ତାରା ସୂର୍ଯ୍ୟର ଆଲୋକକୁ ପ୍ରତିଫଳିତ କରେ। କଅଣ ତାହା ଠିକ୍ ଅଟେ? [ଜଣେ ଭାଇ କୁହନ୍ତି, "ନା।"—ସମ୍ପା।] ହୁଃ? ["ଗୋଟିଏ ଅର୍ଥରେ କହିବାକୁ ଗଲେ। ଚନ୍ଦ୍ର କରେ; ତାରାମାନେ ସେମାନଙ୍କର ନିଜର ଆଲୋକକୁ ପ୍ରତିଫଳିତ କରନ୍ତି।"] ହଁ। ହଁ, ସେହି ଚନ୍ଦ୍ର, ହଁ, ପ୍ରତି-...ମୋର କହିବାର ଅର୍ଥ ହେଉଛି ଚନ୍ଦ୍ର ଏହି ଆଲୋକକୁ ପ୍ରତିଫଳିତ କରେ। ହଁ, ଉଃ-ହୁମ୍। ବର୍ତ୍ତମାନ, ଯଦି—ଯଦି ଗୋଟିଏ ତାରା ନିଜର ଆଲୋକକୁ ପ୍ରତିଫଳିତ କରେ, ତାହାହେଲେ ଏହାର ଆଲୋକକୁ ପରମେଶ୍ୱରଙ୍କଠାରୁ...ଆସିବାକୁ ହେବ, କାରଣ ଏହା ଏକ ପ୍ରକାରର ହିମଖଣ୍ଡ ଅଟେ। କଅଣ ଏହା ନୁହେଁ କି? [ଭାଇ କୁହନ୍ତି, "ସୂର୍ଯ୍ୟ।"] ହୁ? ତାହା ସୂର୍ଯ୍ୟଠାରୁ ବାହାରି ଆସିଥିବା, ନିଜେ ଗୋଟିଏ ସୂର୍ଯ୍ୟ ଅଟେ। ["ଆମ ସୂର୍ଯ୍ୟଠାରୁ ଦୂରରେ ସେହି ସୂର୍ଯ୍ୟଗୁଡାକ।"] ହଁ। ଏବଂ ସେମାନେ...ଆମକୁ କୁହା ଯାଇଅଛି ଯେ ସେହି ସୂର୍ଯ୍ୟଗୁଡାକ ବଡ଼ ସୂର୍ଯ୍ୟଠାରୁ ଆସିଅଛି। ସୂର୍ଯ୍ୟ ଏହି କ୍ଷେପଣାସ୍ତ୍ରଗୁଡ଼ିକୁ ଫୋପାଡିଥିଲା ଏବଂ ସେଗୁଡିକ ସୂର୍ଯ୍ୟ ପରି ଛୋଟ ଛୋଟ ଜଳୁଥିବା କ୍ଷେପଣାସ୍ତ୍ର ଅଟନ୍ତି। ତେଣୁକରି ସେମାନେ ଆମ ପାଇଁ ଅନୁଭବହୀନ ସୂର୍ଯ୍ୟ ଅଟନ୍ତି। କଅଣ ତାହା ଠିକ୍ କି? ଅନୁଭବହୀନ ପ୍ରକାଶଖଣ୍ଡ। ["କେତେକ ଅଟନ୍ତି...ସେମାନଙ୍କ ମଧ୍ୟରୁ ଅଧିକାଂଶ ଆମ ସୂର୍ଯ୍ୟଠାରୁ ବଡ଼ ଅଟନ୍ତି।"] ମୋର କହିବାର ଅର୍ଥ *ଆମ* ପ୍ରତି, ଆମ ପ୍ରତି, ଦେଖନ୍ତୁ। ଆମେମାନେ ଏଠାରେ ନିଜ ବିଷୟରେ କଥା କହୁଅଛୁ। ଠିକ୍ ଅଛି।

405 ବର୍ତ୍ତମାନ, ଯଦି ସେମାନେ ଆମ ପାଇଁ ସୂର୍ଯ୍ୟ, କିମ୍ବା ଆଲୋକ-ପ୍ରଦାନକାରୀ ଅଟନ୍ତି, ତାହାହେଲେ ସେମାନେ ମୁଖ୍ୟ ପ୍ରଦାନକାରୀଙ୍କର ଅଂଶ ଅଟନ୍ତି। ବୁଝିଲେ? ସେହି ବଡ ସୂର୍ଯ୍ୟ ଆମକୁ ବଡ଼ ଆଲୋକ, ସେହି ଉପଯୁକ୍ତ ଆଲୋକ ପ୍ରଦାନ କରେ। ସେହି ଛୋଟ ସୂର୍ଯ୍ୟଗୁଡାକ, କିମ୍ବା ସେହି ଛୋଟ ତାରାଗୁଡିକ, ଯାହାକୁ ଆମେ ଶରୀରରେ ଦେଖିପାରୁଛୁ, ସେଗୁଡ଼ିକ ହୁଏତ ସେହି—ସେହି ଚମକୁଥିବା ସୂର୍ଯ୍ୟଠାରୁ ବହୁତ ଦୂରରେ ଥାଇପାରନ୍ତି, ମାତ୍ର ଯାହା ସେମାନେ ଆମ ଆଡକୁ ପ୍ରତିଫଳିତ କରନ୍ତି ତାହା ଏକ ଛୋଟ ଆଲୋକ ଅଟେ। ମାତ୍ର ସେମାନେ କେବଳ ଏକ ଆଲୋକର ସାକ୍ଷ୍ୟ ଦେଉଅଛନ୍ତି। କଅଣ ତାହା ଠିକ୍ କି? ତାହାପରେ ଯେତେବେଳେ ସେହି ବଡ଼ ସୂର୍ଯ୍ୟ ଉଦୟ ହୁଏ, ସେହି ଛୋଟ ସୂର୍ଯ୍ୟଗୁଡିକ ଚାଲି ଯାଆନ୍ତି। କଅଣ ତାହା ଠିକ୍ କି? ସେମାନେ ଆମ ପାଇଁ ସେହି—ସେହି ସୂର୍ଯ୍ୟ ନୁହଁନ୍ତି, ସେମାନେ ସୂର୍ଯ୍ୟ ପରି ଏକ ପ୍ରତିଫଳକ ଅଟନ୍ତି। ଆପଣ ଦେଖୁଛନ୍ତି କି ଯେ ମୋର କହିବାର ଅର୍ଥ କଅଣ?

406 ବର୍ତ୍ତମାନ, ସେଗୁଡିକ ମଧ୍ୟରୁ ସବୁଠାରୁ ବଡ଼ (ପ୍ରଭାତରେ) ଯାହାକି ସୂର୍ଯ୍ୟଙ୍କ ଆଗମନକୁ ସୂଚାଇଥାଏ, ସୂର୍ଯ୍ୟ ଅସ୍ତ ହେବାକୁ ଏବଂ ସୂର୍ଯ୍ୟଙ୍କ ଆଗମନକୁ ସୂଚାଇଥାଏ, ତାହା ହେଉଛି ପ୍ରଭାତୀ ତାରା ଏବଂ ସନ୍ଧ୍ୟାକାଳୀନ ତାରା। କଅଣ ତାହା ଠିକ୍ କି? ଦୁଇଟି ସବୁଠାରୁ ବଡ ତାରକା, ପୂର୍ବବର୍ତ୍ତୀ ତାରା ଏବଂ ପାଶ୍ଚାତ୍ୟ ତାରା।

407 ବର୍ତ୍ତମାନ, କଅଣ ଆପଣ ଦେଖୁଛନ୍ତି ଯେ ଏହା କେଉଁଠାରେ ଅଛି? ଏଲିୟ ସେହି ପୂର୍ବବର୍ତ୍ତୀ ତାରାଙ୍କ ଆଗମନ ବିଷୟରେ ସୂଚାଇବାକୁ, ଘୋଷଣା କରିବାକୁ ବାର୍ତ୍ତାବହ ଥିଲେ, ଏବଂ ତାହାଙ୍କୁ ସେହି—ସେହି ପାଶ୍ଚାତ୍ୟ ତାରା ବିଷୟରେ ସୂଚାଇବାକୁ, କିମ୍ବା ଏହି ଦିନ ଅତିକ୍ରମ ହୋଇସାରିବା ପରେ ପୁନର୍ବାର ନୂତନ ଦିନର ଆଗମନ ବିଷୟରେ ସୂଚକ ହେବେ ବୋଲି ପୂର୍ବାନୁମାନ କରା ଯାଇଥିଲା। ବର୍ତ୍ତମାନ କଅଣ ଆପଣ ଦେଖୁଛନ୍ତି ଯେ ଏହା କଅଣ ଅଟେ?

408 ସେହି ପୂର୍ବ, "ଏହା ପ୍ରକାଶ ହେବ..." ଦେଖନ୍ତୁ, ସୂର୍ଯ୍ୟ ପୃଥିବୀ ଉପରକୁ ଠିକ ଆଗମନ କରିବା ପୂର୍ବରୁ, ସେହି ପ୍ରଭାତୀ ତାରା ସାକ୍ଷ୍ୟ ଦିଏ ଯେ "ସୂର୍ଯ୍ୟ ଆସୁଅଛି।" କଅଣ ତାହା ଠିକ୍ ଅଟେ? ଦେଖନ୍ତୁ, ତାହା ପ୍ରଭାତୀ ତାରାକୁ ନେଇକରି ଆସେ। ତେବେ, ତାହହେଲେ ସେହି ପ୍ରଭାତୀ ତାରା ଏବଂ ସେହି ସନ୍ଧ୍ୟାକାଳୀନ ତାରା ସମାନ ପ୍ରକାରର ତାରା ଅଟନ୍ତି, ଏବଂ ସେଠାରେ ସର୍ବତ୍ର ଚାରିଆଡେ ଛୋଟ ଛୋଟ ତାରାମାନେ ରହିଥାନ୍ତି। ଆପଣ ଦେଖୁ ନାହାଁନ୍ତି କି ମୋର କହିବାର ଅର୍ଥ କଅଣ? ସେହି ବାର୍ତ୍ତାବହମାନେ।

409 ତେବେ, ତାହାହେଲେ, ତାଙ୍କୁ ଆଲ୍‌ଫା ଏବଂ ଓମେଗା, ଆରମ୍ଭ ଏବଂ ଶେଷ, ହୀରା ଏବଂ ମାଣିକ୍ୟ ପଥର ରୂପେ ଦେଖାଯିବାକୁ ଥିଲା। ଦେଖନ୍ତୁ ମୋର କହିବାର ଅର୍ଥ କଅଣ? ତେବେ, ଖ୍ରୀଷ୍ଟଙ୍କର ସେହି—ସେହି ଆଗମନ ନିକଟବର୍ତ୍ତୀ ଅଟେ, ତାହାପରେ ସେହି ବାର୍ତ୍ତା ଯାହାକି ଏଲିୟଙ୍କୁ ଶେଷ ଦିନରେ ପ୍ରଚାର କରିବାକୁ ଥିଲା, ଯଦି ଇତିହାସର ଏକ ପୁନରାବୃତ୍ତି ହୁଏ...ଠିକ ଯେପରିକି ସେହି ପ୍ରଭାତୀ ତାରା ସେଠାରେ ଆଗମନର ସୂଚନା ଦିଏ, ସେହିପରି ସନ୍ଧ୍ୟାକାଳୀନ ତାରା ଏକ ନୂତନ ଦିନର, ଅନ୍ୟ ଏକ ଦିନର ଆଗମନ ବିଷୟରେ ଜଣାଇଥାଏ। ତେବେ ଏହା ସୂର୍ଯ୍ୟର ଆଗମନ ଅଟେ ଯାହାକି ସେହି ସୂର୍ଯ୍ୟର—ର ସେହି—ସେହି ଯିବା ବିଷୟରେ ସୂଚନା ଦିଏ ଯାହା ଆମ ପାଖରେ ରହି ଆସିଛି ଏବଂ ଏକ ନୂତନ ସୂର୍ଯ୍ୟର ଆଗମନକୁ ସୂଚାଇଥାଏ, ଦେଖନ୍ତୁ, ଆସିବାକୁ ଥିବା ଏକ ନୂତନ ଯୁଗ, ଏକ ନୂତନ ସମୟକୁ ସୂଚାଇଥାଏ।

410 ବର୍ତ୍ତମାନ, ଏହାକୁ ଶୁଣନ୍ତୁ: ତେବେ, ଯଦି ଯୋହନ ତାଙ୍କର ବାର୍ତ୍ତାକୁ ନେଇ କରି ଆସିଲେ ଏବଂ ଖ୍ରୀଷ୍ଟଙ୍କ ପ୍ରଥମ ଆଗମନ ବିଷୟରେ ଜଣାଇଲେ, ଆଉ ଏଲିୟ ଶେଷ ଦିନରେ ଆସନ୍ତି, ସେହି ଭବିଷ୍ୟଦ୍‌ବକ୍ତା କହିଲେ, "ସନ୍ଧ୍ୟାକାଳୀନ ସମୟରେ ଏହା ଦୀପ୍ତି ହେବ।" ଅନ୍ୟ ଅର୍ଥରେ, ସନ୍ଧ୍ୟା ସମୟରେ ଏକ ଆଲୋକ ହେବ।

411 ସେହି ସନ୍ଧ୍ୟାକାଳୀନ ଦୀପ୍ତି, ସବୁଠାରୁ ବଡ ସନ୍ଧ୍ୟାକାଳୀନ ଦୀପ୍ତି ଯାହା ଆମେମାନେ ପାଇଅଛୁ ତାହା ହେଲା ସନ୍ଧ୍ୟାକାଳୀନ ତାରା, ସବୁଠାରୁ ଶ୍ରେଷ୍ଠ ଦୀପ୍ତି ଯାହାକି ଆମେମାନେ ପାଇଅଛୁ । ତେବେ, ତାହାହେଲେ, ଏହାକୁ ସେହି ସମାନ ବାର୍ତ୍ତାର ସୂଚନା ଦେବାକୁ ପଡିବ ଯାହାକି ଏହା ଥିଲା ଯେପରିକି ଏହି ଅନ୍ୟ ତାରାଟି ଥିଲା । ଏହା ହେଲା ସୂର୍ଯ୍ୟଙ୍କ ବିଷୟରେ ସୂଚନା ଦେବା, ସୂର୍ଯ୍ୟ ବିଷୟରେ କହିବା ।

412 ତେବେ, ବର୍ତ୍ତମାନ ଆମେମାନେ ସନ୍ଧ୍ୟା ସମୟରେ ଅଛୁ, ସନ୍ଧ୍ୟାକାଳୀନ ଦୀପ୍ତିଗୁଡିକ ଏଠାରେ ଅଛି । ଏହି ଯୁଗଟି ଦୂର ହୋଇ ଯାଇଅଛି । ଦେଖନ୍ତୁ ମୋର କହିବାର ଅର୍ଥ କଅଣ? ଏହି ଦିନଟି ଅତିକ୍ରମ ହୋଇସାରିଛି, ଏବଂ ସେଠାରେ ଆଉ ଏକ ଦିନର ଆଗମନ ବିଷୟରେ ସୂଚନା ଦେବ ।

413 କାରଣ, ଦେଖନ୍ତୁ, ତାହା ପ୍ରକୃତରେ...ଯଦି କେହି ପଶ୍ଚିମରେ ଥାଆନ୍ତି ଏବଂ ସେହି ତାରାକୁ ପଛ ଆଡକୁ ଚାହାଁନ୍ତି, ଏହା ପୂର୍ବ ଦିଗରେ ହେବ । ଏବଂ ତାହାପରେ, ଆପଣ ଦେଖନ୍ତୁ, "ଆମେମାନେ ପୂର୍ବରେ ତାଙ୍କର ତାରା ଦେଖିଅଛୁ," କିନ୍ତୁ ସେମାନେ ପ୍ରକୃତରେ ଥିଲେ... ସେମାନେ—ସେମାନେ ପୂର୍ବ ଦିଗରେ ଥାଇ ପଶ୍ଚିମ ଦିଗକୁ ସେହି ତାରା ଆଡକୁ ଚାହିଁଥିଲେ । କଅଣ ତାହା ଠିକ୍ କି? ପଣ୍ଡିତମାନେ ପଶ୍ଚିମଆଡେ ଥିଲେ...ପୂର୍ବରେ ଥାଇ ପଶ୍ଚିମଆଡେ ତାରାକୁ ଚାହିଁଥିଲେ । ଦେଖନ୍ତୁ ମୋର କହିବାର ଅର୍ଥ କଅଣ? ମାତ୍ର ଏହା ପଶ୍ଚିମ ଦିଗରେ ଥିବା ଲୋକମାନଙ୍କ ପାଇଁ ଏକ ପୂର୍ବଦିଗସ୍ଥ ତାରା ଥିଲା ।

414 ଦେଖନ୍ତୁ, ଯେପରିକି ଆମେମାନେ କହିବା...ମୁଁ ସବୁବେଳେ କୁହେ, "ତଳ ଉପର ଅଟେ ।" ଆପଣ କିପରି ଜାଣନ୍ତି ଯେ ତାହା କିଛି ନୁହଁ ବରଂ ଠିକ୍ ଅଟେ? ଆମେମାନେ ଅନନ୍ତକାଳରେ ଛିଡା ହୋଇଛୁ, ତେଣୁ ଦକ୍ଷିଣ ମେରୁ ଉପରକୁ ହୋଇପାରେ ଏବଂ ଉତ୍ତର ମେରୁ ତଳକୁ ହୋଇପାରେ । ଆମେ ଜାଣି ନାହୁଁ । ଦେଖନ୍ତୁ, ଉପରକୁ ଯିବାର ମାର୍ଗ ତଳକୁ ଅଟେ । ବୁଝିଲେ? ଆମେମାନେ...ଆମେମାନେ ଏହାକୁ ଛାଡି ଦେବା; ଏହା ପରେ ଆମେମାନେ ଅନନ୍ତକାଳକୁ ଚାଲିଯିବା । ଏହା ଏକ ଅନନ୍ତତାର ଆଗମନର, ଏକ ଶୁଭ ସମ୍ବାଦ, ଏକ ସୂଚନା, ଏକ ଭିନ୍ନ ଦିନ, ଏକ ଭିନ୍ନ ସମୟ, ଏବଂ ସଂପୂର୍ଣ୍ଣ ଭାବରେ ଅଲଗା ଅଟେ ।

415 ବର୍ତ୍ତମାନ ଆମେମାନେ ସନ୍ଧ୍ୟା ସମୟରେ ଅଛୁ । ଆମେ ତାହା ବିଶ୍ୱାସ କରୁ । ଆମେ ବିଶ୍ୱାସ କରୁ ଯେ ପ୍ରଭୁଙ୍କ ଆଗମନ ପାଖେଇ ଆସୁଛି । ଠିକ୍ ଅଛି । ବର୍ତ୍ତମାନ, ଯଦି ତାହା ସେହିପରି ଅଟେ, ତେବେ ସେଠାରେ ଏକ ସନ୍ଧ୍ୟାକାଳୀନ ଦୀପ୍ତି ରହିବାକୁ ଅଛି । ଏବଂ ମଲାଖି 4 ଅନୁଯାୟୀ, ସେହି ସନ୍ଧ୍ୟାକାଳୀନ ଦୀପ୍ତିଙ୍କୁ, "ସନ୍ତାନମାନଙ୍କର ହୃଦୟକୁ ପିତାଙ୍କ ନିକଟକୁ ଫେରାଇ ଆଣିବାର," ପୁନର୍ବାର ଆରମ୍ଭକୁ ଫେରାଇ ନେବାର ଥିଲା ।

416 କିନ୍ତୁ ଯେତେବେଳେ ସେ ପ୍ରଥମ ଥର ଆସିଥିଲେ, ସେ ପିତାମାନଙ୍କର ହୃଦୟକୁ ସନ୍ତାନମାନଙ୍କ ଆଡକୁ ଫେରାଇ ଆଣିଥିଲେ । ତାହା ସନ୍ତାନମାନେ ଥିଲେ ଯାହାଙ୍କୁ ସେ ନିଜ

ଚାରିପାଖରେ ଏକାଠି କରିଥିଲେ। ତାଙ୍କୁ ସନ୍ତାନମାନଙ୍କୁ ଆଣିବାକୁ ଥିଲା...ପିତାମାନଙ୍କର (ସେହି ପୁରାତନ, ପ୍ରାଚୀନ ରୁଢୀବାଦୀ ପିତାମାନଙ୍କର) ହୃଦୟକୁ ଏହି ଆଲୋକ ନିକଟକୁ ଫେରାଇ ଆଣିବାକୁ ଥିଲା ଯାହାର ସୂଚନା ସେ ଏଠାରେ ଦେଉଥିଲେ।

417 ମାତ୍ର ଯେତେବେଳେ ସେ ପୁନର୍ବାର ଆସନ୍ତି, ତାଙ୍କୁ ଠିକ ଫେରାଇ ନେବାକୁ ଅଛି (କଅଣ ଆପଣ ଲକ୍ଷ୍ୟ କଲେ, ଜଗତ ନଷ୍ଟ ହେବା ପୂର୍ବରୁ, "ପ୍ରଭୁଙ୍କର ସେହି ମହାନ ଓ ଭୟଙ୍କର ଦିନ") ଏବଂ "ସନ୍ତାନମାନଙ୍କର ହୃଦୟକୁ ପିତାଙ୍କର ନିକଟକୁ ଫେରାଇ ଆଣିବା," ସେହି ସନ୍ଧ୍ୟାକାଳୀନ—ସନ୍ଧ୍ୟାକାଳୀନ ତାରା ଯାହାକି ସେହି ସମୟରେ ପ୍ରଭାତୀ ତାରା ଥିଲା। ଆମେନ୍।

418 ମୁଁ ଆଶା କରେ—ମୁଁ ଆଶା କରେ ଯେ ମୁଁ ଏହାକୁ ଠିକ୍ କହିଛି, ଦେଖନ୍ତୁ। ସେହି ସନ୍ଧ୍ୟାକାଳୀନ ତାରା ଯାହାକି ସେହି ପ୍ରଭାତୀ ତାରା ଥିଲା, କାରଣ ଏହା ସେହି ସମାନ ତାରା ଅଟେ। ଆମେମାନେ ପଶ୍ଚିମ ଦିଗରେ ଥାଇ, ପୂର୍ବ ଆଡକୁ ଦେଖୁଅଛୁ। ସେମାନେ ପୂର୍ବ ଦିଗରେ ରହି, ପଶ୍ଚିମ ଆଡକୁ ଚାହିଁଥିଲେ। ଏହା ଅବିକଳ ଠିକ୍ ସେହି ସମାନ ତାରା ଅଟେ। ଦେଖନ୍ତୁ ମୋର କହିବାର ଅର୍ଥ କଅଣ? ଏହା ତାହା ଉପରେ ନିର୍ଭର କରେ ଯେ ଆପଣ କେଉଁଠାରେ ଅଛନ୍ତି, ଦେଖନ୍ତୁ, ଏହା ପୂର୍ବ ତାରା ହେଉ କି ପଶ୍ଚିମ ତାରା ହେଉ। ଆପଣ ଦେଖୁଛନ୍ତି ଯେ ମୋର କହିବାର ଅର୍ଥ କଅଣ? ଠିକ୍ ଅଛି।

419 ତେବେ, ଏହା ନେଇ ଆସେ...ଜଣେ ପିତାଙ୍କର ବିଶ୍ୱାସକୁ ସନ୍ତାନମାନଙ୍କ ପାଖକୁ ଫେରାଇ ଆଣେ; ଏହି ସମୟରେ ଏହା "ସନ୍ତାନମାନଙ୍କର ବିଶ୍ୱାସକୁ ପିତାଙ୍କ ନିକଟକୁ ଫେରାଇ ଆଣିବା ଅଟେ।" ଆପଣ ଚାରି ଆଡେ ବୁଲାବୁଲି କରି, ପୁନର୍ବାର ଫେରି ଆସିଛନ୍ତି। ଆପଣ ଦେଖୁନାହାଁନ୍ତି ଯେ ଆପଣଙ୍କ କହିବାର ଅର୍ଥ କଅଣ ଅଟେ? ଦେଖୁନାହାଁନ୍ତି ଯେ ମୋର କହିବାର ଅର୍ଥ କଅଣ? ଏହା ତ ସର୍ବଦା ସେହି ସମାନ ତାରା ଅଟେ। ସେହି ସମାନ ବିଷୟ, ସେହି ସମାନ ବାର୍ତ୍ତା, ସେହି ସମାନ ଜିନିଷ ପୁଣି ଥରେ ଫେରି ଆସୁଛି। ଏହା ଘଟି ସାରିଛି।

420 ଏବଂ ଆପଣ କିପରି ଜାଣିବେ ଯେ ଆପଣ କେଉଁ ବାଟରେ ଯାଉଛନ୍ତି? ମୁଁ ବିଶ୍ୱାସ କରେ ଯେ ସେହି ଘଟିକା ଆସିବ ଯେତେବେଳେ ସେମାନେ ପ୍ରକୃତରେ ଜାଣିବାକୁ ପାଇବେ ଯେ ଜଗତ ଏପରିକି ଚାଲୁ ସୁଦ୍ଧା ନାହିଁ। ମୁଁ ମୋର ସମ୍ପୂର୍ଣ୍ଣ ହୃଦୟ ସହିତରେ ତାହା ବିଶ୍ୱାସ କରେ। ମୁଁ ବିଶ୍ୱାସ କରେ ନାହିଁ...ଯେ ସେମାନେ କେତେ ଅଧିକ ବୈଜ୍ଞାନିକ ଭାବରେ ଏହା ପ୍ରମାଣ କରନ୍ତି କିମ୍ବା ଅନ୍ୟ କିଛି ଅଧିକ କରନ୍ତି। ସେମାନେ ବହୁତ ଅଧିକ ବୈଜ୍ଞାନିକ ପ୍ରମାଣ କରିଥିଲେ ଯେ ସେମାନଙ୍କୁ ଫେରାଇ ନେବାକୁ ପଡିଥିଲା। ପରମେଶ୍ୱର କହିଲେ ଯେ ଜଗତ ଅଟକି ଗଲା...ସେହି ସୂର୍ଯ୍ୟ। ମୋର କହିବାର ଅର୍ଥ ଜଗତ ବଦଳରେ ସୂର୍ଯ୍ୟ ଅଟକି ଯାଇଥିଲା। ଦେଖନ୍ତୁ, ସୂର୍ଯ୍ୟ। ମୁଁ ପ୍ରକୃତରେ ବିଶ୍ୱାସ କରେ ନାହିଁ ଯେ ସୂର୍ଯ୍ୟ...ମୁଁ—ମୁଁ—ମୁଁ ବିଶ୍ୱାସ କରେ ନାହିଁ ଯେ ସୂର୍ଯ୍ୟ ତାହା କରେ ଯାହାକି ସେ କରେ ବୋଲି କୁହନ୍ତି। ମୁଁ ଜାଣେ ଯେ ଚନ୍ଦ୍ର ଭ୍ରମଣ କରେ, ଏବଂ ମୁଁ ବିଶ୍ୱାସ କରେ ଯେ ସେହି—ସେହି ସୂର୍ଯ୍ୟ ମଧ୍ୟ ଯାତ୍ରା କରେ। ବୁଝିଲେ?

421 କିନ୍ତୁ ସେମାନଙ୍କ ମଧ୍ୟରୁ କେତେକ କୁହନ୍ତି, "ସେ ଯିହୋଶୂୟଙ୍କ ଅଜ୍ଞତାକୁ ଦେଖିଲେ, ଦେଖନ୍ତୁ, ଏବଂ" କହିଲେ "ସେ ତାହା ଅଟକାଇଲେ...କହିଲେ ଯେ ତାହା..." ତେବେ, ସେ କହିଲେ, "ସେ ଜଗତକୁ ଅଟକାଇଲେ।"

422 ମୁଁ କହିଲି, "ତେବେ ଆପଣ ମୋତେ କହିଲେ, 'ଯଦି ସେହି—ଯଦି ସେହି ଜଗତ କେବେ ଅଟକେ, ତେବେ ତାହା ତ ଶୂନ୍ୟ ମଣ୍ଡଳରେ ଏକ ଉଲ୍କା ପିଣ୍ଡ ପରି ପରି କ୍ଷୀପ୍ର ଗତିରେ ଗମନ କରିବ।' ବୁଝିଲେ?" ମୁଁ କହିଲି, "ତେବେ, ତାହାପରେ କଅଣ ଘଟିଲା?"

423 ମୁଁ ଏଠାରେ ଉଚ୍ଚ ବିଦ୍ୟାଳୟରେ ଥିବା ବାଇବଲ ଶିକ୍ଷକ ଶ୍ରୀମାନ ଥିସ୍‌ଙ୍କ ସହ କଥାବାର୍ତ୍ତା ହେଉଥିଲି; ଆପଣ ଜାଣିଛନ୍ତି ଯେ ଏହା କିଏ ଥିଲେ, ମାତ୍ର ସେ ତାହା କହିଥିଲେ। ମୁଁ କହିଲି, "ମୁଁ ତାହା ବିଶ୍ୱାସ କରେ ଯାହା ବାଇବଲ କୁହେ, ଯେ ଜଗତ ଅଟକି ଯାଇଥିଲା..." ମୁଁ କହିଲି, "ମୋର ଅଭିପ୍ରାୟ, '*ସୂର୍ଯ୍ୟ* ଅଟକି ଥିଲା।' ଯିହୋଶୂୟ ସୂର୍ଯ୍ୟଙ୍କୁ କହିଥିଲେ, 'ସ୍ଥିର ରୁହ!' ଏବଂ ସେ ସେଠାରେ ଛିଡା ହୋଇଗଲା।"

424 ସେ କହିଲେ, "ତେବେ, ସେ ତ କେବଳ ଜଗତକୁ ଅଟକାଇ ଦେଇଥିଲେ, ସେ ଯିହୋଶୂୟଙ୍କ ଅଜ୍ଞତା ଦେଖିଥିଲେ।"

ମୁଁ କହିଲି, "ତେବେ, ଆପଣ ଠିକ ସେହି ସମାନ ବିଷୟକୁ ନିଜର ବୁଦ୍ଧିମତ୍ତା ଦ୍ୱାରା କରନ୍ତୁ।" ବୁଝିଲେ?

425 [ଜଣେ ଭାଇ କୁହନ୍ତି, "ମୁଁ ବିଶ୍ୱାସ କରେ ଯେ ସେମାନେ ବୈଜ୍ଞାନିକ ଉପାୟରେ ତାହା ପ୍ରମାଣ କରିପାରନ୍ତି ଯେ ସେହି—ସେହି ସୂର୍ଯ୍ୟ କେତେ କାଳ ଅଟକି ଥିଲା।"—ସମ୍ପା] ହଁ, ସେଠାରେ ସେମାନେ...ମୁଁ ମଧ୍ୟ, ତାହା ଶୁଣିଛି। ହଁ, ସେମାନେ ଦାବି କରନ୍ତି...ମୁଁ କିଛି ସମୟ ପୂର୍ବରୁ ଏଠାରେ ଜଣେ ଜ୍ୟୋତିଷଙ୍କଙ୍କୁ ଏହା ଉପରେ କହୁଥିବାର ଶୁଣିଥିଲି, ଯେ ସେମାନେ ତାହା ପ୍ରମାଣ କରିପାରିବେ। ଏବଂ ଠିକ ସେହି ସମାନ ସମୟରେ ଯେତେବେଳେକି ସେମାନେ...ବାୟୁମଣ୍ଡଳରେ ଏପରି କିଛି ଘଟିଲା ଯାହାକି ସେମାନେ ଦେଖି ପାରିଥିଲେ ଯେଉଁଠାରେକି ସ୍ୱର୍ଗରେ କିଛି ଗୋଟାଏ ଘଟିଥିଲା ଏବଂ ଏହା ସେହି ସମୟରେ ସୂଫ ସାଗର ଏବଂ ବିଷୟକୁ ଖୋଲି ଦେଇଥିଲା। ସେମାନେ ତାହା ସବୁ ପ୍ରମାଣ କରିଥିଲେ। ତେବେ, ପିଲାଏ, ମୁଁ ତୁମମାନଙ୍କୁ କହୁଅଛି, ଅନତି ଦୂରରେ ଅନ୍ୟ କୌଣସି ସ୍ଥାନରେ ତାରାମାନେ ଥିଲେ ଯାହାକି ସେହି ସମୟରେ ଏପରି କିଛି ବିଷୟ କରିଥିଲେ। ଯାହା ବି ହେଉ, ଏହା ଆମ ପାଇଁ ବହୁତ ଗଭୀର ଅଟେ।

426 ତେଣୁକରି, ବର୍ତ୍ତମାନ, ସେହି କାରଣ ଯେ ଏହି ବାର୍ତ୍ତାଟି...ଏହି ବାର୍ତ୍ତାଟିକୁ ଏହି ଦୃଷ୍ଟିରେ ଦେଖାଯିବାକୁ ହେବ, ଏହା ପ୍ରମାଣ କରିବା ହେତୁ ଯେ ଏହାହିଁ ତାହା ଅଟେ। ତେବେ, ଭାଇମାନେ, ଆମେମାନେ ଜାଣୁ, ଯେ ମଣିଷ ପରମେଶ୍ୱର ହୋଇପାରେ ନାହିଁ। ମଣିଷ, ତଥାପି ସେ ଜଣେ ଇଶ୍ୱର ଅଟେ, ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ ଏକ ଇଶ୍ୱର ଅଟନ୍ତି। ଆପଣମାନଙ୍କୁ ଜଣେ ଇଶ୍ୱର ହେବା ପାଇଁ ନିର୍ମାଣ କରା ଯାଇଥିଲା, ମାତ୍ର ସେତେବେଳେ

ନୁହେଁ ଯେତେବେଳେକି ଆପଣ ଏହି ଜୀବନରେ ରହିଥାନ୍ତି। ବୁଝିଲେ? ଯୀଶୁ ଆମ ପରି ଜଣେ ବ୍ୟକ୍ତି ଥିଲେ, କିନ୍ତୁ ପରମେଶ୍ୱର ତାହାଙ୍କଠାରେ ଥିଲେ। ପରମେଶ୍ୱରଙ୍କ ପରିପୂର୍ଣ୍ଣତା ତାହାଙ୍କଠାରେ ଥିଲା; ଆମେ ତ ଆତ୍ମା ପରିମାପ ଦ୍ୱାରା ପାଇଅଛୁ।

427 ମାତ୍ର ଏହି ହେତୁରୁ ଯେ ଏହି ଆଲୋକ ଆସିଅଛି, ଏବଂ ଯଦି ଏହା ସେହି ପ୍ରକୃତ ଆଲୋକ ଅଟେ ଯାହାକି ସେହି ବାର୍ତ୍ତାର ଆଗମନ ବିଷୟକୁ ସୂଚନା ଦିଏ ଯାହାକି ବାପ୍ତିଜକ ଯୋହନ ସୂଚନା ଦେଇଥିଲେ, ଯେପରିକି ସେ କହିଥିଲେ ଯେ ସେ ସେଠାରେ ନଦୀ କୂଳରେ କରିଥିଲେ...ଏବଂ କେବଳ ଦେଖନ୍ତୁ, ଏହା କିପରି ବା—ଏହା କିପରି ବା ଅନ୍ୟ କିଛି ହୋଇପାରିବ? ମୋ ଆଡେ ଦୃଷ୍ଟିପାତ କରନ୍ତୁ, ଦେଖନ୍ତୁ, ଏକ ବ୍ୟାକରଣ ବିଦ୍ୟାଳୟ ଶିକ୍ଷା ସୁଦ୍ଧା ନୁହେଁ। ଯେତେବେଳେ ସେ ମୋତେ ସେହିସବୁ ବିଷୟରେ କହିଲେ ଯାହାକି ଘଟିବ, ସେଗୁଡ଼ିକ ମଧ୍ୟରୁ ଗୋଟିଏ ହେଲେ ବିଫଳ ହୋଇନାହିଁ। ସେଗୁଡିକ ମଧ୍ୟରୁ ଗୋଟିଏ ହେଲେ କେବେ ବିଫଳ ହୋଇନାହିଁ। ଦେଖନ୍ତୁ ଯେ ସେ କଅଣ କରିଅଛି। ଦେଖନ୍ତୁ, ସେ ତ ଏପରିକି ପାଇଛନ୍ତି...

428 ଏବଂ ବହୁତ ବର୍ଷ ପୂର୍ବେ, ମୁଁ ଭାଇମାନଙ୍କୁ କହିଥିଲି, ମୁଁ ଜାଣେ ନାହିଁ ଯେ ଆମମାନଙ୍କ ମଧ୍ୟରେ ସବୁଠାରୁ ବୟସ୍କ କିଏ ହେବେ, କିନ୍ତୁ ସେମାନଙ୍କୁ ଏହି ବିଷୟଗୁଡ଼ିକ ସମ୍ବନ୍ଧରେ, ଏହି ଆଲୋକକୁ ଦେଖିବା ବିଷୟରେ ଏବଂ ଏହା କେଉଁ ରଙ୍ଗ ଥିଲା, ଏବଂ ସବୁକିଛି ବିଷୟରେ କହିଥିଲି। ତେବେ ସେହି ଚିତ୍ର ଦର୍ଶାଉଅଛି ଯେ ଏହା ସତ ଅଟେ। ଏହି ସମସ୍ତ ଭିନ୍ନ ବିଷୟମାନ ସତ୍ୟ ବୋଲି ପ୍ରମାଣ କରେ। କଅଣ ତାହା ଠିକ୍ ଅଟେ? ତେବେ, ତାହାହେଲେ, ଯଦି ତାହା ସତ ଅଟେ...ଏବଂ ଏହା ଆଲୋକ ଅଟେ।

429 ବର୍ତ୍ତମାନ, ସେଠାରେ ସେହି 35ତମ ପଦର...[ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା।]... ପ୍ରାୟଃ ଚାରି ଉପରେ ଆରମ୍ଭ କରନ୍ତୁ, କିମ୍ବା ମୋର କହିବାର ଅର୍ଥ ହେଲା...ଭାଇ, ଆସନ୍ତୁ ପ୍ରାୟଃ 14ଶ ପଦରେ ଆରମ୍ଭ କରିବା। କିଏ ଏହାକୁ ଖୋଲି ରଖିଛନ୍ତି? ଠିକ୍ ଅଛି। ସେଠାରେ ସାଧୁ ଲୁକର 3ୟ ପର୍ବର ପ୍ରାୟଃ 14ଶ ପଦରେ ଆରମ୍ଭ କରନ୍ତୁ। [ଜଣେ ଭାଇ ଲୂକ 3:14-16 ପାଠ କରନ୍ତି।]

> *[ସୈନିକମାନେ ମଧ୍ୟ ତାଙ୍କୁ ପଚାରିବାକୁ, ଲାଗିଲେ, ଆଉ ଆମ୍ଭେମାନେ କଅଣ କରିବା? ସେ ସେମାନଙ୍କୁ କହିଲେ, ବଳରେ କି ଛଳରେ କାହାରି ଧନ ହରଣ କର ନାହିଁ, ପୁଣି ତୁମ୍ଭମାନଙ୍କ ବେତନରେ ସନ୍ତୁଷ୍ଟ ହୋଇଥାଅ।]*

> *[ଲୋକମାନେ ଅପେକ୍ଷାରେ ଥିବାରୁ, ଓ ଯୋହନ କେଜାଣି ଖ୍ରୀଷ୍ଟ ହେବେ, ଏହା ତାଙ୍କ ସମ୍ବନ୍ଧରେ, ସମସ୍ତେ ଆପଣା ଆପଣା ମନରେ ତର୍କବିତର୍କ କରୁଥିବାରୁ;]*

> *[ଯୋହନ ସମସ୍ତଙ୍କୁ, ଉତ୍ତର ଦେଲେ, ମୁଁ ସିନା ତୁମ୍ଭମାନଙ୍କୁ ଜଳରେ ବାପ୍ତିସ୍ମ ଦେଉଅଛି; ମାତ୍ର ମୋ ଠାରୁ ଯେ ଅଧିକ ଶକ୍ତିମାନ ସେ ଆସୁଅଛନ୍ତି, ତାହାଙ୍କର*

*ପାଦୁକାର ବନ୍ଧନ ଫିଟାଇବାକୁ ମୁଁ ଯୋଗ୍ୟ ନୁହେଁ: ସେ ତୁମ୍ଭମାନଙ୍କୁ ପବିତ୍ରଆତ୍ମା ଓ ଅଗ୍ନିରେ ବାପ୍ତିସ୍ମ ଦେବେ:]*

430 ଠିକ୍ ଅଛି। ଏହା କଅଣ ଥିଲା? ଲୋକମାନେ ଖ୍ରୀଷ୍ଟଙ୍କ ଆଗମନର ଏତେ ଅଧିକ ଅପେକ୍ଷାରେ ଥିଲେ, ଯେ ଯେତେବେଳେ ସେମାନେ ଏହି ମହାନ୍ ଅଭିଷିକ୍ତ ସେବାକାର୍ଯ୍ୟକୁ ଦେଖିଥିଲେ, ଯେ ପ୍ରାନ୍ତରରୁ ଜଣେ ବ୍ୟକ୍ତି ବାହାରି ଆସିଛନ୍ତି ଓ ତାଙ୍କର ପ୍ରଚାର କାର୍ଯ୍ୟକୁ କରୁଛନ୍ତି ଏବଂ ପୁନର୍ବାର ପ୍ରାନ୍ତର ମଧ୍ୟକୁ ଫେରି ଯାଉଛନ୍ତି, ଅନେକ ଲୋକ, ଯେଉଁମାନେକି ତାଙ୍କର ନିଜର ଅନୁଗାମୀ ଥିଲେ, କହିଥିଲେ, "ସେ ହେଉଛନ୍ତି ଖ୍ରୀଷ୍ଟ।" ସେମାନେ ଏହାର ଅପେକ୍ଷା କରୁଥିଲେ, ଦେଖନ୍ତୁ।

431 ତେବେ ଯଦି ଏହାହିଁ ପରମେଶ୍ୱରଙ୍କର ସେହି ପ୍ରକୃତ ବାର୍ତ୍ତା ଅଟେ, ଯାହାକି ବାପ୍ତିଜକ ଯୋହନଙ୍କ ଆଗମନର ଆଗରେ ଆଗରେ ଚାଲିଥିଲା, ସେହି ସମାନ…ସେହି ସମାନ ବିଷୟ ପରି, ସେହି ଏଲିୟ ବାର୍ତ୍ତା, ଏହାକୁ ମଧ୍ୟ ସେହି ସମାନ ଭାବରେ ବିଚାର କରାଯିବାକୁ ହେବ। ବୁଝିଲେ? ତେଣୁକରି ତାହା ସେହି ପ୍ରଶ୍ନର ଉତ୍ତର ଦିଏ, ମୁଁ ଭାବୁଛି, ଅବିକଳ ଭାବରେ। ବୁଝିଲେ? ଏହାକୁ ସେହି ସମାନ ଭାବରେ ବିଚାର କରାଯିବାକୁ ହେବ। ବୁଝିଲେ?

432 [ଜଣେ ଭାଇ ପଚାରନ୍ତି, "କଅଣ ଏପରି କିଛି ବିଷୟ ଅଛି କି ଯାହା କରିବା ପାଇଁ ଆମେ ଉତ୍ତରଦାୟୀ ଅଟୁ ଯେ ତାହା କୌଣସି ବି ବ୍ୟକ୍ତିଙ୍କୁ ସାହାଯ୍ୟ କରିବାକୁ ଚେଷ୍ଟା କରିବ ଯିଏକି—ଯିଏକି ସେହିପରି ବିବାଦରେ ଏକ ଅଂଶ—ଏକ ଅଂଶ ଗ୍ରହଣ କରିବେ? କିମ୍ବା ଆମେ କଅଣ କରିପାରିବା?"—ସମ୍ପା।] ସେଠାରେ କିଛି ରହିବ ନାହିଁ, ଏପରି କିଛି ନାହିଁ ଯାହାକି ଆପଣ କରିପାରନ୍ତି। ["ଏକ ଭ୍ରଷ୍ଟ ମତି…କଅଣ ତାହା ଏକ ଭ୍ରଷ୍ଟ ମତିରେ ବିକଶିତ ହୋଇପାରିବ କି?"] ତେବେ, ଏହା ଏକ ଭ୍ରଷ୍ଟ ମତିର ଅବସ୍ଥାକୁ ଆସିବ ଯଦି ଏହା ଏହି ବିଷୟକୁ ଆସେ: ଯଦି ସେହି ବ୍ୟକ୍ତି, ଯାହା ବିଷୟରେକି ଏହା କୁହାଯାଇଥିଲା, ଯଦି ସେ ସାକ୍ଷ୍ୟ ଦେବେ ଯେ ସେ ଖ୍ରୀଷ୍ଟ ଅଟନ୍ତି, ତାହାହେଲେ ଆମେ ଜାଣିବା ସେ ଜଣେ ଭଣ୍ଡ ଖ୍ରୀଷ୍ଟ ଅଟନ୍ତି। ବୁଝିଲେ?

433 ଦେଖନ୍ତୁ, ଯେପର୍ଯ୍ୟନ୍ତ ସେହି ବ୍ୟକ୍ତି ନିଜେ ନିଜର ସ୍ଥିତିକୁ ବଜାୟ ରଖନ୍ତି, ଆପଣ ଦେଖନ୍ତୁ। ଯେପରିକି ସେମାନେ ଯୋହନଙ୍କୁ କହିଥିଲେ, ଯୋହନ କରି ନ ଥିଲେ…ଏହା ସେଠାରେ ତାଙ୍କ ବିଷୟରେ କିଛି ହେଲେ କହେ ନାହିଁ ଯେ ସେ ସେମାନଙ୍କ ବିଷୟରେ କିଛି କହିଥିଲେ ବୋଲି। ସେମାନେ ଥିଲେ—ସେମାନେ ତାହା ଥିଲେ—ସେହି ଲୋକମାନେ, ସେହି—ସେହି ସୁନ୍ଦର ଖ୍ରୀଷ୍ଟିଆନମାନେ ଯେଉଁମାନେକି…କିମ୍ବା ସେହି ବିଶ୍ୱାସୀମାନେ ଯେଉଁମାନେକି ଯୋହନଙ୍କ ଉପରେ ବିଶ୍ୱାସ କରୁଥିଲେ।

434 ସେମାନେ କହିଥିଲେ, "ଏହି ବ୍ୟକ୍ତି ପ୍ରକୃତରେ ପରମେଶ୍ୱରଙ୍କ ଜଣେ ଭବିଷ୍ୟଦ୍‌ବକ୍ତା ଅଟନ୍ତି, ଏଥିରେ କୌଣସି ସନ୍ଦେହ ନାହିଁ।" ସେମାନେ କହିଥିଲେ, "କଅଣ—କଅଣ—କଅଣ—କଅଣ—କଅଣ ଆପଣ ସେହି ଭବିଷ୍ୟଦ୍‌ବକ୍ତା ନୁହଁନ୍ତି କି?"

ସେ କହିଲେ, "ନା।"

435 ସେ କହିଲେ, "କାହିଁକି, କଅଣ—କଅଣ—କଅଣ ଆପଣ ମଶୀହ ନୁହଁନ୍ତି କି?" ଦେଖନ୍ତୁ, ସେମାନେ—ସେମାନେ ଭାବିଥିଲେ ଯେ ସେ ପ୍ରକୃତରେ ଥିଲେ ବୋଲି । ବୁଝିଲେ?

ସେ କହିଲା, "ନା ।" ବୁଝିଲେ?

"କଅଣ—କଅଣ—କଅଣ ଆପଣ ନୁହଁନ୍ତି କି? ଆପଣ କିଏ—କିଏ ଅଟନ୍ତି?"

ସେ କହିଲେ, "ମୁଁ ପ୍ରାନ୍ତରରେ ଚିତ୍କାର କରୁଥିବା ସେହି ଜଣକାର ରବ ଅଟେ ।"

436 ଏବଂ ତାହାପରେ ବାଇବଲ କୁହେ, "ଲୋକମାନେ ଅପେକ୍ଷାରେ ଥିବାରୁ ।" ତାହା କେଉଁମାନେ ଥିଲେ? ତାଙ୍କର ଶ୍ରୋତାମାନେ, ତାଙ୍କ ଶ୍ରବଣକାରୀମାନେ, ତାଙ୍କ ଅନୁଗାମୀମାନେ, ତାଙ୍କ ଭାଇମାନେ ଥିଲେ । ବୁଝିଲେ? ବର୍ତ୍ତମାନ, ସେମାନେ ତାଙ୍କୁ ଆଘାତ କରିବାକୁ ଚାହିଁ ନ ଥିଲେ, ସେମାନେ ତାଙ୍କୁ ଆଘାତ କରିବାକୁ ଚେଷ୍ଟା କରୁ ନ ଥିଲେ । ମାତ୍ର, ଦେଖନ୍ତୁ, ସେମାନେ—ସେମାନେ ପ୍ରକୃତରେ ସେମାନଙ୍କ ହୃଦୟରେ ଏହା ଭାବିଥିଲେ ଯେ ସେ ହିଁ ମଶୀହ ଅଟନ୍ତି ।

437 ତେବେ, ବର୍ତ୍ତମାନ, ଇତିହାସକୁ ପ୍ରତ୍ୟେକ ଅବସରରେ ନିଜକୁ ପୁନରାବୃତ୍ତି କରିବାକୁ ଅଛି । ଆମେ ତାହା ଜାଣୁ । ଏହାକୁ ନିଜକୁ ପୁନରାବୃତ୍ତି କରିବାକୁ ପଡିବ ।

438 ଯେପରିକି ଆପଣ ସେଠାରେ ମାଥିଉ ୨ ରେ ଏହାକୁ ନିଅନ୍ତୁ, ଏହା କୁହେ, "ଯେପରିକି ତାହା ସଫଳ ହୁଏ, ଯାହାକି ଭବିଷ୍ୟଦ୍‌ବକ୍ତାଙ୍କ ଦ୍ୱାରା କୁହା ଯାଇଥିଲା, 'ମିସରରୁ ଆମ୍ଭେ ଆପଣା ପୁତ୍ରକୁ ଡାକିଅଛୁ ।'" ବର୍ତ୍ତମାନ, ତାହା ନ ଥିଲା…ଏହା ସେହି ପୁତ୍ର, ଯୀଶୁଙ୍କ ବିଷୟରେ କହୁଥିଲା; କିନ୍ତୁ ରେଫରେନ୍‌ସକୁ ନେଇ ଚଲାନ୍ତୁ; ତାହା ସେହି ପୁତ୍ର, ଯାକୁବ, ମଧ୍ୟ ଥିଲେ । ବୁଝିଲେ? ବୁଝିଲେ? ଏହାର ସମସ୍ତର ଏକ ଯୁଗ୍ମ ଅର୍ଥ ଅଛି ।

439 ତେଣୁକରି ବର୍ତ୍ତମାନ ଯଦି ସେହି…ଯଦି—ଯଦି ସେହି ବିଷୟ ଏଯାଏଁ ଉଦୟ ହୋଇ ନାହିଁ, ତଥାପି ମୁଁ କହିବି ଯେ ଏହା ଭବିଷ୍ୟତ୍‌ରେ ଉଦୟ ପାଇବାକୁ ଥିଲା, କାରଣ ମୁଁ ଜାଣେ ଯେ ଏହି ବାର୍ତ୍ତା ପରମେଶ୍ୱରଙ୍କଠାରୁ ଆସିଅଛି ଏବଂ ଏହା ଖ୍ରୀଷ୍ଟଙ୍କ ଅଗ୍ରଗାମୀ ଅଟେ, ଏବଂ ଏହା ଏଲିୟଙ୍କର ଆତ୍ମା ଓ ଶକ୍ତି ଅଟେ କାରଣ ଏହାକୁ ସନ୍ତାନମାନଙ୍କର ହୃଦୟକୁ ପୁନଃସ୍ଥାପନ କରିବାକୁ ଅଛି । ସମସ୍ତ କିଛି ବିଷୟ ଏହାକୁ ସଠିକ୍ ଭାବରେ ସୁପ୍ରମାଣିତ କରେ, ତେଣୁକରି ଏହାକୁ ପ୍ରକୃତ ଲୋକମାନଙ୍କ ଅଧୀନରେ ସେହିପରି ଭାବରେ ଏକ ରୂପ ଧାରଣ କରିବାକୁ ବାଧ୍ୟ ଅଟେ, ଯାହାକି—ଯାହାକି ସମ୍ପୂର୍ଣ୍ଣ ଭାବରେ ବିଶ୍ୱାସଯୋଗ୍ୟ ଅଟେ ଏବଂ ଆପଣଙ୍କର ଭାଇ ଏବଂ ବନ୍ଧୁମାନେ ଅଟନ୍ତି ।

440 ବର୍ତ୍ତମାନ, ମୋର ରହିଛନ୍ତି…ଠିକ ଏଠାରେ ସହରରେ ମୋର ଜଣେ ଡାକ୍ତର ଅଛନ୍ତି । ମୁଁ ଆପଣଙ୍କୁ ଜଣେ ଡାକ୍ତର ବିଷୟରେ କହିପାରେ…ମୁଁ ଆପଣଙ୍କୁ କହିବାକୁ ଯାଉନାହିଁ ଯେ ସେ କିଏ ଅଟନ୍ତି, ମୋର ଜଣେ ବନ୍ଧୁ ଯିଏକି ମୋର ଚାରିପାଖରେ ତାଙ୍କର ହାତକୁ ରଖିଥାନ୍ତି, ଓ କୁହନ୍ତି, "ବିଲି, ମୋ ପାଇଁ ତୁମକୁ ଏହା କହିବା ସହଜ ହେବ ଯେ, 'ତୁମେ ପରମେଶ୍ୱରଙ୍କର ଶେଷ ଦିନର ମଶୀହ ଅଟ ।'" ବୁଝିଲେ?

ମୁଁ କୁହେ, "ଡକ, ଦେଖ ତୁମେ ତାହା କର ନାହିଁ।"

441 ସେ କୁହନ୍ତି, "ତେବେ, ମୁଁ ତ ଜଗତରେ ଆଉ କାହାରିକୁ ଦେଖେ ନାହିଁ ଯାହାଙ୍କ ପାଖରେକି କେବେ ଏହିପରି ଏକ ବିଷୟ ରହିଥିଲା ଏବଂ ସେହି ବିଷୟଗୁଡିକୁ କୁହନ୍ତି ଏବଂ ସେହି ବିଷୟଗୁଡିକୁ କରନ୍ତି ଯାହାକି ତୁମେ କରିଥାଅ, ବିଲି।" ଏହା ତାଙ୍କୁ ବହୁତ ସାହାଯ୍ୟ କରିଥିଲା, ଦେଖନ୍ତୁ। ସେ କହିଲେ, "ମୁଁ ଏହି ମଣ୍ଡଳଗୁଡିକୁ ଯାଏ ଓ ଏହି ପ୍ରଚାରକମାନଙ୍କୁ ଏବଂ ବିଷୟଗୁଡ଼ିକୁ ଦେଖେ," ସେ କହିଲେ, "ତୁମେ ସେମାନଙ୍କଠାରୁ ଅଲଗା ଅଟ ଏବଂ ମୁଁ ଜାଣେ ଯେ ତୁମେ କୌଣସି ଶିକ୍ଷା ପାଇ ନାହଁ।" ବୁଝିଲେ? "ଏବଂ ମୁଁ ଜାଣେ ଯେ ତୁମେ ଜଣେ ମନୋବିଜ୍ଞାନୀ ନୁହଁ, 'କାରଣ ତୁମେ...ମନୋବିଜ୍ଞାନ ସେହି ଜିନିଷଗୁଡିକୁ କରିବ ନାହିଁ।" ବୁଝିଲେ?

ଆଉ ମୁଁ କହିଲି, "ତାହା ସତ ଅଟେ, ଡକ।"

442 ତାଙ୍କ ସହ କଥାବାର୍ତ୍ତା କରିବାର କୌଣସି ଆବଶ୍ୟକତା ନାହିଁ କାରଣ ସେ ତ ଏହା ସୁଦ୍ଧା ଜାଣନ୍ତି ନାହିଁ, ଆପଣ ତାଙ୍କ ସହିତ ପ୍ରଥମ ଆଧାରକୁ ସୁଦ୍ଧା ଯାଇପାରିବେ ନାହିଁ, ଦେଖନ୍ତୁ, କାରଣ ସେ ଜାଣନ୍ତି ନାହିଁ ଯେ କଅଣ କରିବାକୁ ଅଛି। କିନ୍ତୁ ଏହା ତାହାହିଁ ଅଟେ, ଆପଣ ଦେଖନ୍ତୁ।

443 ମୁଁ ଜଣେ ଅଶ୍ୱେତ ମହିଳାଙ୍କୁ ଜାଣେ ଯିଏକି ମୋ ପାଖର ଗଳିରେ ରୁହନ୍ତି, ଏବଂ ସେ ଅନ୍ୟ ଜଣେ ପୁରୁଷ ପାଇଁ କାମ କରନ୍ତି ଯାହାଙ୍କୁ ମୁଁ ଜାଣେ, ଏବଂ ଏହି ପୁରୁଷର ପତ୍ନୀ ଫୋନ୍ କଲେ, କହିଲେ, "ସେହି ମହିଳା ଆପଣଙ୍କୁ ଅବିକଳ ଏକ ଈଶ୍ୱର ରୂପେ ଉପାସନା କରନ୍ତି, 'କାରଣ ସେ କର୍କଟ ରୋଗରେ ମରି ଯାଉଥିଲେ ଏବଂ ଆପଣ ସେହି ମହିଳାଙ୍କ ଉପରେ ହାତ ରଖି କହିଥିଲେ ଯେ ସେ..." ଏହି ସ୍ତ୍ରୀଲୋକ ଯାହାଙ୍କ ପାଇଁ ସେହି ମହିଳା କାମ କରନ୍ତି, ତାଙ୍କ ସ୍ୱାମୀ ଏବଂ ଏହି ନିର୍ଦ୍ଦିଷ୍ଟ ଡାକ୍ତର (ମୁଁ କହୁଥିବା ଡାକ୍ତର ନୁହେଁ, ଅନ୍ୟ ଜଣେ ଡାକ୍ତର) ଏକାଠି ଗଲ୍ଫ ଏବଂ ଜିନିଷସବୁ ଖେଳନ୍ତି, ଏବଂ ସେ ଚିକିତ୍ସାରେ ସେହି ମହିଳାଙ୍କର ଆଉ ଉପକାର କରି ପାରି ନ ଥିଲେ। ଏବଂ ସେ ତାଙ୍କର ବନ୍ଧୁଙ୍କ ଗୃହରେ ସାହାଯ୍ୟକାରୀଣୀ ଥିଲେ, ଏବଂ ତାଙ୍କୁ ମରିବା ପାଇଁ ଛାଡି ଦେଇଥିଲେ, ଆଉ ସେ ସମ୍ପୂର୍ଣ୍ଣ ଭାବରେ ସୁସ୍ଥ ହୋଇଥିଲେ। ଏବଂ ଡାକ୍ତର ସେହି କର୍କଟ ରୋଗର, କୌଣସି ଏକ ଦାଗ ସୁଦ୍ଧା ସନ୍ଧାନ ପାଇପାରିଲେ ନାହିଁ। ଏବଂ, ଦେଖନ୍ତୁ, ସେ କୁହନ୍ତି...

444 ତେବେ, ସେମାନଙ୍କର ଅଭିପ୍ରାୟ ଏହି ଆଲୋକରେ ଥିବା ନୁହଁ ଯାହା ମୁଁ ଭାବୁଛି ଯେ ସେମାନେ ଏଥିରେ ଥିବାର କୁହନ୍ତି କିଅବା ଯାହାକୁ ଆମେ ଗ୍ରହଣ କରିଥାଉ ବୋଲି ତାହା କୁହନ୍ତି। ବୁଝିଲେ? ସେମାନଙ୍କର ଅଭିପ୍ରାୟ ଏହା ଯେ ସେମାନେ—ସେମାନେ... ସେମାନଙ୍କର ଅଭିପ୍ରାୟ ହେଉଛି ଯେ ସେମାନେ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ଆମ ସହିତରେ ଅଛନ୍ତି, ଆମ ଭିତରେ ଅଛନ୍ତି, ଆମମାନଙ୍କ ଦେଇ କାର୍ଯ୍ୟ କରୁଅଛନ୍ତି; ଏହା ନୁହେଁ

ଯେ ଜଣେ ବ୍ୟକ୍ତି ପରମେଶ୍ୱର ଅଟନ୍ତି, ଆପଣ ଦେଖନ୍ତୁ । ତେବେ, ସେମାନେ ଜାଣିଥିଲେ ଯେ ଯୋହନ କେବଳ ଜଣେ ମନୁଷ୍ୟ ଥିଲେ ।

445 ଏବଂ ଠିକ ସେହିପରି ଯୀଶୁ ମଧ୍ୟ ଜଣେ ମଣିଷ ଥିଲେ । ଯୀଶୁ କେବଳ ଜଣେ ମନୁଷ୍ୟ ଥିଲେ, ସେ ତ କେବଳ ଜଣେ ସ୍ତ୍ରୀଙ୍କଠାରୁ ଜନ୍ମ ହୋଇଥିଲେ, ତାହାଙ୍କୁ ମରିବାକୁ ଥିଲା । କଅଣ ତାହା ଠିକ୍ ଅଟେ? ସେ ଜଣେ ମନୁଷ୍ୟ ଥିଲେ, ଖାଉଥିଲେ ଏବଂ ପିଉଥିଲେ, ଏବଂ ଭୋକ ଲାଗୁଥିଲା, କାନ୍ଦୁଥିଲେ, ଓ ତୃଷାର୍ତ୍ତ ହେଉଥିଲେ, ଏବଂ ସବୁକିଛି ହେଉଥିଲା, ଠିକ ସେତିକି ମନୁଷ୍ୟ ଥିଲେ ଯେତିକି ଆପଣ ଅଟନ୍ତି, ଠିକ ଯେତିକି ମଣିଷ ମୁଁ ଅଟେ । ମାତ୍ର ତାହାଙ୍କଠାରେ ପରମେଶ୍ୱରଙ୍କ ଆତ୍ମା ବିନା ପରିମାପରେ, ପୂର୍ଣ୍ଣତାରେ ରହିଥିଲା । ସେ କ୍ଷମତାରେ ସର୍ବଶକ୍ତିମାନ ଥିଲେ ।

446 ଯେଉଁଠାରେକି, ଏଲିୟ କେବଳ ସେହି ଆତ୍ମାଙ୍କର ଏକ ଅଂଶ ମାତ୍ର ଥିଲେ; ହୋଇପାରେ ଯେ ତାଙ୍କ ଭାଇମାନଙ୍କଠାରୁ ଟିକେ ଅଧିକ ଅଭିଷିକ୍ତ ଥିଲେ, କିନ୍ତୁ ସେ ଆତ୍ମାଙ୍କର କେବଳ ମାତ୍ର ଏକ ଅଂଶ ଥିଲେ । କିନ୍ତୁ ଲୋକମାନେ ତ ଖ୍ରୀଷ୍ଟଙ୍କର ଅପେକ୍ଷାରେ ଥିଲେ । ଏବଂ ସେମାନେ ଏହି ଅଂଶକୁ ନିଜ ଭାଇମାନଙ୍କ ଅପେକ୍ଷା ଅଧିକ ଦେଖିଥିଲେ, ସେମାନେ କହିଲେ, "ହେ, ମୋର ପ୍ରଭୁ, ଏହା ନିଶ୍ଚୟରେ ସେ ହୋଇଥିବେ!"

447 ମାତ୍ର ଯେତେବେଳେ ସେ ଉଜ୍ଜ୍ୱଳ ହେବାକୁ ଲାଗିଲେ, ଯୋହନଙ୍କ ଛୋଟ ପ୍ରକାଶ ଲିଭିଗଲା । ବୁଝିଲେ?

448 ଏବଂ ଏହି ଛୋଟ ପ୍ରକାଶଗୁଡ଼ିକ ଲିଭିଯିବ ଯେତେବେଳେ ସେ ଆସିବେ, ସ୍ୱର୍ଗର ସେହି ମହାନ ଅଭିଷିକ୍ତ ଖ୍ରୀଷ୍ଟ ପୂର୍ବ ଦିଗରୁ ପଶ୍ଚିମ ଆଡକୁ ଆସୁଥିଲେ । ଏବଂ ସେହି...ଏବଂ... ବୁଝିଲେ? କିନ୍ତୁ ବର୍ତ୍ତମାନ ସେ ପୃଥିବୀରେ ରହିବେ ନାହିଁ, ସହସ୍ରାବ୍ଦୀ ଆରମ୍ଭ ହେବା ପର୍ଯ୍ୟନ୍ତ ଖ୍ରୀଷ୍ଟ ପୃଥିବୀରେ ରହିବେ ନାହିଁ । ସହସ୍ରାବ୍ଦୀ ସ୍ଥାପିତ ହୁଏ । ବୁଝିଲେ? ବୁଝିଲେ? କାରଣ ସେହି ମଣ୍ଡଳୀ, "ଆମେମାନେ ମଧ୍ୟ ଆକାଶରେ ପ୍ରଭୁଙ୍କୁ ସାକ୍ଷାତ କରିବା ନିମନ୍ତେ ଏକାଠି ଉପରକୁ ଉଠାଇ ନିଆ ଯିବୁ ।" ସେ କଦାପି ପୃଥିବୀକୁ ଆସନ୍ତି ନାହିଁ । ସେ ତାହାଙ୍କର କନ୍ୟାକୁ ଧରି ନେଇଯାଆନ୍ତି ।

449 ସେ ଏକ ସିଢ଼ୀ ଆଣନ୍ତି, ଆପଣ ଜାଣନ୍ତି, ଯେପରିକି...ଲିଓ, ସେହି ନାଟକଟି କଅଣ ଥିଲା, ଯେଉଁଠାରେକି ସେହି ପୁରୁଷ ସେହି ଘରର ପାର୍ଶ୍ୱରେ ସିଢ଼ୀଟିକୁ ଲଗାଇଥିଲେ? ରୋମିଓ ଏବଂ ଜୁଲିଏଟ୍ । ତାହା ଠିକ୍ ଅଟେ, ସେହି ସିଢ଼ୀଟିକୁ ଲଗାଇଲା ଏବଂ ନିଜର କନ୍ୟାକୁ ଚୋରୀ କରି ନେଇଗଲା ।

450 ବର୍ତ୍ତମାନ ସେ ଠିକ ଯାକୁବଙ୍କ ସିଢ଼ୀ ଦେଇ ତଳକୁ ଓହ୍ଲାଉ ଅଛନ୍ତି, ଏବଂ କହୁଛନ୍ତି, "ପସ୍‌ଟ, ପ୍ରିୟେ, ଏଠାକୁ ଆସ ।" ଦେଖନ୍ତୁ, ଆମେ ତାହାଙ୍କୁ ଭେଟିବା ପାଇଁ ଉପରକୁ ଯାଉଅଛୁ ।

451 [ଜଣେ ଭାଇ ପଚାରନ୍ତି, "ଭାଇ ବ୍ରାନହାମ୍, ତେବେ କଅଣ ଏହା ତାହା ସହିତ ଠିକ୍ ହେବ କି? ଏହି ଲୋକମାନେ ବାପ୍ତିଜକ ଯୋହନଙ୍କ ନିକଟକୁ ଆସିଥିଲେ ଏବଂ ସେମାନେ

ତାଙ୍କୁ ମଶୀହ ବୋଲି କହିବାକୁ ଚାହିଁଥିଲେ। ଏବଂ ମୁଁ ଆପଣଙ୍କୁ ଥରେ ଏହା କହୁଥିବାର ଶୁଣିଥିଲି ଯେ ଯିହୁଦୀ ଭାବନ୍ତି ଯେ ମଶୀହ ପରମେଶ୍ୱର ଅଟନ୍ତି।"—ସମ୍ପା।] କଅଣ କହିବେ? ["ମୁଁ କହିବି, ଏହି ଲୋକମାନେ ବାପ୍ତିଜକ ଯୋହନଙ୍କ ନିକଟକୁ ଏହା ଭାବି ଆସିଥିଲେ, ଯେ ସେ ମଶୀହ ଅଟନ୍ତି, ସେହି ଖ୍ରୀଷ୍ଟ ଅଟନ୍ତି। ମୁଁ ଆପଣଙ୍କୁ ଥରେ ଏହା କହୁଥିବାର ଶୁଣିଥିଲି ଯେ ଯିହୂଦୀମାନଙ୍କ ପାଇଁ, ମଶୀହ ପରମେଶ୍ୱର ହେବେ।"] ହଁ, ଆଜ୍ଞା। ତାହା ଠିକ୍ ଅଟେ, ସେହି "ରାବ୍ବୀ।"

452 [ଜଣେ ଭାଇ କୁହନ୍ତି, "ତେବେ, ଯୋହନ ସେମାନଙ୍କୁ ଭର୍ତ୍ସନା କରି କହିଥିଲେ, ଯେ ସେ ସେହି ଖ୍ରୀଷ୍ଟ 'ନୁହଁନ୍ତି,' ଯାହାଙ୍କୁ ଆସିବାର ଥିଲା।"—ସମ୍ପା।] ତାହା ଠିକ୍ ଅଟେ। ["ମାତ୍ର କଅଣ ଏହା ସତ୍ୟ ନୁହେଁ ଯେ ଶିଷ୍ୟମାନେ ଯୀଶୁଙ୍କୁ 'ପ୍ରଭୁ' ବୋଲି ଡାକିଥିଲେ? ଏବଂ ଯୀଶୁ ତାହା ପ୍ରତି ସହମତ ହୋଇଥିଲେ, କହିଲେ, 'ତୁମେ ମୋତେ "ପ୍ରଭୁ" ବୋଲି ଡାକ, ଏବଂ ମୁଁ ମଧ୍ୟ ଅଟେ।'"] ହଁ। ["ଯୋହନ 13 ରେ—ରେ, ଯେଉଁଠାରେ ସେ ଧୋଇଥିଲେ…?…"] ହଁ, ସେ ଏହାକୁ ସ୍ୱୀକାର କରନ୍ତି। ["ପ୍ରଭୁ ଭାବରେ, ହଁ, ସେ ଏହାକୁ ସ୍ୱୀକାର କରିଥିଲେ।"] ସେ ଏହାକୁ ସ୍ୱୀକାର କରିଥିଲେ। ["ସେ ଏହାକୁ ଗ୍ରହଣ କରିଥିଲେ।"] ଉଃ-ହୁଃ। କିନ୍ତୁ, ଦେଖନ୍ତୁ, ଯୀଶୁ *ପ୍ରଭୁ* ହୋଇଥିବାରୁ, ଯେତେବେଳେ ତାଙ୍କୁ ପଚରାଗଲା ଯେ ସେ ଅଟନ୍ତି କି, ସେ କହିଥିଲେ, "ହଁ, ଆଜ୍ଞା। ମୁଁ ତୁମର ପ୍ରଭୁ ଏବଂ ଗୁରୁ ଅଟେ। ତୁମେ ମୋତେ ତାହା ବୋଲି ଡାକିଥାଅ, ଏବଂ ତୁମେ ଉତ୍ତମ କହୁଥାଅ, କାରଣ ମୁଁ ତାହା ଅଟେ।" କିନ୍ତୁ…["କିନ୍ତୁ ସେଠାରେ କେବେ ବି ଅନ୍ୟ କୌଣସି ପ୍ରାଣୀ ହୋଇ ନାହାଁନ୍ତି, ଯାହାକି…"] ତାହା କହିପାରେ। ନା।

453 ଯେପରିକି ଯଦି ତାହା ହୁଏ…ଯଦି କେହି କହିବେ ଯେ ମୁଁ ଜଣେ ପରମେଶ୍ୱର ଅଟେ, ତେବେ, ମୋତେ ଆପଣଙ୍କୁ ପ୍ରଭୁ ଯୀଶୁଙ୍କ ନାମରେ କହିବାକୁ ଦିଅନ୍ତୁ ଯେ "ତାହା ଏକ ତ୍ରୁଟି ଅଟେ!" ବୁଝିଲେ? ମୁଁ ଜଣେ ପାପୀ ଅଟେ ଯିଏକି ଅନୁଗ୍ରହ ଦ୍ୱାରା ଉଦ୍ଧାର ପାଇଅଛି, ପୁଣି ପରମେଶ୍ୱରଙ୍କ *ଠାରୁ* ଏକ ବାର୍ତ୍ତା ସହିତ ଅଛି। ବୁଝିଲେ? ବୁଝିଲେ?

**124. ଏକ ସ୍ଥାନୀୟ ମଣ୍ଡଳୀ ନିଜର ଯତ୍ନ ନେବା ଉଚିତ୍ ଅଟେ କିଅବା ଉଚିତ୍ ନୁହେଁ, ତାର—ତାର (ନିଜର) ସ୍ଥାନୀୟ ଉତ୍ତରଦାୟୀତ୍ୱଗୁଡିକ ବିଷୟରେ ଏହାପୂର୍ବେକି ଅନ୍ୟ ଦେଶରେ ପରଦେଶୀୟ ଆବଶ୍ୟକତାଗୁଡିକର ଯତ୍ନ ନିଏ? ଯାହା ବି ହେଉ, ତାହାପରେ ସେ…ତାର…ସେ ନିଜର ଆବଶ୍ୟକତା ପୂରଣ କରିବା ପରେ, କଅଣ ଏହା ଶାସ୍ତ୍ରସଙ୍ଗତ ଅଟେ ଯେ ଏକ ସ୍ଥାନୀୟ ମଣ୍ଡଳୀକୁ ମିଶନାରୀ କାର୍ଯ୍ୟରେ ସାହାଯ୍ୟ କରିବା ଉଚିତ ଯେହେତୁ ସେ ଯୋଗ୍ୟ ଅଟେ?**

454 ହଁ। ଠିକ୍ ଅଛି। ଦାନ ଘରେ ଆରମ୍ଭ ହୁଏ, ଆପଣ ଦେଖନ୍ତୁ। ଆମେ—ଆମେ—ଆମେ ଏଠାରେ ଆମର ନିଜର ଆବଶ୍ୟକତାର ଯତ୍ନ ନେଉଅଛୁ, କାରଣ ଆମର ରହିଛି…ଏହା ପରମେଶ୍ୱରଙ୍କ ମଣ୍ଡଳୀ ଅଟେ, ଅବା ଯାହା ବି, ଆପଣଙ୍କର ଛୋଟ ମଣ୍ଡଳୀ, ପରମେଶ୍ୱରଙ୍କ ମଣ୍ଡଳୀ ଅଟେ। ବର୍ତ୍ତମାନ, ଯଦି ଆପଣ ନିଜର ପାଳକଙ୍କୁ ପଇଠ କରିପାରୁ ନାହାଁନ୍ତି, ଆପଣ

ଏପରିକି ଗୀତ ପୁସ୍ତକ ଓ ବିଷୟଗୁଡିକୁ କ୍ରୟ କରିପାରୁ ନାହାଁନ୍ତି, ତାହାହେଲେ ଆପଣଙ୍କୁ ଏହାକୁ ଅନ୍ୟତ୍ର କୌଣସି ସ୍ଥାନକୁ ପଠାଇବା ଉଚିତ୍ ନୁହେଁ। ବୁଝିଲେ? କିନ୍ତୁ ତେବେ ଆପଣ ନିଜର ମଣ୍ଡଳୀର ମୂଲ୍ୟ ପରିଶୋଧ କରିବା ପରେ, ଏବଂ ସବୁକିଛିର ପରେ, ଆପଣଙ୍କର ଋଣ ସବୁ ଏବଂ ସବୁକିଛି, ପରିଶୋଧ କରିବା ପରେ ଏବଂ ଆଗକୁ ବଢିବା ପାଇଁ ପ୍ରସ୍ତୁତ ହେବା ପରେ, ତାହାପରେ ଯାଇ ସେହି ଅନ୍ୟ ଭାଇକୁ ସାହାଯ୍ୟ କରନ୍ତୁ ଯିଏକି ସେଠାରେ ଟିକିଏ ସାହାଯ୍ୟ ଆବଶ୍ୟକ କରେ, ଆପଣ ଦେଖନ୍ତୁ। ଏକ ଅଳ୍ପ ନିଅନ୍ତୁ...

455 ମୁଁ ବିଶ୍ୱାସ କରେ, ଯେତେବେଳେକି...ଯଦି ଆପଣ ନିଜର ମଣ୍ଡଳୀର ମୂଲ୍ୟ ପରିଶୋଧ କରୁଛନ୍ତି ତାହହେଲେ ମୁଁ ମଧ୍ୟ ଏକ ମିଶନାରୀ ନୈବେଦ୍ୟ ପାଇଁ କୌଣସିଠାରେ ଏକ ଛୋଟ ପାଣ୍ଠି ରଖିବି ଯଦି ଲୋକମାନେ ଏହା ଅନୁଭବ କରନ୍ତି ଯେ ସେମାନେ ମିଶନ କାର୍ଯ୍ୟକୁ ଦେବାକୁ ଇଚ୍ଛା କରନ୍ତି। କାରଣ ଅନେକ ଲୋକମାନେ ମିଶନକୁ ଦିଅନ୍ତି ଯେତେବେଳେକି ସେମାନେ ଗୃହ ମଣ୍ଡଳୀ ଏବଂ ବିଷୟକୁ ଦେଇ ନ ଥାଆନ୍ତି। ତେଣୁକରି ଯଦି ସେମାନେ ଏହାକୁ ମିଶନକୁ ନ ଦେବେ, ତେବେ ସେମାନେ ଏହାକୁ ଅନ୍ୟ କିଛି ପାଇଁ ବ୍ୟୟ କରି ଦେବେ। ତେଣୁ ମୁଁ କହିବି କେବଳ ଏକ ଛୋଟ ମିଶନ ବାକ୍ସ ରଖନ୍ତୁ, ଏବଂ ମୁଁ କରିବି...ସେହି ଉପାୟରେ ଆମେ କରିବାକୁ ଚେଷ୍ଟା କରୁ।

### 125. ଲୂକ 1:17, ଦୟାକରି ଯୋହନଙ୍କର "ଏଲିୟଙ୍କ ଆତ୍ମା" ରେ ଆଗମନ କରିବା ବିଷୟରେ ବୁଝାଇ ଦିଅନ୍ତୁ।

456 ତେବେ, ମୁଁ ଭାବୁଛି ଯେ ଆମେ କେବଳ ଲୁକ—ଲୂକ 1:17 ପାଇଛୁ, ଉଃ-ହୁଃ, "ଏଲିୟଙ୍କ ଆତ୍ମା" ରେ ଆଗମନ କରିବା ବିଷୟରେ।

457 [ଜଣେ ଭାଇ ପଚାରନ୍ତି, "କଅଣ ଏହା ସେଠାରେ ଅଟେ ଯେଉଁଠାରେକି ସେହି ପୁନର୍ଜନ୍ମବାଦୀମାନେ ସେମାନଙ୍କର ଶିକ୍ଷାକୁ ପାଇ ଥାଆନ୍ତି?"—ସମ୍ପା।] କ୍ଷମା କରିବେ? ["କଅଣ ଏହା ସେଠାରେ ଅଟେ ଯେଉଁଠାରେକି ସେହି ପୁନର୍ଜନ୍ମରେ ବିଶ୍ୱାସ କରୁଥିବା ଲୋକମାନେ ସେମାନଙ୍କର ସିଦ୍ଧାନ୍ତକୁ ଆରମ୍ଭ କରିଥାନ୍ତି?"] ନିଶ୍ଚୟ ହୋଇଥିବ। ["ଦେଖନ୍ତୁ, ସେମାନେ ବିଶ୍ୱାସ କରନ୍ତି ଯେ ସେ ଫେରି ଆସିବେ..."] ହଁ। ["...ସେ ଅନ୍ୟ ଏକ ଶରୀର ସହିତ ଫେରି ଆସିବେ] ହଁ, ଦେଖନ୍ତୁ, ଏହା ସତ ଅଟେ ଯେ ଏକ ଆତ୍ମା କେବେ ମରେ ନାହିଁ। ତାହା ସତ ଅଟେ। ପରମେଶ୍ୱର ତାଙ୍କର ମନୁଷ୍ୟକୁ ନେଇ ନିଅନ୍ତି କିନ୍ତୁ ତାଙ୍କର ଆତ୍ମାକୁ କେବେ ବି ନିଅନ୍ତି ନାହିଁ। ["ସେମାନେ କୁହନ୍ତି, 'ଯଦି ଆପଣ ଭଲ ରହିଛନ୍ତି ତେବେ ଆପଣ କୌଣସି ଉତ୍ତମ ବ୍ୟକ୍ତି ଭିତରେ—ରେ ଫେରି ଆସିବେ।'"] ହଁ। ହଁ। ["'ଯଦି ଆପଣ ମନ୍ଦ ରହିଛନ୍ତି ତେବେ ହୁଏତ ଆପଣ କୁକୁର ହୋଇ ଫେରି ଆସିବେ।'"] ହଁ, ସେମାନେ ରହିଛନ୍ତି...ହଁ।

458 ତେବେ, ବର୍ତ୍ତମାନ, ଯେପରିକି ଭାରତରେ ସେଠାରେ—ରେ—ଭାରତରେ ସେଠାରେ, ଏହା ଲୋକମାନଙ୍କର ଏକ ଗୋଷ୍ଠୀରେ ଥିଲା ଯେଉଁଠାରେକି ଆମେମାନେ ଏହିପରି ଭାବରେ ମଧ୍ୟ ଦେଖିଲୁ, ଏବଂ ସେମାନେ—ସେମାନେ ଏପରିକି ଭୂମିକୁ ମଧ୍ୟ

ସଫା କରନ୍ତି; ଯେପରିକି ଏକ ସାନ ପିମ୍ପୁଡ଼ି କିମ୍ବା ସେପରି କିଛି ଉପରେ ପାଦ ନ ଦେଇ ଦିଅନ୍ତି, ହୋଇପାରେ ଯେ ଏହା କୌଣସି ସମ୍ପର୍କୀୟ କିମ୍ବା କେହି ଜଣେ ହୋଇଥିବେ । ଆପଣ ଦେଖନ୍ତୁ, ସେମାନେ ତାହା କରନ୍ତି ନାହିଁ । ମାତ୍ର, ଆପଣ ଦେଖନ୍ତୁ, ତାହା—ତାହା ପାଗାନ୍ ଅଟେ । ବୁଝିଲେ? ତାହା ପାଗାନ୍ ଅଟେ । ତାହା ସତ ଅଟେ ।

**126. ପାଉଲ କହିଲେ...ପାଉଲ କହିଲେ "ସବୁଠୁ ଉତ୍ତମ ବରଦାନଗୁଡ଼ିକୁ ଆକାଂକ୍ଷା କର, ଏବଂ ତଥାପି ମୁଁ ଆପଣମାନଙ୍କୁ ଏକ ଅଧିକ ଉତ୍ତମ ଉପାୟ ଦେଖାଇବି ।" ଦୟାକରି "ଅଧିକ ଉତ୍ତମ ଉପାୟ" କଅଣ ଅଟେ ବୁଝାଇ ଦିଅନ୍ତୁ ।**

459 ପ୍ରେମ, ପ୍ରଥମ କରିନ୍ଥୀୟ 13, ଦେଖନ୍ତୁ "ଆକାଂକ୍ଷା କର..." ପ୍ରଥମେ ନିଅନ୍ତୁ...ଭାଇ, ବର୍ତ୍ତମାନ ସେଠାରେ ପ୍ରଥମ କରିନ୍ଥୀୟ 13 କୁ ଆଣନ୍ତୁ । ପ୍ରଥମ କରିନ୍ଥୀୟ, 13ତମ ପର୍ବ, ଏବଂ ବର୍ତ୍ତମାନ ଏହାର କେବଳ ଶେଷ ତିନି କିମ୍ବା ଚାରୋଟି ପଦ ପାଠ କରନ୍ତୁ । ପ୍ରଥମ କରିନ୍ଥୀୟ 13, ଶେଷ...ସେହି ପର୍ବର—ସେହି ପର୍ବର ପ୍ରାୟଃ ଶେଷ ତିନୋଟି ପଦ-...[ଜଣେ ଭାଇ ପ୍ରଥମ କରିନ୍ଥୀୟ 13:11-13 ପାଠ କରନ୍ତି—ସମ୍ପା ।]

*[ଶିଶୁ ଥିବା ସମୟରେ, ମୁଁ ଶିଶୁ ପରି କଥା କହିଥିଲି, ଶିଶୁ ପରି ଭାବୁଥିଲି, ଶିଶୁ ପରି ବିଚାର କରୁଥିଲି: ବୟସପ୍ରାପ୍ତ ହୁଅନ୍ତେ, ମୁଁ ଶିଶୁର ବିଷୟସବୁ ପରିତ୍ୟାଗ କଲି ।]*

*[କାରଣ ଏବେ ଆମ୍ଭେମାନେ ନିଗୁଢ ବାକ୍ୟରୂପ ଦର୍ପଣର, ସାହାଯ୍ୟରେ ଦେଖୁଅଛୁ; କିନ୍ତୁ ସେତେବେଳେ ମୁଖାମୁଖୀ ହୋଇ ଦେଖିବା: ଏତେବେଳେ ମୁଁ ଆଂଶିକଭାବେ ଜାଣୁଅଛି; କିନ୍ତୁ ସେତେବେଳେ ମୁଁ ଯେପରି ପରିଚିତ ସେହିପରି ମୁଁ...ମଧ୍ୟ ପରିଚୟ ପାଇବି ।]*

*[ଅତଏବ ବିଶ୍ୱାସ, ଭରସା, ପ୍ରେମ, ଏହି ତିନି ସ୍ଥାୟୀ ଅଟେ; ଆଉ ଏମାନଙ୍କ ମଧ୍ୟରେ ପ୍ରେମ ଉତ୍କୃଷ୍ଟ ।]*

ଉଃ-ହୁଃ, ପ୍ରେମ, ବୁଝିଲେ?

**127. ଜଣେ ଭାଇକୁ କିପରି ନିନ୍ଦା କରାଯିବା ଉଚିତ୍ ଯାହାଙ୍କର ଦୁର୍ବଳତା ମଣ୍ଡଳୀରେ ଏପରି ଏକ ସ୍ଥାନରେ ଘଟିବାକୁ ଥାଏ ଯାହା କରିବା ବିଷୟରେ କିଛି କୁହାଯାଇ ନାହିଁ?**

ଓଃ, ମୋର ପ୍ରଭୁ! ତେବେ, ତାଙ୍କ ସହିତ କଷ୍ଟ ପାଆନ୍ତୁ, ମୁଁ ଅନୁମାନ କରୁଛି । ବୁଝିଲେ?

**ଜଣେ ଭାଇକୁ କିପରି ନିନ୍ଦା କରାଯିବା ଉଚିତ୍...**(ତାଙ୍କୁ ନିନ୍ଦା କରାଯିବା ଉଚିତ୍ ନୁହେଁ!) **...ଯାହାଙ୍କର—ଯାହାଙ୍କର ଦୁର୍ବଳତା ମଣ୍ଡଳୀରେ ଏପରି ଏକ ସ୍ଥାନରେ ଘଟିବାକୁ ଥାଏ ଯାହା କରିବା ବିଷୟରେ କିଛି କୁହାଯାଇ ନାହିଁ?**

460 ଉଦାହରଣ ସ୍ୱରୂପ, ଯଦି ସେ ଜଣେ ଦୀକନ୍ ହେବାକୁ—କୁ ଚାହାଁନ୍ତି । ବୁଝିଲେ? ଏବଂ ତାଙ୍କୁ ଏହା କରିବାକୁ କୁହାଯାଇ ନାହିଁ, ତଥାପି ସେ ଯେକୌଣସି ପ୍ରକାରେ ଦୀକନ୍ ହେବାକୁ

ଚାହାଁନ୍ତି, ଦେଖନ୍ତୁ । ତେବେ, ଯଦି ଜଣେ ବ୍ୟକ୍ତି ସେହିପରି ଥାଆନ୍ତି, ଆପଣ ଜାଣନ୍ତି ଯେ ସେଠାରେ କିଛି ଗୋଟାଏ ଏକ ଅଳ୍ପ ବିଷୟ ଅଛି, ଆପଣ ଜାଣନ୍ତି, କୌଣସି ସ୍ଥାନରେ ଦୁର୍ବଳ, ଯେକୌଣସି ପ୍ରକାରେ ବି, ଆଉ ତେଣୁକରି ମୁଁ ତାଙ୍କ ସହିତ ପ୍ରେମରେ ଏକ ପ୍ରକାର ବ୍ୟବହାର କରିବି ।

461 ଏବଂ, ଅବଶ୍ୟ, ଆପଣ କେବେ ହେଲେ ସେହିପରି ଏକ ବିଷୟ କରିବାକୁ—କୁ ଚାହିଁବେ ନାହିଁ ଯେପର୍ଯ୍ୟନ୍ତ କି ଆପଣ ପ୍ରକୃତରେ ତାହା ଜାଣି ନ ଥାଆନ୍ତି । ଆପଣ ନିଜର ସମିତିରେ ଯଥା ସମ୍ଭବ ଆପଣଙ୍କର ସବୁଠୁ ଉତ୍ତମ ବ୍ୟକ୍ତିଙ୍କୁ ରଖନ୍ତୁ, ଆପଣ ଦେଖନ୍ତୁ, ସେହିପରି ଭାବରେ । ଭାଇ, ସେଠାରେ କେବେବି ସେହିପରି କୌଣସି ବିଷୟକୁ ରଖନ୍ତୁ ନାହିଁ ଯାହାକି...ପ୍ରଥମେ, ସେହି ବ୍ୟକ୍ତିଙ୍କୁ ପରୀକ୍ଷା କରନ୍ତୁ । ପାଳକଙ୍କ ଅପେକ୍ଷା ଜଣେ ଦୀକନଙ୍କର ଅଧିକ ଦାୟିତ୍ୱ ରହିଛି । ତାଙ୍କୁ ନିର୍ଦ୍ଦୋଷ ହେବାକୁ ଅଛି, ଜଣେ ଦୀକନ୍‌ଙ୍କୁ । ବୁଝିଲେ?

**128. ଏକ ପ୍ରଭୁଭୋଜ ସେବାରେ, ଜଣେ ବ୍ୟକ୍ତି ପ୍ରାର୍ଥନା କରିବା ନିମନ୍ତେ ଯଜ୍ଞବେଦୀକୁ ଆସିଲେ । ଭାଇ ବ୍ରାନହାମ୍ ପ୍ରଭୁଭୋଜର ସେହି—ସେହି ଉପାଦାନଗୁଡିକ ପଛରେ ଛିଡା ହୋଇଥିଲେ ଯେତେବେଳେ ସେମାନଙ୍କୁ ପରିଚାଳନା କରା ଯାଉଥିଲା, ସେ କହିଲେ ଯେ ସେ "ସେହି ବ୍ୟକ୍ତି ଯଜ୍ଞବେଦୀରେ ଥିବା ପର୍ଯ୍ୟନ୍ତ ପ୍ରାର୍ଥନା କରିବା ନିମନ୍ତେ ସେଗୁଡିକୁ ଛାଡି ଯାଇପାରିବେ ନାହିଁ ।" ଦୟାକରି ବ୍ୟାଖ୍ୟା କରନ୍ତୁ ।**

462 ମୁଁ ସହଯୋଗୀଙ୍କୁ ପଠାଇଲି, ଆପଣ ଦେଖନ୍ତୁ, ଭାଇ ନେୱିଲ୍ । ମୋର ସେହି ରାତି ମନେ ଅଛି ଯେତେବେଳେ ଏହା ଘଟିଥିଲା । ମୋତେ ସେହି ପ୍ରଭୁଭୋଜ ମେଜ ସହିତ ରହିବାକୁ ଅଛି, ଦେଖନ୍ତୁ, ଏପରିକି ଯେତେବେଳେ...ଏଠାରେ ଦେଖନ୍ତୁ । ବର୍ତ୍ତମାନ, ଏହା ଭିତରକୁ ଯିବା ପାଇଁ ମୋ ପାଖରେ ସମୟ ନାହିଁ । ଅବଶ୍ୟ, ଏଠାରେ ବସିଥିବା କେହି ଜଣେ ପଚାରିଥିଲେ । ଭାଇ, ଏଠାରେ ତାହା ଅଟେ ଯାହାକି ଏହା ଅଟେ । ଯେତେବେଳେ—ଯେତେବେଳେ ଆପଣ ପ୍ରଭୁଭୋଜ ପାଆନ୍ତି, ତାହା ଯୀଶୁ ଖ୍ରୀଷ୍ଟଙ୍କ ଶରୀରର ଏକ ପ୍ରତିରୂପ ଅଟେ । ଏହା ହୋଇପାରେ ଯେ...ଏହା ସର୍ବଦା ସୁରକ୍ଷା ତଳେ ରହିବା ଉଚିତ୍ ।

463 ଦେଖନ୍ତୁ, ଯେତେବେଳେ ଏଲିୟ ଗିହେଜୀକୁ—କୁ କହିଥିଲେ, "ମୋର ଯଷ୍ଟିକୁ ନିଅ" (ସେ ସେହି ଯଷ୍ଟିକୁ ଆଶୀର୍ବାଦ କରିଥିଲେ), ସେ କହିଲେ, "ନିଜ ମାର୍ଗରେ ଯାଅ । ଏବଂ ଯଦି କେହି କଥା କୁହନ୍ତି, ପ୍ରତ୍ୟୁତ୍ତରରେ କଥା କହିବ ନାହିଁ । ଯଦି କେହି ତୁମକୁ ନମସ୍କାର କରନ୍ତି, ତେବେ ଫେରି ନମସ୍କାର କରିବ ନାହିଁ । ଯାଅ, ଏବଂ ସେହି ଯଷ୍ଟିକୁ ସେହି ଶିଶୁ ଉପରେ ରଖ ।" କଅଣ ତାହା ଠିକ୍? "ସେହି ଯଷ୍ଟି ସହିତ ରହିବ!" ବୁଝିଲେ? ଏବଂ ତାହାହିଁ ଥିଲା ଯାହାକି ମୁଁ କରୁଥିଲି ।

464 ବର୍ତ୍ତମାନ, ଯଦି ଏଠାରେ କୌଣସି ସହଯୋଗୀ ପାଳକ ନ ଥାଆନ୍ତେ, ସେଠାରେ ଛିଡା ହେବା ନିମନ୍ତେ...ମୁଁ ପ୍ରଚାର କରି ସାରିଥିଲି । ମୋର ମନେ ଅଛି ଯେତେବେଳେ ଏହା ହୋଇଥିଲା । ଏବଂ ମୁଁ...ଯଦି ସେମାନେ...ଯଦି ଭାଇ ନେୱିଲ୍ ଏଠାରେ ଛିଡା ହୋଇ ନ

ଥାନ୍ତେ, କିମ୍ବା ଯଜ୍ଞବେଦିରେ ସେହି ବ୍ୟକ୍ତିଙ୍କୁ ସାହାଯ୍ୟ କରିବା ନିମନ୍ତେ କେହି ନ ଥାଆନ୍ତେ... ମୁଁ ଠିକ ସେତେବେଳେ ହିଁ ପ୍ରଚାର ସାରିଥିଲି, ତେଣୁ ମୁଁ ସେହି ପ୍ରଭୁଭୋଜ ମେଜ ପାଖରେ ଛିଡା ହୋଇଥିଲି । ଏବଂ ଯେତେବେଳେ ସେମାନେ ପ୍ରଭୁଭୋଜ ନେବାକୁ ପ୍ରସ୍ତୁତ ହେଉଥିଲେ, ଏବଂ ମୁଁ ପ୍ରଭୁଭୋଜ ଦେବା ପାଇଁ ସେଥିରେ—ରେ ଆଗରୁ ରହିଥିଲି । ଭାଇ ନେୱିଲ୍ କେବଳ ପାଖରେ ଛିଡା ହୋଇଥିଲେ, ଏବଂ ମୁଁ ପ୍ରଭୁଭୋଜ ସେବା କରୁଥିଲି । ତେବେ, ଭାଇ ନେୱିଲ୍ ସେଠାରେ ଛିଡା ହୋଇଥିଲେ ।

465 କଅଣ ହୋଇଥାଆନ୍ତା ଯଦି ସେମାନେ ଯଜ୍ଞବେଦୀ ନିକଟକୁ ଆସିଥାନ୍ତେ ଏବଂ ଭାଇ ନେୱିଲ୍ ଏବେ ସୁଦ୍ଧା ତାଙ୍କର ଉପଦେଶରେ ରହିଥାଆନ୍ତେ, ଏବଂ ସେ ପ୍ରଚାର କରୁଥାଆନ୍ତେ? ମୁଁ ସେହି ବ୍ୟକ୍ତିଙ୍କ ସହିତ ଯଜ୍ଞବେଦୀକୁ ଯାଆନ୍ତି, ଯଦି ସେ ପ୍ରଚାର କରୁଥିବା ସମୟରେ ସେହି ସଭାରୁ ଉଠନ୍ତି, ବେଦୀ ନିକଟକୁ ଯାଆନ୍ତି । ମୁଁ ଦେଖିବି ଯେ ମୋର ଭାଇ...ଯେ ସେ ଆତ୍ମାଙ୍କର ଅଭିଷେକ ପାଇଛନ୍ତି । ସେ ସେବା କରୁଥିଲେ । ସେ ସେଥିରେ ଜଣେ ସେବକ ଥିଲେ...ସେ କର୍ତ୍ତବ୍ୟର ମାର୍ଗରେ ଥିଲେ, କର୍ତ୍ତବ୍ୟର ମାର୍ଗରେ ଜଣେ ସେବକ ଥିଲେ ।

466 ଏବଂ ଆପଣଙ୍କୁ ସେମାନଙ୍କୁ କଦାପି ପରଭାଷାରେ କଥା କହିବାକୁ, କିମ୍ବା କୌଣସି ଉପାୟରେ, ଜଣେ ସେବକଙ୍କୁ କର୍ତ୍ତବ୍ୟର ମାର୍ଗରେ, ବାଧା ଦେବା ଉଚିତ୍ ନୁହେଁ । ତଥାପି, ଯଦି ପବିତ୍ରଆତ୍ମା କାହା ସହିତ କଥାବାର୍ତ୍ତା କରୁଥାନ୍ତି ଏବଂ ସେମାନେ ଉଦ୍ଧାର ପାଇବା ପାଇଁ ଯଜ୍ଞବେଦୀ ନିକଟକୁ ଦୌଡି ଆସନ୍ତି, ତାହାହେଲେ ସେହି ସେବକ ତାଙ୍କର କର୍ତ୍ତବ୍ୟ ମାର୍ଗରେ ଜାରି ରଖନ୍ତୁ; ଏବଂ ଜଣେ ପାଳକ, ଦୀକନ୍, ସହଯୋଗୀ, ଯଦି କୌଣସି ଜଣେ ସହଯୋଗୀ କିମ୍ବା ଅନ୍ୟ କୌଣସି ସେବକ ଥାଆନ୍ତି, ସେ ଶୀଘ୍ର ସେହି ବ୍ୟକ୍ତିଙ୍କ ନିକଟକୁ ଯାଇ ତାଙ୍କ କଥା ବୁଝନ୍ତୁ । ଏବଂ କର୍ତ୍ତବ୍ୟ ମାର୍ଗରେ ଥିବା ସେହି ସେବକଙ୍କୁ ବ୍ୟତିବ୍ୟସ୍ତ କରନ୍ତୁ ନାହିଁ । ବୁଝିଲେ?

467 ଏବଂ ମୁଁ ମେଜ ପଛରେ କର୍ତ୍ତବ୍ୟର ଏକ ମାର୍ଗରେ ଛିଡା ହୋଇ, ପ୍ରଭୁଭୋଜ ଦେଉଥିଲି । ଏବଂ ମୋର ସହଯୋଗୀ, ଭାଇ ନେୱିଲ୍, ମୋ ପାଖରେ ଛିଡା ହୋଇଥିଲେ । ଏବଂ ଜଣେ ବ୍ୟକ୍ତି ଯଜ୍ଞବେଦୀ ନିକଟକୁ ଦୌଡ଼ିଗଲେ, ମୁଁ କହିଲି, "ଭାଇ ନେୱିଲ୍, ତଳକୁ ଯାଇ, ତାଙ୍କ ପାଖକୁ ଯାଆନ୍ତୁ ।" ଏବଂ ଭାଇ ନେୱିଲ୍ ତାଙ୍କ ପାଖକୁ ଗଲେ । ସେହି କାରଣରୁ ମୁଁ ଯାଇ ନ ଥିଲି ।

468 ବର୍ତ୍ତମାନ, ଯଦି ଏଠାରେ କୌଣସି ସହଯୋଗୀ ନ ଥାଆନ୍ତେ, କିମ୍ବା ସେହି ବ୍ୟକ୍ତିଙ୍କ ନିକଟକୁ ଯିବା ପାଇଁ ଅନ୍ୟ କୌଣସି ବିଷୟ ନ ଥାଆନ୍ତା, ତାହହେଲେ ମୁଁ ଆଗେଇ ଯାଇଥାଆନ୍ତି ଓ ପ୍ରଭୁଭୋଜକୁ ବନ୍ଦ କରି ଦେଇଥାଆନ୍ତି, ଏବଂ ତଳକୁ ଯାଇଥାଆନ୍ତି ଓ—ଓ ଦେଖିଥାଆନ୍ତି ଯେ ସେହି ପ୍ରାଣଟି ଉଦ୍ଧାର ପାଏ । କଅଣ ଆପଣ ବୁଝିଲେ କି? କିନ୍ତୁ ଯେହେତୁ ସେଠାରେ ପଠାଇବା ନିମନ୍ତେ କେହି ଜଣେ ଥିଲେ, ଏହା ମୋତେ କର୍ତ୍ତବ୍ୟର ମାର୍ଗରୁ ବିଚ୍ୟୁତ କରି ଦେଇଥାନ୍ତା, ଆପଣ ଦେଖନ୍ତୁ, ଯେଉଁଠାରେ ମୁଁ ପ୍ରଭୁଭୋଜ ସେବା କରୁଥିଲି ।

**129. ଜଣେ ବ୍ୟକ୍ତି କଅଣ ବା ସବୁ କରିପାରନ୍ତି... ଜଣେ ବ୍ୟକ୍ତି ଯିଏକି ପବିତ୍ରଆତ୍ମା ଖୋଜୁଥାଆନ୍ତି ତାହା ସହିତରେ ବ୍ୟବହାର କରିବା ବେଳେ ଜଣେ ଲୋକ ବ୍ୟକ୍ତିଗତ କର୍ମୀ ଭାବରେ କଅଣ ବା ସବୁ କରିପାରନ୍ତି, ଏବଂ ଶାସ୍ତ୍ରସଙ୍ଗତ ହୋଇ ରହିପାରନ୍ତି?**

469 ଠିକ୍ ଅଛି । ତାଙ୍କୁ କେବଳ ବାକ୍ୟ ଉଦ୍ଧୃତ କରି କହିବାକୁ ଜାରି ରଖନ୍ତୁ, ତାହା ହିଁ କରିବା ପାଇଁ ସବୁଠୁ ଉତ୍ତମ ବିଷୟ ଅଟେ । ବାକ୍ୟରେ ଆଲୋକ ଅଛି । କେବଳ କୁହନ୍ତୁ, "ଭାଇ, ଯୀଶୁ ଏହା ପ୍ରତିଜ୍ଞା କରିଛନ୍ତି । ମନେରଖନ୍ତୁ, ଏହା ତାହାଙ୍କର ପ୍ରତିଜ୍ଞା ଅଟେ ।"

470 ତାଙ୍କୁ ହଲାନ୍ତୁ ନାହିଁ, ତାଙ୍କୁ ଠେଲି ଦିଅନ୍ତୁ ନାହିଁ, କିମ୍ବା ତାଙ୍କୁ ଏପାଖ ସେପାଖ ଘୁଞ୍ଚାନ୍ତୁ ନାହିଁ, କିମ୍ବା କିଛି କରନ୍ତୁ ନାହିଁ । ତାହା କରିବାକୁ—କୁ କେବଳ ଚେଷ୍ଟା କରନ୍ତୁ ନାହିଁ...ନା, ଆପଣ ତାଙ୍କୁ ଏହା ଦେବା ପାଇଁ ଚେଷ୍ଟା କରନ୍ତୁ ନାହିଁ, କାରଣ ଆପଣ ଏହା କରିପାରନ୍ତି ନାହିଁ । ବୁଝିଲେ? ବୁଝିଲେ? ଆପଣ...ପରମେଶ୍ୱର ହିଁ ଏହା ତାଙ୍କୁ ପ୍ରଦାନ କରିବେ । ଆପଣ କେବଳ ପ୍ରତିଜ୍ଞାଗୁଡ଼ିକୁ ଉଦ୍ଧୃତ କରିବା ଜାରି ରଖନ୍ତୁ । ବୁଝିଲେ? ସେଠାରେ ଛିଡା ହୋଇ ପ୍ରତିଜ୍ଞାକୁ ଉଦ୍ଧୃତ କରୁଥାଆନ୍ତୁ । "ସ୍ୱର୍ଗସ୍ଥ ପରମେଶ୍ୱର, ମୁଁ ମୋ ଭାଇ ପାଇଁ ପ୍ରାର୍ଥନା କରେ । ତୁମର ପ୍ରତିଜ୍ଞା ହେଉଛି ଯେ ତୁମେ ତାଙ୍କୁ ପବିତ୍ରଆତ୍ମା ପ୍ରଦାନ କରିବ ।"

471 ତାହାପରେ ଯଦି ଆପଣ ତାଙ୍କୁ ଉତ୍ସାହିତ କରିବାକୁ ଚେଷ୍ଟା କରୁଥାନ୍ତି...ସେ କହୁଥାନ୍ତି, "ଓଃ, ଭାଇ, ପାଳକ, ଭାଇ," ଏହା ତାଙ୍କ ଚାରିପାଖରେ ଯେକେହି ବି ହୁଅନ୍ତୁ, "ମୁଁ—ମୁଁ ପବିତ୍ରଆତ୍ମାଙ୍କୁ ଚାହେଁ ।"

472 "ଭାଇ, ଏହା ଏକ ପ୍ରତିଜ୍ଞା ଅଟେ । ପରମେଶ୍ୱର ପ୍ରତିଜ୍ଞା କରିଛନ୍ତି । କଅଣ ଆପଣ ବିଶ୍ୱାସ କରନ୍ତି ଯେ ସେ ପ୍ରତିଜ୍ଞା କରିଛନ୍ତି? ବର୍ତ୍ତମାନ, ଏଥିରେ ସନ୍ଦେହ କରନ୍ତୁ ନାହିଁ । ଯଦି ଆପଣ ପ୍ରତିଜ୍ଞାକୁ ବିଶ୍ୱାସ କରନ୍ତି, ତାହାହେଲେ ପବିତ୍ରଆତ୍ମା ବର୍ତ୍ତମାନ ଯେକୌଣସି ମୁହୂର୍ତ୍ତରେ ଆପଣଙ୍କ ପାଖକୁ ଆସିବେ । ଏହାର ଅପେକ୍ଷାରେ ରୁହନ୍ତୁ । ଆପଣଙ୍କ ପାଖରେ ଯାହା କିଛି ଅଛି ତାହାସବୁ ତାହାଙ୍କଠାରେ ସମର୍ପଣ କରନ୍ତୁ, ଏବଂ କୁହନ୍ତୁ, 'ପ୍ରଭୁ, ମୁଁ ତୁମର ପ୍ରତିଜ୍ଞା ଉପରେ ଛିଡା ହୋଇଅଛି ।'"

473 ତେବେ, ଉଦ୍ଧୃତ କରୁ ଥାଆନ୍ତୁ । ବର୍ତ୍ତମାନ, ନିଜର—ନିଜର—ନିଜର—ନିଜର ବିଷୟ ପ୍ରସ୍ତୁତ କରନ୍ତୁ, ଦେଖନ୍ତୁ, ତାଙ୍କୁ ଛାଡିବା ପାଇଁ ପ୍ରବର୍ତ୍ତାନ୍ତୁ...ଉଦ୍ଧୃତ କରୁ ଥାଆନ୍ତୁ । ବର୍ତ୍ତମାନ କୁହନ୍ତୁ, "ଆପଣ ପରମେଶ୍ୱରଙ୍କୁ କୁହନ୍ତୁ । ବର୍ତ୍ତମାନ, କଅଣ ଆପଣ ଅନୁତାପ କରିଛନ୍ତି କି?"

"ହଁ ।"

474 "ବର୍ତ୍ତମାନ କୁହନ୍ତୁ, 'ହେ ପ୍ରଭୁ, ତୁମେ କହିଛ ଯଦି ମୁଁ ଅନୁତାପ କରେ ତେବେ ତୁମେ ମୋତେ କ୍ଷମା କରିବାକୁ ଯୋଗ୍ୟ ଅଟ । ତୁମେ କହିଛ ଯଦି ମୁଁ ଅନୁତାପ କରେ ଏବଂ ମୋର ପାପ କ୍ଷମା ପାଇଁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଏ, ମୁଁ ପବିତ୍ରଆତ୍ମା ପ୍ରାପ୍ତ ହେବି । ବର୍ତ୍ତମାନ, ପ୍ରଭୁ, ମୁଁ ତାହା କରିଅଛି । ପ୍ରଭୁ, ମୁଁ ତାହା କରିଅଛି । ମୁଁ ଏହା କରିସାରିଛି । ମୁଁ ଅପେକ୍ଷା କରୁଛି, ପ୍ରଭୁ । ତୁମେ ଏହାକୁ ପ୍ରତିଜ୍ଞା କରିଛ ।'"

475 ଦେଖନ୍ତୁ, ତାହାହିଁ ହେଉଛି ଉପାୟ, ତାଙ୍କୁ କେବଳ ଉତ୍ସାହିତ କରୁଥାଆନ୍ତୁ। ତାଙ୍କୁ ଠିକ ବାକ୍ୟ ଉପରେ ରଖନ୍ତୁ। ଯଦି ଏହାକୁ କେବେ ଆସିବାକୁ ଥିବ ତାହାହେଲେ ଏହା ସେତେବେଳେ ଆସିବ।

## 130. କଅଣ ଜଣେ ପ୍ରଚାରକ କିମ୍ବା କୌଣସି ଖ୍ରୀଷ୍ଟିୟାନ୍ ଏହା ଠିକ୍ କରୁଛନ୍ତି କି ଯିଏକି ସେଥିରେ ବିଶ୍ୱାସ କରନ୍ତି ନାହିଁ...ନା: କଅଣ ଜଣେ ପ୍ରଚାରକ କିମ୍ବା କୌଣସି ଖ୍ରୀଷ୍ଟିୟାନ୍ ଏହା ଠିକ୍ କରୁଛନ୍ତି କି ଯିଏକି ଅନନ୍ତ ସୁରକ୍ଷାରେ ବିଶ୍ୱାସ କରନ୍ତି ନାହିଁ?

476 ତେବେ, ଆସନ୍ତୁ ଦେଖିବା। ମୁଁ କଳ୍ପନା କରେ ଯେ ସେହି "...କରିବା..." ଦେଖନ୍ତୁ ଯଦି ଆପଣ ତାକୁ ଠିକ ସେହିପରି ଭାବରେ ପାଠ କରନ୍ତି ଯେପରିକି ମୁଁ କରିଥାଏ। ଏହାକୁ ପଢ଼ନ୍ତୁ। [ଜଣେ ଭାଇ ପ୍ରଶ୍ନ ପଢ଼ନ୍ତି, "କଅଣ ଜଣେ ପ୍ରଚାରକ କିମ୍ବା କୌଣସି ଖ୍ରୀଷ୍ଟିୟାନ ଏହା ଠିକ୍ କରୁଛନ୍ତି କି ଯିଏକି ଅନନ୍ତ ସୁରକ୍ଷାରେ ବିଶ୍ୱାସ କରନ୍ତି ନାହିଁ?"—ସମ୍ପା।]

ଭାବିଲି ଯେ ମୁଁ ତାକୁ ସଠିକ୍ ଭାବେ ପାଇ ଥାଇପାରେ। ବର୍ତ୍ତମାନ, ତବେ, ମୁଁ...

**କଅଣ ଜଣେ ପ୍ରଚାରକ ଠିକ୍ କରୁଛନ୍ତି କି ଯିଏକି ଅନନ୍ତ ସୁରକ୍ଷା ଉପରେ ବିଶ୍ୱାସ କରନ୍ତି ନାହିଁ?**

477 ମୁଁ ବିଶ୍ୱାସ କରେ ଯେ ସେହି ପ୍ରଚାରକ କରୁଥିଲେ...ଯଦି ସେ ଅନନ୍ତ ସୁରକ୍ଷା ବିଷୟରେ କିଛି ଜାଣି ନ ଥିଲେ। କିନ୍ତୁ ଯଦି ସେ ଏହା ଜାଣିଥିଲେ ଓ ଏହାକୁ ସତ୍ୟ ବୋଲି ଜାଣିଥିଲେ, ଆଉ ତାହାପରେ ଏହାକୁ ପ୍ରଚାର କରୁ ନ ଥିଲେ, ତେବେ ତାଙ୍କୁ ନିଜ ଉପରେ ଲଜ୍ଜିତ ହେବା କଥା; ତାହା ଠିକ୍, କିମ୍ୱା ଯେକୌଣସି ଖ୍ରୀଷ୍ଟିଆନଙ୍କୁ। ବର୍ତ୍ତମାନ, ସେହି ଖ୍ରୀଷ୍ଟିଆନ, ତେବେ, ମୁଁ ସେହି—ସେହି ଖ୍ରୀଷ୍ଟିଆନକୁ କହିବି ଯିଏକି ତାହା ଭଲ ଭାବରେ ବୁଝନ୍ତି ନାହିଁ...

478 [ଜଣେ ଭାଇ ପଚାରନ୍ତି, "ତାହା ଏକ ଉନ୍ମୁକ୍ତ ସିଦ୍ଧାନ୍ତ ନୁହେଁ, କଅଣ ଏହା ଅଟେ କି, ଭାଇ ବ୍ରାନହାମ୍, ଯେ ଏହା ଏପରି ଲୋକମାନଙ୍କୁ ପ୍ରଚାର କରାଯିବାକୁ ଅଛି ଯେଉଁମାନେକି କେବେ ହେଲେ...?"—ସମ୍ପା।] ନା, ନା, ନା। ତେବେ, ତାହାହିଁ ଅଟେ ଯାହାକି ମୁଁ କହିବାକୁ ଯାଉଥିଲି। ହଁ। ବୁଝିଲେ? ବୁଝିଲେ?

479 ବର୍ତ୍ତମାନ, କଅଣ ଆପଣମାନଙ୍କର ତାହା ମନେ ଅଛି କି ଯାହା ମୁଁ ଗତ ରବିବାର କହିଥିଲି? ଯଦି ଆପଣ ଜଣେ ପ୍ରଚାରକ ଅଟନ୍ତି, ତେବେ ନିଜ ପାଇଁ ଗୋଟିଏ ପ୍ରଚାର ମଞ୍ଚ ନେଇ ନିଅନ୍ତୁ। ଯଦି ଆପଣ ନୁହଁନ୍ତି, ତାହାହେଲେ ନିଜର ଉପଦେଶକୁ ଜୀବନରେ ନିର୍ବାହ କରନ୍ତୁ। ଦେଖନ୍ତୁ, ତାହା କରିବା ପାଇଁ ଏହାହିଁ ହେଉଛି ସର୍ବୋତ୍ତମ ଉପାୟ, ନିଜର ଉପଦେଶକୁ ବଞ୍ଚନ୍ତୁ। ଯଦି ଆପଣ ଜଣେ ପ୍ରଚାରକ, ତାହାହେଲେ ନିଜ ପାଇଁ ଗୋଟିଏ ପ୍ରଚାର ମଞ୍ଚ ନେଇ ନିଅନ୍ତୁ, ଦେଖନ୍ତୁ, ଏବଂ ପ୍ରଚାର କରିବାକୁ ଯାଆନ୍ତୁ। ଯଦି ଆପଣ ନୁହଁନ୍ତି, ତାହାହେଲେ ନିଜର ଉପଦେଶକୁ ଜୀବନରେ ନିର୍ବାହ କରନ୍ତୁ, ଆପଣଙ୍କର ଜୀବନ ଆପଣଙ୍କର ପ୍ରଚାର ମଞ୍ଚ ହେଉ। ବୁଝିଲେ? ମୁଁ ଭାବୁଛି ଯେ ଏହା ଅଧିକାଂଶ ବିଷୟର ଯତ୍ନ

ନେଇ ନିଏ, କଅଣ ଆପଣ ଭାବନ୍ତି ନାହିଁ କି? ବୁଝିଲେ? ବୁଝିଲେ? କାରଣ ଅନେକ ଥର ଆମେ ପାଇଥାଉ...ଏବଂ ଆପଣ ଭାଇମାନେ ନିଜର ମଣ୍ଡଳୀରେ ତାହା କରନ୍ତି।

480 ମନେରଖନ୍ତୁ, ଆପଣଙ୍କର ଜନ ସମାଜ ବେଳେବେଳେ ଜିନିଷଗୁଡ଼ିକୁ ବୁଝାଇବାକୁ ଓ ବିଷୟଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରନ୍ତି, ଏହା ସବୁଠୁ ଉତ୍ତମ ହେବ ଯେ ଆପଣ ସେମାନଙ୍କୁ ତାହା ନ କରିବାକୁ ନିର୍ଦ୍ଦେଶ ଦିଅନ୍ତି। ଏବଂ ଯଦି କେହି କିଛି ଜାଣିବାକୁ ଚାହାଁନ୍ତି, ତେବେ ସେମାନଙ୍କୁ ଏମାନଙ୍କ ମଧ୍ୟରୁ ଜଣକା ପାଖକୁ ଆସିବାକୁ ଦିଅନ୍ତୁ...ସେହି ଜଣକା ଯିଏକି ଏହା କରିବା ପାଇଁ ନିର୍ଦ୍ଦେଶପ୍ରାପ୍ତ ହୋଇଛନ୍ତି। କଅଣ ଆପଣ ଦେଖୁଛନ୍ତି?

481 ଧରନ୍ତୁ, ତେବେ, ବର୍ତ୍ତମାନ, ଯେପରିକି କେହି ଜଣେ କହିବେ, "ହେ, ମୁଁ କହୁଛି... ସେମାନେ ମୋତେ କୁହନ୍ତି, ତୁମେମାନେ ତୁମର ମଣ୍ଡଳୀରେ ଅନନ୍ତ ସୁରକ୍ଷା ଉପରେ ବିଶ୍ୱାସ କରିଥାଅ।"

482 ତେବେ, ଭଲ ହେବ ଯେ ଆପଣ ଦେଖନ୍ତୁ। ଆପଣ ବୋଧହୁଏ ଅପେକ୍ଷାକୃତ ଏକ ଅଧିକ ବଡ ବିଶୃଙ୍ଖଳାରେ ଶାମିଲ ହୋଇଯିବେ ଯାହାକି ଆପଣ କେବେ ରହିଥିଲେ, ଆପଣ ଦେଖନ୍ତୁ, ଏବଂ ତାଙ୍କୁ ପୂର୍ବ ଅପେକ୍ଷା ଅଧିକ ମନ୍ଦ କରିଦେବେ। ଧରନ୍ତୁ, "ମୁଁ ଆପଣଙ୍କୁ କହୁଛି ଯେ କଅଣ, ଯଦି ଆପଣ ଆସିବେ ଓ ଆମର ପାଳକଙ୍କୁ ପଚାରିବେ, ଦେଖନ୍ତୁ। ଆପଣ—ଆପଣ ଯାଇ ତାଙ୍କ ସହିତ କଥାବାର୍ତ୍ତା କରନ୍ତୁ, ଦେଖନ୍ତୁ। ଆମେ...ତାହା ସତ ଅଟେ, ମୁଁ ଜାଣେ ଯେ ଆମର ପାଳକ ତାହା ବିଶ୍ୱାସ କରନ୍ତି। ମୁଁ ମଧ୍ୟ ଏହା ବିଶ୍ୱାସ କରେ, କିନ୍ତୁ ମୁଁ ସମର୍ଥନ କରିବାକୁ ଯୋଗ୍ୟ ନୁହେଁ...ମୁଁ ଜଣେ ପ୍ରଚାରକ ନୁହେଁ। ମୁଁ କେବଳ ଏହାକୁ ବିଶ୍ୱାସ କରେ, ତାହାହିଁ ସବୁକିଛି ଅଟେ ଯାହାକି ମୁଁ ଜାଣେ। ମୁଁ ଏହାକୁ ବିଶ୍ୱାସ କରେ କାରଣ ମୁଁ ତାଙ୍କୁ ଏହାକୁ ବାଇବଲରୁ ଏତେ ସୁନ୍ଦର ଭାବେ ବ୍ୟାଖ୍ୟା କରିଥିବାର ଶୁଣିଅଛି, ଯେ ଏହା ମୋ ପାଇଁ କୌଣସି ସନ୍ଦେହର ଛାୟାର ବାହାରେ ଥିଲା।" ବୁଝିଲେ?

483 କିନ୍ତୁ ଭଲ ହେବ ଯେ—ଭଲ ହେବ ଯେ ଜନ ସମାଜ ପାଳକଙ୍କ ସହିତ ସେହି ବିଷୟରେ କଥା ହୁଅନ୍ତୁ। ଏବଂ, ସେହି ପାଳକ, ଏଥିରେ ସୁନିଶ୍ଚିତ ହୁଅନ୍ତୁ ଯେ ସେ ମଧ୍ୟ, ଏହା ଜାଣନ୍ତି ଯେ ତାହାର ଉତ୍ତର କିପରି ଦିଆଯିବାକୁ ଅଛି। ତେଣୁ ଏହାକୁ ପ୍ରକୃତରେ ଭଲ ଭାବରେ ଅଧ୍ୟୟନ କରନ୍ତୁ, 'କାରଣ ଅନେକ ଥର ସେମାନେ ଆପଣଙ୍କୁ ଏଥିରେ ବାନ୍ଧି ପକାଇବେ, ଆପଣ ଦେଖନ୍ତୁ। କଅଣ...

484 [ଜଣେ ଭାଇ କୁହନ୍ତି, "ଭାଇ ବ୍ରାନହାମ୍?"—ସମ୍ପା।] ମୋତେ କ୍ଷମା କରନ୍ତୁ। ["ମୁଁ ଏହି ପ୍ରକାର ଏକ ଛୋଟ ବିଷୟ ଅଧୀନରେ ଦୃଢ଼ ବିଶ୍ୱାସରେ ଅଟେ, ମାତ୍ର ମୁଁ—ମୁଁ ମୋର ଆହ୍ୱାନକୁ ଜାଣିଛି ଏବଂ ମୁଁ ମୋର ନିର୍ବାଚନକୁ ସୁନିଶ୍ଚିତ କରିଛି।"] ଉଃ-ହୁଃ। ["ଆପଣ ବର୍ତ୍ତମାନ ହିଁ ତାହା କହିଲେ 'ଯଦି ଆପଣ ଜଣେ ପ୍ରଚାରକ, ଆପଣଙ୍କର ଏକ ପ୍ରଚାର ମଞ୍ଚ ରହିବା ଉଚିତ୍।'"] ହଁ, ଆଜ୍ଞା। ତାହା ଠିକ୍ ଅଟେ। ["ମୁଁ ଜଣେ ପ୍ରଚାରକ ନୁହେଁ, ମୁଁ ଜଣେ ସୁସମାଚାର ପ୍ରଚାରକ ଅଟେ।"] ହଁ, ଆଜ୍ଞା। ["ମାତ୍ର ସମସ୍ତଙ୍କର ପ୍ରଚାର ମଞ୍ଚ ମୋର

ଅଟେ ।”] ତାହା ଠିକ୍ ଅଟେ । [“କିନ୍ତୁ ଠିକ ବର୍ତ୍ତମାନ ମୁଁ କାର୍ଯ୍ୟ କରୁଅଛି, ଶାରୀରିକ ପରିଶ୍ରମ କରୁଅଛି । ଏହା କଠିନ ପରିଶ୍ରମ ନୁହେଁ, କିନ୍ତୁ ମୁଁ କାମ କରୁଅଛି, ଏବଂ ମୋର କୌଣସି ପ୍ରଚାର ମଞ୍ଚ ନାହିଁ । ଏବଂ ମୁଁ ବିଶ୍ୱାସ କରେ ଯେ ଏହି କାର୍ଯ୍ୟର ଅବଧି ଯେଉଁଥିରେ ମୁଁ ଅଛି ତାହା ପ୍ରଭୁଙ୍କ ଇଚ୍ଛାରେ ଅଟେ । ସେ ମୋତେ ତାହାକୁ, ବାକ୍ୟ ଏବଂ ଆତ୍ମାଙ୍କର ସାକ୍ଷ୍ୟ ଦ୍ୱାରା କରିବା ପାଇଁ କହିଥିଲେ । ଏବଂ ମୁଁ ବିଶ୍ୱାସ କରେ ଯେ, ପରେ, ପ୍ରଚାର ମଞ୍ଚଗୁଡିକ ଖୋଲା ହେବ ।”] ନିଶ୍ଚିତରେ, ତାହା ଠିକ୍ ଅଟେ । [“କଅଣ ତାହା ଠିକ୍ ଅଟେ କି?”] ତାହା ଠିକ୍ ଅଟେ, ଭାଇ ।

485 ଭାଇ, ବର୍ତ୍ତମାନ, ଯଦି ଆପଣ ଏଠାକୁ ଫେରିଯିବେ ଓ ସେହି ପୁରୁଣା ମଣ୍ଡଳୀର ଖାତା ବହି ନେବେ, ଆପଣ ପାଇବେ ଯେ ମୁଁ ଏହି ମଣ୍ଡଳୀକୁ ସତର ବର୍ଷ ପାଳକତ୍ୱ କରିଥିଲି ଏବଂ ପ୍ରତ୍ୟେକ ଦିନ ପ୍ରଚାର କରିଥିଲି, ପ୍ରତିଦିନ ପ୍ରଚାର କରୁଥିଲି ଏବଂ ପ୍ରତ୍ୟେକ ଦିନ କାମ କରୁଥିଲି । ବୁଝିଲେ? [ଜଣେ ଭାଇ କୁହନ୍ତି, “ଯଦି ଆପଣ କାର୍ଯ୍ୟ କରୁଛନ୍ତି, ଏହା ଏକ ଭଲ ସଙ୍କେତ ଅଟେ ଯେ ଆପଣ ଡକାଯାଇ *ଅଛନ୍ତି* ।”—ସମ୍ପା ।] ହଁ । ପାଉଲ ତାହା କରିଥିଲେ, କଅଣ ସେ କରି ନ ଥିଲେ କି? ପାଉଲ ତମ୍ବୁ ତିଆରି କରୁଥିଲେ । [“ମୋତେ ନିରାଶ ହେବା ପରି ଲାଗେ କାରଣ, ଠିକ ଯେପରି ଆପଣ କହିଲେ, ଯଦି ମୁଁ ଜଣେ ପ୍ରଚାରକ ଅଟେ, ତେବେ ଏକ ପ୍ରଚାର ମଞ୍ଚ ରହିବା ଉଚିତ୍ । ମୁଁ...ମୋତେ ନିରାଶ ହେବା ପରି ଲାଗେ, କିନ୍ତୁ ମୁଁ ଜାଣେ ଯେ ପରମେଶ୍ୱର ମୋତେ ଏକ ଋତୁ ପାଇଁ, ଏକ କାର୍ଯ୍ୟକୁ କରିବା ନିମନ୍ତେ ଡାକିଛନ୍ତି ।”] ନିଶ୍ଚିତରେ । ପାଉଲ ଯାଇ ତମ୍ବୁ ତିଆରି କରିଥିଲେ, କଅଣ ସେ କରି ନ ଥିଲେ କି? ନିଜ ହାତରେ କାମ କରିଥିଲେ ଯେପରିକି ତାଙ୍କୁ କରିବାକୁ ନ ପଡେ...ତାହା ଅବିକଳ ଠିକ୍ ଅଟେ । ନିଶ୍ଚିତ । [“ହଁ, ଓଃ, ତେବେ, ସେହିଠାରେ ହିଁ ଅଟେ ଯେଉଁଠାରେକି, ମୁଁ ଏହା ପାଉଲଙ୍କଠାରୁ ପାଇଅଛି ।”] ହମ୍ । ତାହା ଠିକ୍ । ବୁଝିଲେ? ଜନ୍ ୱେସ୍‌ଲି କହିଥିଲେ, “ଜଗତ ମୋର ମନ୍ଦିର ଅଟେ ।” ତେଣୁ ଆପଣଙ୍କର ପ୍ରଚାର ମଞ୍ଚ ଏବେ ବି ଖୋଲା ଅଛି, ଭାଇ । ସୁସମାଚାର ପ୍ରଚାରକମାନେ ସମଗ୍ର ବିଶ୍ୱକୁ ଯାଆନ୍ତି । କଅଣ ତାହା ଠିକ୍ ନୁହେଁ କି? “ତୁମେମାନେ ସମସ୍ତ ଜଗତକୁ ଯାଅ ।” ତେଣୁ ଆପଣଙ୍କର ପ୍ରଚାର ମଞ୍ଚ ସମଗ୍ର ବିଶ୍ୱ ଅଟେ । ହଁ, ଆଜ୍ଞା ।

ପ୍ରଶ୍ନ:

131. **କଅଣ ଏହା ନିୟମ ଅଟେ, ନି-ୟ-ମ-...କଅଣ ଏହା ନିୟମ ଅଟେ ଯେ ଜଣେ ଦୀକନ୍ କିମ୍ବା ଜଣେ ଟ୍ରଷ୍ଟି ନିଶ୍ଚିତ ଭାବରେ ସେମାନଙ୍କ ମଣ୍ଡଳୀର ଶିକ୍ଷାରେ ରହିବା ଆବଶ୍ୟକ?** ହଁ । ତାହା ଠିକ୍ ଅଟେ । **କଅଣ ଏହା ସେମାନଙ୍କ ପାଇଁ ଆଇନଗତ ଅଟେ ଯେ ସେମାନଙ୍କର ବ୍ୟକ୍ତିଗତ ମତ କିମ୍ବା ପ୍ରକାଶନ ହେତୁରୁ ଶିକ୍ଷାଗୁଡ଼ିକରେ ସେମାନେ ଯୋଗ କରି ପାରିବେ କିମ୍ବା ଲୋପ କରି ପାରିବେ?** ନା, ଆଜ୍ଞା । ନା ।

486 ଜଣେ ଦୀକନ୍ କିମ୍ବା ଜଣେ ଟ୍ରଷ୍ଟିକୁ ସମ୍ପୂର୍ଣ୍ଣ ଭାବରେ ସେମାନଙ୍କର ମଣ୍ଡଳୀର ଶିକ୍ଷା ସହିତରେ—ସହିତରେ ଏକମତ ରହିବା ଉଚିତ୍ । ସେମାନେ ନିଜ ମଣ୍ଡଳୀର ଶାସ୍ତ୍ରର ବ୍ୟାଖ୍ୟା ସହିତ ସମ୍ପୂର୍ଣ୍ଣ ଭାବରେ ରହିବା ଉଚିତ୍, କାରଣ, ଯଦି ସେମାନେ ତାହା ନ କରନ୍ତି, ସେମାନେ

ଠିକ ସେହି ଜିନିଷ ବିରୁଦ୍ଧରେ ଲଢୁଥାନ୍ତି । ସେମାନେ—ସେମାନେ ନିଜକୁ ଆଘାତ କରୁଥାନ୍ତି । ବୁଝିଲେ? ଆପଣ ତ ସଂଘର୍ଷ କରୁଥାନ୍ତି...

487 ଏହା, ଅନ୍ୟ ଶବ୍ଦରେ, ଯେପରିକି ଯଦି—ଯଦି—ଯଦି ମୁଁ କୁହେ ଯେ ମୁଁ ମୋର ପରିବାରକୁ ପ୍ରେମ କରେ ଏବଂ ସେମାନଙ୍କୁ ବିଷ ଖୁଆଇବାକୁ ଚେଷ୍ଟା କରେ । ଦେଖନ୍ତୁ, ସେହି ସମାନ କଥା । ଦେଖନ୍ତୁ, ଆପଣ ତାହା କରିପାରନ୍ତି ନାହିଁ, ଆପଣ...

488 ଜଣେ—ଜଣେ ଟ୍ରଷ୍ଟି କିମ୍ବା ଜଣେ ଦୀକନ ସେମାନଙ୍କ ଦାୟିତ୍ୱ ଗ୍ରହଣ କରିବାରେ, କିମ୍ବା ଏକ ମଣ୍ଡଳୀର କୌଣସି ଅଧିକାରୀ ଯିଏକି ଏକ ନିର୍ଦ୍ଦିଷ୍ଟ ମଣ୍ଡଳୀର ଦେହକୁ ପ୍ରତିନିଧିତ୍ୱ କରନ୍ତି, ଦେଖନ୍ତୁ, ଯିଏକି ଏକ ମଣ୍ଡଳୀକୁ ପ୍ରତିନିଧିତ୍ୱ କରନ୍ତି ।

489 ସେହି କାରଣ ଯୋଗୁଁ ହିଁ, ମୁଁ ଠିକ ପ୍ରଥମ ଥର ପାଇଁ, ଦେଖନ୍ତୁ, ବାପ୍‌ଟିଷ୍ଟ ମଣ୍ଡଳୀରୁ ବାହାରି ଯାଇଥିଲି । ମୁଁ ସେଠାରେ ଅଳ୍ପ ସମୟ ପାଇଁ ଟିକିଏ ରହିଥିଲି ଏବଂ ସେମାନେ—ସେମାନେ ମୋତେ କେତେକ ମହିଳା ପ୍ରଚାରକମାନଙ୍କୁ ନିଯୁକ୍ତ କରିବାକୁ କହିଥିଲେ । ତେବେ, ମୁଁ ପ୍ରକୃତରେ ଏଥିରେ ରହିପାରି ନ ଥିଲି । ମୁଁ କହିଲି, "ମୁଁ—ମୁଁ ଏହା କରିବାକୁ ମନା କରେ ।"

490 ଏବଂ ପାଳକ ମୋତେ ଉପହାସ କଲେ । "ଏଇଟା କଅଣ? ତୁମେ ଜଣେ ପ୍ରାଚୀନ ଅଟ!"

491 ମୁଁ କହିଲି, "ଡାକ୍ତର ଡେଭିସ୍, ବାପ୍‌ଟିଷ୍ଟ ବିଶ୍ୱାସ ପ୍ରତି, ଏବଂ ତାହାସବୁ ପ୍ରତି ଯେଉଁଥିରେ ମୋତେ ନିଯୁକ୍ତ କରାଯାଇଛି ସମ୍ପୂର୍ଣ୍ଣ ଶ୍ରଦ୍ଧା ସହ, ମୁଁ ଜାଣି ନ ଥିଲି ଯେ ମହିଳାମାନଙ୍କୁ ନିଯୁକ୍ତ କରିବା ଏହା ବାପ୍‌ଟିଷ୍ଟ ମଣ୍ଡଳୀର ଶିକ୍ଷାରେ ଥିଲା । ତାହାହିଁ ଗୋଟିଏ ବିଷୟ ଥିଲା ଯାହାକି ଏଥିରୁ ବାକି ରଖା ଯାଇଥିଲା ।"

ଏବଂ ସେ କହିଲେ, "ତାହା ହେଉଛି ଏହି ମଣ୍ଡଳୀର ଶିକ୍ଷା ।"

492 ମୁଁ କହିଲି, "ମହାଶୟ, କଅଣ ମୁଁ ଆଜି ରାତି ପାଇଁ କ୍ଷମା କରା ଯାଇପାରେ, ଅବା କଅଣ ଆପଣ ମୋ ପାଇଁ କିଛି ପ୍ରଶ୍ନର ଉତ୍ତର ଦେବେ କି?" ବୁଝିଲେ?

493 ସେ କହିଲେ, "ମୁଁ ତୁମର ପ୍ରଶ୍ନର ଉତ୍ତର ଦେବି ।" କହିଲେ, "ସେଠାରେ ରହିବା ତୁମର କର୍ତ୍ତବ୍ୟ ଅଟେ ।"

494 ମୁଁ କହିଲି, "ଏହା ଅଟେ, ମହାଶୟ । ତାହା ଠିକ୍ । ମୋତେ ସେହି ଯେକୌଣସି ବିଷୟରେ ଆଶା କରାଯାଏ ଯାହାକି ଏହି ମଣ୍ଡଳୀ କରେ । ମୁଁ କର୍ତ୍ତବ୍ୟର ମାର୍ଗରେ ଅଛି, ସ୍ଥାନୀୟ ପ୍ରାଚୀନମାନଙ୍କ ମଧ୍ୟରୁ ଜଣେ ।" ଏବଂ ସେ କହିଲେ...ମୁଁ କହିଲି, "କଅଣ ଆପଣ ମୋତେ ବୁଝାଇ ପାରିବେ କି ତାହା ପ୍ରଥମ କରିନ୍ଥୀୟ 14 କିମ୍ବା 15 ରେ ସେଠାରେ କାହିଁକି ଅଟେ, ଯେଉଁଠାରେ ପାଉଲ କହିଥିଲେ, 'ତୁମର ସ୍ତ୍ରୀମାନେ ମଣ୍ଡଳୀରେ ନୀରବ ରୁହନ୍ତୁ, ସେମାନଙ୍କୁ କଥା କହିବାକୁ ଅନୁମତି ନାହିଁ ।'"

495 ଏବଂ ସେ କହିଲେ, "କାହିଁକି, ନିଶ୍ଚିତରେ!" ସେ କହିଲେ, "ଯଦି...ମୁଁ ତାହାର ଉତ୍ତର ଦେଇପାରେ।" ସେ କହିଲେ, "ତୁମେ ଦେଖ, ଯେ ଏହା କଅଣ ଥିଲା," କହିଲେ, "ପାଉଲ କହିଥିଲେ...ସମସ୍ତ—ସମସ୍ତ ସ୍ତ୍ରୀଲୋକମାନେ ପଛରେ କୋଣରେ ବସି ରହିଥିଲେ, ମୁଣ୍ଡକୁ ଟେକି ଡ଼ୁଙ୍ଗି ବସୁଥିଲେ ଯେପରିକି ସେମାନେ ଅନ୍ୟାନ୍ୟ ସମୟ ପରି କରୁଥାନ୍ତି। ସେ କହିଲେ, 'ସେମାନଙ୍କୁ ତାହା କରିବାକୁ ଦିଅ ନାହିଁ।' ବୁଝିଲ?"

496 ଏବଂ ମୁଁ କହିଲି, "ତାହାପରେ ଦ୍ୱିତୀୟ ତୀମଥିଙ୍କୁ ମୋତେ ବୁଝାନ୍ତୁ, ଯେଉଁଠାରେ ପାଉଲ କହିଥିଲେ, ପୁଣି ଥରେ, ସେହି ସମାନ ଲେଖକ, ସେହି ସମାନ ପ୍ରେରିତ କହିଥିଲେ, 'ମୁଁ କୌଣସି ସ୍ତ୍ରୀକୁ ଶିକ୍ଷାଦାନ କରିବା ପାଇଁ କିମ୍ବା କୌଣସି ଉପରେ କର୍ତ୍ତୃତ୍ୱ କରିବାର ଅନୁମତି ଦିଏ ନାହିଁ, ଦେଖନ୍ତୁ, ମାତ୍ର ଆଜ୍ଞାବହତାରେ—ରେ ରହିବାକୁ ଅନୁମତି ଦିଏ। କାରଣ ଆଦମ ପ୍ରଥମେ ସୃଷ୍ଟି ହୋଇଥିଲେ ଏବଂ ତାହାପରେ ହବା, ଏବଂ ଆଦମ ପ୍ରତାରିତ ହୋଇ ନ ଥିଲେ କିନ୍ତୁ ସେହି ନାରୀ ପ୍ରତାରିତ ହୋଇଥିଲେ।' ସେହି ସ୍ତ୍ରୀ ପ୍ରତାରିତ ହୋଇଥିଲେ। ବର୍ତ୍ତମାନ, ମୁଁ କହୁ ନାହିଁ ଯେ ସେ କିଛି ଭୁଲ କରିବାକୁ ଚାହୁଁଛନ୍ତି, ମାତ୍ର ସେ ପ୍ରକୃତରେ ଏଥିରେ ପ୍ରତାରିତ ହୋଇଥିଲେ। ତାଙ୍କୁ ଜଣେ ଶିକ୍ଷକ ହେବା ଉଚିତ୍ ନୁହେଁ।"

ସେ କହିଲେ, "କଅଣ ତାହା ତୁମର ବ୍ୟକ୍ତିଗତ ମତ କି?"

497 ମୁଁ କହିଲି, "ମୋର ଏହି ବିଷୟକୁ ଦେଖିବା ପ୍ରତି ତାହା ହେଉଛି ଶାସ୍ତ୍ରର ମତ। ତାହାହିଁ ଅଟେ ଯାହାକି ବାଇବଲ କୁହେ।"

498 ସେ କହିଲେ, "ହେ ଯୁବା ଲୋକ, ଏଥିପାଇଁ ତୁମର ଲାଇସେନ୍ସ ତୁମଠାରୁ ନେଇ ନିଆଯାଇପାରେ।"

499 ମୁଁ କହିଲି, "ମୁଁ ସେମାନଙ୍କୁ ସେହି ଅସୁବିଧାରୁ ବଞ୍ଚାଇ ଦେବି। ମୁଁ ତ କେବଳ ଏହାକୁ ଦେଇ ଦେବି, ଡାକ୍ତର ଡେଭିସ୍।" ମୁଁ କହିଲି, "ଆପଣଙ୍କ ପ୍ରତି କୌଣସି ଅସମ୍ମାନ କରିବା ନୁହେଁ..." ଯଦିଓ, ସେ ତାହା କରିବେ ନାହିଁ। ସେ ଏହାକୁ ଛାଡି ଦେଲେ, ସେହି ପରି ଏହାକୁ ଚାଲିବାକୁ ଦେଲେ।

500 ତାହାପରେ ସେ ମୋତେ କହିଲେ ଯେ ସେ ମୋ ସହିତ ଏକ ଖୋଲା ତର୍କ ବିତର୍କ କରିବେ। ଏବଂ ମୁଁ କହିଲି, "ଠିକ୍ ଅଛି, ଯେକୌଣସି ସମୟରେ।" କିନ୍ତୁ ସେ—ସେ ତାହା କଲେ ନାହିଁ।

501 ତେଣୁକରି ତେବେ ଅଳ୍ପ—ଅଳ୍ପ ଟିକିଏ ସମୟ ପରେ, ତେବେ, ଯେତେବେଳେ ପ୍ରଭୁ ମୋ ସହିତ କଥା କହିଲେ, ଏବଂ ପ୍ରଭୁଙ୍କର ସେହି—ସେହି ଦୂତଙ୍କ ଆସିବା ବିଷୟରେ, ତେବେ—ତେବେ ସେ କେବଳ ତାର ପରିହାସ କଲେ, ଆପଣ ଦେଖନ୍ତୁ। ଏବଂ ତାହାପରେ ମୁଁ—ମୁଁ ତାଙ୍କୁ କହିଲି, ମୁଁ କହିଲି, "ତେବେ, ଡାକ୍ତର ଡେଭିସ୍, ଏହା ସବୁଠୁ ଉତ୍ତମ ଅଟେ ଯେ ମୁଁ ବର୍ତ୍ତମାନ ଏଥିରୁ ମୁକ୍ତି ପାଏ, ଦେଖନ୍ତୁ," ମୁଁ କହିଲି, "କାରଣ ଏହା ଏକ ବୋଝ ହେବାକୁ ଯାଉଅଛି। ମୋତେ ଅଳ୍ପ ସମୟ ହୋଇଥିଲା ନିଯୁକ୍ତ କରାଯାଇଥିଲା, ଯାହା ବି ହେଉ, ତେଣୁ ଏହା ମୋ

ପାଇଁ ଏକ ବୋଝ ହେବାକୁ ଯାଉଅଛି, ସେଇଥି ପାଇଁ ଏହା ଉତ୍ତମ ହେବ ଯେ ମୁଁ ବର୍ତ୍ତମାନ ଏଥିରୁ ମୁକ୍ତି ପାଇପାରେ।"

502 ତେଣୁକରି ତେବେ ଯଦି ମୁଁ ବାପ୍ଟିଷ୍ଟ ମଣ୍ଡଳୀରେ ରହି ବାପ୍ଟିଷ୍ଟ ଶିକ୍ଷା ଦେଇପାରିବି ନାହିଁ ଓ ବାପ୍ଟିଷ୍ଟ ବିଶ୍ୱାସମତ ଗ୍ରହଣ କରିପାରିବି ନାହିଁ। ଯଦି ମୁଁ ଏହା କରେ—ଯଦି ମୁଁ ଏହା ଏଇଥି ପାଇଁ କରେ କାରଣ ଏହା ଏକ ମଣ୍ଡଳୀ ଥିଲା, ତେବେ ମୁଁ ଭୁଲ୍ ଅଟେ, ଦେଖନ୍ତୁ, ମୁଁ କିଛି ଗୋଟାଏ ବିଷୟ ଲୁଚାଉଅଛି। ଏବଂ ଯଦି ମୁଁ—ଯଦି ମୁଁ—ଯଦି ମୁଁ ନିଜ ସହିତ ସଚ୍ଚୋଟ ଅଟେ, ତାହହେଲେ ମୁଁ ବାପ୍ଟିଷ୍ଟ ଲୋକମାନଙ୍କ ନିକଟକୁ ଯିବି (ମୋର ପାଳକ କିମ୍ବା ଯିଏ କେହି ମୋତେ ତାହା ବୁଝାଇ ଦେଇ ପାରନ୍ତି) ଏବଂ ସେମାନଙ୍କୁ ଜୀବନର ଏକ—ଏକ ବାକ୍ୟ ବିଷୟରେ ପଚାରିବି; ଯଦି ସେ ମୋତେ ସଠିକ୍ ଭାବରେ ଏହା ଦେଖାଇ ପାରନ୍ତି ଯେ ତାହା ଶାସ୍ତ୍ରରେ ଠିକ କେଉଁଠାରେ ଅଛି, ଏବଂ ମୋର ଅନୁଭୁତିକୁ ସନ୍ତୁଷ୍ଟ କରିଥାଏ, ତାହାହେଲେ ମୁଁ ଏହାକୁ ଠିକ ସେହିପରି ଭାବରେ କହିବି ଯେପରିକି ସେମାନେ ଏହାକୁ କୁହନ୍ତି, ଦେଖନ୍ତୁ, ଏବଂ ମୁଁ ଜଣେ ବାପ୍ଟିଷ୍ଟ ହୋଇଯିବି।

503 ସେହି କାରଣରୁ ମୁଁ ଜଣେ ସ୍ୱାଧୀନ ଅଟେ। ସେହି କାରଣ ହେଉଛି ଯେ ମୁଁ ସଂସ୍ଥାଗୁଡ଼ିକରେ ଅନ୍ତର୍ଭୁକ୍ତ ନୁହେଁ, କାରଣ ମୁଁ ସଂସ୍ଥାଗୁଡ଼ିକରେ ବିଶ୍ୱାସ କରେ ନାହିଁ। ଏବଂ ମୁଁ ବିଶ୍ୱାସ କରେ ଯେ ଏହା ଏକ ସଂସ୍ଥା, ପାଇଁ, ଶାସ୍ତ୍ରସଙ୍ଗତ ନୁହେଁ।

504 ତେଣୁକରି, ମୁଁ କୌଣସି ସଂସ୍ଥାରେ ଅନ୍ତର୍ଭୁକ୍ତ ହୋଇପାରିବି ନାହିଁ ଏବଂ ଏହା କରିବା ଦ୍ୱାରା ଧର୍ମୀ ଅନୁଭବ କରିପାରିବି ନାହିଁ। ବୁଝିଲେ? ତେଣୁକରି, ମୁଁ ଲୋକମାନଙ୍କୁ ଭିତରକୁ ଗ୍ରହଣ କରି ସେମାନଙ୍କୁ ସଦସ୍ୟ କରେ ନାହିଁ, ଏବଂ ସେହିପରି ବିଷୟ କରେ ନାହିଁ, କାରଣ ମୁଁ ବିଶ୍ୱାସ କରେ ଯେ ଆମେ ସଦସ୍ୟ ହେବା ପାଇଁ ଜନ୍ମ ହୋଇଅଛୁ, ଆମେ ଜୀବନ୍ତ ପରମେଶ୍ୱରଙ୍କ ମଣ୍ଡଳୀରେ ଜନ୍ମ ହୋଇଅଛୁ। ବୁଝିଲେ?

505 ଆମେ ଲୋକମାନଙ୍କର ନାମକୁ ପୁସ୍ତକରୁ ବାହାର କରି ସେଗୁଡିକୁ ବିଚ୍ଛିନ୍ନ କରୁ ନାହୁଁ, ଏବଂ ସେହିପରି ସବୁକିଛି କରୁ ନାହୁଁ, କାରଣ ମୁଁ ବିଶ୍ୱାସ କରେ ଯେ ତାହା କରିବା ଆମ—ଆମ କର୍ତ୍ତବ୍ୟରେ ନାହିଁ। ମୁଁ ବିଶ୍ୱାସ କରେ ଯେ ଏହା ତ ପରମେଶ୍ୱର ଅଟନ୍ତି ଯିଏକି ବିଚ୍ଛିନ୍ନ କରନ୍ତି। ବୁଝିଲେ? ମାତ୍ର ମୁଁ ବିଶ୍ୱାସ କରେ ଯେ ସେହି ମଣ୍ଡଳୀ, ଯଦି ସେଠାରେ ଜଣେ ଭାଇ ଥାଆନ୍ତି ଯିଏକି କିଛି ଭୁଲ୍ କରିଥିଲେ...

506 ଉଦାହରଣ ସ୍ୱରୂପ, ଯଦି—ଯଦି ସେମାନେ ଭାଇ ନେଭିଲ୍, କିମ୍ବା ଭାଇ ଜୁନିୟର୍, କିମ୍ବା ଭାଇଙ୍କୁ ଧରି ପକାନ୍ତି...ଏଠାରେ କୌଣସି ଭାଇଙ୍କୁ, ଦୀକନ୍ କିମ୍ବା ଟ୍ରଷ୍ଟିମାନଙ୍କ ମଧ୍ୟରୁ ଜଣକାକୁ, କିମ୍ବା ଅନ୍ୟ କିଛି କାହାରିକୁ, କିଛି ଗୋଟାଏ ଭୁଲ୍ କରୁଥିବାର ଧରି ପକାନ୍ତି, ମୁଁ ବିଶ୍ୱାସ କରେ ଯେ ମଣ୍ଡଳୀ ନିମନ୍ତେ କରିବା ପାଇଁ ଏହା ବିଷୟ ହେବ ଯେ ଏକାଠି ହେବା ଏବଂ ଏହି ଭାଇ ପାଇଁ ପ୍ରାର୍ଥନା କରିବା। ଯଦି ସେ ତଥାପି ସଳଖ ନ ହୁଅନ୍ତି, ତାହାହେଲେ ଏକ ଦମ୍ପତି ତାଙ୍କ ସହିତ ଯାଆନ୍ତୁ, ସେହି ଭାଇଙ୍କୁ ପୁନର୍ବାର ମିଶାଇବା ପାଇଁ ତାଙ୍କ ନିକଟକୁ ଯାଆନ୍ତୁ। ଏବଂ

ଯଦି ତାହାପରେ ଯଦି ସେ ଏହାକୁ ଗ୍ରହଣ ନ କରନ୍ତି, ତାହାହେଲେ ଏହାକୁ ମଣ୍ଡଳୀ ସମ୍ମୁଖରେ ଜଣାନ୍ତୁ । ତାହାପରେ ବି ଯଦି ସେମାନେ ଏହାକୁ ଗ୍ରହଣ ନ କରନ୍ତି ତେବେ, ତାହାହେଲେ ଏହା ସମଗ୍ର ମଣ୍ଡଳୀ ପାଇଁ ସେହି ସମୟ ଅଟେ, ଦେଖନ୍ତୁ, ତାହା ପାଳକ, ପ୍ରାଚୀନ, ଏବଂ ଅନ୍ୟ ସମସ୍ତଙ୍କ ନିମନ୍ତେ କରିବା ପାଇଁ କାର୍ଯ୍ୟ ଅଟେ । ମୁଁ ବିଶ୍ଵାସ କରେ ନାହିଁ ଯେ କୌଣସି ଦୀକନ୍ ବୋର୍ଡ ପାଖରେ କାହାରିକୁ ମଣ୍ଡଳୀରୁ ବାହାର କରିଦେବାର ଏକ ଅଧିକାର ଅଛି କିମ୍ବା କୌଣସି ଟ୍ରଷ୍ଟି ବୋର୍ଡ କିମ୍ବା କୌଣସି ପାଳକଙ୍କ ପାଖରେ ଏହାକୁ କରିବାର ଅଧିକାର ଅଛି ।

507 ମୁଁ ଭାବୁଛି ଯଦି କାହାରିକୁ ସହଭାଗୀତାରୁ ବହିଷ୍କାର କରାଯିବାକୁ ଥାଏ, ତାହା ଅନୈତିକ ଜୀବନଯାପନ ହେତୁ କିମ୍ବା ସେହିପରି କିଛି ବିଷୟ ହେତୁ ହେବା ଉଚିତ୍, ଯେ ସେ ଜଣେ ଯୋଗ୍ୟ ବ୍ୟକ୍ତି ନୁହଁନ୍ତି, ଯେପରିକି ଜଣେ ପୁରୁଷ ଏଠାକୁ ଆସି ଆମ ଝିଅମାନଙ୍କୁ ଭ୍ରଷ୍ଟ କରନ୍ତି କିଅବା—କିଅବା ଆମର ମହିଳାମାନଙ୍କୁ ଅପମାନିତ କରନ୍ତି, ଏବଂ ସେହିପରି ବିଷୟସବୁ କରନ୍ତି, ଏବଂ ତଥାପି ଏଠାରେ ଆମମାନଙ୍କ ମଧ୍ୟରୁ ଜଣେ ବୋଲି କୁହାଉଥାନ୍ତି । ବୁଝିଲେ? ବର୍ତ୍ତମାନ, ଯଦି ସେ ଅନ୍ୟ କୌଣସି ସ୍ଥାନରୁ ଏଠାରେ ଭିତରକୁ ଆସୁଛନ୍ତି, କାହିଁକି, ଆମକୁ ଏହା ବିଷୟରେ କିଛି କରିବାକୁ ଥାଏ, କିନ୍ତୁ, ଯେତେବେଳେ ଏହା ସେହିପରି ଜଣେ ବ୍ୟକ୍ତିଙ୍କ କଥା ଆସେ, ଜଣେ ଅନୈତିକ ବ୍ୟକ୍ତି ଆମ ପତ୍ନୀଙ୍କ ସହ ପ୍ରେମ କରିବାକୁ ଚେଷ୍ଟା କରୁଥାନ୍ତି କିମ୍ବା—କିମ୍ବା ଆମ ଝିଅମାନଙ୍କୁ ଅପମାନିତ କରିବାକୁ ଚେଷ୍ଟା କରୁଥାନ୍ତି, କିଅବା, ଆପଣ ଜାଣନ୍ତି, ସେହିଭଳି ଅନ୍ୟ କିଛି ଗୋଟାଏ, କିମ୍ବା ତାଙ୍କ ଚାରିପାଖରେ କିଛି ଗୋଟାଏ ଅନୈତିକ କାର୍ଯ୍ୟ କରିବାକୁ ଚେଷ୍ଟା କରୁଥାନ୍ତି, ଅବା ଆମର ଛୋଟ ଛୋଟ ପୁଅମାନଙ୍କୁ ବାହାରକୁ ନେଇ ସେମାନଙ୍କଠାରୁ ବିକୃତୀ ଉତ୍ପନ୍ନ କରିବାକୁ ଚେଷ୍ଟା କରୁଥାନ୍ତି, କିମ୍ବା ସେପରି କିଛି କରନ୍ତି ।

508 ସେହି ଜିନିଷଗୁଡ଼ିକର ତତ୍ତ୍ୱ ନିଆଯିବା ଉଚିତ୍, ଏବଂ ତାହାପରେ ସେହି ବ୍ୟକ୍ତିଙ୍କୁ ସହଭାଗୀତାରୁ ବହିଷ୍କାର କରାଯିବା ଉଚିତ ଏବଂ ଏହା ସହିତ ପ୍ରଭୁଭୋଜ ଗ୍ରହଣ କରିବାକୁ ଅନୁମତି ନ ଦିଆଯିବା ଉଚିତ୍, କାରଣ ଆମେ ତାହା କରିବା ଉଚିତ ନୁହେଁ । ଆମେ ନୁହେଁ । "ଯଦି କେହି ଅଯୋଗ୍ୟ ଭାବରେ ଭୋଜନ କରେ, ତେବେ ସେ ପ୍ରଭୁଙ୍କ ରକ୍ତ ଏବଂ ଶରୀରର ଦୋଷୀ ଅଟେ," ସେହି ବ୍ୟକ୍ତିଙ୍କ ଉପରେ ।

509 ମାତ୍ର ମୁଁ ବିଶ୍ଵାସ କରେ ଯେପରିକି ଜଣେ ବ୍ୟକ୍ତି କହିଲେ, "ତେବେ, ବର୍ତ୍ତମାନ, ସେ— ସେ *ଏହା, ତାହା* ଅଟନ୍ତି ।" ତାଙ୍କ ପାଇଁ ପ୍ରାର୍ଥନା କରନ୍ତୁ । ଠିକ୍ ଅଛି ।

510 ମୁଁ କେବେବି, ସ୍ୱିଡେନ, ଷ୍ଟକହୋମ୍‌ରେ ଥିବା, ଭାଇ ଲେୱି ପେଥ୍ରସ୍‌ଙ୍କୁ ଭୁଲିବି ନାହିଁ, ପରମେଶ୍ୱରଙ୍କ ଜଣେ ମହାନ ବ୍ୟକ୍ତି ଅଟନ୍ତି । ଆମେରିକା ଫେରିବାର କିଛି ଘଣ୍ଟା ପୂର୍ବରୁ ଆମେମାନେ ସେହି ମେଜରେ ବସିଥିଲୁ । ଆମମାନଙ୍କର ସେଠାରେ ବହୁତ ଉତ୍ତମ ସଭାମାନ ହୋଇଥିଲା । ଏବଂ ସେ କହିଲେ, ଗର୍ଡନ୍ ଲିଣ୍ଡସେ କହିଲେ, "ଏହି ମହାନ ଏକୀକୃତ ଦେହର ତତ୍ତ୍ୱାବଧାରକ କିଏ?" ବାଳକ, ଏହା ତ ଆସେମ୍ବଲିଜ୍ ଅଫ୍ ଗଡକୁ ଶହ ଶହ ମାଇଲ୍‌ରେ ଅତିକ୍ରମ କରିଛି, ଆପଣ ଦେଖନ୍ତୁ । କହିଲେ, "ତତ୍ତ୍ୱାବଧାରକ କିଏ?"

ଏବଂ ଲେଓ୍ୱିପେଥ୍ରସ୍ ଭଦ୍ରଲୋକଙ୍କ ପରି ଅଟନ୍ତି, ଏବଂ ସେ କହିଲେ, "ଯୀଶୁ।"

ସେ କହିଲେ, "ଆପଣଙ୍କର ପୁରୋହିତମାନେ କିଏ ଅଟନ୍ତି?"

ସେ କହିଲେ, "ଯୀଶୁ।"

511 ସେ କହିଲେ, "ମୁଁ ଜାଣେ ଯେ ତାହା ଠିକ୍ ଅଟେ," କହିଲେ, "ଆମେ ଆମର ଆସେମ୍ବଲିଜ୍ ଅଫ୍ ଗଡ ବିଷୟରେ ସେହି ସମାନ କଥା ବିଶ୍ୱାସ କରୁ।" ସେ କହିଲେ, "ତାହା ଠିକ୍।" "କିନ୍ତୁ," କହିଲେ, "ଧରନ୍ତୁ, ଉଦାହରଣ ସ୍ୱରୂପ, ଜଣେ—ଜଣେ ଭାଇ ଧାଡିରୁ ବାହାରି ଯାଆନ୍ତି," କହିଲେ, "ତାଙ୍କୁ ବାହାର କରିବାର ଅଧି-କାର କାହା ପାଖରେ ଅଛି?"

କହିଲେ, "ଆମେ ତାଙ୍କୁ ବାହାର କରୁ ନାହୁଁ।"

"ତେବେ," କହିଲେ, "ଆପଣ କଅଣ କରନ୍ତି?"

512 କହିଲେ, "ଆମେ ତାଙ୍କ ପାଇଁ ପ୍ରାର୍ଥନା କରୁ।" ମୁଁ ଭାବିଲି ତାହା କେତେ ମଧୁର ଅଟେ! ତାହା ମୋତେ ଖ୍ରୀଷ୍ଟିଆନ ଭଳି ଶୁଭାଗଲା, "ଆମେ ତାଙ୍କ ପାଇଁ ପ୍ରାର୍ଥନା କରୁ।" ତାଙ୍କୁ କେହି ବାହାର କରନ୍ତି ନାହିଁ, ସେମାନେ ତାଙ୍କ ପାଇଁ ପ୍ରାର୍ଥନା କରନ୍ତି।

513 କହିଲେ, "ତେବେ, ତାହାହେଲେ, କଅଣ ହୁଏ ଯଦି କେତେକ ଭାଇ ରାଜି ହୁଅନ୍ତି," ସେ କହିଲେ, "ଏବଂ ସେମାନଙ୍କ ମଧ୍ୟରୁ କେତେକ ତାଙ୍କ ସହିତ ଆଉ ସହଭାଗୀତା କରିବାକୁ ଚାହାଁନ୍ତି ନାହିଁ? ତାଙ୍କୁ ଭିତରକୁ ନେଇକରି ଆସନ୍ତୁ, ଯେପରିକି ଏହା ଜଣେ ପାଳକ ଅଟନ୍ତି, ଆପଣ ଦେଖନ୍ତୁ, ଯାହାକି ସେମାନଙ୍କ ମଧ୍ୟରେ ଜଣେ ମହିଳା ପସନ୍ଦ ପୁରୁଷ ହେବାକୁ ଆରମ୍ଭ ହେଉଥାଏ...ଆପଣ ଜାଣନ୍ତି ଯେ ମୁଁ କଅଣ କହୁଅଛି, ଏବଂ ସେହିପରି ବିଷୟସବୁ, ଏବଂ କେତେକ ପାଳକ ତାଙ୍କୁ ନିଜର ମଣ୍ଡଳୀରେ ବି ରଖିବେ ନାହିଁ। ଆପଣ ସମସ୍ତେ କଅଣ କରିବେ, ତାଙ୍କୁ ନିଜର ସଂସ୍ଥାରୁ ବାହାର କରିଦେବେ?"

514 "ନା।" କହିଲେ, "ଆମେ କେବଳ ତାଙ୍କୁ ଏକାକୀ ଛାଡି ଦେଉ ଓ ତାଙ୍କ ପାଇଁ ପ୍ରାର୍ଥନା କରୁ।" କହିଲେ, "ଆମେ ଏପର୍ଯ୍ୟନ୍ତ ଗୋଟିଏ ସୁଦ୍ଧା ହରାଇ ନାହୁଁ। ସେମାନେ କୌଣସି ପ୍ରକାରେ ବି, ସବୁବେଳେ ଫେରି ଆସନ୍ତି।"

515 ସେ କହିଲେ, "ତେବେ," କହିଲେ, "ବର୍ତ୍ତମାନ, କଅଣ ହେବ ଯଦି..." କହିଲେ, "କଅଣ ହେବ ଯଦି ସେମାନଙ୍କ ମଧ୍ୟରୁ କେତେକ କୁହନ୍ତି ଯେ ସେମାନେ ତାଙ୍କୁ ଚାହାଁନ୍ତି ଏବଂ ଅନ୍ୟମାନେ ତାଙ୍କୁ ଚାହାଁନ୍ତି ନାହିଁ? ବର୍ତ୍ତମାନ, ତାହା ବିଷୟରେ କଅଣ?"

516 କହିଲେ, "ତେବେ, ଯେଉଁମାନେ ତାଙ୍କୁ ଚାହାଁନ୍ତି, ସେମାନେ ତାଙ୍କୁ ଗ୍ରହଣ କରନ୍ତୁ; ଯେଉଁମାନେ ତାଙ୍କୁ ଚାହାଁନ୍ତି ନାହିଁ, ସେମାନଙ୍କୁ କରିବାକୁ ପଡ଼େ ନାହିଁ।"

517 ତେଣୁକରି—ତେଣୁକରି ମୁଁ ଭାବୁଛି ଯେ ଏହା କରିବା ପାଇଁ ତାହା ଏକ ଭଲ ଉପାୟ ଅଟେ, ଭାଇମାନେ, କଅଣ ନୁହେଁକି? ଏବଂ ସେହି ଉପାୟରେ ଆମେମାନେ "ଭାଇ" ଅଟୁ।

518 ବର୍ତ୍ତମାନ, ଭାଇମାନେ, ମୁଁ ଆଶା କରେ ଯେ ଏହି ବିଷୟଗୁଡ଼ିକ ଗୋଟିଏ ଉତ୍ତର କିମ୍ବା ସେହିପରି କିଛି ପ୍ରତି ଏକ ଛୋଟ ପ୍ରଦର୍ଶନୀ ଦେଇଅଛି, ଯେ ଆଜି ରାତିରେ ଆମର ସଭା ଆମମାନଙ୍କର କିଛି ଲାଭ କରିଅଛି—କରିଅଛି । ମୁଁ ବର୍ତ୍ତମାନ ଅଳ୍ପ କିଛି ସମୟ ପାଇଁ ଏହି ସ୍ଥାନକୁ ଛାଡି, ପଶ୍ଚିମ ଆଡେ ସଭା ନିମନ୍ତେ ଯିବାକୁ ସ୍ଥିର କରୁଅଛି । ମୁଁ ବିନମ୍ର ଭାବରେ ଆପଣମାନଙ୍କର ପ୍ରାର୍ଥନାକୁ ଆଶା କରେ ।

519 ଏଠାରେ ମୋର କେତେକ ଉତ୍ତରଗୁଡିକ, ହୋଇପାରେ ସେଗୁଡିକ ମଧ୍ୟରୁ ଅନେକେ, ହୋଇପାରେ ସେଗୁଡିକ ମଧ୍ୟରୁ କୌଣସି ଟା ବି, ଠିକ୍ ନ ଥାଇପାରେ । ମୁଁ ଜାଣେ ନାହିଁ । କିନ୍ତୁ ଏହା ସବୁଠୁ ଉତ୍ତମ ହେବ ଯେ ମୁଁ ମୋର ନିଜର ବିଚାରଧାରାରେ ଏହାକୁ ଚିନ୍ତା କରିପାରେ, ଆପଣ ଦେଖନ୍ତୁ, ଯେ ଏହାକୁ ବ୍ୟାଖ୍ୟା କରିବାକୁ ଚେଷ୍ଟା କରେ । ବୋଧହୁଏ ଏହି ଶେଷଗୁଡିକ, ବିଶେଷତଃ, ଯେଉଁଗୁଡିକ ସେଠାକୁ ଶେଷରେ ଆସିଥିଲା, ମୋ ପାଖରେ ସେଗୁଡିକୁ ଦେଖିବା ପାଇଁ ସମୟ ନ ଥିଲା । ଏବଂ ମୁଁ କରି ହିଁ ନ ଥିଲି, ସେଗୁଡିକ ତ...ମୋର ଯାହା କହିବାର ଅର୍ଥ, ସେଗୁଡ଼ିକ ଶାସ୍ତ୍ର ଅଟେ ଯାହା ଦେଇ ଆମେମାନେ ପ୍ରତ୍ୟେକ ଥର ଏଠାରେ ଯାଉ, ଦିନକୁ ଦିନ ମଣ୍ଡଳୀରେ । ମୁଁ ଭାବିଲି ଯେ ବୋଧହୁଏ ଏହା କିଛି ଗୋଟାଏ ବଡ କଠିନ ବିଷୟ ହୋଇଥିବ ଯାହାକି ହୁଏତ ଆମକୁ କିଛି ଗୋଟାଏ ଏକ ମହାନ ବିଷୟ ନିକଟକୁ ଯିବା ପାଇଁ ପ୍ରକୃତରେ ପ୍ରବର୍ତ୍ତାଇ ପାରେ, କିନ୍ତୁ ଏହା ତ କେବଳ ମଣ୍ଡଳୀଗୁଡିକର ପ୍ରଶ୍ନ ପରି ଅଧିକାଂଶ ଅଟେ ।

520 ଆପଣଙ୍କୁ ତାହା ସେହିପରି ଭାବରେ ଧରିଥିବାର ଦେଖି ମୁଁ ଖୁସି ଅଟେ, ସେଠାରେ କୌଣସି ବିଶୃଙ୍ଖଳା ନାହିଁ, କୌଣସି ଅସନ୍ତୋଷ ନାହିଁ, କୌଣସି ଦ୍ୱନ୍ଦ୍ୱ ନାହିଁ । କୌଣସି ଗୋଟିଏ ହେଲେ ପ୍ରଶ୍ନ ଏହା ଉପରେ ତର୍କ କରି କହିଲା ନାହିଁ "ଏହା ଭୁଲ ଅଟେ, ଏହା ଭୁଲ ଅଟେ, ଆମେ ଏହାକୁ ଗ୍ରହଣ କରିବୁ ନାହିଁ ।" ଏହା ତ କେବଳ ଭାଇମାନେ ଥିଲେ ଯେଉଁମାନେକି ସେମାନଙ୍କର ଧାରଣାକୁ ସୁଦୃଢ଼ କରିବା ପାଇଁ କିଛି ଜାଣିବାକୁ ଚାହିଁଥିଲେ, ତାହା ହିଁ ସବୁ କିଛି ଅଟେ । ତାହା...ସୁଦୃଢ଼ କରିବା, ବୁକୁପଟାକୁ ଟିକିଏ ମଜଭୁତ ଭିଡିବା—ଭିଡିବା ଅଟେ, ସେଥିରେ ଆଉ ଏକ ଖଣ୍ଡକୁ ଟାଣିବା ଅଟେ । ମୁଁ ଆଶା କରେ ଯେ ଆମକୁ ଏହିପରି ଭାବରେ ଅନେକ ଥର ଭେଟିବାର ସୁଯୋଗ ମିଳି ପାରିବ, ବୁକୁପଟାକୁ ଭିଡିବା ନିମନ୍ତେ ।

521 ଏବଂ ଭାଇମାନେ, ଆପଣମାନେ ମନେ ରଖନ୍ତୁ, ଯେ ମୋର ବୁକୁପଟା ମଧ୍ୟ ଟଣାଯିବା ଆବଶ୍ୟକ କରେ । ତେଣୁକରି ଆପଣମାନେ ମୋ ପାଇଁ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବେ ଯେ ପରମେଶ୍ୱର ମୋତେ ସାହାଯ୍ୟ କରିବେ ଏବଂ ମୋର ବୁକୁପଟାକୁ ଟିକିଏ ଭିଡି କରି ଟାଣିବେ, ଯେପରିକି ମୁଁ...ବିଷୟଗୁଡିକ ସହିତ ଏତେ ହୁଗୁଳା ନ ହୋଇଯାଏ । ଏବଂ ମୁଁ ଯେଉଁ ଜୀବନ ଅତିବାହିତ କରେ ଏବଂ ମୁଁ ଯେଉଁ ବିଷୟସବୁ କରେ, ଏହା ହେଉ ଯେ ମୁଁ ତାହାକୁ ଅଧିକ ନମ୍ରତାର ଆତ୍ମା ସହିତ କରିପାରେ, ଏହା କରିବାକୁ ଅଧିକ ବ୍ୟଗ୍ର ହୁଏ । ଏବଂ ପରମେଶ୍ୱର ମୋତେ ତାହା କରିବା ପାଇଁ ଅଧିକ ଏକ ହୃଦୟ ଦିଅନ୍ତୁ ଯାହାକି ମୁଁ ପୂର୍ବରୁ କେବେ କରିଥିଲି । ମୁଁ ଆପଣ ସମସ୍ତଙ୍କ ପାଇଁ ସେହି ସମାନ ବିଷୟକୁ ପ୍ରାର୍ଥନା କରେ । ପରମେଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ ।

522 ମୁଁ ଆପଣମାନଙ୍କୁ ଏଠାରେ ବହୁତ ସମୟ ଧରି ରଖିଅଛି, ଏବଂ ବର୍ତ୍ତମାନ ଏହା ଏଗାର ବାଜିବାକୁ ପାଞ୍ଚ ମିନିଟ୍ ଅଛି।

523 ଏବଂ ବର୍ତ୍ତମାନ, ଭାଇ ନେଭିଲ୍, ହୋଇପାରେ ଯେ ମୁଁ—ମୁଁ...ବର୍ତ୍ତମାନ, ମୁଁ ପାଇଲି, ଏହା ସେଠାରେ କେବଳ ପ୍ରାୟଃ ନଅ ଶହ ଓ କିଛି ମାଇଲ୍ ଅଛି, ମୁଁ ସୋମବାର ସକାଳ ପର୍ଯ୍ୟନ୍ତ ଛାଡି ଚାଲିଯାଉ ନାହିଁ। କିନ୍ତୁ ମୁଁ ଏଠାରେ ରବିବାର ଶ୍ରେଣୀ ପାଇଁ ରବିବାର ଦିନ ରହିବାକୁ ଚାହେଁ, ମୁଁ ଆପଣମାନଙ୍କର ଅତିଥି ଭାବରେ ଆପଣଙ୍କୁ ପ୍ରଚାର କରୁଥିବାର ଶୁଣିବା ପାଇଁ ଆସୁଅଛି, ଆପଣ ଦେଖନ୍ତୁ, ରବିବାର ଦିନ। ବୁଝିଲେ? ମାତ୍ର...ତେବେ, ଭାଇ, ହଁ, ଭାଇ। ଭାଇ ନେଭିଲ୍, ଏଠାରେ ସେହି କାରଣ ଅଟେ, ଭାଇ। ମୁଁ...ମୁଁ ଆପଣଙ୍କୁ ପ୍ରେମ କରେ ଏବଂ ଆପଣ ସର୍ବଦା ପ୍ରଚାର ମଞ୍ଚକୁ ଅର୍ପଣ କରିବାରେ ଏତେ ଦୟାବାନ ରହି ଆସିଛନ୍ତି ଯେ ଠିକ ଯେପରିକି...ଯେପରିକି ମୁଁ ଆପଣଙ୍କର ଜଣେ ବୟସ୍କ ପ୍ରାଚୀନ, କିମ୍ବା ସେହିପରି କିଛି ଅଟେ। କିନ୍ତୁ ଭାଇ ନେଭିଲ୍, ମୁଁ କେବେବି ସେହିପରି ଅନୁଭବ କରି ନାହିଁ। ମୁଁ ଏହିପରି ଅନୁଭବ କରିଛି ଯେପରିକି ଆମେମାନେ ଭାଇ ଅଟୁ।

524 ଭାଇ ରୁଡେଲ ଏବଂ ଭାଇ ଜୁନି, ଏବଂ, ଓଃ, ଆପଣ ସମସ୍ତ ଭାଇମାନେ ଏବଂ ଆପଣ ସମସ୍ତେ, ଆମେମାନେ—ଆମେମାନେ ତ ଏକତ୍ର କେବଳ ଭାଇ ଅଟୁ, ଆପଣ ଦେଖନ୍ତୁ।

525 ମାତ୍ର କଅଣ?...ଏହାର କାରଣ ହେଉଛି, ମୁଁ ବର୍ତ୍ତମାନ ଟିକିଏ ଗଳାରେ ରୁଦ୍ଧ ଅଟେ, ଆପଣ ଦେଖନ୍ତୁ, ଏବଂ ମୋର କେବଳ କ୍ରମାଗତ ଭାବରେ ଛଅ ସପ୍ତାହ ଧରି ନିରନ୍ତର ଯୁଦ୍ଧ ରହି ଆସିଥିଲା, ଆପଣ ଦେଖନ୍ତୁ। ଏବଂ ମୁଁ—ମୁଁ କେବଳ ହୁଏତ ଆରମ୍ଭ କରିବାକୁ ଚାହୁଁଥିଲି ଯଦି ମୁଁ ପାରେ, ଭାବିଥିଲି, ଆଜି ରାତିରେ ଏହି ସଭା ପରେ, ତାହା ମୋତେ ସେଠାରେ ଶୁକ୍ରବାର ଏବଂ ଶନିବାର ଏବଂ ରବିବାର ଦିନ ବିଶ୍ରାମ କରିବା ପାଇଁ ସମଯ ଦେବ, ଏହା ପୂର୍ବେକି ମୁଁ ସେଠାରେ ସଭାଗୁଡ଼ିକୁ ଆରମ୍ଭ କରେ।

526 ଏବଂ ଭାଇ ଜୁନି, ମୁଁ ଫେରିବା ମାତ୍ରକେ, ଥରେ ଆସିବା ବେଳେ, ମୋତେ ଆସି ଆପଣଙ୍କୁ ପୁଣି ଥରେ ଦେଖା କରିବାକୁ ଅଛି, ବାହାରକୁ ଆସିବାକୁ ଚାହେଁ। ମୁଁ ସେଠାରେ, ଗତକାଲି ଆପଣଙ୍କର ଛୋଟ ମଣ୍ଡଳୀକୁ ଅତିକ୍ରମ କଲି, ମୁଁ ବିଶ୍ୱାସ କରେ। ମୋ ସ୍ତ୍ରୀ କହିଲେ, "ମୁଁ ଭାବୁଛି ଯେ..." କଅଣ ତାହା ଠିକ ସେଠାରେ ଗ୍ଲେନେଲେନ ପାର୍କର ପାର୍ଶ୍ୱରେ ରେଲୱେ ଟ୍ରାକ ପାଖରେ ଅଛି କି? ମୁଁ ସେଠାକୁ ଆସି ସେହି ସେଲର୍ସବର୍ଗର ଲୋକମାନଙ୍କ ସହିତ କଥା ହେବାକୁ ଚାହିଁବି। ଉତ୍ତମ ହେବ।

527 ଭାଇ ରୁଡେଲ, ଆପଣଙ୍କର ହୃଦୟକୁ ଆଶୀର୍ବାଦ କରନ୍ତୁ। ମୁଁ ବାହାରକୁ ଆସିବାକୁ ଚାହିଁବି, ଆପଣ ଲୋକମାନଙ୍କର ଏକ ବହୁତ ଭଲ ସମୂହ ପାଇଛନ୍ତି। ଆପଣ ଆଜି ରାତି ସେଠାରେ ଏପରି ଭାବରେ ବସି ଶୁଣୁଛନ୍ତି ଯେପରିକି ଆପଣ ଜଣେ ବୃଦ୍ଧ ପ୍ରାଚୀନ ଏହାକୁ ଗ୍ରହଣ କରୁଛନ୍ତି।

528 ଭାଇ ବିଲର୍ ସେଠାରେ, ଆମର ଜଣେ ସୁସମାଚାର ପ୍ରଚାରକ ଭାଇ ଅଟନ୍ତି। ମୁଁ ଆଶା କରେ ଯେ କୌଣସି ସମୟରେ ମୁଁ ଆପଣଙ୍କର ଗୋଟିଏ ସଭାକୁ କୌଣସି ସ୍ଥାନରେ ଭେଟିପାରେ, ଭାଇ, କିଛି ପ୍ରଭାବ ପକାଇପାରେ, ମାର୍ଗରେ ଆପଣମାନଙ୍କୁ ଉତ୍ସାହିତ କରିବା ପାଇଁ କୌଣସି ସ୍ଥାନରେ କିଛି କହିପାରେ। ମୋ ପାଖରେ ଆପଣଙ୍କ ପାଇଁ କାହାରି ନିମନ୍ତେ, ଆପଣଙ୍କ ପାଇଁ ଓ ଭାଇ ଷ୍ଟ୍ରିକର୍ ପାଇଁ, ଏବଂ ପ୍ରଚାରକମାନଙ୍କ ପାଇଁ ଏଠାରେ ସର୍ବଦା ଭଲ ଶବ୍ଦ ରହିଛି।

529 ଭାଇ କଲିନ୍ସ ଏଠାରେ, ଯାହାକି ମୁଁ ବିଶ୍ୱାସ କରେ ଯେ କୌଣସି ଦିନେ ସେବାକାର୍ଯ୍ୟରେ ଜଣେ ପୂର୍ଣ୍ଣ-ସମୟ ସେବକ ହେବେ।

530 ପୁରୁଷମାନେ ଯେଉଁମାନେକି ସାହସିକ ଲୋକମାନେ, ସାହସିକ ଲୋକମାନେ ଅଟନ୍ତି, ବିଶ୍ୱାସର ପ୍ରକୃତ ପୁରୁଷମାନେ, ଏବଂ ଆପଣ ଦୀକନ୍‌ମାନେ, ଆପଣ ଟ୍ରଷ୍ଟିଗଣ, ଆପଣ ଭାଇମାନେ, ପରମେଶ୍ୱର ଆପଣ ସମସ୍ତଙ୍କ ସହିତରେ ରୁହନ୍ତୁ।

531 ମୁଁ ବିଶ୍ୱାସ କରେ ଯେ ଆପଣ...ଏଠାରେ ଥିବା ଭାଇ, ମୁଁ ତାଙ୍କ ନାମ ଚିନ୍ତା କରିପାରୁ ନାହିଁ। ଆପଣ ଅଟନ୍ତି...[ଭାଇ କାଲ୍‌ଡୱେଲ୍ କୁହନ୍ତି, "ଭାଇ କାଲ୍‌ଡୱେଲ୍।"—ସମ୍ପା।] କାଲ୍‌ଡୱେଲ୍। ଆପଣ ତ ଠିକ ଜଣେ...ଆପଣ ତ ପ୍ରାଚୀନମାନଙ୍କ କିମ୍ଵା ସେହିପରି କିଛି ମଧ୍ୟରୁ ଜଣେ ଅଟନ୍ତି, କଅଣ ଆପଣ ନୁହଁନ୍ତି କି, କିମ୍ଵା କେବଳ ଜଣେ...["ସେବକ।"] ସେବକ। ["ମୁଁ ଜଣେ ସେବକ ଅଟେ। ମୁଁ ଚର୍ଚ୍ଚ ଅଫ୍ ଗଡରେ ସମ୍ପୃକ୍ତ ଅଟେ, ମୁଁ ସମ୍ପୂର୍ଣ୍ଣ ସୁସମାଚାର ପ୍ରଚାର କରି ସେମାନଙ୍କ ସହିତରେ ରହିପାରିବି ନାହିଁ। ମୁଁ ପ୍ରଭୁ ଯୀଶୁଙ୍କ ନାମରେ ବାପ୍ତିସ୍ମ ପ୍ରଚାର କରି ସେମାନଙ୍କ ସହିତ ରହିପାରିବି ନାହିଁ। ମୋର ସର୍ବୋଚ୍ଚ କ୍ରମାଙ୍କ ରହିଥିବା ସେବାକାର୍ଯ୍ୟର ଲାଇସେନ୍ସ ଥିଲା ଯାହା ସେମାନେ ବାହାର କରିଥିଲେ, ମାତ୍ର ମୁଁ ସେଗୁଡିକୁ କେବଳ ଫେରାଇ ଦେଲି। ଯେଉଁ ଦିନଠାରୁ ମୁଁ ଆପଣଙ୍କୁ ସେହି ମହାନ ବାର୍ତ୍ତାସବୁ ପ୍ରଚାର କରୁଥିବାର ଶୁଣିଅଛି, ମୁଁ ସେଗୁଡିକୁ ଫେରାଇ ଦେଲି, ସଙ୍ଗଠନରୁ ବାହାରି ଆସିଲି। ବର୍ତ୍ତମାନ ମୁଁ ଆପଣଙ୍କ ମଧ୍ୟରୁ ଜଣେ ହେବାକୁ ଚାହେଁ।"]

532 ଭାଇ, ଧନ୍ୟବାଦ। ଆମେ ଆପଣଙ୍କୁ ଆମର ସହଭାଗିତାରେ ସ୍ୱାଗତ କରୁଅଛୁ। ଏବଂ ଆମର—ଆମର ପ୍ରମାଣପତ୍ର ସବୁ ଊର୍ଦ୍ଧ୍ୱରୁ ଅଟେ। ଆମ ଜୀବନ ଆମର ପ୍ରମାଣପତ୍ର ପ୍ରଦାନ କରେ, ଆପଣ ଦେଖନ୍ତୁ। ତାହା ଆମର ପ୍ରମାଣପତ୍ର ଅଟେ। "ଯଦି ମୁଁ ମୋର ପିତାଙ୍କର କାର୍ଯ୍ୟକୁ କରେ ନାହିଁ, ତେବେ ମୋ ଠାରେ ବିଶ୍ୱାସ କର ନାହିଁ।" ଦେଖନ୍ତୁ? ତାହା ଠିକ୍। ତାହା ଆମର ପ୍ରମାଣପତ୍ର ଅଟେ। ଏବଂ ଏକ ପୁରୁଖା ଭାବରେ...ଯେପରିକି ହୱାର୍ଡ କ୍ୟାଡଲ୍ କହୁଥିଲେ, "ଆମର ପ୍ରେମ ବ୍ୟତୀତ ଆଉ କୌଣସି ନିୟମ ନାହିଁ, ବାଇବଲ ବ୍ୟତୀତ ଅନ୍ୟ କୌଣସି ପୁସ୍ତକ ନାହିଁ, ଏବଂ—ଏବଂ ଖ୍ରୀଷ୍ଟଙ୍କ ବ୍ୟତୀତ କୌଣସି—କୌଣସି ମତ ନାହିଁ।" ତାହା ଠିକ୍। "ପ୍ରେମ ବ୍ୟତୀତ କୌଣସି ନିୟମ ନାହିଁ, ଖ୍ରୀଷ୍ଟଙ୍କ ବ୍ୟତୀତ କୌଣସି ମତ ନାହିଁ, ବାଇବଲ ବ୍ୟତୀତ କୌଣସି ପୁସ୍ତକ ନାହିଁ।"

533 ଏବଂ ଆମେ—ଆମେ, ଭାଇ କାଲ୍‌ଡୱେଲ୍, ଆମେ ଆପଣଙ୍କୁ ପାଇ ଖୁସି ଅଟୁ। ଆପଣ ଏକ ମହାନ ସଙ୍ଗଠନରୁ ବାହାରକୁ ଆସିଛନ୍ତି। ଆଣ୍ଡରସନ୍ ଚର୍ଚ୍ଚ ଅଫ ଗଡ, ମୁଁ ଭାବୁଛି। [ଭାଇ କାଲ୍‌ଡୱେଲ୍ କୁହନ୍ତି, "କ୍ଲିଭଲାଣ୍ଡ।"—ସମ୍ପା।] କିଅବା କ୍ଲିଭଲାଣ୍ଡ ମଣ୍ଡଳୀ, ପେଣ୍ଟିକଷ୍ଟାଲ ଚର୍ଚ୍ଚ ଅଫ୍ ଗଡ। ["ଏବଂ ମୁଁ ଏଠାରେ ପାଳକତ୍ୱ କରୁଥିଲି…?…"] ଓଃ, ହଁ। ଓଃ, ହଁ, ମୁଁ ସେଠାକୁ ଯାଇଅଛି। ମୁଁ ବିଶ୍ୱାସ କରେ ଯେ ମୁଁ ସେଠାକୁ ଭାଇ ନେୱିଲଙ୍କ ସହିତରେ ଯାଇଥିଲି… କିମ୍ବା ଭାଇ ଉଡଙ୍କ ସଙ୍ଗରେ, ଥରେ, ଆମେ ସେଠାରେ କାହାରି ଜଣକାର ଗୋଟିଏ କୁକୁର କିମ୍ବା ହାଉଣ୍ଡ କୁକୁରକୁ ପାଇଥିଲୁ ଯିଏକି ସେଠାରେ ଆପଣଙ୍କର ମଣ୍ଡଳୀକୁ ଯାଉଥିଲେ। ଏବଂ ମୁଁ ସେଠାରେ ଥିବା ପାହାଚ ଉପରେ ଛିଡା ହୋଇ କଥାବାର୍ତ୍ତା କରିବାକୁ ଲାଗିଲି, ଏବଂ ସେମାନେ ଆପଣଙ୍କ ବିଷୟରେ କଥାବାର୍ତ୍ତା କରୁଥିଲେ। ତେବେ, ମୁଁ ସୁନିଶ୍ଚିତ ଅଟେ… ["ମୋ ମଣ୍ଡଳୀରେ।"] ଓଃ? ["ବର୍ନ୍ସ।"] ତାହା ଠିକ୍ ଅଟେ, ଭାଇ ବର୍ନ୍ସ। ତାହା ଠିକ୍ ଅଟେ [ଭାଇ କାଲ୍‌ଡୱେଲ୍ ଏକ ଘଟଣା ବିଷୟରେ ବର୍ଣ୍ଣନା କରନ୍ତି।] ଓଃ? ହଁ। ଓଃ, ବର୍ଥା, ତାହା ଠିକ୍ ଅଟେ। ଓଃ, ତାହା ଚମତ୍କାର ଅଟେ।

534 ଭାଇ ରୁକ୍ ସେଠାରେ, ସେ ବର୍ତ୍ତମାନ ଜଣେ ପାଳକ, କିମ୍ବା ପ୍ରଚାରକ ହୋଇଅଛନ୍ତି, ମୁଁ ବିଶ୍ୱାସ କରୁଛି। କଅଣ ତାହା ଠିକ୍ ଅଟେ? କିଅବା କଅଣ ଆପଣ ପାଳକତ୍ୱ କରୁଛନ୍ତି କି? [ଭାଇ ରୁକ୍ କୁହନ୍ତି, "କେବଳ ସୁସମାଚାର ପ୍ରଚାରକ।"—ସମ୍ପା।] ସୁସମାଚାର ପ୍ରଚାରକ। ଭାଇ ରୁକ୍, ମୁଁ ଆପଣଙ୍କୁ ଉଲ୍ଲେଖ କରିବାକୁ ଚାହେଁ। ଆପଣ ପ୍ରଭୁଙ୍କ ପାଇଁ କରୁଥିବା କିଛି ମହତ୍ କାର୍ଯ୍ୟ ବିଷୟରେ ମୁଁ ଶୁଣିଅଛି। ଆପଣ…ମୁଁ ଶୁଣିଛି ଯେ ଆପଣ ଇଣ୍ଡିୟାନାପୋଲିସ୍ ଯାଇଥିଲେ କିମ୍ବା ଇଣ୍ଡିୟାନାପୋଲିସ୍‌କୁ ଯାଉଥିଲେ, ଏବଂ ସେଠାରେ ସେବାକାର୍ଯ୍ୟ କରି ଖ୍ରୀଷ୍ଟଙ୍କ ନିକଟରେ ପ୍ରାଣଗୁଡିକୁ ଜିତିଛନ୍ତି। ପରମେଶ୍ୱର ଆପଣଙ୍କ ସହିତରେ ରୁହନ୍ତୁ, ଭାଇ ରୁକ୍। ମୁଁ ନିଶ୍ଚିତରେ ଆପଣଙ୍କୁ ଦେଖି ଖୁସି ଅଟେ। ମୁଁ ଆପଣଙ୍କୁ ଏଠାରେ ଥିବା ଏହି ପୁରୁଣା ଟ୍ରାକ୍ଟରରେ ଦେଖିଅଛି, ଏଠାରେ ଆଖ ପାଖରେ ଦୌଡୁଥିଲେ, ଠିକ ସେଠାରେ ଥିବା ଆପଣଙ୍କର କ୍ଷେତ୍ରରେ ସାର ଦେଉଥିଲେ। ତେବେ, ଆପଣଙ୍କୁ ସେଠାରେ ପ୍ରଭୁଙ୍କ ପାଇଁ କିଛି କରିବାକୁ ଚେଷ୍ଟା କରୁଥିବାର ଦେଖିବା। ଖୁସି ଯେ ସେ ଆପଣଙ୍କୁ ସେବାକାର୍ଯ୍ୟକୁ ଡାକିଲେ, ଭାଇ, ସର୍ବଦା ନିଜ ପୂର୍ବରୁ ତାହାଙ୍କୁ ଧରି ରଖନ୍ତୁ। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। କୌଣସି ବିଷୟରେ ଆପୋଷ ନିଷ୍ପତ୍ତି ଗ୍ରହଣ କରନ୍ତୁ ନାହିଁ; କିନ୍ତୁ ଯଥା ସମ୍ଭବ ମଧୁର ଆତ୍ମା ସହିତରେ ଏହା କରନ୍ତୁ। ଏହା ହେଉ ଯେ ଆପଣଙ୍କର—ଆପଣଙ୍କର ବାର୍ତ୍ତା ସର୍ବଦା ପବିତ୍ରଆତ୍ମାଙ୍କ ମଧୁରତାରେ ସ୍ୱାଦଯୁକ୍ତ ହେଉ।

535 ଏବଂ ଭାଇ ଷ୍ଟ୍ରିକର୍…[ଜଣେ ଭାଇ କୁହନ୍ତି, "ଆମେ ଆପଣ ସମସ୍ତଙ୍କର ପ୍ରାର୍ଥନାକୁ ଚାହୁଁଅଛୁ। ଆମେମାନେ—ଆମେମାନେ ଉତ୍ତର ଭର୍ନନରେ ଏକ ମଣ୍ଡଳୀ ଆରମ୍ଭ କରିବାକୁ ଚେଷ୍ଟା କରୁଅଛୁ।"—ସମ୍ପା।] ଓଃ, ମୁଁ ଆଶା କରେ ଯେ ଆପଣ ଏହାକୁ ପାଇପାରିବେ। ଆମେ ଆପଣଙ୍କ ପାଇଁ ପ୍ରାର୍ଥନା କରିବୁ। ["ବହୁତ ଭଲ କାମ କରୁଛନ୍ତି, ଏପର୍ଯ୍ୟନ୍ତ।"] ତାହା ଠିକ୍ ଅଟେ।

ବିଲି, ଆପଣ କେବେ ପାଳକତ୍ୱ କରିବା ଆରମ୍ଭ କରିବାକୁ ଯାଉଛନ୍ତି?

536 ଏଠାରେ ଡାକ୍ତର ଗୋଆଡ୍ ଏବଂ ଡାକ୍ତର ମର୍ସିଅର୍ ଅଛନ୍ତି, ମୁଁ—ମୁଁ—ମୁଁ ଆଶା କରେ…ଯେପରିକି ଆମେମାନେ ପରସ୍ପର ଜଣେ ଅନ୍ୟକୁ ଡାକିଥାଉ । ଏବଂ ଭାଇ ଗୋଆଡ୍ ଏପରି ଏକ ସ୍ଥାନକୁ ଆସିଛନ୍ତି ଏପରିକି ମୁଁ…ସେ ପ୍ରକୃତରେ ଏକ ଆଖ୍ୟା ପାଇବାକୁ ଯୋଗ୍ୟ ଅଟନ୍ତି, ସେ ବର୍ତ୍ତମାନ ବହୁତ୍ ଅଧିକ ଗୁଳି ଭରିପାରନ୍ତି । ହଁ । ଏବଂ, ଭାଇ ଲିଓ, ମୁଁ ବିଶ୍ୱାସ କରେ ଯେ ଆମେ ତାଙ୍କୁ ସେହିପରି ଭାବରେ ସେହି ବିଷୟ ପ୍ରତି ଯିବା ପାଇଁ ଛାଡି ଦେଇପାରିବା, ଏବଂ ତାଙ୍କୁ ଡାକି ପାରିବା…ସେ ତାଙ୍କର—ର ସେହି ଆଖ୍ୟା "ଡାକ୍ତର" କୁ ଜାରି ରଖନ୍ତୁ ।

537 ତେବେ, ସେଠାରେ ପଛରେ, "ଡାକ୍ତର" ବ୍ରାନହାମ୍, ଆପଣ କେବଳ ପ୍ରକୃତରେ ଭଲ ଭାବରେ ତାଙ୍କର ଯତ୍ନ ତତ୍ତ୍ୱ ନିଅନ୍ତୁ, ଏବଂ ପ୍ରଦୀପଗୁଡ଼ିକ ପ୍ରକୃତରେ ଭଲ ଭାବରେ ଜଳୁଥାଉ । ଏବଂ—ଏବଂ ମୁଁ ଆପଣଙ୍କୁ କହିବି ଯେ କଅଣ, ଯେତେବେଳେ ବି ଆମର ଏକ ବିଶେଷ ସଭା ହେବ ମୁଁ ବୋର୍ଡ ସହିତ କଥା ହେବି ଏବଂ ଦେଖିବି ଯଦି ସେମାନେ ଆପଣଙ୍କୁ ଏକ ବିଶେଷ କାର୍ଯ୍ୟ ପାଇଁ ଟିକିଏ ଅତିରିକ୍ତ ଦେଇପାରନ୍ତି କି [ଭାଇ ବ୍ରାନହାମ୍ ହସନ୍ତି—ସମ୍ପା ।], ଯେତେବେଳେକି ଆପଣଙ୍କୁ ଏତେ ଅଧିକ ପରିମାଣରେ ସଫା କରିବାକୁ ଏବଂ ବିଭିନ୍ନ କାର୍ଯ୍ୟସବୁ କରିବାକୁ ପଡ଼ିଥାଏ, ଆଉ ତାହା ଆପଣଙ୍କୁ ଖୁସି କରିଦେବ ।

538 ଡାକ୍ତର ଉଡ । ମୁଁ ତାଙ୍କୁ "ଡାକ୍ତର" ବୋଲି ଡାକେ, ମୁଁ ଭାବୁଛି ଯେ ଆପଣ ଆଶ୍ଚର୍ଯ୍ୟ କରୁଥିବେ କାହିଁକି । ମୁଁ ତାଙ୍କୁ ଭୁଲ୍ ନାମ ଦେଉ ନାହିଁ, ସେ ତ କେବଳ କାଠସବୁକୁ ଖଣ୍ଡ ଖଣ୍ଡ କରି କାଟି ଦେଇଥାଆନ୍ତି, ଆପଣ ଜାଣନ୍ତି । ପ୍ରଭୁ ଏକ ସୁନ୍ଦର ଗଛକୁ ବଢାଇବେ, ଏବଂ ସେ ଏହାକୁ କାଟି ପକାଇବେ ଓ ସେଥିରୁ ଏକ ଘର ତିଆରି କରିଦେବେ । ମୁଁ ଏପର୍ଯ୍ୟନ୍ତ ସେପରି ଦେଖି ନାହିଁ, ତେଣୁକରି ମୋତେ ତାଙ୍କୁ "ଡାକ୍ତର" ଡାକିବାକୁ ପଡିବ ।

539 ଭାଇ ଟେଲର, ଆପଣ ଏଯାଏଁ ଜଣେ ବ୍ୟକ୍ତିଙ୍କୁ ଆସନ ଦେବା ପାଇଁ, ସେହି ଦ୍ୱାରରେ ବିଶ୍ୱସ୍ତ ଅଟନ୍ତି । ମୁଁ ଆପଣଙ୍କ ବିଷୟରେ ଏହିପରି ଭାବରେ ଚିନ୍ତା କରେ, "ମୁଁ ଦୁଷ୍ଟମାନଙ୍କ ସହିତ ତମ୍ବୁରେ ବାସ କରିବା ଅପେକ୍ଷା ବରଂ ପ୍ରଭୁଙ୍କ ଘରେ ଏକ ଦ୍ୱାରୀ ହୋଇ ରହିବାକୁ ପସନ୍ଦ କରିବି ।" ତାହା ଠିକ୍ ଅଟେ, ମହାଶୟ ।

540 ଭାଇ ହିକର୍ସନ, ଆପଣ ଠିକ ବର୍ତ୍ତମାନ ହିଁ ମାର୍ଗରେ ଆରମ୍ଭ କରିଥିଲେ, ଏବଂ ଉପରକୁ, ମାର୍ଗରେ ଆସୁଛନ୍ତି । ମୁଁ ଇଚ୍ଛା କରେ ଯେ ଆପଣଙ୍କର…ମୁଁ…ଆପଣ ମାର୍ଗରେ ଆରମ୍ଭ କରିଛନ୍ତି, ଏବଂ ଆସୁଛନ୍ତି, ମୁଁ ନିଶ୍ଚିତରେ କେବଳ ଆପଣଙ୍କର ନିଷ୍ଠାପରତାକୁ ପ୍ରଶଂସା କରେ ଏବଂ ତାହା ସବୁକୁ ଯାହା ଆପଣ ପ୍ରଭୁ ଯୀଶୁଙ୍କ ପାଇଁ କରୁଅଛନ୍ତି । ପରମେଶ୍ୱର ସର୍ବଦା ଆପଣଙ୍କୁ ଆଶୀର୍ବାଦ କରନ୍ତୁ ଏବଂ ଆପଣଙ୍କୁ ଏକ ପ୍ରକୃତ ଦୀକନ୍ କରନ୍ତୁ, ଭାଇ, ଯାହାକି ମୁଁ ବିଶ୍ୱାସ କରେ ଯେ ଆପଣ ଅଟନ୍ତି, ଆପଣଙ୍କର ଗୃହ ଓ ସମସ୍ତ କିଛି ବିଷୟ ଯାହା ଆପଣ ରହି ଆସିଛନ୍ତି ସମର୍ପିତ ଅଟେ ।

541 ଭାଇ ଫ୍ରେଡ୍, ଆପଣ କାନାଡାରୁ ଆସି, ଆମ ସହିତରେ ରହିବା ବହୁତ ଅଧିକ ଦିନ ହୋଇନାହିଁ। ଆମେ ଆପଣଙ୍କୁ ଆଉ ଅଧିକ କାନାଡା ଦେଶର ବୋଲି ଅନୁଭବ କରୁନାହୁଁ, ଆମେ ଅନୁଭବ କରୁଛୁ ଯେ ଆପଣ ଆମ ସହିତରେ ଆମ ଭାଇ, ଖ୍ରୀଷ୍ଟ ଭାବରେ, ଜଣେ ତୀର୍ଥଯାତ୍ରୀ ଓ ପରଦେଶୀ ଅଟନ୍ତି। ଆପଣ ଏବଂ ଭାଇ ଉଡ୍, ଏବଂ ଆପଣ ଯିଏକି ଭାଇ ରୋବର୍ସନ ସହିତ ନିଜର କାର୍ଯ୍ୟାଳୟକୁ ଉତ୍ତମ ଭାବେ ନିର୍ବାହ କରୁଛନ୍ତି, ଏବଂ ଏହାର ବାକି ସମସ୍ତେ; ଭାଇ ଏଗାନ୍, ଆଜି ରାତିରେ ସେ ଏଠାରେ ନାହାଁନ୍ତି।

542 ଏବଂ ଭାଇ ରୋବର୍ସନ୍, ଆପଣ ମୋ ପାଇଁ ଏକ—ଏକ ପ୍ରକୃତ ସାହାଯ୍ୟ ରହି ଆସିଛନ୍ତି, ଭାଇ ରୋବର୍ସନ ପୁଣି ଅନ୍ୟମାନଙ୍କ ସହିତରେ, ଏହି କର ଆଦାୟ ମାମଲାରେ ଯାହାକି ଏହି ଅନୁସନ୍ଧାନ ଅଧୀନରେ ଚାଲିଥିଲା।

**ପ୍ରଶ୍ନୋତ୍ତର** ORI61-0112

(Questions and Answers)

**ମଣ୍ଡଳୀର ଆଚରଣ, କ୍ରମ ଏବଂ ସିଦ୍ଧାନ୍ତ ଶୃଙ୍ଖଳା**

ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ଜାନୁୟାରୀ 12, 1୨61, ଗୁରୁବାର ସନ୍ଧ୍ୟାରେ, ଯୁକ୍ତରାଷ୍ଟ୍ର ଆମେରିକାର, ଇଣ୍ଡିୟାନା ପ୍ରଦେଶର, ଜେଫର୍ସନ୍‌ୱିଲ୍ ସହରର ବ୍ରାନ୍‌ହାମ୍ ଟେବର୍ନେକଲ୍‌ଠାରେ, ପ୍ରଚାର କରାଯାଇଥିଲା, ମ୍ୟାଗ୍‌ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟ ଛାଣ୍ଟ ନ କରି ଇଂରାଜୀ ଭାଷାରେ ଛପାଯାଇଅଛି । ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା ।

ORIYA

©2023 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.

For more information or for other available material, please contact:

Voice Of God Recordings
P.O. Box 950, Jeffersonville, Indiana 47131 U.S.A.
www.branham.org